RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 42 • ISSUE-133 • BHUBANESWAR • SATURDAY • 9 NOVEMBER 2024 • PAGE-14 • ₹ 6.00
ବର୍ଷ-୪୨ • ସଂଖ୍ୟା-୧୩୩ • ଭୁବନେଶ୍ୱର • ଶନିବାର • ୯ ନଭେମ୍ବର ୨୦୨୪ • ପୃଷ୍ଠା-୧୪ • ଟ.୬.୦୦





ସଞ୍ଜୁଙ୍କ ବିସ୍ଫୋରକ ଶତକ

▶ପୃଷ୍ଠା ୧୪ ଦେଖନ୍ତୁ...

## ଖାଦ୍ୟ ବଳକା ରାଜ୍ୟରେ ଏବେ ଭୋକର ରାଜୁତି



# ଦୁଃଖଦାୟକ, ଦୁର୍ଭାଗ୍ୟଜନକ

■ **ଭୁବନେଶ୍ୱର, ୮।୧୧ (ସମିସ):** ନବୀନ ସରକାରଙ୍କ ସମୟରେ ଖାଦ୍ୟ ସୁରକ୍ଷା ଯୋଜନା କାର୍ଯ୍ୟାନ୍ୱୟନରେ ଓଡ଼ିଶା ସାରା ଦେଶରେ ଏକ ନମ୍ବର ରାଜ୍ୟରେ ମାନ୍ୟତା ପାଇଥିଲା। ସବୁ ଗରିବ ଲୋକଙ୍କ ପାଇଁ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବାରେ ଓଡିଶା ଦେଶରେ ପ୍ରଥମ ରାଜ୍ୟ ଥିଲା। ଅନାହାର ମୃତ୍ୟୁ, ଖାଦ୍ୟାଭାବ ଭଳି ଶବ୍ଦ ଓଡିଶା ମାନଚିତ୍ରରୁ ଉଭେଇ ଯାଇଥିଲା। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଓଡ଼ିଶାରେ ବଞ୍ଚିତ ପ୍ରାୟ ୧୦ ଲକ୍ଷ ଲୋକଙ୍କୁ ଏହି ଯୋଜନାରେ ସାମିଲ କରି ସମସ୍ତଙ୍କ ପାଇଁ ଖାଦ୍ୟ ନିରାପତ୍ତା ନିଶ୍ଚିତ କରିଥିଲେ ତତ୍‌କାଳୀନ ସରକାର। ନବୀନଙ୍କ ଖାଦ୍ୟ ସୁରକ୍ଷା ନୀତିକୁ ବିଶ୍ୱ ଖାଦ୍ୟ ସଂଗଠନ ପ୍ରଶଂସା କରିବା ସହ ରୋମ୍‌ରେ ଏକ ସ୍ୱତନ୍ତ୍ର ଉତ୍ସବରେ ସମ୍ମାନିତ କରିଥିଲା। ମାତ୍ର ନବୀନ ପଟ୍ଟନାୟକ କ୍ଷମତାରୁ ଯାଉଯାଉ ଖାଦ୍ୟ ସୁରକ୍ଷାରେ ଏକନମ୍ବର ରାଜ୍ୟରେ ପରିଣତ ଓଡ଼ିଶାରେ ରାଜୁତି କରିଛି ଭୋକ। ସୁନାମ ହରାଇ ଓଡ଼ିଶା ଏବେ 'ଜାଉ' ମୃତ୍ୟୁ ଅପବାଦର ଶିକାର ହୋଇଛି। ଦିନକ ତଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟ ସରକାରଙ୍କୁ ଏହି ପ୍ରସଙ୍ଗରେ ସିଧା ନିଶାଣ କରିଥିବା ବେଳେ ଆଜି ପୁଣି କ୍ଷୋଭ ପ୍ରକାଶ କରିଛନ୍ତି। ଖାଦ୍ୟ ସୁରକ୍ଷା ଯୋଜନାରୁ ଆଦିବାସୀମାନଙ୍କୁ ବଞ୍ଚିତ କରିବା ଅତ୍ୟନ୍ତ ଦୁଃଖଦାୟକ, ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି।

ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଆମ୍ବ ଟାକୁଆ ଖାଇ ଦୁଇ ଆଦିବାସୀ ମହିଳା ପ୍ରାଣ ହରାଇବା ଅତ୍ୟନ୍ତ ଦୁଃଖର କଥା। ଦୁଇ ଦଶନ୍ଧି ତଳେ ଓଡିଶାରେ ଏପରି ଘଟଣା ଦେଖିବାକୁ ମିଳୁଥିଲା। ମାତ୍ର ସବୁଠାରୁ ବଡ଼ ଦୁଃଖଦାୟକ ହେଉଛି ମାଣ୍ଡିପଙ୍କା ଗ୍ରାମରେ ନିରୀହ ଆଦିବାସୀ ଭାଇଭଉଣୀମାନଙ୍କର ରାସନ ଚାଉଳ ଚାରି ମାସ ଧରି ବନ୍ଦ କରି ରଖିବା। ଚାଉଳ ନ ପାଇ ସେମାନେ ଆମ୍ବ ଟାକୁଆ ଯାଉ ଖାଇବା ପାଇଁ ବାଧ ହେଲେ ଓ ପରିଣତି ସ୍ୱରୂପ ଏପରି ଏକ ନିନ୍ଦନୀୟ ଘଟଣା ଘଟିଲା।

**ଖାଦ୍ୟ ସୁରକ୍ଷାରେ ସାରା ଦେଶରେ ଓଡ଼ିଶା ଏକ ନମ୍ବର**

**ପଛରେ ପଡ଼ିଛନ୍ତି ବିଜେପି ଶାସିତ ରାଜ୍ୟ ଉତ୍ତରପ୍ରଦେଶ, ଗୁଜରାଟ**

ବିଜୁ ଜନତା ଦଳର ସରକାର ସମୟରେ ସମସ୍ତଙ୍କ ପାଇଁ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରି ଏନ୍‌ଏଫ୍‌ଏସ୍‌ଏ କାର୍ଯ୍ୟକାରୀ କରିବାରେ ଓଡିଶା ସାରା ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଥିଲା। ଏତିକି ନୁହେଁ ଖାଦ୍ୟ ସୁରକ୍ଷା ଅଭିଯାନକୁ ଆହୁରି ବ୍ୟାପକ କରିବା ଲାଗି ଆମେ ସ୍ୱତନ୍ତ୍ର ଭାବେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଲାଗୁ କରିଥିଲୁ। ହେଲେ ଏକ ନମ୍ବର ରାଜ୍ୟ ଭାବେ କେନ୍ଦ୍ର ସରକାରଙ୍କ ଠାରୁ ପୁରସ୍କୃତ ହେଉଥିବା ଓଡିଶାରେ ଏବେ ଏପରି ସ୍ଥିତିରେ ପହଞ୍ଚିବା ଦୁଃଖଦାୟକ ବୋଲି ନବୀନ କହିଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ୨୦୨୨ ମସିହାରେ ଭାରତ ସରକାରଙ୍କ ପକ୍ଷରୁ ପ୍ରକାଶିତ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ ର୍ୟାଙ୍କିଂରେ ବଡ଼ ବଡ଼ ରାଜ୍ୟକୁ ପଛରେ ପକାଇ ଓଡିଶା ପ୍ରଥମ ସ୍ଥାନ ହାସଲ କରିଥିଲା। ଉତ୍ତର ପ୍ରଦେଶ, ପଞ୍ଜାବ, ମହାରାଷ୍ଟ୍ର, କର୍ଣ୍ଣାଟକ ଭଳି ରାଜ୍ୟମାନଙ୍କଠାରୁ ଓଡିଶାର ପ୍ରଦର୍ଶନ ଉଚ୍ଚକୋଟିର ଥିଲା। ଏପରିକି ମିଳିତ ଜାତିସଂଘର ୟୁଏନ୍‌ଏଫ୍‌ପିଏ ପକ୍ଷରୁ ▶ପୃଷ୍ଠା-୭

# ଚନ୍ଦ୍ରଚୂଡ଼ଙ୍କୁ ଭାବପୂର୍ଣ୍ଣ ବିଦାୟ ସମ୍ବର୍ଦ୍ଧନା



■ **ନୂଆଦିଲ୍ଲୀ, ୮।୧୧ (ଏଜେନ୍ସି):** ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଧନଞ୍ଜୟ ଯଶୋବନ୍ତ ଚନ୍ଦ୍ରଚୂଡ଼ ଆସନ୍ତା ୧୦ ତାରିଖ(ରବିବାର)ରେ ଅବସର ଗ୍ରହଣ କରିବେ। ଶୁକ୍ରବାର ସୁପ୍ରିମକୋର୍ଟରେ ତାଙ୍କର ଶେଷ କାର୍ଯ୍ୟ ଦିବସ ଥିଲା। ଶେଷ ଦିନରେ ସେ ୪୫ଟି ମାମଲାର ଶୁଣାଣି କରିଥିଲେ। ଏହା ପରେ ଏକ ଲାଇଭ୍ ଷ୍ଟ୍ରିମିଂ 'ସେରିମୋନିୟାଲ୍ ବେଞ୍ଚ'ରେ ସିଜେଆଇଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ଭାବବିହ୍ୱଳ ଅଭିଭାଷଣ ରଖି ସିଜେଆଇ ଚନ୍ଦ୍ରଚୂଡ଼ କହିଥିଲେ, "ମୁଁ ବାସ୍ତବତାକୁ ସ୍ୱୀକାର କରୁଛି। ଦେଶର ପ୍ରଧାନ ବିଚାରପତି ଭାବେ ଶନିବାରଠାରୁ ଆଉ ରାୟ ଦେଇପାରିବି ନାହିଁ; କିନ୍ତୁ କାହାଣୀ(କଣ୍ଟେଣ୍ଟ) ହୋଇ ରହିବି।" ସମାଲୋଚକଙ୍କୁ ପରିହାସ ଛଳରେ ସିଜେଆଇ କହିଛନ୍ତି ଯେ ସବୁଠାରୁ ଅଧିକ ଟ୍ରୋଲ୍‌ର ଶିକାର ହୋଇଥିବା ବିଚାରପତିଙ୍କ ମଧ୍ୟରୁ ସେ ଅନ୍ୟତମ। ସୋମବାରଠାରୁ ତାଙ୍କୁ ଟ୍ରୋଲ୍ କରୁଥିବା ବ୍ୟକ୍ତି ବେକାରୀ ହୋଇଯିବେ ବୋଲି କହିଛନ୍ତି। ▶ପୃଷ୍ଠା-୭

**ଶେଷ କାର୍ଯ୍ୟଦିବସରେ ୪୫ ମାମଲାର ଶୁଣାଣି କଲେ ସିଜେଆଇ**

## ଜାଉ ମୃତ୍ୟୁ

# ସତ ଚାପିବାକୁ ଷଡ଼ଯନ୍ତ୍ର!

## ଭାଇରାଲ୍ କଲେ ହାଇଡ୍ରୋଜେନ୍ ସଲ୍‌ଫାଇଡ୍ ଉପାଖ୍ୟାନ

■ **ଭୁବନେଶ୍ୱର, ୮।୧୧ (ସମିସ):** କନ୍ଧମାଳ ମାଣ୍ଡିପଙ୍କା ଗ୍ରାମରେ ରାସନ ଚାଉଳ ଯୋଗାଣ ବନ୍ଦ ଥିବାରୁ ଲୋକେ ଆମ୍ବ ଟାକୁଆ ଜାଉ ଖାଇବାକୁ ବାଧହେଲେ। ବିବାଦ ହେବା ପରେ ରାଜ୍ୟ ସରକାର ଏହି ଘଟଣାର ଆରଡିସିସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଲେ। ମାତ୍ର ଏହି ଘଟଣାକୁ ଚପାଇ ଦେବା ପାଇଁ ଉଦ୍ୟମ ହେଉଥିବା ନେଇ ଭିନ୍ନ ସଙ୍କେତ ମିଳୁଥିବା ବେଳେ ଆଜି ଏହା ପଛରେ ଷଡ଼ଯନ୍ତ୍ର ହୋଇଥିବା ସ୍ପଷ୍ଟ ହୋଇଛି।

ହାଇଡ୍ରୋଜେନ୍ ସଲଫାଇଡ୍ ପ୍ରତିକ୍ରିୟା ଯୋଗୁଁ ଦୁଇ ମହିଳାଙ୍କ ମୃତ୍ୟୁ ଘଟିଥିବା ସଂକ୍ରାନ୍ତ ଏକ ଭାଇରାଲ ରିପୋର୍ଟକୁ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାର ହେଉଥିବାବେଳେ ଖୋଦ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଏହାକୁ ନେଇ ସନ୍ଦେହ ପ୍ରକଟ କରିଛନ୍ତି। ହାଇଡ୍ରୋଜେନ୍ ସଲଫାଇଡ୍‌ରୁ ଜାଉ ଖାଇଥିବା ବ୍ୟକ୍ତିଙ୍କ ମୃତ୍ୟୁ ହୋଇପାରିବ ନାହିଁ ବୋଲି ସ୍ୱାସ୍ଥ୍ୟ ବିଭାଗର ଏହି ବରିଷ୍ଠ ଅଧିକାରୀ ସ୍ପଷ୍ଟ କରିଛନ୍ତି। ମୃତ୍ୟୁର ପ୍ରକୃତ କାରଣ ଜାଣିବା ପାଇଁ ଫୋରେନସିକ୍ ଲ୍ୟାବ୍ ରିପୋର୍ଟକୁ ସରକାର ଅପେକ୍ଷା କରିଥିବା ବେଳେ ହାଇଡ୍ରୋଜେନ୍ ସଲଫାଇଡ୍ ଉପାଖ୍ୟାନର ଅବତାରଣା କରି ତଦନ୍ତକୁ ବିଭ୍ରାନ୍ତ କରିବାକୁ ଅପଚେଷ୍ଟା କରାଯାଉଥିବା ଏବେ ସ୍ପଷ୍ଟ ହୋଇଛି।



**ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ଟିପ୍ପଣୀରୁ ଖୋଲିଲା ଗୁମର**

ଗତକାଲି ସାମାଜିକ ଗଣମାଧ୍ୟମରେ କେହି ଜଣେ ବ୍ୟକ୍ତି ମାଣ୍ଡିପଙ୍କା ମୃତକ ମହିଳାଙ୍କ ଫୋରେନସିକ ରିପୋର୍ଟକୁ ଭାଇରାଲ କରିବା ସହ ପାଣିରେ ହାଇଡ୍ରୋଜେନ ସଲଫାଇଡ୍ ଥିବା ଯୋଗୁଁ ମୃତ୍ୟୁ ଘଟିଥିବା ପ୍ରଚାର କରିଥିଲା। ଶବ ବ୍ୟବଚ୍ଛେଦ ରିପୋର୍ଟ ନ ଆସୁଣୁ ଏପରି ପ୍ରଚାର ମୃତ୍ୟୁ ଘଟଣାର ତଦନ୍ତକୁ ବିଭ୍ରାନ୍ତ କରିବାକୁ ଉଦ୍ଦିଷ୍ଟ ବୋଲି ମଧ୍ୟ ସନ୍ଦେହ କରାଯାଉଥିଲା। ଆଜି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ଼ା ନୀଳକଣ୍ଠ ମିଶ୍ର ଏହାକୁ ସ୍ପଷ୍ଟ କରିଛନ୍ତି।

ସେ କହିଛନ୍ତି ଯେ ହାଇଡ୍ରୋଜେନ ସଲଫାଇଡରେ ଏହି ମୃତ୍ୟୁ ହୋଇ ପାରିବ ନାହିଁ। କାରଣ ହାଇଡ୍ରୋଜେନ ସଲଫାଇଡ୍ ମିଶା ପାଣିରୁ ଝାଡ଼ା-ବାନ୍ତିର ଲକ୍ଷଣ ଦେଖାଯାଏ। କିନ୍ତୁ କନ୍ଧମାଳର ଦୁଇ ମୃତକଙ୍କ ଝାଡ଼ା-ବାନ୍ତି ସଂକ୍ରମଣ ଦେଖାଯାଇନି। ବରଂ ସେମାନଙ୍କର ପେଟ ବ୍ୟଥା ହେଉଥିଲା ଏବଂ ସେଥିରେ ସେମାନଙ୍କର ଏତେ ଶୀଘ୍ର ମୃତ୍ୟୁ ହେବା ସମ୍ଭାବନା କମ୍। ତେଣୁ ଭାଇରାଲ ରିପୋର୍ଟ ଓ ଏହା ପଛରେ ଷଡ଼ଯନ୍ତ୍ର ଥିବା ଏବେ ସ୍ୱାଭାବିକ ସନ୍ଦେହ ହୋଇଛି। ଆମ୍ବ ଟାକୁଆ ଜାଉ ମୃତ୍ୟୁକୁ ଘୋଡ଼ାଇବାକୁ ଜାଣି ଶୁଣି ଏପରି ରିପୋର୍ଟ ଭାଇରାଲ କରାଯାଇଥିବା ଅଭିଯୋଗ ହୋଇଛି।

## ଚିକିତ୍ସା କରିବାକୁ ଅରାଜି ଘରୋଇ ଡାକ୍ତରଖାନା

# ବିଏସ୍‌କେୱାଇ ଅଚଳ!




**ରେଫରାଲ କାଗଜ ନ ଥିଲେ ମିଳୁନାହିଁ ଚିକିତ୍ସା**

**ସରକାର ଦେଉ ନାହାନ୍ତି ବକେୟା ଚିକିତ୍ସା ରାଶି**

■ **ଭୁବନେଶ୍ୱର, ୮।୧୧ (ସମିସ):** ଯାହା ଆଶଙ୍କା କରାଯାଉଥିଲା; ଠିକ୍ ତାହା ହିଁ ଘଟିଲା । ରାଜ୍ୟରେ ବିଜେପି ସରକାର ଗଠନ ପରେ ବିଏସ୍‌କେୱାଇ ବନ୍ଦ କରିବାକୁ ଘୋଷଣା କଲା। ଏହା ବଦଳରେ ଅନ୍ୟ ଏକ ସ୍ୱାସ୍ଥ୍ୟ ସେବା ଯୋଜନା ଆରମ୍ଭ କରାଯିବ ଓ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନକୁ ଓଡ଼ିଶାରେ ମଧ୍ୟ ପ୍ରଚଳନ କରାଯିବ ବୋଲି ବିଭାଗୀୟ ମନ୍ତ୍ରୀ କହିଲେ। ଆୟୁଷ୍ମାନ ପ୍ରଚଳନ ଓ ପରବର୍ତ୍ତୀ ଯୋଜନା କାର୍ଯ୍ୟକାରୀ ହେବା ପର୍ଯ୍ୟନ୍ତ ବିଏସ୍‌କେୱାଇରେ ମାଗଣା ଚିକିତ୍ସା ଯୋଗାଇ ଦିଆଯିବ ବୋଲି ମଧ୍ୟ ଆଶ୍ୱାସନା ଦେଲେ । ମାତ୍ର ରାଜ୍ୟରେ ନୂଆ ଯୋଜନା ଆରମ୍ଭ ହେବା ଓ ଆୟୁଷ୍ମାନ ପ୍ରଚଳନ ହେବା ପୂର୍ବରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)କୁ ପଙ୍ଗୁ କରି ଦିଆଯିବାକୁ ରୀତିମତ ଷଡ଼ଯନ୍ତ୍ର ହୋଇଛି । ନୂଆ ସରକାର ବିଏସ୍‌କେୱାଇର ଚିକିତ୍ସା ବାବଦ ବକେୟା ରାଶି ପ୍ରଦାନ କରୁ ନ ଥିବାରୁ ଘରୋଇ ଡ଼ାକ୍ତରଖାନାଗୁଡ଼ିକ ଏବେ ନୂଆ ନୂଆ ବାହାନା କାଢୁଛନ୍ତି । ସରକାରୀ ଡ଼ାକ୍ତରଖାନାରୁ ରେଫରାଲ ▶ପୃଷ୍ଠା-୭

# 'ଲଭ୍-ଜିହାଦ୍' ଫାଶରେ ଓଡ଼ିଆ ଯୁବତୀ

## କମିସନରେଟ୍ ପୁଲିସ୍ ପଞ୍ଝାରେ କଶ୍ମୀର ଯୁବକ

■ **ଭୁବନେଶ୍ୱର, ୮।୧୧ (ସମିସ):** ପରିଚୟ ଗୋପନ ରଖି ଜଣେ ଓଡ଼ିଆ ଯୁବତୀଙ୍କୁ ପ୍ରେମ ଜାଲରେ ଫସାଇ ଦୁଷ୍କର୍ମ କରିବା, ଅନ୍ତରଙ୍ଗ ଭିଡିଓ ଭାଇରାଲ୍ କରିବାର ଧମକ ଦେଇ ୫ଲକ୍ଷ ଟଙ୍କା ନେବା ଓ ଧର୍ମ ବଦଳାଇବା ପାଇଁ ବାଧ କରିବା (ଲଭ୍-ଜିହାଦ୍) ଭଳି ସାଂଘାତିକ ଅଭିଯୋଗରେ କମିସନରେଟ୍ ପୁଲିସ୍ ଆଜି ଜଣେ କଶ୍ମୀର ଯୁବକଙ୍କୁ ଅଟକ ରଖିଛି। ସେ ହେଲା, ସମୀର ମାନସୁର। ଓଡ଼ିଶା ଆପରାଧିକ ଇତିହାସରେ 'ଲଭ୍-ଜିହାଦ୍'ର ଏହା ପ୍ରଥମ ଅଭିଯୋଗ ହୋଇଥିବାରୁ ଏହାକୁ ନେଇ ରାଜଧାନୀ ସମେତ ପୂରା ରାଜ୍ୟରେ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି। ଜଗତସିଂହପୁରର ଜଣେ ଯୁବତୀ ତା'ର ଏହି ପାଶବିକ ଅତ୍ୟାଚାରର ଶିକାର ହୋଇଛନ୍ତି। ତେବେ ତାଙ୍କର ସାହସ ଓ ଉପସ୍ଥିତ ବୁଦ୍ଧି ଯୋଗୁଁ ସମୀର୍‌ର ଅସଲ ମୁଖା ପଦାକୁ ଆସିଛି ଏବଂ ସେ ଧରାପଡ଼ିଛି ବୋଲି କୁହାଯାଉଛି।



**ଯୁବତୀଙ୍କୁ ନେବା ପାଇଁ ଆସିଥିବା ବେଳେ ମାଡ଼ି ବସିଲା ପୁଲିସ**

**ପୁରୀରେ କରିଥିଲା ଦୁଷ୍କର୍ମ**

**ଭିଡିଓ ଭାଇରାଲ କରାଇବାକୁ ଧମକ ଦେଇ ନେଇଥିଲା ୫ଲକ୍ଷ**

ମିଳିଥିବା ସୂଚନାନୁଯାୟୀ, ୨୦୨୨ ମସିହାରେ ଅନ୍‌ଲାଇନ୍ ଗେମ୍ 'ଫ୍ରି-ଫାୟାର୍'ରୁ ସମୀର୍ ସହ ଉକ୍ତ ଯୁବତୀଙ୍କ ପରିଚୟ ହୋଇଥିଲା। ସେତେବେଳେ ସମୀର୍ ନିଜକୁ ବିହାରର ବାସିନ୍ଦା ଓ କଶ୍ମୀରରେ ଚାକିରି କରୁଛି ବୋଲି କହିଥିଲା। ଏପରିକି ନିଜକୁ ହିନ୍ଦୁ ବୋଲି ମଧ୍ୟ କହିଥିଲା। ତା' କଥାରେ ବିଶ୍ୱାସ କରି ଯୁବତୀଜଣଙ୍କ ତାକୁ ନିଜ ମୋବାଇଲ୍ ନମ୍ବର ମଧ୍ୟ ଦେଇ ଦେଇଥିଲେ। ପରେ ସମୀର୍ ବିଭିନ୍ନ ସମୟରେ କଥାବାର୍ତ୍ତା ଛଳରେ ଯୁବତୀଙ୍କୁ ପ୍ରେମ ଜାଲରେ ଫସାଇ ଦେଇଥିଲା। ଏପରିକି, ଦୁହେଁ ଘଣ୍ଟାଘଣ୍ଟା ଧରି ଭିଡିଓ କଲ୍‌ରେ ମଧ୍ୟ କଥାବାର୍ତ୍ତା ହେଉଥିଲେ। ପରେ କଥା ଆଉ ଫୋନ୍‌ରେ ସୀମିତ ନରହି ମୁହାଁମୁହିଁ ଆଡ଼କୁ ବଢ଼ିଥିଲା। ଅଭିଯୋଗ ଅନୁସାରେ, ଯୁବତୀଙ୍କୁ ଦେଖା କରିବା ପାଇଁ ସମୀର ଅନେକବାର ଓଡ଼ିଶା ଆସିଥିଲା। ▶ପୃଷ୍ଠା-୭

## ଇଣ୍ଟରନେଟ୍ କାଟିଦେଲେ ଯୋଗାଣକାରୀ

# ସାରା ରାଜ୍ୟରେ ୩ ଦିନ ହେଲା ଡାକସେବା ଅଚଳ

■ **ଭୁବନେଶ୍ୱର, ୮।୧୧ (ସମିସ):** ଓଡ଼ିଶା ଡାକ ସେବାର ମୁଖ୍ୟ କାର୍ଯ୍ୟାଳୟ ତଥା ଭୁବନେଶ୍ୱର ମୁଖ୍ୟ ଡାକଘର ୩ ଦିନ ହେଲା ଅଚଳ ହୋଇପଡ଼ିଛି। ଭୁବନେଶ୍ୱର ଡାକଘର ସହିତ ରାଜ୍ୟର କୌଣସି ଡାକଘର ସଂଯୋଗ ହୋଇପାରୁ ନାହିଁ। ଫଳରେ ସାରା ରାଜ୍ୟରେ ଡାକ ସେବା ଗୁରୁତର ପ୍ରଭାବିତ ହୋଇଛି। ଲିଙ୍କ୍ ଫେଲ୍ କହି ଡାକ କର୍ତ୍ତୃପକ୍ଷ କାମ ସାରି ଦେଉଥିବା ବେଳେ ବିଭିନ୍ନ କାମ ପାଇଁ ଡାକ ଘରକୁ ଆସୁଥିବା ଲୋକେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି।




ମିଳିଥିବା ସୂଚନା ଅନୁଯାୟୀ, ଭୁବନେଶ୍ୱର ଡାକଘର ପାଇଁ ଇଣ୍ଟରନେଟ୍ ଯୋଗାଉଥିବା ସଂସ୍ଥା ସହିତ ୩ ଦିନ ହେବ ଚୁକ୍ତି ଅବଧି ଶେଷ ହୋଇଯାଇଛି। ଚୁକ୍ତି ଶେଷ ପୂର୍ବରୁ ଏହାର ନବୀକରଣ କରାଯାଇ ନାହିଁ କି କୌଣସି ନୂଆ ସଂସ୍ଥାକୁ ଏହି କାର୍ଯ୍ୟାଦେଶ ଦିଆଯାଇ ନାହିଁ। ଯାହାର ପରିଣାମ ସ୍ୱରୂପ ଡାକସେବା ପାଇଁ ଇଣ୍ଟରନେଟ୍ ଉପଲବ୍ଧ ହୋଇପାରୁ ନାହିଁ। ବର୍ତ୍ତମାନ ଡାକଘରଗୁଡ଼ିକରେ ଚିଠି ନେଣଦେଣ ତୁଳନାରେ ବ୍ୟାଙ୍କିଂ କାମ ଅଧିକ ରହୁଛି। ଅଧିକାଂଶ ▶ପୃଷ୍ଠା-୭

# ଉଧାର ଚାଉଳରେ ମଧ୍ୟାହ୍ନଭୋଜନ

## ସ୍କୁଲ୍‌ରେ ନାହିଁ ଅଙ୍ଗନବାଡ଼ିରୁ ମାଗି ଆଣି କାମ ଚଳାଉଛନ୍ତି ଶିକ୍ଷକ

■ **ଭୁବନେଶ୍ୱର, ୮ ।୧୧ (ସମିସ):** ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ପାଇଁ ନାହିଁ ଚାଉଳ। ନିକଟସ୍ଥ ଅଙ୍ଗନବାଡ଼ି କେନ୍ଦ୍ରରୁ ଉଧାର ଚାଉଳ ଆଣି ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନଭୋଜନ ଦିଆଯାଉଛି। ଅନେକ ବ୍ଲକ୍‌ରେ ଚାଉଳ ସରି ସାରିଥିବାବେଳେ ଷ୍ଟକ୍ ପହଞ୍ଚି ପାରିନି। ଚାଉଳ ଅଭାବରୁ ଆମ୍ବଟାକୁଆ ଖାଇ ଦୁଇଜଣଙ୍କ ମୃତ୍ୟୁ ଘଟଣା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିବାବେଳେ ମଧ୍ୟାହ୍ନଭୋଜନ ଚାଉଳ ନ ପହଞ୍ଚିବା ସ୍କୁଲର ଶିକ୍ଷକମାନଙ୍କୁ ଚିନ୍ତାଗ୍ରସ୍ତ କରିଛି। ସେହିପରି ଗତ ଜୁଲାଇ ମାସରୁ ମଧ୍ୟାହ୍ନଭୋଜନ ପାଇଁ ବିଦ୍ୟାଳୟକୁ ଟଙ୍କା ଦିଆଯାଇନାହିଁ। ଶିକ୍ଷକମାନେ ଦୋକାନୀଠାରୁ ବାକିରେ ସାମଗ୍ରୀ ଆଣି ମଧ୍ୟାହ୍ନଭୋଜନ ପ୍ରସ୍ତୁତ କରୁଛନ୍ତି। ମୟୂରଭଞ୍ଜ ଜିଲ୍ଲାର ବେତନଟୀ ଓ ଶୁକୃଳି ବ୍ଲକ୍‌ରେ ମଧ୍ୟାହ୍ନଭୋଜନ ପାଇଁ ଚାଉଳ ନଥିବା ଖବର ମିଳିଛି। ବାଙ୍ଗିରିପୋଷି ବ୍ଲକ୍‌ରେ କୌଣସି



**ଜୁଲାଇରୁ ସ୍କୁଲକୁ ମିଳିନି ମଧ୍ୟାହ୍ନ ଭୋଜନ ଅନୁଦାନ**

**ବାକିରେ ତେଲ, ଲୁଣ, ଡାଲି ଦେବାକୁ ମନାକଲେଣି ଦୋକାନୀ**

ସମୟରେ ଚାଉଳ ଷ୍ଟକ୍ ନାହିଁ। ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଓ ନୟାଗଡ଼ ବ୍ଲକ୍‌ର କୌଣସି ସ୍କୁଲ୍‌କୁ ଚାଉଳ ପହଞ୍ଚିନାହିଁ। ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକ୍‌ର ଏକାଧିକ ବିଦ୍ୟାଳୟରେ ଚାଉଳ ଅଭାବରୁ ମଧ୍ୟାହ୍ନଭୋଜନ ବାଧାପ୍ରାପ୍ତ। ନିକଟସ୍ଥ ଅଙ୍ଗନବାଡ଼ି କେନ୍ଦ୍ରରୁ ଚାଉଳ ଉଧାର ଆଣି ପ୍ରଧାନଶିକ୍ଷକମାନେ କାମ ତୁଲାଉଛନ୍ତି। ମାତ୍ର ସରକାର ଏ ପ୍ରସଙ୍ଗରେ ନିଧଡ଼କ। ରାଜ୍ୟ ଖାଦ୍ୟ ଯୋଗାଣମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଏହି ପ୍ରସଙ୍ଗରେ ତୁନି ବସିଛନ୍ତି। ସରକାରୀସ୍ତରରେ ଏଥିପାଇଁ କୌଣସି ତତ୍ପରତା ପ୍ରକାଶ ପାଉଥିବା ଦେଖାଯାଉ ନାହିଁ।

ଅନ୍ୟପକ୍ଷରେ ମଧ୍ୟାହ୍ନଭୋଜନ ପାଇଁ ଶିକ୍ଷକମାନେ ରାସନ ସାମଗ୍ରୀ ଦୋକାନରୁ ଉଧାର କରି କିଣୁଥିବାବେଳେ ହାତରୁ ଟଙ୍କା ଦେଇ ପରିବା କିଣୁଛନ୍ତି। ପାଞ୍ଚମାସ ହେଲା ବାକିରେ ବିଦ୍ୟାଳୟ ରାସନ ନେଉଥିବାରୁ ଦୋକାନୀ ମଧ୍ୟ ରାସନ ଦେବାକୁ ମନା କଲେଣି। ଏହାକୁ ନେଇ ଶିକ୍ଷକମାନେ ଅଡୁଆ ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି ଓ ଅଭିଭାବକମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଜିଲ୍ଲା ଅଧିକାରୀମାନଙ୍କୁ ନେଇ ଶୁକ୍ରବାର ମଧ୍ୟାହ୍ନଭୋଜନର ଖାଦ୍ୟ ନିରାପତ୍ତା ଓ ସ୍ୱଚ୍ଛତା ସମ୍ପର୍କିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯାଉଥିବାବେଳେ ବିଦ୍ୟାଳୟକୁ ଚାଉଳ ଯୋଗାଇ ନପାରିବା ଏବଂ ରାଜ୍ୟ ▶ପୃଷ୍ଠା-୭

## ସୁଖୁଙ୍କୁ ଖୁସି କରିବା ପାଇଁ...

# 'ସିଙ୍ଗଡ଼ା' ଖୋଜୁଛି ସିଆଇଡି

■ **ସିମଲା, ୮।୧୧ (ଏଜେନ୍ସି):** ପାଇଖାନା ଟିକସ ପରେ ହିମାଚଳ ପ୍ରଦେଶରୁ ଏକ ଅଜବ ମାମଲା ସାମ୍‌ନାକୁ ଆସିଛି। ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂହ ସୁଖୁଙ୍କ ପ୍ଲେଟରୁ ସିଙ୍ଗଡ଼ା ଏବଂ କେକ୍ ଗାଏବ ହୋଇଯାଇଛି। ଏହି ମାମଲାକୁ ନେଇ ପାହାଡି ରାଜ୍ୟରେ ଚହଳ ପଡ଼ିଛି। ମାମଲାର ସିଆଇଡି ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। କେବଳ ସେତିକି ନୁହେଁ, ୫ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ ମଧ୍ୟ ଜାରି କରାଯାଇଛି। ସୁଖୁଙ୍କ ପ୍ଲେଟ୍‌ରୁ ସିଙ୍ଗଡ଼ା ଗାଏବ୍ ଘଟଣା ରାଜ୍ୟ ସରକାରଙ୍କ ମୁଣ୍ଡ ବିନ୍ଧାର କାରଣ ପାଲଟିଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ସିଙ୍ଗଡ଼ା ପ୍ରୀତିକୁ ନେଇ ସବୁଠି ଚର୍ଚ୍ଚା ଜୋର୍‌ଧରିଛି।

ସୂଚନା ଅନୁଯାୟୀ ଗତ ୨୧ ତାରିଖରେ ମୁଖ୍ୟମନ୍ତ୍ରୀ ସୁଖୁ ସିମଲା ସ୍ଥିତ ସିଆଇଡି ମୁଖ୍ୟାଳୟ ପରିଦର୍ଶନରେ ଯାଇଥିବାବେଳେ ଏହି ଘଟଣା ଘଟିଥିଲା। ଏଠାରେ ମୁଖ୍ୟମନ୍ତ୍ରୀଙ୍କ ପାଇଁ ଲକ୍କଡ ବଜାର ସ୍ଥିତ 'ରେଡିସନ ବ୍ଲୁ ହୋଟେଲ'ରୁ ସିଙ୍ଗଡ଼ା ସମେତ ତିନି ଡବା ଜଳଖିଆ ମଗାଯାଇଥିଲା। କିନ୍ତୁ ତ୍ରୁଟି ଯୋଗୁଁ ଏହା ମୁଖ୍ୟମନ୍ତ୍ରୀଙ୍କ ପାଖରେ ପହଞ୍ଚି ପାରି ନ ଥିଲା। ଏହି ମାମଲା ଚର୍ଚ୍ଚା ହେବା ପରେ ସିଆଇଡି ଅନ୍ତରୀଣ ଯାଞ୍ଚ ଆରମ୍ଭ କରି ୫ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲା। ଆଇଜି ର୍ୟାଙ୍କର ଜଣେ ବରିଷ୍ଠ ଅଧିକାରୀ ମୁଖ୍ୟମନ୍ତ୍ରୀଙ୍କ ପାଇଁ ଜଳଖିଆ ଆଣିବାକୁ ସବ୍ ଇନ୍ସପେକ୍ଟର ▶ପୃଷ୍ଠା-୭



**୫ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ୍**

ସମ୍ପୂର୍ଣ୍ଣା
ସକାଳ THE SAKALA
www.sakalaepaper.com

# ଅଁଳା ନବମୀ ଓ ରାଧାପାଦ ଦର୍ଶନ

ଧର୍ମର ମାସ କାର୍ତ୍ତିକ । ଏହି ମାସରେ ଧନ୍ୱନ୍ତରୀ ଜୟନ୍ତୀ, କାଳୀପୂଜା, ଦୀପାବଳି, ଗୋବିନ୍ଦ ଚତୁର୍ଦ୍ଦଶୀ, ନାଗ ଚତୁର୍ଥୀ, ଗୋବର୍ଦ୍ଧନପୂଜା, ଗୋପାଷ୍ଟମୀ ବା ଗୋଷ୍ଠାଷ୍ଟମୀ, ଅଁଳା ନବମୀ, କାର୍ତ୍ତିକ ବ୍ରତ, ତୁଳସୀ ପୂଜା, ବଡ଼ ଏକାଦଶୀ , ପଞ୍ଚୁକବ୍ରତ ଏବଂ ଶେଷରେ କାର୍ତ୍ତିକ ପୂର୍ଣ୍ଣିମା ବା ରାସ ପୂର୍ଣ୍ଣିମା ଆଦି ପର୍ବପର୍ବାଣି ପଡ଼େ । କାର୍ତ୍ତିକ ମାସ ଶୁକ୍ଳ ପକ୍ଷ ନବମୀ ତିଥିରେ ଅଁଳା ନବମୀ ପାଳନ କରାଯାଏ । ଏହାକୁ 'ଧାତ୍ରୀ ନବମୀ' ବୋଲି ମଧ୍ୟ କୁହାଯାଏ । ଏହି ଦିନ ଦାନପୁଣ୍ୟ କଲେ ଏହି ଜନ୍ମ ସହ ଆସନ୍ତା ଜନ୍ମରେ ମଧ୍ୟ ଫଳ ମିଳିଥାଏ ବୋଲି ବିଶ୍ୱାସ ରହିଛି । ଶାସ୍ତ୍ର ଅନୁସାରେ, ଅଁଳା ନବମୀ ଦିନ ଅଁଳା ଗଛକୁ ପୂଜା କଲେ ପାପରୁ ମୁକ୍ତି ମିଳିଥାଏ । ଅଁଳା ନବମୀ ଦିନ ସର୍ବପ୍ରଥମେ ମା' ଲକ୍ଷ୍ମୀଙ୍କୁ ଆରାଧନା କରାଯାଇଥାଏ । ଏହା ପଛରେ ଏକ କାରଣ ରହିଛି । ପୌରାଣିକ କଥା ଅନୁସାରେ, ଥରେ ମା' ଲକ୍ଷ୍ମୀ ଭୂଲୋକ ଭ୍ରମଣ କରିବାକୁ ଆସିଥିଲେ । ମର୍ତ୍ତ୍ୟଲୋକକୁ ଆସିବା ପରେ ଭଗବାନ ବିଷ୍ଣୁ ଓ ଭଗବାନ ଶିବଙ୍କ ପୂଜା ଏକାସଙ୍ଗେ କରିବାକୁ ଇଚ୍ଛା କଲେ । ସେତେବେଳେ ସେ ମନେପକାଇଲେ ଯେ, ତୁଳସୀ ବିଷ୍ଣୁଙ୍କର ପ୍ରିୟ, କିନ୍ତୁ ଶିବଙ୍କର ନୁହେଁ । ଶିବଙ୍କ ପୂଜାରେ ତୁଳସୀ ଲାଗେନି । କିନ୍ତୁ ଶିବଙ୍କ ସ୍ୱରୂପ ବେଲର ଗୁଣ ଅଁଳା ବୃକ୍ଷରେ ରହିଛି । ସେଥିପାଇଁ ଅଁଳା ଗଛରେ ଉଭୟ ତୁଳସୀ ଓ ବେଲର ଅଂଶ ରହିଛି । ସେତେବେଳେ ମା' ଲକ୍ଷ୍ମୀ ଅଁଳାକୁ ହିଁ ଶିବ ଓ ବିଷ୍ଣୁଙ୍କ ସ୍ୱରୂପ ଭାବି ପୂଜା କଲେ । ମାତା ଲକ୍ଷ୍ମୀଙ୍କର ପୂଜାର୍ଚ୍ଚନାରେ ସନ୍ତୁଷ୍ଟ ହୋଇ ପାଳନ କର୍ତ୍ତା ଓ ସଂହାର କର୍ତ୍ତା ଏକାଠି ମାତାଙ୍କୁ ଦର୍ଶନ ଦେଲେ । ତତ୍‌ପଶ୍ଚାତ ମାତା ସେଇ ଅଁଳା ଗଛ ମୂଳରେ ଭୋଜନ ପ୍ରସ୍ତୁତ କରି ଭଗବାନ ବିଷ୍ଣୁ ଏବଂ ଶିବଙ୍କୁ ଅର୍ପଣ କଲେ । ସେହି ଦିବ୍ୟ ଦିବସଟି ସବୁଦିନ ପାଇଁ ଅଁଳା ନବମୀ ନାମରେ ବିଦିତ ହେଲା । କଥିତ ଅଛି ଯେ, ଅଁଳା ନବମୀ ତିଥିରେ ଅଁଳା ବୃକ୍ଷକୁ ପୂଜା ଓ ପରିକ୍ରମା ପୂର୍ବକ ତା'ରି ମୂଳରେ ଭୋଜନ ପ୍ରସ୍ତୁତ କରି ବିଷ୍ଣୁ ଓ ଶିବଙ୍କୁ ଭୋଗ ଲଗେଇଲେ ସମଗ୍ର କାର୍ତ୍ତିକ ମାସର ପୁଣ୍ୟ ଗୋଟିଏ ଦିନରେ ପ୍ରାପ୍ତି ହୋଇଥାଏ । ମହିଳାମାନେ ସନ୍ତାନ ପ୍ରାପ୍ତି ଓ ସନ୍ତାନଙ୍କର ମଙ୍ଗଳ କାମନା କରି ଅଁଳା ଗଛକୁ ପୂଜା କରିଥାନ୍ତି । ଅଁଳା ଗଛମୂଳକୁ କାର୍ତ୍ତିକ ମାସରେ ପରିଷ୍କାର କରି ଗୋମୟରେ ଲିପି ଭକ୍ତି ସହକାରେ ଯଥାବିଧି ପୂଜା କରାଯାଏ । ହଳଦୀ, ସିନ୍ଦୂର ଆଦି ଲଗାଇବା ପରେ ଗଛରେ କ୍ଷୀର ଅର୍ପଣ କରାଯାଏ । ଏହାପରେ ଗଛର ପରିକ୍ରମା କରାଯାଏ । ଗଛରେ ନାଲି ସୂତା ଗୁଡ଼ା ଯାଇଥାଏ । ପୂଜା ପରେ ବ୍ରତ କଥା ପଢ଼ାଯାଏ । ହବିଷ୍ୟାଳିମାନେ କାର୍ତ୍ତିକ ମାସରେ ଅଁଳା ଗଛ ମୂଳରେ ହବିଷାନ୍ନ ରାନ୍ଧିବା ସହ ଚାରିପଟେ ପ୍ରଦକ୍ଷିଣ କରିଥାନ୍ତି । ଏହା ମୂଳରେ ନାମ ସଂକୀର୍ତ୍ତନ ମଧ୍ୟ କରାଯାଏ । ଅଁଳା ଓ ତୁଳସୀ ବିଷ୍ଣୁଙ୍କର ଅତି ପ୍ରିୟ । ପତ୍ର ସହ ଅଁଳା ଫଳ ଓ ତୁଳସୀ ବିଷ୍ଣୁଙ୍କୁ ଅର୍ପଣ କଲେ ଭଗବାନ ସନ୍ତୋଷ ଲାଭ କରିଥାନ୍ତି । ହବିଷ୍ୟାଳିମାନେ ଅଁଳା ବଟା କରି ସେଥିରେ ବିଷ୍ଣୁ ପ୍ରତିମାକୁ ସ୍ନାନ କରାଇ ପୂଜା କରିବା ସହିତ ଏହାକୁ ନିଜେ ମଧ୍ୟ ଲଗାଇ ସ୍ନାନ କରନ୍ତି । କାର୍ତ୍ତିକ ମାସରେ ଅଁଳା ବୃକ୍ଷରୁ ପତ୍ର, ପୁଷ୍ପ ଓ ଫଳ ଚୟନ ନିଷିଦ୍ଧ । ପଦ୍ମପୁରାଣରେ ବର୍ଣ୍ଣିତ ଅଛି ଯେ, ପ୍ରାତଃ ସ୍ନାନ ପରେ ବିଷ୍ଣୁ ନାମ ସ୍ମରଣ କରି ଅଁଳା ଜଳ ସିଞ୍ଚନ ଓ ସେବନ ଦ୍ୱାରା ମନୁଷ୍ୟର ସକଳ କଳୁଷ ନାଶ ହୋଇ ସେ ନୀରୋଗ ଓ ସ୍ୱାସ୍ଥ୍ୟବାନ ହୋଇଥାଏ । ଅଁଳା ବୃକ୍ଷ ତଳେ ହରିନାମ ସଂକୀର୍ତ୍ତନ, ହବିଷ୍ୟ ଅନ୍ନ ଭୋଜନ କଲେ ବୈକୁଣ୍ଠ ପ୍ରାପ୍ତି ହୁଏ ବୋଲି ବିଶ୍ୱାସ ରହିଛି । ଅଁଳାର ଅନ୍ୟ ନାମ ଧାତ୍ରୀ । ଶାସ୍ତ୍ରରେ ତୁଳସୀ, ଅଁଳା, ମାଳତୀ, ବଦରି, ବେଲ, ବର, ଅଶ୍ୱସ୍ତ ଆଦି ବୃକ୍ଷକୁ ପବିତ୍ର ବୃକ୍ଷର ମାନ୍ୟତା ଦିଆଯାଇଛି । ସରସ୍ୱତୀଙ୍କ ସଦ୍‌ଗୁଣ ଧରି ଅଁଳାର ଜନ୍ମ । ଏଣୁ ଏହା ଏକ ଅତ୍ୟନ୍ତ ପବିତ୍ର ବୃକ୍ଷ ବୋଲି କୁହାଯାଏ । ଏହାକୁ ଅକାରଣରେ ଛେଦନ ନିଷିଦ୍ଧ ଅଟେ । ପଦ୍ମପୁରାଣ ଅନୁଯାୟୀ, ଅଁଳା ନବମୀ ଦିନ ଏହି ବୃକ୍ଷର ପୂଜା କରିବା ଦ୍ୱାରା ପାପ ନଷ୍ଟ ହୋଇଥାଏ । ତେଣୁ ଏହାକୁ ଅକ୍ଷୟ ନବମୀ କୁହାଯାଏ । ଏହିଦିନ ମଧ୍ୟ ରାଧାପାଦ ଦର୍ଶନ । ପୁରୀସ୍ଥିତ ସାକ୍ଷୀଗୋପାଳ ମନ୍ଦିରରେ ଏହି ଅବସରରେ ଆୟୋଜିତ ହୋଇଥାଏ ଏକ ବିଶେଷ ଯାତ୍ରା । ବର୍ଷସାରା ଲୁଗା ଘେରରେ ଘୋଡ଼ାଇ ହୋଇ ରହୁଥିବା ଶ୍ରୀରାଧାଙ୍କର ପାଦପଦ୍ମ ଦ୍ୱୟକୁ ବର୍ଷକେ ଥରେ ନବମୀ ଦିନ ଭକ୍ତମାନେ ଦର୍ଶନ କରି ଆଶିଷ ଲାଭ କରନ୍ତି । ଏହିଦିନ ଶ୍ରୀରାଧା ବିଭିନ୍ନ ରତ୍ନ ଅଳଙ୍କାରରେ ଭୂଷିତ ହୋଇ ଓଡ଼ିଆଣୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି । ସେଥିପାଇଁ ସାକ୍ଷୀଗୋପାଳ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥାଏ ।






## ଶିଶୁର ମହାନୁଭବତା
# ଥାନାରେ ବାଣ୍ଟନ୍ତି କେକ୍

ସ୍କଟ୍‌ଲ୍ୟାଣ୍ଡର ଏକ ଚାରି ବର୍ଷର ଶିଶୁ ହମିସ୍-ଜେମ୍ସ ଡିନ୍‌ଙ୍କ କାମ ଏବେ ପ୍ରଶଂସା ସାଉଁଟୁଛି । ସେ ସ୍କଟ୍‌ଲ୍ୟାଣ୍ଡର ପ୍ରତ୍ୟେକ ପୁଲିସ୍ ଷ୍ଟେସନକୁ ଯାଇ କପ୍ କେକ୍ ବାଣ୍ଟିବା ଲକ୍ଷ୍ୟ ରଖିଛନ୍ତି । ଏଭଳି କରି ସେ ପ୍ରତ୍ୟେକ ପୁଲିସ୍ ଅଧିକାରୀଙ୍କୁ ସେମାନଙ୍କ କାମ ପାଇଁ କୃତଜ୍ଞତା ଜ୍ଞାପନ କରିବେ । ଏବେ ସୁଦ୍ଧା ସେ ୮୮ଟି ପୁଲିସ୍ ଷ୍ଟେସନରେ ହଜାରରୁ ଅଧିକ କପ୍ କେକ୍ ବାଣ୍ଟିସାରିଲେଣି । ହମିସ୍ ବଡ଼ ହେଲେ ପୁଲିସ୍ ଅଫିସର ହେବା ଲକ୍ଷ୍ୟ ରଖିଛନ୍ତି । ସେହିପରି ସେ ପୁଲିସମାନଙ୍କ କାମ ଦ୍ୱାରା ମଧ୍ୟ ଖୁବ୍ ପ୍ରଭାବିତ । ହମିସ୍‌ଙ୍କ ଏଭଳି କାମକୁ ନେଇ ତାଙ୍କ ମା' ଲୁସି ଖୁବ୍ ଗର୍ବ ଅନୁଭବ କରୁଥିବା କହିଛନ୍ତି । ଏଇ ବର୍ଷ ପ୍ରାରମ୍ଭରେ ଇଂଲଣ୍ଡରେ ଦଙ୍ଗା ହେବା ସମୟରେ ପୁଲିସ୍ ଉପରେ ଆକ୍ରମଣ କରାଯାଇଥିଲା । ଏହା ପରେ ହମିସ୍ ପୁଲିସ୍‌ଙ୍କୁ ସାହାଯ୍ୟ କରିବାକୁ ଚାହିଁଥିଲେ । ଯଦିଓ ଲୁସି ହମିସ୍‌ଙ୍କୁ ସବୁକିଛି ଠିକ୍ ଥିବା ବୁଝାଇ ଥିଲେ, ତଥାପି ସେ ଏହାକୁ ନେଇ ଚିନ୍ତିତ ହୋଇପଡ଼ିଥିଲେ । ତାଙ୍କର ଏଭଳି ବ୍ୟସ୍ତତାକୁ ଦେଖି ଲୁସି ହମିସ୍‌ଙ୍କୁ ସ୍ଥାନୀୟ ପୁଲିସ୍ ଷ୍ଟେସନକୁ ନେଇ ଥିଲେ । ପୁଲିସ୍‌ଙ୍କ ପାଇଁ ହମିସ୍ ପାଣି ବୋତଲ ଓ କପ୍ କେକ୍ ନେଇ ଯାଇଥିଲେ । ପରେ ପରେ ସେ ବିଭିନ୍ନ ପୁଲିସ୍ ଷ୍ଟେସନ୍ ବୁଲିବାକୁ ଲାଗିଲେ । ଅବଶ୍ୟ କେକ୍ କିଣିକି ଦେବା ଟିକେ ମହଙ୍ଗା ହେବାରୁ ଘରେ କେକ୍ ତିଆରି କରାଗଲା । ହମିସ୍, ଲୁସିଙ୍କୁ କେକ୍ ତିଆରିରେ ସାହାଯ୍ୟ କରନ୍ତି । ସେହିପରି ପ୍ରତିଦିନ ସକାଳୁ ଏକ ନୂଆ ଟ୍ରିପ୍‌ରେ ବାହାରିବା ପାଇଁ ହମିସ୍ ଆଖିରେ ଖୁସି ଓ ଉତ୍ସାହ ଭରି ରହିଥାଏ । ସେହିପରି ପୁଲିସ୍ ଅଧିକାରୀମାନେ ମଧ୍ୟ ହମିସ୍‌ଙ୍କ ଏହି କାର୍ଯ୍ୟକୁ ପ୍ରଶଂସା କରିଛନ୍ତି । ଏପରିକି ହମିସ୍‌ଙ୍କୁ ସ୍କଟ୍‌ଲ୍ୟାଣ୍ଡ ପୁଲିସ୍‌ର ଏକ ବର୍ଦ୍ଦି ମଧ୍ୟ ମିଳିଛି । ପୁଲିସ୍‌ଙ୍କ ପ୍ରତି ଥିବା ତାଙ୍କର ଦୟା ଓ ସେବାମନୋବୃତ୍ତି ହିଁ ଭବିଷ୍ୟତରେ ସେ ଜଣେ ସଚ୍ଚୋଟ ପୁଲିସ୍ ହେବା ନେଇ ଅଧିକାରୀମାନେ ଆଶା କରିଛନ୍ତି ।

# ଆର୍ଟେମିସ୍-୩ ମିଶନ ପାଇଁ କ୍ୟାବିନ୍ ତିଆରି କରିବ ସ୍ପେଶ୍-ଏକ୍ସ

ବର୍ତ୍ତମାନ ଦୁନିଆର ସମସ୍ତ ଅନ୍ତରୀକ୍ଷ ଏଜେନ୍ସିମାନଙ୍କର ଚନ୍ଦ୍ର ଉପରେ ନଜର । ସମସ୍ତଙ୍କର ଏବେ ଚନ୍ଦ୍ରକୁ ଯିବାର ଚେଷ୍ଟା ଜାରି ରହିଛି । ଆମେରିକୀୟ ମହାକାଶ ଏଜେନ୍ସି (ନାସା) ଚନ୍ଦ୍ରପୃଷ୍ଠକୁ ଆର୍ଟେମିସ୍-୩କୁ ପଠାଇବା ଯୋଜନା କରିଛି । ଯାହା ୨୦୨୫ କିମ୍ବା ୨୦୨୬ରେ ଉଡ଼ାଣ ଭରିପାରେ । ତେବେ ଆର୍ଟେମିସ୍-୩ ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରିବ । ନାସାର ଆର୍ଟେମିସ୍-୩ ମିଶନକୁ ଏବେ ସ୍ପେସ୍-ଏକ୍ସ ଆଗକୁ ବଢ଼ାଇଛି । ନିକଟରେ ଏଲନ୍ ମସ୍କ ନାସାର ଆର୍ଟେମିସ୍-୩ ମିଶନ ପାଇଁ ସ୍ପେଶ୍-ଏକ୍ସ ଦ୍ୱାରା ଡିଜାଇନ୍ କରାଯାଇଥିବା କ୍ରୁ କ୍ୟାବିନ୍ ଓ ସ୍ଲିପିଂ କ୍ୱାର୍ଟରର ଅନାବରଣ କରିଛନ୍ତି । ଏହା ପାଇଁ ସ୍ପେସ୍-ଏକ୍ସ ନିଜର ହ୍ୟୁମାନ୍ ଲ୍ୟାଣ୍ଡିଂ ସିଷ୍ଟମ୍ (ଏଚ୍‌ଏଲ୍‌ଏସ୍) ଷ୍ଟାରସିପ୍ ଭିତରେ କ୍ରୁ କ୍ୟାବିନ୍, ସ୍ଲିପିଂ ଏରିଆ ଏବଂ ସାଇନ୍ସ ଲ୍ୟାବ୍‌ର ବିସ୍ତୃତ ମକ୍‌ଅପ୍ ବିକଶିତ କରୁଛି । ଏହି ମକ୍‌ଅପ୍ ଟେକ୍ସାସର ସ୍ପେସ୍-ଏକ୍ସ ଷ୍ଟାରବେସ୍‌ର ଏଚ୍‌ଏଲ୍‌ଏସ୍ ନୋଜ୍‌କୋନ୍ ଭିତରେ ଅଛି । ଚନ୍ଦ୍ରପୃଷ୍ଠକୁ ଯାଉଥିବା ମହାକାଶଚାରୀଙ୍କ ରହିବା ଓ କାମ କରିବା ଅନୁଭବକୁ ଅଧିକ ଉନ୍ନତମାନର କରିବା ଉଦ୍ଦେଶ୍ୟରେ ଏହାକୁ ଡିଜାଇନ୍ କରାଯାଇଛି । ଏହାର କ୍ରୁ କ୍ୟାବିନ୍ ଖୁବ୍ ପ୍ରଶସ୍ତ । ଏଥିରେ ମହାକାଶଚାରୀମାନେ ସହଜରେ ଚଳପ୍ରଚଳ କରିପାରିବେ । ସେଭଳି ଏଥିରେ ମହାକାଶଚାରୀଙ୍କୁ ବାୟୁ, ଜଳ ସହ ଅନ୍ୟ ଆବଶ୍ୟକୀୟ ଜିନିଷ କିପରି ମିଳିପାରିବ ସେଥିନିମନ୍ତେ ବ୍ୟବସ୍ଥା କରାଯାଉଛି । ସେହିଭଳି ସ୍ଲିପିଂ କ୍ୱାର୍ଟରରେ ଅତ୍ୟାଧୁନିକ ଗ୍ୟାଜେଟ୍ ସହ ଆରାମ ଓ ସ୍ୱାସ୍ଥ୍ୟ ଲାଭ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରାଯିବ । ମୁଖ୍ୟତଃ ଶୋଇବା, ଖାଇବା ଏବଂ ଗବେଷଣା ପାଇଁ ମହାକାଶଚାରୀମାନେ ଯେଭଳି ଆବଶ୍ୟକ ସୁବିଧା ପାଇପାରିବେ, ଏହାକୁ ସେହିପରି ଡିଜାଇନ୍ କରାଯାଇଛି । ଅନ୍ୟପଟେ ଏବେ ଏହାର ପ୍ରସ୍ତୁତି ଆରମ୍ଭ ହୋଇଥିବାରୁ ଆଗକୁ ଏଥିରେ ଅନ୍ୟାନ୍ୟ ଅତିରିକ୍ତ ସୁବିଧା ବୈଶିଷ୍ଟ୍ୟ ପ୍ରଦାନ ଦିଗରେ ସନ୍ଧାନ ଜାରି ଅଛି । ତେବେ ଆର୍ଟେମିସ୍-୩ ମିଶନ ମାନବ ମହାକାଶ ଯାତ୍ରା ଲାଗି ଏକ ନୂଆ ଯୁଗର ପ୍ରତିନିଧିତ୍ୱ କରିବ ଏବଂ ଏହି ଅଭୂତପୂର୍ବ ମିଶନରେ ସ୍ପେଶ୍-ଏକ୍ସ ସବା ଆଗରେ ରହିଛି ।



## ଆଜିର ଇତିହାସ

- ୧୫୮୦: ସ୍ପେନ୍ ସେନା ଆୟରଲାଣ୍ଡ ଉପରେ ଆକ୍ରମଣ କଲା ।
- ୧୮୫୭- ଆଟ୍‌ଲାଣ୍ଟିକ୍ ମାସିକ ପତ୍ରିକାର ପ୍ରଥମ ଅଙ୍କ ପ୍ରକାଶିତ ହେଲା ।
- ୧୯୩୭- ଜାପାନ ସେନା ଚୀନ୍‌ର ସାଙ୍ଘାଇ ସହର ଉପରେ କବ୍‌ଜା କଲା ।
- ୧୯୪୭: ଭାରତୀୟ ସେନାର ଜୁନାଗଡ଼ ଆକ୍ରମଣ ।
- ୧୯୬୨: ଆମେରିକା ନେଭାଡ଼ାରେ ପରମାଣୁ ପରୀକ୍ଷା କଲା ।
- ୧୯୮୯: କାମ୍ବୋଡ଼ିଆ ଫ୍ରାନ୍ସଠାରୁ ସ୍ୱାଧୀନ ହେଲା ।
- ୨୦୦୦: ଉତ୍ତରାଖଣ୍ଡ ଭାରତର ୨୭ତମ ରାଜ୍ୟ ର ମାନ୍ୟତା ପାଇଲା ।

# ର୍ୟାମ୍ପରେ କାହିଁକି ହସନ୍ତିନି ମଡେଲ

ଫ୍ୟାଶନ୍ ଶୋ'ଗୁଡ଼ିକରେ ମଡେଲମାନେ ଡିଜାଇନର୍‌ମାନଙ୍କର ପୋଷାକ ପିନ୍ଧି ନିଜକୁ ପ୍ରଦର୍ଶନ କରିଥାନ୍ତି । ତେବେ ରନ୍‌ୱେରେ ମଡେଲମାନେ ର୍ୟାମ୍ପୱାକ୍ କରିବା ସମୟରେ ପ୍ରାୟତଃ ଗୁରୁଗମ୍ଭୀର ମୁହଁରେ ଦେଖାଯାନ୍ତି । ତେବେ ଏତେ ସୁନ୍ଦର ପୋଷାକ ପିନ୍ଧି ମଡେଲମାନେ ଚାଲୁଥିବାବେଳେ କାହିଁକି ସେମାନଙ୍କ ମୁହଁରେ ହସ ନ ଥାଏ ବୋଲି ମନରେ ପ୍ରଶ୍ନ ଆସେ । ଅବଶ୍ୟ ଏହାପଛରେ କାରଣ ରହିଛି । ଆଗକାଳରେ ରାଜ ପରିବାରର ମହିଳାମାନେ ଯେତେବେଳେ ବି ନିଜର ପେଣ୍ଟିଂ କରାଉଥିଲେ, ଏହି ସମୟରେ ସେମାନେ ହସୁ ନ ଥିଲେ । ଊନବିଂଶ ଶତାବ୍ଦୀରେ ବିନା ହସ ତଥା ଗମ୍ଭୀର ଚେହେରାର ବ୍ୟକ୍ତି ଧନିକ ଶ୍ରେଣୀର ବୋଲି ପରିଗଣିତ ହେଉଥିଲେ । ସେହି ସମାନ ଧାରଣା ଏବେ ବି ଅଛି । ଏହି କାରଣରୁ ଦାମୀ ଓ ଷ୍ଟାଇଲିସ୍ ପୋଷାକ ପିନ୍ଧି ର୍ୟାମ୍ପ୍‌ରେ ଚାଲୁଥିବା ମଡେଲ କେବେ ବି ହସି ନ ଥାନ୍ତି । ଠିକ୍ ସେହିପରି ଜଣେ ହସିଲେ, ସାମନା ଲୋକ ସହ ସେ କଥାବାର୍ତ୍ତା କରିବାକୁ ପ୍ରସ୍ତୁତ ବୋଲି ଏହା ଦର୍ଶାଇଥାଏ । ସାମନା ଲୋକ ମଧ୍ୟ ଜଣଙ୍କ ହସ ଦେଖି ହସିପାରନ୍ତି କିମ୍ବା କଥାବାର୍ତ୍ତା କରିପାରନ୍ତି । ତେଣୁ ମଡେଲମାନେ ନ ହସି ସାମନାରେ ବସିଥିବା ଦର୍ଶକଙ୍କଠାରୁ ସେମାନେ ସୌନ୍ଦର୍ଯ୍ୟ, ଆଭିଜାତ୍ୟ, ପଦବୀରେ ବେଶ୍ ଅଧିକ ବୋଲି ଜଣାଇବା ପାଇଁ ଚେଷ୍ଟା କରିଥାନ୍ତି । ସେହିଭଳି ଗମ୍ଭୀର ଚେହେରା କୌଣସି ଭାବନାକୁ ମଣିଷ ଉପରେ ପ୍ରଭାବ ନ ପକାଇବା ଦର୍ଶାଇଥାଏ । ଏଭଳି ବ୍ୟକ୍ତି ଜ୍ଞାନୀ, ଗୁଣୀ ଭାବେ ପ୍ରତୀତ ହୋଇଥାନ୍ତି । ଅନ୍ୟପଟେ ମଡେଲ ନ ହସିବାର ଆଉ ଏକ ମୁଖ୍ୟ କାରଣ ହେଉଛି, ସେମାନେ ସର୍ବଦା ନୂଆ ଟ୍ରେଣ୍ଡର ପୋଷାକ ପିନ୍ଧନ୍ତି । ବେଳେବେଳେ ଫେସନ୍ ଡିଜାଇନର୍‌ମାନେ ପ୍ରସ୍ତୁତ କରୁଥିବା ପୋଷାକଗୁଡ଼ିକ ବେଶ୍ ବିଚିତ୍ର ହୋଇଥାଏ । ତେଣୁ ଏଭଳି ପୋଷାକ ପିନ୍ଧି ମଡେଲମାନେ ଆତ୍ମବିଶ୍ୱାସ ନ ହରାଇବା ପାଇଁ ଗମ୍ଭୀର ଚେହେରାରେ ନଜର ଆସିଥାନ୍ତି । ଏହାଦ୍ୱାରା ସାମନା ଲୋକ ତାଙ୍କ ଉପରେ କିମ୍ବା ସେ ପିନ୍ଧିଥିବା ପୋଷାକକୁ ଦେଖି ନ ହସିବା ମଡେଲଙ୍କ ଉଦ୍ଦେଶ୍ୟ ରହିଥାଏ । ଏହାବାଦ୍ ଯଦି ଜଣେ ମଡେଲ ହସିହସି ର୍ୟାମ୍ପ୍‌ୱାକ୍ କରନ୍ତି, ଦର୍ଶକଙ୍କ ଧ୍ୟାନ ସେମାନଙ୍କ ପୋଷାକ ଉପରୁ ହଟିଯାଇ ତାଙ୍କ ଚେହେରା ଉପରକୁ ଚାଲିଆସିବ ।





# ୧୫ରୁ 'ପୁଷ୍ପା-୨'ର ପ୍ରମୋସନ୍ କରିବେ ଅଲ୍ଲୁ

ସାଉଥ୍ ସୁପରଷ୍ଟାର୍ ଅଲ୍ଲୁ ଅର୍ଜୁନ୍‌ଙ୍କ ଫିଲ୍ମ 'ପୁଷ୍ପା ୨: ଦ ରୁଲ୍' ଡିସେମ୍ବର ୫ରେ ରିଲିଜ୍ ହେବ । ଦର୍ଶକେ ମଧ୍ୟ ଏହି ଫିଲ୍ମକୁ ବେଶ୍ ଉତ୍ସାହର ସହ ଅପେକ୍ଷା କରିଛନ୍ତି । ଇତିମଧ୍ୟରେ ଫିଲ୍ମର ପୋଷ୍ଟର୍ ସେୟାର୍ କରାଯାଇଛି । ପୋଷ୍ଟରରେ ଅଲ୍ଲୁ, ଫହାଦ୍ ଫସିଲ୍‌ଙ୍କ ସହ ନଜର ଆସିଛନ୍ତି । ଏହି ପୋଷ୍ଟର ସହିତ ଏକ କ୍ୟାପସନ୍ ରହିଛି । ଏଥିରେ ଲେଖା ହୋଇଛି, 'ପୁଷ୍ପା ୨: ଦ ରୁଲ୍' ପାଇଁ ଏକ ମାସ ସମୟ ବାକି ଅଛି । ନିଜକୁ ପ୍ରସ୍ତୁତ ରଖନ୍ତୁ । ବର୍ଷର ସବୁଠୁ ବଡ଼ ଭାରତୀୟ ଫିଲ୍ମ ମାସେ ମଧ୍ୟରେ ସିନେମା ହଲ୍‌ରେ ଧମାକା କରିବାକୁ ଆସୁଛି । ଏହାର ଟ୍ରେଲର୍ ମଧ୍ୟ ଜଲ୍‌ଦି ଧମାକା କରିବ ।' ତେବେ 'ପୁଷ୍ପା-୨' ଟିମ୍ ଏଇ ୧୫ରୁ ଫିଲ୍ମର ପ୍ରମୋସନ୍ ଭାରତର ପ୍ରମୁଖ ୬ଟି ସହରରେ ଆରମ୍ଭ କରିବ । ଅଲ୍ଲୁ ନିଜେ ପାଟନା, କୋଚି, ଚେନ୍ନାଇ, ବେଙ୍ଗାଲୁରୁ, ମୁମ୍ବାଇ ଓ ହାଇଦ୍ରାବାଦ୍‌ରେ ଫିଲ୍ମର ପ୍ରମୋସନ୍ କରିବେ । ପାଟନା ସହରରେ ଏହାର ଏକ ମେଗା ଟ୍ରେଲର୍ ଲଞ୍ଚ୍ ଇଭେଣ୍ଟର ଆୟୋଜନ କରାଯିବ ବୋଲି କୁହାଯାଉଛି । ପ୍ରମୋସନ୍ ସମୟରେ ଫିଲ୍ମର କିଛି ଗୀତ ରିଲିଜ୍ କରାଯାଇପାରେ ବୋଲି ଚର୍ଚ୍ଚା ହେଉଛି । 'ବାହୁବଳୀ-୨' ପରେ 'ପୁଷ୍ପା-୨'କୁ ନେଇ ଭାରତୀୟ ଦର୍ଶକଙ୍କ ଭିତରେ ଅଧିକ କ୍ରେଜ୍ ରହିଛି । ଏହି ଫିଲ୍ମ ଏହାର ପ୍ରଥମ ପାର୍ଟ ଭଳି ଭଲ ରୋଜଗାର କରିବ ବୋଲି ଆଶା କରାଯାଉଛି ।

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ଆର୍ଥିକ ସ୍ଥିତି ଭଲ ରହିବ । ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିପାରନ୍ତି । ନକାରାତ୍ମକ ଚିନ୍ତା ଦୂର ହେବ । ପରୀକ୍ଷାର୍ଥୀ କୃତକାର୍ଯ୍ୟ ହେବେ ।

**ବୃଷ:** ଦୂରଯାତ୍ରା ଯୋଗ ଅଛି । ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ । କୌଣସି ଶୁଭ ଖବର ମିଳିପାରେ । ମହିଳାମାନେ ଦିନସାରା ବ୍ୟସ୍ତ ରହିପାରନ୍ତି । ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ ।

**ମିଥୁନ:** ଯାନବାହନ କ୍ରୟ ଯୋଗ ରହିଛି । ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ । ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ । ଆୟ ବ୍ୟୟ ସମାନ ରହିବ ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ । କୋର୍ଟ କଚେରୀ ମାମଲାକୁ ନେଇ ଚିନ୍ତିତ ରହିପାରନ୍ତି । ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ ।

**ସିଂହ:** ଚାକିରିରେ ସଫଳତା ମିଳିବ । ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ । ଜୀବନସାଥୀଙ୍କ ସହଯୋଗ ମିଳିବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଘରେ ମାଙ୍ଗଳିକ କାର୍ଯ୍ୟ ହୋଇପାରେ ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ । ପାରିବାରିକ ଜୀବନ ସୁଖମୟ ହେବ । ଘରେ ପୂଜାପାଠ ଆୟୋଜନ କରିବେ । ଅଟକିଥିବା କାର୍ଯ୍ୟ ପୂରା ହେବ । ଆୟର ନୂଆ ଅବସର ପ୍ରାପ୍ତ ହେବ ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ଆର୍ଥିକ ସ୍ଥିତି ମଜଭୁତ୍ ହେବ । ବିବାହ ପ୍ରସ୍ତାବ ଆସିବ । ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ । ସରକାରୀ ଚାକିରିଆଙ୍କ ପାଇଁ ଦିନଟି ଭଲ ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ । ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ । ବୈବାହିକ ଜୀବନ ସୁଖଶାନ୍ତିରେ କଟିବ । କଳା ଓ ସାହିତ୍ୟ କ୍ଷେତ୍ରରେ ସମ୍ମାନିତ ହୋଇପାରନ୍ତି ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ । ସ୍ୱାସ୍ଥ୍ୟରେ ସୁଧାର ଆସିବ । ଆୟ ତୁଳନାରେ ବ୍ୟୟ ଅଧିକ ହେବ । କଥାରେ ମଧୁରତା ରକ୍ଷା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ । ବ୍ୟବସାୟରେ ଲାଭ ମିଳିବ । ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ । ପଡ଼ୋଶୀଙ୍କ ସହ ମତାନ୍ତର ହେବ । ପୈତୃକ ସମ୍ପତ୍ତିରୁ ଲାଭ ମିଳିବ । ଚକ୍ଷୁ ସମସ୍ୟା ଭୋଗିପାରନ୍ତି ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ । ନିବେଶରୁ ଦୂରେଇ ରୁହନ୍ତୁ । ଘରେ ପୂଜାପାଠ ଆୟୋଜନ ହେବ । ବିବାହ ସମସ୍ୟା ସମାଧାନ ହେବ । ଯାନବାହନ କ୍ରୟର ଯୋଗ ଅଛି । ଅତିଥି ସତ୍କାର କରିବେ ।

**ମୀନ:** ନିଜ ବ୍ୟକ୍ତିଗତ କଥାକୁ ଅନ୍ୟମାନଙ୍କ ଆଗେ ପ୍ରକାଶ କରନ୍ତୁନି । ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିବେ । ପାରିବାରିକ ବ୍ୟବସାୟରେ ସଫଳ ହେବେ । ବିଦ୍ୟାର୍ଥୀ ଖେଳକୁଦରେ ସମୟ ଅତିବାହିତ କରିବେ ।

## ପ୍ରଦ୍ୟୁମ୍ନ ବଳଙ୍କ ୯୨ତମ ଜୟନ୍ତୀ

# ଗଣମାଧ୍ୟମ ଗଣତନ୍ତ୍ରର ସୁରକ୍ଷା କରୁ: ନବୀନ



ଭୁବନେଶ୍ୱର, ୮।୧୧(ସମିସ): ଗଣତନ୍ତ୍ରରେ ଜନତା ପ୍ରଥମ। ଏହା ପ୍ରତ୍ୟେକ ଅନୁଷ୍ଠାନର ଲକ୍ଷ୍ୟ ହେବା ଆବଶ୍ୟକ। ଗଣମାଧ୍ୟମ ଲୋକଙ୍କ ସ୍ୱର ହେଉ। ଦିବଙ୍ଗତ ରାଜନେତା ତଥା ପ୍ରଖ୍ୟାତ ସାମ୍ବାଦିକ ପ୍ରଦ୍ୟୁମ୍ନ ବଳଙ୍କ ୯୨ତମ ଜନ୍ମ ବାର୍ଷିକୀରେ ଯୋଗଦେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଆଜି ଏହା କହିଛନ୍ତି।

ଶ୍ରୀ ପଟ୍ଟନାୟକ କହିଥିଲେ ଯେ ସ୍ୱର୍ଗତ ବଳ ସାମାଜିକ ନ୍ୟାୟର ଅଧିବକ୍ତା ଥିଲେ। ମୂଲ୍ୟବୋଧ ରାଜନୀତିରେ ଗଭୀର ବିଶ୍ୱାସ ରଖୁଥିବା ସ୍ୱର୍ଗତ ବଳ ଉଭୟ ସାମ୍ବାଦିକତା ଓ ରାଜନୀତିରେ ଅବସ୍ମରଣୀୟ କୀର୍ତ୍ତିମାନ ଛାଡ଼ି ଯାଇଛନ୍ତି। ଅତ୍ୟନ୍ତ ସରଳ ଓ ମିଷ୍ଟଭାଷୀ ବ୍ୟକ୍ତି ଭାବେ ତାଙ୍କର ଅନେକ ସୁନାମ ରହିଥିଲା। ଏହା ଖୁସିର କଥା ଯେ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ପ୍ରଗତିବାଦୀ ତାଙ୍କରି ଆଦର୍ଶରେ ପରିଚାଳିତ ହୋଇ ଲୋକଙ୍କ ସ୍ୱାର୍ଥରକ୍ଷା ଦିଗରେ ମହତ୍ୱପୂର୍ଣ୍ଣ ଯୋଗଦାନ ଦେଉଛି। ନିରାଶାର ଅନ୍ଧକାର ଭିତରେ ଗଣମାଧ୍ୟମ ଆଶାର ଆଲୋକ ହୋଇ ରହୁ। ବିନା ଭୟରେ ଗଣମାଧ୍ୟମ ରାଜ୍ୟ ତଥା ରାଜ୍ୟବାସୀଙ୍କ ସ୍ୱାର୍ଥ ରକ୍ଷା କରନ୍ତୁ। ଲୋକଙ୍କୁ ସଶକ୍ତ କରିବା ସହ ଗଣତନ୍ତ୍ରକୁ ଆହୁରି ସୁଦୃଢ଼ କରିବା ଦିଗରେ ଏହା ବେଶ୍ ଫଳପ୍ରଦ ହୋଇପାରିବ। ସ୍ୱର୍ଗତ ବଳଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ପ୍ରଗତିବାଦୀର ପ୍ରତିଷ୍ଠା ଦିବସରେ ଶୁଭେଚ୍ଛା ଜଣାଉଛି ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ।

ଏହି ଅବସରରେ ଶ୍ରୀ ପଟ୍ଟନାୟକ ବିଶିଷ୍ଟ ଗାନ୍ଧୀବାଦୀ କୃଷ୍ଣା ମହାନ୍ତିଙ୍କୁ 'ପ୍ରଦ୍ୟୁମ୍ନ ବଳ ସ୍ମାରକୀ ସମ୍ମାନ' ପ୍ରଦାନ କରିଥିଲେ। ସେହିପରି ହରିଶ୍ଚନ୍ଦ୍ର ଗୋସ୍ୱାମୀ ମଧ୍ୟ ପ୍ରଦ୍ୟୁମ୍ନ ବଳ ସାମ୍ବାଦିକତା ପୁରସ୍କାରରେ ସମ୍ମାନିତ ହୋଇଥିଲେ। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ, ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧାରୀ ଗମାଙ୍ଗୋ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଗତିବାଦୀର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ ସଭା ପରିଚାଳନା କରିଥିଲେ।

# ୩୩୫୩ କୋଟିର ୧୫ଟି ଶିଳ୍ପ ପ୍ରସ୍ତାବକୁ ମଞ୍ଜୁରୀ

ଭୁବନେଶ୍ୱର, ୮।୧୧(ସମିସ): ରାଜ୍ୟସ୍ତରୀୟ ସିଙ୍ଗିଲ୍ ୱିଣ୍ଡୋ କ୍ଲିଆରାନ୍ସ ଅଥରିଟି ଶୁକ୍ରବାର ଦିନ ୧୫ଟି ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ପ୍ରସ୍ତାବକୁ ମଞ୍ଜୁର ପ୍ରଦାନ କରିଛନ୍ତି। ଅକ୍ଷୟଶକ୍ତି, ଇସ୍ପାତ, ଆଲୁମିନିୟମ୍, ପୋଷାକ, ପ୍ରସାଧନ, ପର୍ଯ୍ୟଟନ, ଔଷଧ, ସିମେଣ୍ଟ ଭଳି ଶିଳ୍ପ ଏଥିରେ ସାମିଲ ଥିବା ବେଳେ କୋରାପୁଟ, ଖୋର୍ଦ୍ଧା, ବରଗଡ଼, ପୁରୀ, କଟକ ଓ ଝାରସୁଗୁଡ଼ାରେ ଏଗୁଡିକ ପ୍ରତିଷ୍ଠା ହେବ। ମୁଖ୍ୟ ଶାସନ ସଚିବ ମନୋଜ କୁମାର ଆହୁଜାଙ୍କ ଅଧ୍ୟକ୍ଷତାରେ ବସିଥିବା ଏହି ବୈଠକରେ ମୋଟ ୩୩୫୩ କୋଟି ଟଙ୍କାର ଶିଳ୍ପ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏସବୁ ଶିଳ୍ପ କାର୍ଯ୍ୟକ୍ଷମ ହେଲେ ୪୬୩୭ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

ଶିଳ୍ପ ବିଭାଗ ସୂତ୍ରରୁ ହସ୍ତଗତ ସୂଚନା ଅନୁସାରେ ବିକେ ଷ୍ଟିଲ୍ ଇଣ୍ଡଷ୍ଟ୍ରିଜ ଲିମିଟେଡ୍ ୭୫୦ କୋଟି ଟଙ୍କା ବିନିଯୋଗ କରି କଟକ ସ୍ଥିତ ଇସ୍ପାତ କାରଖାନାର ସମ୍ପ୍ରସାରଣ କରିବ। ଏଠାରେ ୮୦୦ ଲୋକଙ୍କୁ ନିଯୁକ୍ତି ମିଳିବ। ସେହିପରି ଭୁବନେଶ୍ୱରୀ ଫୁଡ୍‌ସ୍ ଆଣ୍ଡ ବେଭେରେଜେସ୍ ଖୋର୍ଦ୍ଧାରେ ୮୦୦ କୋଟି ଟଙ୍କା ବ୍ୟୟରେ ଏକ ପାନୀୟ କାରଖାନା ପ୍ରତିଷ୍ଠା କରିବ। ଏଠାରେ

### ୪୬୭୩ ଲୋକଙ୍କୁ ମିଳିବ ନିଯୁକ୍ତି

୫୫୦ ଲୋକଙ୍କୁ ନିଯୁକ୍ତି ଦେବା ନେଇ କମ୍ପାନୀ ପ୍ରତିଶ୍ରୁତି ଦେଇଛି। ଏହି ଜିଲ୍ଲାରେ ଅବନ ବେଭେରେଜେସ୍ ଲିମିଟେଡ୍ ୬୨୨ କୋଟି ବିନିଯୋଗରେ ପାନୀୟ କାରଖାନା ପ୍ରତିଷ୍ଠା କରି ୫୪୦ ଜଣଙ୍କୁ ନିଯୁକ୍ତି ଦେବ। ଅଲ୍ଟ୍ରାଟେକ୍ ସିମେଣ୍ଟ କଟକ ସ୍ଥିତ ନିଜ କାରଖାନାର ସମ୍ପ୍ରସାରଣ ପାଇଁ ୩୬୨ କୋଟି ଟଙ୍କା ନିବେଶ କରିବ। ଏଠାରେ ୫୮୧ ଜଣଙ୍କୁ ନିଯୁକ୍ତି ମିଳିବ। ପୁରୀରେ ରିଲାଏନ୍ସ ବାୟୋ ଏନର୍ଜୀ ଲିମିଟେଡ୍ ୧୨୧ କୋଟି ବ୍ୟୟରେ ବାୟୋଗ୍ୟାସ୍ ପ୍ଲାଣ୍ଟ ସ୍ଥାପନ କରିବ। ଏସ୍‌ଜେ ଜେଆରଜି ଭେଣ୍ଚ୍ୟୁର୍ସ ପୁରୀରେ ହୋଟେଲ ପ୍ରତିଷ୍ଠା ପାଇଁ ୧୦୦ କୋଟି ଟଙ୍କା ନିବେଶ କରି ୧୮୦ ଲୋକଙ୍କୁ ଚାକିରୀ ଦେବ। ସେହିପରି ଭୁବନେଶ୍ୱରରେ ଥିବା ଆଇଟିସି ଲିମିଟେଡ୍ ୱେଲ୍‌କମ୍ ହୋଟେଲ ସମ୍ପ୍ରସାରଣ ଲାଗି ୧୧୯ କୋଟି ଟଙ୍କା ନିବେଶ କରିବ। ଓଡିଶା ଟେକ୍ସଟାଇଲ ମାନୁଫାକ୍ଚରିଂ ପ୍ରାଇଭେଟ୍ ଲିମିଟେଡ୍ ଖୋର୍ଦ୍ଧାରେ ପରିତ୍ୟକ୍ତ କପଡ଼ାରୁ ସାମଗ୍ରୀ ପ୍ରସ୍ତୁତ ପାଇଁ ୫୧ କୋଟି ଟଙ୍କା ବିନିଯୋଗ କରିବା ସହିତ ୫୩୫ ଜଣଙ୍କୁ ନିଯୁକ୍ତି ଦେବ। କୋରାପୁଟରେ କ୍ରାକର୍ସ ଇଣ୍ଡିଆ ଇନଫ୍ରାଷ୍ଟ୍ରକଚର୍ (ଲାଇଫ୍ ହୋଟେଲ ଗ୍ରୁପ୍) କୋରାପୁଟ ଠାରେ ଏକ ୪ ତାରକା ହୋଟେଲ ପ୍ରତିଷ୍ଠା ପାଇଁ ୫୪ କୋଟି ଟଙ୍କା ନିବେଶ କରିବ। ଇନଫୁନିକ୍ସ ହେଲଥ୍ କେୟାର ୫୯ କୋଟି ଟଙ୍କା ବ୍ୟୟରେ କଟକ ଠାରେ ଦ୍ୱିତୀୟ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା କରିବ।

## ଯୋଗାଣମନ୍ତ୍ରୀଙ୍କୁ ବିଜେଡିର ପାଲଟା ଜବାବ

# ସରକାରଙ୍କ ବିଫଳତା ପାଇଁ ଗରିବ ଲୋକଙ୍କ ଜୀବନ ଯାଉଛି: ଅତନୁ



ଭୁବନେଶ୍ୱର,୮।୧୧(ସମିସ): ରାଜ୍ୟରେ ସାଧାରଣ ବଣ୍ଟନ ବ୍ୟବସ୍ଥା ଭୁଷୁଡ଼ି ପଡ଼ିଛି। ଫଳରେ ଲୋକେ ଆମ୍ବ କୋଇଲି ଜାଉ ଖାଇ ପ୍ରାଣ ହରାଉଛନ୍ତି। ମାତ୍ର ଏହି ପରିସ୍ଥିତିରେ ସମ୍ବେଦନଶୀଳତା ପ୍ରଦର୍ଶନ ବଦଳରେ ରାଜ୍ୟ ଯୋଗାଣମନ୍ତ୍ରୀ ଦୁର୍ଭାଗ୍ୟଜନକ ଭାବରେ ବୟାନବାଜି କରୁଛନ୍ତି ବୋଲି କହିଛି ବିଜେଡି। ଗତକାଲି ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ରାଜ୍ୟରେ ଆମ୍ବଟାକୁଆ ଜାଉ ଖାଇ ୨ ଜଣଙ୍କ ମୃତ୍ୟୁ ଓ ୬ ଜଣ ଗୁରୁତର ଅସୁସ୍ଥ ଘଟଣାରେ ଦେଇଥିବା ଟିପ୍ପଣୀ ବିରୋଧରେ ଯୋଗାଣମନ୍ତ୍ରୀ ଯେପରି ଶସ୍ତା ମନ୍ତବ୍ୟ ଦେଲେ ତାହାକୁ କଡ଼ା ଭାଷାରେ ସମାଲୋଚନା କରିଛି ବିଜେଡି।

ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି ଯେ ରାଜ୍ୟରେ ଯାହା ସବୁ ଘଟଣା ଗୁଡିକ ଘଟୁଛି ତାହା ଓଡ଼ିଶାବାସୀ ଜାଣୁଛନ୍ତି ; କିନ୍ତୁ ଦୁର୍ଭାଗ୍ୟପୂର୍ଣ୍ଣ ଭାବେ ବିଭାଗୀୟ ମନ୍ତ୍ରୀ ଏହି ପ୍ରସଙ୍ଗରେ ଅତ୍ୟନ୍ତ ଶସ୍ତା ଓ ଅରୁଚିକର ମନ୍ତବ୍ୟ ଦେଉଛନ୍ତି। ରାଜ୍ୟ ଯୋଗାଣମନ୍ତ୍ରୀ ଜାଣି ରଖିବା ଉଚିତ ଯେ ଖାଦ୍ୟ ସୁରକ୍ଷା ବ୍ୟବସ୍ଥାକୁ ଠିକଣା ଭାବେ ପରିଚାଳନା କରିବା ସଫଳତା ହେତୁ ଓଡିଶାକୁ ଦେଶ ଓ ଦେଶ ବାହାରେ ସୁନାମ ମିଳିଥିଲା। ହେଲେ ଏବେ ରାଜ୍ୟରେ ପିଡ଼ିଏସ ବଣ୍ଟନ ବ୍ୟବସ୍ଥା ବିଫଳ ହୋଇ ଥିବାରୁ ଆମ୍ବ ଟାକୁଆ ଖାଇ ଦୁଇ ଜଣଙ୍କ ମୃତ୍ୟୁ ଭଳି ଅଭାବନୀୟ ଘଟଣା ଘଟିଲା। ପୂର୍ବରୁ ରାଜ୍ୟରେ ଆଳୁ ସମସ୍ୟା ଦେଖା ଦେଇଥିବା ବେଳେ ମଧ୍ୟ ବିଭାଗୀୟ ମନ୍ତ୍ରୀ ଆଳୁ ଏଠୁ ଆସୁଛି ସେଠୁ ଆସୁଛି ଭଳି ଅସତ୍ୟ ମନ୍ତବ୍ୟ ଦେଇଥିଲେ ଏବଂ ବର୍ତ୍ତମାନ ମଧ୍ୟ ଅନୁରୂପ ଭାବରେ ମନ୍ତବ୍ୟ ଦେଉଛନ୍ତି।

ସେ ପୁଣି କହିଛନ୍ତି ଯେ ଯୋଗାଣମନ୍ତ୍ରୀ ଜାଣି ରଖିବା ଉଚିତ୍ ଯେ ୨୦୨୨ ମସିହାରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଟାର୍ଗେଟେଡ଼ ପିଡ଼ିଏସ ଉପରେ କରାଯାଇଥିବା ଇଣ୍ଡେକ୍ସ ରେଟ ରାଙ୍କିଙ୍ଗରେ ଓଡିଶା ସମଗ୍ର ଦେଶରେ ଏକ ନମ୍ବର ସ୍ଥାନରେ ରହିଥିଲା। କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ପତ୍ର ଲେଖି ଭୂୟସୀ ପ୍ରଶଂସା କରିଥିଲେ। ଓଡିଶା ସମସ୍ତ ସୂଚକାଙ୍କରେ ଅନ୍ୟ ରାଜ୍ୟମାନଙ୍କ ଠାରୁ ବେଶ ଆଗରେ ଥିଲା। ସେତେବେଳେ କେନ୍ଦ୍ର ଯୋଗାଣ ମନ୍ତ୍ରୀ ପିୟୁଷ ଗୋଏଲ ତାଙ୍କୁ (ସେ ସମୟରେ ରାଜ୍ୟ ଯୋଗାଣମନ୍ତ୍ରୀ) ବ୍ୟକ୍ତିଗତ ଭାବେ ଫୋନ ମାଧ୍ୟମରେ ଅଭିନନ୍ଦନ ଜଣାଇବା ସହିତ ପୁରସ୍କାର ଗ୍ରହଣ କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଦିଲ୍ଲୀ ଆସିବାକୁ ନିମନ୍ତ୍ରଣ କରିଥିଲେ। ଏହାବ୍ୟତୀତ, ମିଳିତ ଜାତିସଙ୍ଘ ତରଫରୁ ଆୟୋଜିତ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମରେ ଓଡିଶାର ଖାଦ୍ୟ ବଣ୍ଟନ ବ୍ୟବସ୍ଥାକୁ ଭୂୟସୀ ପ୍ରଶଂସା କରାଯାଇଥିଲା। ଏକ ଖାଦ୍ୟ ଅଭାବୀ ରାଜ୍ୟରୁ କିପରି ଭାବେ ଓଡିଶା ଏକ ଖାଦ୍ୟ ବଳକା ରାଜ୍ୟରେ ପରିଣତ ହୋଇଥିଲା, ଓଡ଼ିଶାର ଏହି ସଫଳତା ବିଶ୍ୱ ସ୍ତରରେ ପ୍ରଶଂସିତ ହୋଇଥିଲା। ମାତ୍ର ଏବେ ଜାଉ ଖିଆ ମୃତ୍ୟୁ ଘଟଣା ଓଡ଼ିଶାର ସୁନାମରେ କାଳିମା ବୋଳିଛି। ଏକଥା ଯୋଗାଣମନ୍ତ୍ରୀ ଭୂଲିଯିବା ଉଚିତ୍ ନୁହେଁ ବୋଲି ଶ୍ରୀ ସବ୍ୟସାଚୀ କହିଛନ୍ତି।

# ୯ ହତ୍ୟାକାରୀଙ୍କୁ ଆଜୀବନ

କଟକ, ୮।୧୧(ସମିସ): କଟକ ଜିଲ୍ଲା ବାଙ୍କୀ ଘୋଳପୁର ଛକରେ ଗତ ୨୦୨୦ରେ ଘଟିଥିବା ବହୁଚର୍ଚ୍ଚିତ ଗୋବିନ୍ଦ ବେହେରା ଓରଫ୍ ନଣ୍ଡା ହତ୍ୟା ମାମଲାରେ ଆଜି ୯ ଜଣ ଅଭିଯୁକ୍ତଙ୍କୁ ଅଦାଲତ ଆଜୀବନ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି। କଟକ ଅତିରିକ୍ତ ଦୌରାଜଜ୍ ସୁଶୀଲ କୁମାର ରାଉତ ମାମଲାର ଶୁଣାଣି କରି ଏହି ରାୟ ଶୁଣାଇଛନ୍ତି।

ଅଭିଯୁକ୍ତ ଗତିକୃଷ୍ଣ ସ୍ୱାଇଁ, ପ୍ରଶାନ୍ତ ଆଖୁଆ ଓରଫ ପଶା, ସନ୍ତୋଷ ଆଖୁଆ ଓରଫ ସନ୍ତ, ସୁଶାନ୍ତ ଆଖୁଆ ଓରଫ ସୁଶା, ଶୁଭମ ବେହେରା ଓରଫ ଶୁଭ, ପ୍ରଦୀପ କୁମାର ସ୍ୱାଇଁ ଓରଫ ପଦିଆ, ଆଲୋକ ବେହେରା ଓରଫ ମୁନେଇ, ଶ୍ରୀକାନ୍ତ ଆଖୁଆ ଓ ଦୀନବନ୍ଧୁ ଖଟୁଆଙ୍କୁ ଆଇପିସିର ଦଫା ୩୦୨, ୧୦୨-ଖ, ୧୪୭, ୧୪୮, ୩୪୧, ୪୨୭, ଏକ୍ସପ୍ଲୋସିଭ ସବ୍‌ଷ୍ଟାନ୍ସ ଆଇନର ଧାରା ୩ ଓ ୪ରେ ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି। ଗତିକୃଷ୍ଣଙ୍କୁ ୫୫ ହଜାର ଟଙ୍କା ଜରିମାନା ଦଣ୍ଡ ପ୍ରଦାନ କରାଯାଇଥିବା ବେଳେ ବାକି ୮ ଜଣଙ୍କୁ ୭୫ ହଜାର ଟଙ୍କା ଲେଖାଏ ଜରିମାନା ଦଣ୍ଡାଦେଶ ମିଳିଛି। ଆଦାୟ ଜରିମାନା ରାଶିକୁ ମୃତକଙ୍କ ପତ୍ନୀଙ୍କୁ ପ୍ରଦାନ କରାଯିବ ରାୟରେ ଉଲ୍ଲେଖ କରାଯାଇଛି।

ମାମଲାରୁ ପ୍ରକାଶ, ବାସନ ଦୋକାନ କରିଥିବା ଗୋବିନ୍ଦ ୨୦୨୦, ଅକ୍ଟୋବର ୨୦ରେ ଯାଉଥିବା ବେଳେ ଘୋଳପୁର ଛକ ନିକଟରେ ୧୨ଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇ ଆକ୍ରମଣ କରିଥିଲେ। ଦୁର୍ବୃତ୍ତମାନେ ତାଙ୍କୁ ପଥରରେ ଛେଚି ହତ୍ୟା କରିଥିଲେ। ପରେ ଦୁର୍ବୃତ୍ତମାନେ ଗୋବିନ୍ଦଙ୍କ ଉପରେ ବୋମା ପକାଇଥିଲେ। ରାଜନୈତିକ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ହୋଇଥିବା ନେଇ ଗୋବିନ୍ଦଙ୍କ ପତ୍ନୀଙ୍କ ବାଙ୍କୀ ଥାନାରେ ଏତଲା ଦେଇଥିଲେ। ଏହି ଘଟଣାରେ ୧୨ଜଣଙ୍କ ସମ୍ପୃକ୍ତି ରହିଥିଲା ବେଳେ ପୁଲିସ ସେମାନଙ୍କ ବିରୋଧରେ ଚାର୍ଜସିଟ ଦାଖଲ କରିଥିଲା। ଏମାନଙ୍କ ମଧ୍ୟରୁ ଏବେ ବି ୩ଜଣ ଫେରାର୍ ଥିବା ଜଣାପଡ଼ିଛି। ଆଜି ବାକି ୯ଜଣଙ୍କୁ ରାୟ ପ୍ରକାଶ ପରେ ଆସାମୀଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସରକାରଙ୍କ ତରଫରୁ ରାମ ପ୍ରସାଦ ଦାଶ ମାମଲା ପରିଚାଳନା କରୁଥିଲେ।

# ନକଲି ଚେକ୍, ରସିଦ୍ ଦେଇ କୋଟିଏ ଠକେଇ

## ବ୍ୟାଙ୍କ ମିତ୍ର ସୌଦାମିନୀ ଜେନା ଗିରଫ

ନୟାଗଡ଼, ୮।୧୧ (ସମିସ): ନକଲି ଚେକ୍ ଓ ନକଲି ରସିଦ୍ ଦେଇ ଲୋକଙ୍କଠାରୁ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା ଜଣେ ଧୂର୍ତ୍ତ ମହିଳାଙ୍କୁ ଇଟାମାଟି ପୁଲିସ୍ ଗିରଫ କରିଛି। ସେ ହେଲେ, ନୟାଗଡ଼ ଜିଲ୍ଲା ସଦର ବ୍ଲକ୍ ଅନ୍ତର୍ଗତ ବିରୁଡ଼ା ଗ୍ରାମର ସୌଦାମିନୀ ଜେନା। ସେ ନୟାଗଡ଼ ସହର ଖଣ୍ଡପଡ଼ା ରାସ୍ତାରେ ଥିବା ଇଣ୍ଡିଆନ୍ ବ୍ୟାଙ୍କର ବ୍ୟାଙ୍କମିତ୍ର ଭାବେ କାମ କରି ଆସୁଥିଲେ। ତାଙ୍କ ସ୍ୱାମୀ ସୁଜିତ କୁମାର ପ୍ରଧାନ ଶରଧାପୁର ପଞ୍ଚାୟତ ସମିତିସଭ୍ୟ।



ବିରୁଡ଼ା ପଞ୍ଚାୟତର ବିଶ୍ୱନାଥ ସାହୁଙ୍କ ଅଭିଯୋଗ ଆଧାରରେ ପୁଲିସ୍ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ପରେ ସୌଦାମିନୀଙ୍କ କଳା କାରନାମା ପଦାକୁ ଆସିଛି। ବିଶ୍ୱନାଥଙ୍କ ବ୍ୟାଙ୍କ ଖାତା ଓ ଫିକ୍ସ ଡିପୋଜିଟ୍ ବାବଦ ୬ ଲକ୍ଷ ୨୮ ହଜାର ଟଙ୍କା ଠକେଇ ହୋଇଥିବା ଅଭିଯୋଗ ହୋଇଛି। ସୌଦାମିନୀ ଇଣ୍ଡିଆନ୍ ବ୍ୟାଙ୍କର ନକଲି ଫିକ୍ସ-ଡିପୋଜିଟ୍ ରସିଦ୍ ଦେଇ ୨ ଲକ୍ଷ ଟଙ୍କା ବିଶ୍ୱନାଥଙ୍କଠାରୁ ଠକେଇ କରିଥିବା ବେଳେ ତାଙ୍କ ନିଜସ୍ୱ ଆଇଡି ବ୍ୟବହାର କରି ଏଟିଏମ୍‌ରେ ଟଙ୍କା ଉଠାଣ କରି ଅନେକ ଅର୍ଥ ଠକେଇ କରିଥିଲେ। ଏପରିକି ତାଙ୍କ କାରନାମା ଧରାପଡ଼ିବା ଭୟରେ ସେ ଇଣ୍ଡିଆନ୍ ବ୍ୟାଙ୍କକୁ ବିଭିନ୍ନ ଲୋକଙ୍କ ବ୍ୟାଙ୍କ ବାବଦ ଚିଠା ତଥା ତଥ୍ୟ ଆର୍‌ଟିଆଇରେ ମାଗି ଆସୁଥିଲେ। ବ୍ୟାଙ୍କ ଓ ବ୍ୟାଙ୍କ କର୍ମଚାରୀଙ୍କ ବିରୋଧରେ ଜିଲ୍ଲାପାଳଙ୍କୁ ଅଭିଯୋଗ ମଧ୍ୟ କରିଥିବା ନୟାଗଡ଼ ଏସ୍‌ଡିପିଓ ସୁଦର୍ଶନ ଗାଙ୍ଗୋଇ ସୂଚନା ଦେଇଛନ୍ତି।

ସୌଦାମିନୀ ବିରୁଡ଼ା ପଞ୍ଚାୟତ ଶତାଧିକ ମହିଳାଙ୍କଠାରୁ ଋଣ ବାବଦ ଅର୍ଥ ଆଦାୟ କରି ସେମାନଙ୍କୁ ନକଲି ରସିଦ୍ ଦେଇ ଜାଲିଆତି କରିଛନ୍ତି। ୨୮ଟି ସ୍ୱୟଂ ସହାୟକ ଗୋଷ୍ଠୀ ଠକେଇର ଶିକାର ହୋଇଛନ୍ତି। ଠକେଇର ପରିମାଣ ଏକ କୋଟିଏରୁ ଉର୍ଦ୍ଧ୍ୱ ହେବ ବୋଲି ସୂଚନା ମିଳିଛି। ଇଟାମାଟି ଥାନା ଅଧିକାରୀ ଜଗଦୀଶ କର ଘଟଣାର ଛାନ୍‌ଭିନ କରିବା ପରେ ସୌଦାମିନୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ସୂଚନା ମିଳିଛି। ଏହି ଘଟଣାକୁ କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଶାଖାକୁ ହସ୍ତାନ୍ତର କରାଯାଇ ଖୋଳତାଡ଼ କରାଯିବାର ଆବଶ୍ୟକତା ରହିଛି। ଠକେଇର ପରିମାଣ ଏବଂ ସୌଦାମିନୀଙ୍କୁ ସହଯୋଗ କରିଥିବା ସମସ୍ତଙ୍କ ମୁଖା ଖୋଲିବ ବୋଲି ଠକେଇର ଶିକାର ହୋଇଥିବା ଲୋକେ କହିଛନ୍ତି।

## ଆମ୍ବ ଟାକୁଆ ଜାଉ ଖାଇବା ଘଟଣା

# ସପ୍ତାହ ଭିତରେ ଡିସ୍‌ଚାର୍ଜ ହେବେ ଜିତା, ଟୁନି

କଟକ, ୮।୧୧(ସମିସ): ଆମ୍ବ ଟାକୁଆ ଜାଉ ଖାଇ ଗୁରୁତର ହୋଇ ଏସ୍‌ସିବିରେ ଚିକିତ୍ସାଧୀନ ଥିବା ଟୁନି ମାଝୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସୁଛି। ମାତ୍ର ଜିତା ମାଝୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ବିଶେଷ ଉନ୍ନତି ପରିଲକ୍ଷିତ ହୋଇନାହିଁ। ସ୍ୱତନ୍ତ୍ର ଡାକ୍ତରୀ ଦଳ ତାଙ୍କୁ ନିରୀକ୍ଷଣରେ ରଖିଛନ୍ତି। ଜିତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଉଭୟଙ୍କୁ ଆରୋଗ୍ୟ କରିବା ନିମନ୍ତେ ସମସ୍ତ ଉଦ୍ୟମ କରାଯାଉଥିବା ବେଳେ ସମ୍ଭବତଃ ଆସନ୍ତା ସପ୍ତାହ ଭିତରେ ଜିତା ଓ ଟୁନିଙ୍କୁ ଡିସ୍‌ଚାର୍ଜ କରାଯିବ ବୋଲି ଭେଷଜ ବିଭାଗର ବରିଷ୍ଠ ପ୍ରଫେସର ଡାକ୍ତର ଜୟନ୍ତ ପଣ୍ଡା ସୂଚନା ଦେଇଛନ୍ତି। ଅପରପକ୍ଷରେ, କଟକ ମହାନଗର ନିଗମ ମେୟର ସୁବାସ ସିଂହ ଆଜି ଜିତା ଓ ଟୁନିଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଚିକିତ୍ସିତ ରୋଗୀ ଓ ତାଙ୍କ ପରିବାରବର୍ଗଙ୍କୁ ନିଗମ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଓ ସହଯୋଗ ପ୍ରଦାନ କରାଯିବା ନେଇ ମେୟର୍ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ମେୟର ଦମୟନ୍ତୀ ମାଝୀ, ବିବେକାନନ୍ଦ ଯୁବ ସଂଗଠନର କଟକର ସମ୍ପାଦକ ବିନୋଦ କୁମାର ପଣ୍ଡା, ସମାଜସେବୀ ଦେବେନ୍ଦ୍ର କାହାଳି ପ୍ରମୁଖ ଉପସ୍ଥିତ ଥିଲେ।



## 'ଉତ୍କଳ'ରେ ନାମଲେଖା ଅନିୟମିତତା; ଛାତ୍ର କଂଗ୍ରେସର ପ୍ରତିବାଦ

# ମନ୍ତ୍ରୀଙ୍କ ବାସଭବନକୁ ଅଣ୍ଡାମାଡ଼

ଭୁବନେଶ୍ୱର, ୮।୧୧ (ସମିସ): ଉତ୍କଳ ବିଶ୍ୱବିଦ୍ୟାଳୟରେ ନାମଲେଖା ଦୁର୍ନୀତି ଅଭିଯୋଗ ହୋଇଛି। କ୍ରମାଙ୍କ ୯ ନମ୍ବର ଥିବା ଆଶାୟୀଙ୍କୁ ନାମଲେଖା ସୁଯୋଗ ନ ଦେଇ କ୍ରମାଙ୍କ ୧୧ ନମ୍ବରରେ ଥିବା ଆଶାୟୀଙ୍କୁ ନାମଲେଖାଇବାର ସୁଯୋଗ ଦିଆଯାଇଛି। ଏହା ପଛରେ ଉଚ୍ଚଶିକ୍ଷାମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀଙ୍କ ଭୂମିକା ଥିବା ଅଭିଯୋଗ କରି ଛାତ୍ର କଂଗ୍ରେସର କର୍ମୀମାନେ ମନ୍ତ୍ରୀଙ୍କ ବାସଭବନ ଉପରକୁ ଅଣ୍ଡା ପିଙ୍ଗି ପ୍ରତିବାଦ କରିଛନ୍ତି । ନିଜ ବାସଭବନରେ ଏକ ସମାନ୍ତରାଳ ନାମଲେଖା ପ୍ରକୋଷ୍ଠ ଖୋଲି ଯୋଗ୍ୟତା ନ ଥାଇ ମଧ୍ୟ ନିଜ ପରିଚିତ ପିଲାଙ୍କୁ ନାମ ଲେଖାଇବାକୁ ମନ୍ତ୍ରୀ ଚାପ ପ୍ରୟୋଗ କରୁଥିବା ଛାତ୍ର କଂଗ୍ରେସ ଅଭିଯୋଗ କରିଛି। ମାଷ୍ଟରକ୍ୟାଣ୍ଟିନ୍ କଂଗ୍ରେସ ଭବନ ନିକଟରୁ ଛାତ୍ର କଂଗ୍ରେସର କର୍ମୀମାନେ ଏକ ରାଲିରେ ଆସି ମନ୍ତ୍ରୀଙ୍କ ବାସଭବନରେ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ପୁଲିସ ସେମାନଙ୍କୁ ବାଧା ଦେଇଥିଲା ଓ କିଛି ସମୟ ଲୋୟର ପିଏମ୍‌ଜିରେ ପୁଲିସ-ଛାତ୍ରକଂଗ୍ରେସ କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା।



### '୯' ନମ୍ବରକୁ ସିଟ୍ ନାହିଁ; '୧୧' ନମ୍ବରକୁ ସୁଯୋଗ

ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ କହିଛନ୍ତି ଯେ ଲାଇବ୍ରେରୀ ଆଣ୍ଡ ଇନ୍‌ଫର୍‌ମେସନ୍ ସାଇନ୍ସ ବିଭାଗରେ ନାମଲେଖା ପାଇଁ ନବମ ସ୍ଥାନରେ ଥିବା ବିଜୟ କୁମାର ସାହୁଙ୍କୁ ଗତ ସେପ୍ଟେମ୍ବର ୨୮ ତାରିଖରେ ସିଏଲ୍‌ସି ଆଣି ନାମ ଲେଖାଇବାକୁ ଉତ୍କଳ କର୍ତ୍ତୃପକ୍ଷ କହିଥିଲେ। ସମ୍ପୃକ୍ତ ଛାତ୍ର ଫକିର ମୋହନ ବିଶ୍ୱବିଦ୍ୟାଳୟରୁ ସିଏଲ୍‌ସି ଆଣି ୨୯ ତାରିଖରେ ଦାଖଲ କରିଥିଲେ ଏବଂ ନାମଲେଖାଇବାକୁ କର୍ତ୍ତୃପକ୍ଷ ଫର୍ମ ମଧ୍ୟ ଦେଇଥିଲେ। ମାତ୍ର ଅଚାନକ ତାଙ୍କୁ ୨୮ ତାରିଖ ସୁଦ୍ଧା ଆସି ନ ଥିବାରୁ ନାମଲେଖା ହୋଇପାରିବ ନାହିଁ ବୋଲି କୁହାଗଲା। କାରଣ ସମ୍ପର୍କରେ ପଚାରିବାରୁ ବିଭାଗୀୟ ସଂଯୋଜକ ରୁଦ୍ରନାରାୟଣ ମହାପାତ୍ର ଉପରୁ ଚାପ ରହିଥିବା କହିଥିଲେ। ସମ୍ପୃକ୍ତ ଛାତ୍ରଜଣକ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଓ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷା ନବନୀତା ରଥଙ୍କୁ ଅଭିଯୋଗ କରିଥିଲେ ହେଁ ସେମାନେ ଏହି ଅଭିଯୋଗକୁ କର୍ଣ୍ଣପାତ କରି ନ ଥିଲେ। ଶ୍ରୀ ସାହୁଙ୍କୁ ନ୍ୟାୟ ପାଇବା ପାଇଁ କୁଳାଧିପତି ତଥା ରାଜ୍ୟପାଳ ଏବଂ ବିଭାଗୀୟ ସଚିବଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ଫଳ ମିଳିଲା ନାହିଁ। ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ଏହି ଘଟଣାର ମୁଖ୍ୟ ଖଳନାୟକ ବୋଲି ଛାତ୍ର କଂଗ୍ରେସ ସଭାପତି ଶ୍ରୀ ପ୍ରଧାନ କହିଛନ୍ତି । ଅନ୍ୟପକ୍ଷରେ ପୂର୍ବତନ ଛାତ୍ର କଂଗ୍ରେସ ରାଜ୍ୟ ସଭାପତି ୱାସିର ନୱାଜ କହିଛନ୍ତି ଯେ ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ଚାପରେ ଅନିୟମିତତା ହୋଇଛି। ଏଣୁ ଏହି ଘଟଣାରେ ମନ୍ତ୍ରୀଙ୍କ ନିଦ ଭାଙ୍ଗୁନାହିଁ। ରାଜ୍ୟରେ ବିଜେପି ସରକାର ଆସିବା ପରଠାରୁ ହିଟଲରୀ ଶାସନ ଚାଲିଥିବା ଏବଂ ଛାତ୍ରଛାତ୍ରୀ ନ୍ୟାୟ ପାଇବାରୁ ବଞ୍ଚିତ ହେଉଥିବା ସେ ଅଭିଯୋଗ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସମ୍ପାଦକ ଚିନୁ ସିଂ, ବିଶ୍ୱଜିତ ଦାସ, ରଞ୍ଜିତ ପାତ୍ର, ମନୋଜ ବିଶ୍ୱାଳ, କିରଣ ସାହୁ, ସୁଦୀପ ସାମଲ, ତୁଷାରକାନ୍ତ ତପସୀ, ଗଣେଶଦାସ, ନିହାର ବେହେରା, ବିଶ୍ୱଭୂଷଣ ମହାପାତ୍ର, ମିର୍ଜା ଇସଲାମ ବେଗ୍, ଶ୍ରୀ ମହାନ୍ତି, ଲିପିକା ପାତ୍ର, ବାବୁ ଜେନା, ସୁବ୍ରତ ମହାପାତ୍ର, ରଣଜିତ ସେନାପତି, ପ୍ରୀତମ ନାୟକ, ସୌମ୍ୟ ବରାଳ, ମହମ୍ମଦ ପରଭେଜ, ଲେଲିନ୍ ଜେନା, ସୁଭମ ରାଜ ପ୍ରମୁଖ ସାମିଲ ଥିଲେ।


1ST TIME IN SILK CITY

Food Partner THE CHAMPARAN MUTTON

Org. By. Gem Gupta Event Management Pvt Ltd Exhibition & Events

BERHAMPUR INTERNATIONAL TRADE FAIR 2024

15-25 NOV

Time: 2.30PM to 10.00PM

UCP ENGINEERING SCHOOL GROUND, BERHAMPUR

Odisha PROPERTY BRANDS Expo

COMPARE | DISCUSS | DECIDE

A/C PAVILION

45000+ NATIONAL & INTERNATIONAL PRODUCTS

20 STATES & 8 COUNTRIES

SPECIAL ATTRACTION

ANTIQUE FURNITURE, MODERN FURNITURE

KASHMIR FURNITURE

Trade Enquiry 9583293886 / 7077658052

## ଫାଇନାନ୍ସ କର୍ମଚାରୀଙ୍କଠାରୁ ଟଙ୍କା ଲୁଟ୍

ବଳଙ୍ଗା,୮।୧୧(ସମିସ): ବଳଙ୍ଗା ଥାନା ଅନ୍ତର୍ଗତ ବଳଙ୍ଗା-ହରିପୁର କେନାଲ ବନ୍ଧ ରାସ୍ତାର ଦକ୍ଷିଣ ରାଡସଠାରେ ମଙ୍ଗଳବାର ମଧ୍ୟାହ୍ନରେ ଜଣେ ମହିଳା ଫାଇନାନ୍ସ କର୍ମଚାରୀଙ୍କଠାରୁ ଟଙ୍କା ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ତାଙ୍କୁ ଭୁଜାଲି ଦେଖାଇ ଭୟଭୀତ କରିବା ସହ ୨୦ ହଜାର ଟଙ୍କା ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଏନେଇ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ସୂଚନା ମୁତାବକ, ଫାଇନାନ୍ସ କର୍ମଚାରୀ ଜଣଙ୍କ ମଙ୍ଗଳବାର ଗୋପୀନାଥପୁର ଗ୍ରାମରୁ ମହିଳା ଗୋଷ୍ଠୀଙ୍କଠାରୁ ୨୦ ହଜାର ୭ଶହ ଟଙ୍କା ଆଦାୟ କରି ଗଡ଼ପଦନପୁର ଗ୍ରାମକୁ କେନାଲ ବନ୍ଧରେ ଯାଉଥିଲେ। ତେବେ ଦକ୍ଷିଣ ରାଡସଠାରେ ହେଲମେଟ ପିନ୍ଧିଥିବା ୨ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ତାଙ୍କୁ ଭୁଜାଲି ଦେଖାଇ ଅଟକାଇଥିଲେ। ପରେ ଟଙ୍କା ଲୁଟ୍ କରି ସେଠାରୁ ଦୁର୍ବୃତ୍ତମାନେ ଚମ୍ପଟ ମାରିଥିଲେ ବୋଲି ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।

## ମିଳୁନି ଚିନାବାଦାମ ବିହନ; ଚିନ୍ତାରେ ଚାଷୀ

କଣାସ,୮।୧୧(ସମିସ): କଣାସ ବ୍ଲକର ରାଜୁଆ ନଦୀ ତଟବର୍ତ୍ତୀ ପଞ୍ଚାୟତ ଗଡ଼ସାନପୁଟ, ଅଁଳାଯୋଡି, ରାଜୁଆ ଓ ଦୟାନଦୀର ମଧ୍ୟବର୍ତ୍ତୀ ଅଞ୍ଚଳ ଗଡସାନପୁଟ, ଗଡବଡପୁଟ, ପାଣ୍ଡିଆକେରା, ଦୋକନ୍ଦା, ବଡାସ, ଗଡବଳଭଦ୍ରପୁର ଆଦି ଗ୍ରାମପଞ୍ଚାୟତର ଚାଷୀମାନେ ପ୍ରତ୍ୟେକ ବର୍ଷ ବନ୍ୟା, ମରୁଡି, ବାତ୍ୟା ଯୋଗୁଁ ଶାରଦ ଧାନଫସଲ ହରାଇ ରବିଚାଷ ସମୟରେ ଚିନାବାଦାମ ଚାଷ କରିଥାଆନ୍ତି। କିନ୍ତୁ କଣାସ ବ୍ଲକ କୃଷି କାର୍ଯ୍ୟାଳୟ ପକ୍ଷରୁ ଚାଷୀମାନଙ୍କ ଚାହିଦା ମୁତାବକ ସଠିକ୍ ସମୟରେ ଚାଷପାଇଁ ଚିନାବାଦାମ ବିହନ ଯୋଗାଇ ଦିଆଯାଉ ନଥିବା ଅଭିଯୋଗ ହୋଇଛି। ଫଳରେ ଚାଷୀମାନେ ଅନୁଗୋଳ, ବରଗଡ଼, ଆଠଗଡ଼ ପ୍ରଭୃତି ଅଞ୍ଚଳକୁ ଯାଇ ଶହଶହ ଟଙ୍କା ଖର୍ଚ୍ଚ କରି ଚିନାବାଦାମ ମଞ୍ଜି ସଂଗ୍ରହ କରି ଆଣୁଛନ୍ତି। ଚିନାବାଦାମ ବିହନ ଆଣିବା ସମୟରେ ବାଟରେ ପୁଲିସ୍ ଚାଷୀମାନଙ୍କୁ ହଇରାଣ କରୁଥିବା ସେମାନେ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ବର୍ଷା ଛାଡି ଯାଇଥିବାରୁ ଚିନାବାଦାମ ହେଉଥିବା ଜମି ପାଗ ହୋଇଯିବା ହେତୁ ଚାଷୀମାନେ କଣାସ କୃଷି କାର୍ଯ୍ୟାଳୟକୁ ମଞ୍ଜି ପାଇଁ ଆସିଥିଲେ। ତେବେ ମଞ୍ଜି ଆସି ନଥିବାରୁ ସେମାନେ ନିରାଶ ହୋଇ ଫେରୁଛନ୍ତି। ତେଣୁ ସେମାନେ ମଞ୍ଜି ପାଇଁ ଏବେ ଅନୁଗୋଳ, ବରଗଡ଼ ଓ ଆଠଗଡ଼ ଅଞ୍ଚଳରେ ବୁଲୁଥିବା ଜଣାପଡ଼ିଛି।

### ଶିକ୍ଷକଙ୍କ ମଧ୍ୟରେ କନ୍ଦଳ; ହୋଇପାରୁନି ପାଠପଢ଼ା

# ସ୍କୁଲ୍‌ରେ ତାଲା ପକାଇଲେ ଗ୍ରାମବାସୀ



ସାକ୍ଷୀଗୋପାଳ,୮।୧୧(ସମିସ): ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଶୁକଳ ଗ୍ରାମ ପଞ୍ଚାୟତରେ ଥିବା ତୃତୀୟା ଦେବ ନୋଡାଲ ବିଦ୍ୟାନିକେତନରେ ଶିକ୍ଷକଙ୍କ ମଧ୍ୟରେ କନ୍ଦଳ ଯୋଗୁ ପାଠପଢ଼ା ହୋଇପାରୁନି। ଏହାର ପ୍ରତିବାଦରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବିଦ୍ୟାଳୟର ମୁଖ୍ୟ ଫାଟକରେ ଅଭିଭାବକମାନେ ତାଲା ପକାଇଛନ୍ତି। ଶୁକଳ, ମଧୁବନ, ଭାଇଲିପୁର ଓ ଆଳିସ ପଞ୍ଚାୟତର ପିଲାମାନେ ଏଠାରେ ପାଠ ପଢ଼ନ୍ତି। ଏଠାରେ ୬ଷ୍ଠ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ୬୩୦ ଜଣ ଛାତ୍ରଛାତ୍ରୀ ଏବେ ଅଧ୍ୟୟନରତ ଅଛନ୍ତି। ବିଦ୍ୟାଳୟର ଅଷ୍ଟମ ଶ୍ରେଣୀରେ ୧୩୭ ଜଣ ଛାତ୍ରଛାତ୍ରୀ ରହିଛନ୍ତି। ମାତ୍ର ଏଲିମେଣ୍ଟାରୀ ଓ ସେକେଣ୍ଡାରୀ ଶିକ୍ଷକମାନଙ୍କ ମଧ୍ୟରେ ଫାଟ ସୃଷ୍ଟି ହେବାରୁ ଅଷ୍ଟମ ଶ୍ରେଣୀର ପିଲାମାନଙ୍କୁ କେହି ପାଠ ପଢ଼ାଉ ନାହାନ୍ତି। ଏହି ଅବ୍ୟବସ୍ଥା ଦୁଇ ମାସ ହେବ ଲାଗି ରହିଛି। ଅଷ୍ଟମ ଶ୍ରେଣୀର ପିଲାମାନେ ପାଠପଢ଼ା ସମ୍ପର୍କରେ ଅଭିଭାବକମାନଙ୍କୁ କହିଥିଲେ। କିଛି ଅଭିଭାବକ ଏନେଇ ଲିଖିତ ଭାବେ ବ୍ଲକ ଶିକ୍ଷା ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ ଓ ଜିଲ୍ଲାପାଳଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ଶେଷରେ ଅଭିଭାବକ ଓ ଗ୍ରାମବାସୀ ବିଦ୍ୟାଳୟର ମୁଖ୍ୟ ଗେଟ୍‌ରେ ତାଲା ପକାଇ ଧାରଣା ଦେଇଥିଲେ। ଖବର ପାଇ ବ୍ଲକ ସହକାରୀ ଶିକ୍ଷା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଅଭିଭାବକ ଓ ଗ୍ରାମବାସୀ ମାନଙ୍କ ସହିତ ଆଲୋଚନା କରିଥିଲେ। ମାତ୍ର କୌଣସି ସୁଫଳ ନ ମିଳିବାରୁ ସତ୍ୟବାଦୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଭିଭାବକମାନଙ୍କ ସହିତ ଆଲୋଚନା କରିଥିଲେ। ତେବେ ଦୁଇ ଶିକ୍ଷକ ଗୋଷ୍ଠୀ ଅଷ୍ଟମ ଶ୍ରେଣୀରେ ପାଠ ପଢ଼ାଇବାକୁ ନାରାଜ ହୋଇଥିଲେ। ଶେଷରେ ଗ୍ରାମବାସୀ ଓ ଅଭିଭାବକ ଜିଲ୍ଲା ଶିକ୍ଷା ଅଧିକାରୀ ଏଠାକୁ ଆସିଲେ ଘଟଣାର ସମାଧାନ ହେବ ବୋଲି କହିବା ସହ ଗେଟ୍‌ରେ ତାଲା ପକାଇ ଦେଇଥିଲେ। ଅନ୍ୟପକ୍ଷରେ ଶିକ୍ଷକମାନଙ୍କ କନ୍ଦଳ ଯୋଗୁ ପିଲାମାନେ ପାଠପଢ଼ାରୁ ବଞ୍ଚିତ ହୋଇଛନ୍ତି।

### ଅଁଳାନବମୀ ଯାତ୍ରା ପାଇଁ ପ୍ରସ୍ତୁତି

## ଧାଡ଼ିରେ ଦର୍ଶନ କରିବେ ଶ୍ରଦ୍ଧାଳୁ



ସାକ୍ଷୀଗୋପାଳ,୮।୧୧(ସମିସ): ଆସନ୍ତା ୧୦ ତାରିଖ ରବିବାର ସାକ୍ଷୀଗୋପୀନାଥ ଦେବଙ୍କ ଅଁଳାନବମୀ ଯାତ୍ରା ଅନୁଷ୍ଠିତ ହେବ। ଏନେଇ ଆଜି ପିଡବ୍ଲ୍ୟୁଡି ଡାକବଙ୍ଗଳାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ସାକ୍ଷୀଗୋପୀନାଥ ଦେବଙ୍କ କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱବାସୀ ତ୍ରିପାଠୀ ଯୋଗଦେଇ ଯାତ୍ରାକୁ କିପରି ସରସ ସୁନ୍ଦର କରାଯିବ ସେ ସମ୍ପର୍କରେ ମତ ପ୍ରକାଶ କରିଥିଲେ। ସୁରକ୍ଷା ଦୃଷ୍ଟିରୁ ୨୩ଟି ସିସିଟିଭି ଲଗାଯାଇଛି। ଆବଶ୍ୟକ ପଡ଼ିଲେ ଆହୁରି ଲଗାଯିବ ବୋଲି ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ତ୍ରିପାଠୀ କହିଥିଲେ। ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ କହିଥିଲେ ଏବର୍ଷ ୩ ହଜାର ପାସ୍ କରାଯାଇଛି। ସେଥିମଧ୍ୟରୁ ୨୬୫୦ ପାସ୍ ମିଳିଥିବା ବେଳେ ୩୫୦ଟି ପାସ୍ କମିଶନର ରଖିଛନ୍ତି। ବରିଷ୍ଠ ନାଗରିକ, ଦିବ୍ୟାଙ୍ଗମାନଙ୍କ ପାଇଁ ୧୦ଟି ବ୍ୟାଟେରି ଚାଳିତ ଗାଡି କରାଯାଇଛି। ସାକ୍ଷୀଗୋପାଳ ମନ୍ଦିର ରାସ୍ତାର ରେଳ ଫାଟକ ନିକଟରେ ୫ଟି ଗାଡି ରହିବା ବେଳେ ଅନ୍ୟ ୫ଟି କୋର୍ଟ ଉପର ପଡିଆରେ କରାଯାଇଥିବା ଗାଡି ପାର୍କିଂସ୍ଥଳରେ ରଖାଯିବ ବୋଲି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜୟପୁର ପଞ୍ଚାୟତ ସମିତିସଭ୍ୟ ଦୀପକ ଶତପଥୀ, ପେଣ୍ଠପଡା ସରପଞ୍ଚ ଚିନ୍ମୟ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଛାତ୍ରୀଙ୍କ ସଫଳତା



କଣାସ,୮।୧୧(ସମିସ): ପୁରୀ ଜିଲ୍ଲାର ପୁରୀ ପୁଲିସ୍ ଲାଇନ୍ ହାଇସ୍କୁଲରେ ଜିଲ୍ଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତା ଗତକାଲି ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମର ବିତର୍କ ପ୍ରତିଯୋଗିତାରେ ଦୟାବିହାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦ୍ୱାଦଶ ଶ୍ରେଣୀର ଛାତ୍ରୀ ସାଲୋନୀ ମିଶ୍ର ଅଂଶଗ୍ରହଣ କରି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେ ରାଜ୍ୟସ୍ତରୀୟ ସୁରଭି ପ୍ରତିଯୋଗିତାରେ ଭାଗନେବା ପାଇଁ ସ୍ଥାନ ଅଧିକାର କରିଛନ୍ତି। ଏହି ସଫଳତା ପାଇଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଫଳ ଦୋକାନରୁ ଚୋରି ଘଟଣାରେ ଜଣେ ଅଟକ

ନୟାହାଟ,୮।୧୧(ସମିସ): ନୟାହାଟ ଫାଣ୍ଡି ଅନ୍ତର୍ଗତ ଯୋଗେଶ୍ୱରପୁର ବଜାରରେ ଥିବା ପ୍ରମୋଦ ଦାସଙ୍କ ଫଳ ଦୋକାନରୁ ଚୋରି ଘଟଣାରେ ପୁଲିସ ଆଜି ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ସେ ଜଣେ ପେଶାଦାର ଚୋର ହୋଇଥିବା ବେଳେ ଏହି ଘଟଣାରେ ସେ ସମ୍ପୃକ୍ତ ଥିବା ପୁଲିସ ସନ୍ଦେହ କରୁଛି। ସୂଚନାଯୋଗ୍ୟ, ବୁଧବାର ବିଳମ୍ବିତ ରାତିରେ ଅଭିଯୁକ୍ତ ଜଣକ ଦୋକାନ ଭିତରେ ପଶି ନଗଦ ୩୨ ହଜାର ଟଙ୍କା ଚୋରି କରିନେଇଥିଲା। ସିସିଟିଭିରେ ଚୋରି ବେଳର ଦୃଶ୍ୟ କଏଦ ହୋଇଥିଲା। ଏହି ଘଟଣାରେ ପୁଲିସ ଅଭିଯୁକ୍ତକୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି।

## ବିଦ୍ୟାଳୟରେ ପୋଷାକ ବିତରଣ ଉତ୍ସବ




ନିମାପଡ଼ା, ୮।୧୧(ସମିସ): ନିମାପଡା ଏନ୍‌ଏସି ଅନ୍ତର୍ଗତ ସର୍ବ ପୁରାତନ ପ୍ରାକ୍ଟିସିଂ ୟୁଜିୟୁପି ବିଦ୍ୟାଳୟରେ ସରକାରଙ୍କ ଦ୍ୱାରା ପ୍ରଦତ୍ତ ମାଗଣା ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟରେ ଅଧ୍ୟୟନରତ ମୋଟ ୧୭୦ ଜଣ ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷା ଶୁଭଶ୍ରୀ ବରାଳ, ଉପସଭାପତି ଶ୍ୟାମଘନ ନାୟକ ଓ ଅନ୍ୟାନ୍ୟ ସଦସ୍ୟ /ସଦସ୍ୟାମାନଙ୍କ ଉପସ୍ଥିତିରେ ସୁଚାରୁରୂପେ ପୋଷାକ ବଣ୍ଟନ ହୋଇଥିବା ବେଳେ ପ୍ରତ୍ୟେକ ପିଲାଙ୍କୁ ଦୁଇହଳ ଲେଖାଏଁ ପୋଷାକ ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନିର୍ମଳ ମିଶ୍ର ଓ ସହକାରୀ ଶିକ୍ଷୟିତ୍ରୀ କ୍ଷଣପ୍ରଭା ପାତ୍ର, ମାହେଶ୍ୱରୀ ଦାଶ, ଇପ୍ସିତା ପ୍ରିୟଦର୍ଶିନୀ ଏବଂ ତ୍ରେଲିପ୍ତା ଦାଶ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହାୟତା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଭିଭାବକମାନେ ଉପସ୍ଥିତ ଥିଲେ।

## ଅସ୍ତରଙ୍ଗରେ ଅଜଣା ଜନ୍ତୁ ଆତଙ୍କ





ଅସ୍ତରଙ୍ଗ,୮।୧୧(ସମିସ): ଅସ୍ତରଙ୍ଗ ବନାଞ୍ଚଳ ଅଧୀନ ଖଣ୍ଡାସାହି ବାଉରିଆକଣ ରାସ୍ତାରେ ଏକ ଅଜଣା ଜନ୍ତୁ ବୁଲୁଥିବା ଘଟଣାକୁ ନେଇ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ବାଘ ପରି ଦେଖାଯାଉଥିବା ଏହି ଅଜଣା ଜନ୍ତୁକୁ କିଛି ସ୍ଥାନୀୟ ଲୋକ ବୁଧବାର ରାତିରେ ଦେଖିଥିଲେ। ସ୍ଥାନୀୟ ଲୋକ ଏହି ଜନ୍ତୁର ଭିଡିଓକୁ ମୋବାଇଲରେ ଉତ୍ତୋଳନ କରିଛନ୍ତି। ଗ୍ରାମବାସୀଙ୍କ କହିବା ମୁତାବକ, ଏହା ହେଉଛି କଲରାପତରିଆ ବାଘ। ଗ୍ରାମ ନିକଟରେ ଥିବା ଜଙ୍ଗଲ ଅଞ୍ଚଳରେ ଏବଂ ଗୋରୁ ଗୁହାଳ ନିକଟରେ ମଧ୍ୟ ଏହି ଜନ୍ତୁ ବୁଲୁଛି। ଯେଉଁଥିପାଇଁ ପଶୁପାଳନ କରୁଥିବା ଗ୍ରାମବାସୀ ଭୟରେ ବାଡ଼ି ଧରି ଗ୍ରାମରେ ବୁଲୁଛନ୍ତି। ଧୀରେ ଧୀରେ ଅସ୍ତରଙ୍ଗ ଅଞ୍ଚଳରେ ଜଙ୍ଗଲ ଜମି ହ୍ରାସ ପାଇବା ଏବଂ ଖାଦ୍ୟର ଘୋର ଅଭାବ କାରଣରୁ ଜଙ୍ଗଲୀ ଜୀବ ଏବେ ଜନବସତି ମୁହାଁ ହେଉଛନ୍ତି। ଖବର ପାଇ ବନ ବିଭାଗର ଏକ ଟିମ୍ ଉକ୍ତ ସ୍ଥାନରେ ପହଞ୍ଚି ମୋବାଇଲରେ ରେକର୍ଡ ହୋଇଥିବା ଭିଡିଓକୁ ଦେଖିଥିଲେ। ଏହା ବାଘ ନୁହେଁ, ଏକ ବଡ଼ ଜଙ୍ଗଲୀ ବିରାଡ଼ି ଯାହା ଅବିକଳ ବାଘର ଭ୍ରମ ସୃଷ୍ଟି କରେ। ତେଣୁ ଏହାକୁ ନେଇ ଭୟଭୀତ ନହେବାକୁ ଗ୍ରାମବାସୀଙ୍କୁ ବନବିଭାଗ ପରାମର୍ଶ ଦେଇଛି। ତେବେ ପ୍ରକୃତରେ ଏହି ଜୀବଟି ବାଘ କି ଜଙ୍ଗଲୀ ବିରାଡ଼ି ତାହା ବନବିଭାଗ ତଦନ୍ତ ପରେ ଜଣାପଡ଼ିବ।

- କଲରାପତରିଆ ବାଘ ସନ୍ଦେହ
- ୪ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଭୟଭୀତ
- ବନବିଭାଗ କହିଲା ଜଙ୍ଗଲୀ ବିରାଡ଼ି

## ବ୍ରଜବନ୍ଧୁଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି



ଡେଲାଙ୍ଗ,୮।୧୧(ସମିସ): ଡେଲାଙ୍ଗ ବ୍ଲକ ବିଜେଡି ସଭାପତି ବୈରାଗୀ ଜେନାଙ୍କ ପିତା ବ୍ରଜବନ୍ଧୁ ଜେନାଙ୍କ ଏକଦଶାହ ଅବସରରେ ଗୁରୁବାର ସନ୍ଧ୍ୟାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଗୁଆଳିପଡା ପଞ୍ଚାୟତର ହୁମରଗ୍ରାମସ୍ଥିତ ବାସଭବନଠାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ପୁରୀ ବିଧାୟକ ସୁନୀଲ ମହାନ୍ତି, ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ, ପୂର୍ବତନ ବିଧାୟକ ରୁଦ୍ର ପ୍ରତାପ ମହାରଥୀ, ସମବାୟ ବ୍ୟାଙ୍କ ସଭାପତି କିଶୋର ଛୋଟରାୟ, ଡେଲାଙ୍ଗ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ଜିଲ୍ଲା ପରିଷଦ ପ୍ରସନ୍ନ ସାହୁ, ଦୀପ୍ତିଶ୍ରୀ ରାଉତରାୟ, କୃଷକ ନେତା ଅଶୋକ ପ୍ରଧାନ, ସମାଜିକ କର୍ମୀ ପଦ୍ମନାଭ ବରାଳ, ସୁକାନ୍ତ ସାହୁ, ରତିକାନ୍ତ ସ୍ୱାଇଁ, ଛାତ୍ରନେତା ସୁଦୀପ୍ତ ନାୟକ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ବ୍ରଜବନ୍ଧୁଙ୍କ ସ୍ମୃତିଚାରଣ କରିଥିଲେ। ପୁତ୍ର ବୈରାଗୀଙ୍କ ସମେତ ସାନପୁତ୍ର କାଳନ୍ଦୀ ଚରଣ ଜେନା, ପୁତ୍ର ବଧୂ ସତ୍ୟଭାମା ଜେନା, ନାତି ପ୍ରଭାତ କୁମାର ଜେନା, ସୌମ୍ୟରଞ୍ଜନ ଜେନା, ପ୍ରଶାନ୍ତ ଜେନା, ହୃଷୀକେଶ ଜେନା ପ୍ରମୁଖ ସାମିଲ ହୋଇଥିଲେ।

## ଆଦିବାସୀ କଳା ଓ ସଂସ୍କୃତି ସଚେତନତା କାର୍ଯ୍ୟକ୍ରମ




ନିମାପଡ଼ା,୮।୧୧(ସମିସ): ନିମାପଡ଼ାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେଭ୍ ସହାୟତାରେ ପୁରୀ ଜିଲ୍ଲା ନିମାପଡ଼ା ଗୋପାଳପୁରସ୍ଥିତ ଓଡ଼ିଶା ଷ୍ଟେଟ୍ ବ୍ରିଗେଡ ସ୍କୁଲ ପରିସରରେ ଶିଶୁ ସୈନିକ ଓ ଅଭିଭାବକମାନଙ୍କୁ ନେଇ ଭାରତରେ ଆଦିବାସୀ କଳା ଓ ସଂସ୍କୃତି ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମ୍ପାଦକ ବୀରଞ୍ଜନ ମଲ୍ଲିକ ଆଦିବାସୀ କଳା ସଂସ୍କୃତି ଉପରେ ପିଲାମାନଙ୍କୁ ବୁଝାଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ନିରଞ୍ଜନ ଖଟୋଇ, ଯୁବ ବିକାଶ ପରିଷଦ ସଭାପତି ନିରଞ୍ଜନ ସାହୁ, ଶିକ୍ଷୟିତ୍ରୀ ସୁଜାତା ସାହୁ ପ୍ରମୁଖ ଯୋଗଦେଇ ଲୋପ ପାଇଯାଉଥିବା କଳା, ସଂସ୍କୃତି ଓ ଐତିହ୍ୟ ପରମ୍ପରା ଉପରେ ଆଲୋକପାତ କରି କିପରି କଳା ସଂସ୍କୃତି ବଞ୍ଚିପାରିବ ସେ ସମ୍ପର୍କରେ ପିଲାମାନଙ୍କୁ ସଚେତନ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁଜାତା ସାହୁ ଧନ୍ୟବାଦ ଦେଇଥିଲେ।

# ଦେବୀମୁହାଣ ନିଷିଦ୍ଧାଞ୍ଚଳରୁ ପୁଣି ଟ୍ରଲର୍ ଜବତ

### ୧୩ ଅଟକ, ଲକ୍ଷାଧିକ ଟଙ୍କାର ମାଛ ଜବତ



ଅସ୍ତରଙ୍ଗ,୮।୧୧(ସମିସ): ଅଲିଭ୍ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ନିମନ୍ତେ କଟକଣା ଜାରି ହୋଇଥିବା ବେଳେ ଏହାକୁ ବାରମ୍ବାର ଉଲ୍ଲଂଘନ କରାଯାଉଛି। ଶୁକ୍ରବାର ପାଟ୍ରୋଲିଂ ଟିମ୍ ପୁଣି ଏକ ଟ୍ରଲର ଜବତ କରିଛି। ଟ୍ରଲରରେ ଥିବା ୧୩ ଜଣ କର୍ମଚାରୀଙ୍କୁ ଅଟକ ରଖାଯାଇଥିବା ବେଳେ ଏଥିରେ ଲକ୍ଷାଧିକ ଟଙ୍କାର ମାଛ ରହିଥିବା ସୂଚନା ମିଳିଛି। ମୁହାଣ ନିକଟରୁ ଏହି ଟ୍ରଲର ଜବତ ପରେ ବନବିଭାଗ ହେପାଜତରେ ନୂଆଗଡ଼ସ୍ଥିତ ସାମୁଦ୍ରିକ ଜେଟୀକୁ ଆଣି ସାମୁଦ୍ରିକ ମତ୍ସ୍ୟ ବିଭାଗକୁ ହସ୍ତାନ୍ତର କରାଯାଇଛି। ସେଥିରୁ ମାଛ ବାହାର କରି ନିଲାମ ପ୍ରକ୍ରିୟା ଜାରି ରହିବ। ତେବେ ଖବର ଲେଖା ହେବା ପର୍ଯ୍ୟନ୍ତ ମାଛର ପରିମାଣ ସମ୍ପର୍କରେ ସୂଚନା ମିଳିପାରିନି। କାଗଜପତ୍ର ମୁତାବକ, ଜବତ ଟ୍ରଲର ନାମ ସର୍ବ ମଙ୍ଗଳା -୭। ଏହା ବାଲେଶ୍ୱର ଜିଲ୍ଲାରେ ପଞ୍ଜିକୃତ ହୋଇଥିବା ଓ ଏହାର ମାଲିକ କେନ୍ଦ୍ରାପଡ଼ା ଅଞ୍ଚଳର ଶିବାନୀ ମୈତି ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ଅଲିଭ୍ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ନିମନ୍ତେ ସମୁଦ୍ର କୂଳରୁ ୨୦ କିମି ପର୍ଯ୍ୟନ୍ତ ପରିସୀମାକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଛି। ଏହା ସହ ନିଷିଦ୍ଧାଞ୍ଚଳରୁ ୧ ନଭେମ୍ବରରୁ ୩୧ ମେ ପର୍ଯ୍ୟନ୍ତ ମାଛ ଧରିବା ଉପରେ କଟକଣା ଲାଗୁହୋଇଛି। ଏହି ସମୟରେ ବନ ବିଭାଗ, ମତ୍ସ୍ୟ ବିଭାଗ ଓ ତଟରକ୍ଷୀ ବାହିନୀ ମିଳିତ ଭାବେ ଜଳପଥରେ ପାଟ୍ରୋଲିଂ କରୁଛି। ତେବେ କିଛି ଅମାନିଆ ଏହି ନିୟମକୁ ନମାନି ନିଷିଦ୍ଧାଞ୍ଚଳରେ ଅବାଧରେ ଟ୍ରଲର ଚଳାଚଳ କରୁଛନ୍ତି। ଗତକାଲି ଏକ ଟ୍ରଲର ଜବତ ହୋଇଥିବା ବେଳେ ଆଜି ପୁଣି ଏକ ଟ୍ରଲର ଜବତ ହୋଇଥିବା ଅସ୍ତରଙ୍ଗ ସାମୁଦ୍ରିକ ମତ୍ସ୍ୟ ଅଧିକାରୀ ସତ୍ୟଜିତ ଦାସ ସୂଚନା ଦେଇଛନ୍ତି। ଆଜି ଜବତ ହୋଇଥିବା ଟ୍ରଲରରେ ୨୫ରୁ ଅଧିକ ଟ୍ରେ ମାଛ ରହିଥିବା ବେଳେ ଯାହାର ପରିମାଣ ୫ରୁ ୬ କ୍ୱିଣ୍ଟାଲ ହେବ ବୋଲି ଶ୍ରୀ ଦାଶ କହିଛନ୍ତି।

## ନାମଯଜ୍ଞ ଓ ପ୍ରବଚନ କାର୍ଯ୍ୟକ୍ରମ



ବଳଙ୍ଗା, ୮।୧୧(ସମିସ): ବଳଙ୍ଗା ତରବୋଇ ଶାସନ ଗ୍ରାମରେ ପଞ୍ଚବିଂଶତମ ବାର୍ଷିକ ଶ୍ରୀମଦ୍ ଭାଗବତ ପାରାୟଣ ନାମଯଜ୍ଞ ଓ ପ୍ରବଚନ ୯ ଦିନ ବ୍ୟାପୀ ଅନୁଷ୍ଠିତ ହେବ। ବ୍ୟାସଜୀ ବିଜୟରାମ ମିଶ୍ର, ଆଚାର୍ଯ୍ୟ ସନ୍ତୋଷ କୁମାର ରଥ, ରାଜକିଶୋର ରଥଙ୍କ ଦ୍ୱାରା ପାଣି ତୋଳା କାର୍ଯ୍ୟକ୍ରମ ହୋଇଥିବା ବେଳେ ବ୍ୟାସଦେବଙ୍କ ଦ୍ୱାରା ପୂଜନ, ହୋମ, ଘଟ ସ୍ଥାପନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ପ୍ରଥମ ପ୍ରବଚକ ଭାବେ ପଣ୍ଡିତ ବ୍ରଜମୋହନ ମହାନ୍ତି ଯୋଗ ଦେଇଛନ୍ତି। ୯ ଦିନ ବ୍ୟାପୀ ହେବାକୁ ଥିବା କାର୍ଯ୍ୟକ୍ରମରେ ପଣ୍ଡିତ ମଦନ ସ୍ୱାଇଁ, ପଣ୍ଡିତ ସୁବୋଧ କୁମାର ପଣ୍ଡା ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

୮/୧୧/୨୦୨୪ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୯,୬୬,୪୮୦/- ସୁନା: ୦୧.୭୮୦ ଗ୍ରାମ୍ ରୁପା: ୬୬.୨୦୦ ଗ୍ରାମ୍





■ ମହିଳାଙ୍କୁ ମାରି ପୋଖରୀରେ ଫିଙ୍ଗିଦେବା ଘଟଣା

## ସ୍ୱାମୀଙ୍କୁ କୋର୍ଟଚାଲାଣ କଲା ପୁଲିସ

ପୁରୀ,୮।୧୧(ସମିସ): ବ୍ରହ୍ମଗିରି ଥାନା ହରପଡ଼ା ଗାଁରେ ଜଣେ ମହିଳାଙ୍କ ମୃତଦେହ ତାଙ୍କ ଘର ପଛପଟ ପୋଖରୀରୁ ଉଦ୍ଧାର କରାଯାଇଥିଲା। ଏହି ଘଟଣାରେ ପୁଲିସ ମହିଳାଙ୍କ ସ୍ୱାମୀ ମାନସ ରଞ୍ଜନ ଗୁଣ୍ଡଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଦେଢଶୁର ଗୋପବନ୍ଧୁ ଗୁଣ୍ଡ ଏବଂ ପୁତୁରା ଆଶୁତୋଷ ଗୁଣ୍ଡଙ୍କୁ ପୁଲିସ ସର୍ତ୍ତମୂଳକ ଭାବେ ଛାଡିଦେଇଛି। ବିନ୍ଧଣ ନନ୍ଦିଗୋଦା ଗ୍ରାମର ଇନ୍ଦ୍ରମଣି ନାୟକଙ୍କ ଝିଅ ରୀତାଞ୍ଜଳି ୧୯୯୯ ମସିହାରେ ମାନସ ରଞ୍ଜନଙ୍କୁ ବିବାହ କରିଥିଲେ। ତାଙ୍କର ଗାଟିଏ ପୁଅ ଓ ଝିଅ ଅଛନ୍ତି। ଯୌତୁକ ପାଇଁ ସ୍ୱାମୀ ସମେତ ଶାଶୂଘର ଲୋକେ ବାରମ୍ବାର ନିର୍ଯାତନା ଦେଉଥିଲେ। ଗତ ୫ ତାରିଖରେ ମାନସ ଓ ରୀତାଞ୍ଜଳିଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହାପରେ ସେହି ରାତିରୁ ରୀତାଞ୍ଜଳି ନିଖୋଜ ଥିଲେ। ଗୁରୁବାର ସକାଳେ ତାଙ୍କ ବାଡ଼ିପଟ ପୋଖରୀରେ ରୀତାଞ୍ଜଳିଙ୍କ ମୃତଦେହ ଭାସୁଥିବା ଗ୍ରାମବାସୀ ଦେଖିଥିଲେ। ପୁଲିସ ପହଞ୍ଚିବା ପରେ ମୃତଦେହ ଉପରକୁ ଅଣାଯାଇଥିଲା। ତାଙ୍କ ବେକରେ ଏକ ଗାମୁଛାରେ ଇଟା ବନ୍ଧା ଅବସ୍ଥାରେ ମିଳିଥିଲା। ଏ ନେଇ ଇନ୍ଦ୍ରମଣି ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ଅଭିଯୋଗ କରିଥିଲେ। ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ତାଙ୍କ ସ୍ୱାମୀ ମାନସ ସମେତ ଦେଢଶୁର ଓ ତାଙ୍କ ପୁଅକୁ ଥାନାକୁ ନେଇ ଅଟକ ରଖି ପଚରାଉଚରା କରୁଥିଲା। ଶୁକ୍ରବାର ମାନସଙ୍କୁ କୋର୍ଟଚାଲାଣ କରିଥିବା ବେଳେ ଅନ୍ୟ ୨ ଜଣଙ୍କୁ ସର୍ତ୍ତମୂଳକ ଭାବେ ଛାଡିଛି। ଯେତେବେଳେ ଡକାଯିବ ସେମାନେ ଥାନାରେ ହାଜର ହେବେ ବୋଲି ସର୍ତ୍ତ ରହିଥିବା ସୂଚନା ମିଳିଛି।



# ପଞ୍ଚୁକ ପାଇଁ ୩୮ ପ୍ଲାଟୁନ୍ ଫୋର୍ସ

### ମରୀଚିକୋଟ ଛକରୁ ବ୍ୟାରିକେଡ୍‌ରେ ପ୍ରବେଶ
### ହବିଷ୍ୟାଳୀ ଓ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନକୁ ପ୍ରାଥମିକତା

ପୁରୀ,୮।୧୧(ସମିସ)

ଆସନ୍ତା ୧୨ ତାରିଖଠାରୁ ଆରମ୍ଭ ହେଉଛି ପଞ୍ଚୁକ। ଏଥର ପଞ୍ଚୁକ ୪ ଦିନ ପଡ଼ିଛି। ତେବେ ପଞ୍ଚୁକ ଅବସରରେ ଶ୍ରୀକ୍ଷେତ୍ରରେ ଶ୍ରଦ୍ଧାଳୁ ଏବଂ ହବିଷ୍ୟାଳୀଙ୍କ ପ୍ରବଳ ଭିଡ଼ ହେବ। ମହାପ୍ରଭୁଙ୍କ ଚିତ୍ତାକର୍ଷକ ପଞ୍ଚୁକ ବେଶ ଦର୍ଶନ କରି ହବିଷ୍ୟାଳୀ ଓ ସାଧାରଣ ଭକ୍ତ କାର୍ତ୍ତିକ ମାସକୁ ବିଦାୟ ଦେବେ। ବିଶ୍ୱାସ ରହିଛି ମାସ ସାରା ବ୍ରତ ରଖି ଯେତିକି ପୁଣ୍ୟ ମିଳିଥାଏ ପଞ୍ଚୁକ ବ୍ରତ ରଖିଲେ ଅଧିକ ପୁଣ୍ୟ ମିଳିଥାଏ। ତେଣୁ ବଡ଼ ଏକାଦଶୀଠାରୁ ଶ୍ରୀକ୍ଷେତ୍ରରେ ପଞ୍ଚୁକ ୪ ଦିନ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଉଛି।

ଶ୍ରୀମନ୍ଦିରରେ ହବିଷ୍ୟାଳୀ ଏବଂ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନକୁ ପୁଲିସ ପ୍ରାଥମିକତା ଦେଉଛି। ସେହିପରି ଟ୍ରାଫିକ୍ ବ୍ୟବସ୍ଥା ଉପରେ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଉଛି। ପଞ୍ଚୁକ ପାଇଁ ପୁରୀ ପୁଲିସର ପ୍ରସ୍ତୁତି ସମ୍ପର୍କରେ ଏସ୍‌ପି ବିନୀତ୍ ଅଗ୍ରୱାଲ କହିଛନ୍ତି, ପଞ୍ଚୁକ ପାଇଁ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ପ୍ରସ୍ତୁତି କରାଯାଉଛି। ହବିଷ୍ୟାଳୀ ମା' ଏବଂ ଅନ୍ୟ ଭକ୍ତମାନେ ଯେପରି ବାଧାମୁକ୍ତ ଏବଂ ଶୃଙ୍ଖଳିତ ଭାବେ ଦର୍ଶନ କରିବେ ତାହାକୁ ଗୁରୁତ୍ୱ ଦିଆଯାଉଛି। ପଞ୍ଚୁକ ପାଇଁ ମୋଟ ୩୮ ପ୍ଲାଟୁନ ଫୋର୍ସ ମୁତୟନ ହେବେ। ଏତଦ୍‌ବ୍ୟତୀତ ୫ଜଣ ଅତିରିକ୍ତ ଏସ୍‌ପି, ୧୪ ଜଣ ଡିଏସ୍‌ପି, ୨୬ ଇନ୍ସପେକ୍ଟର ମଧ୍ୟ ଶାନ୍ତିଶୃଙ୍ଖଳା ରକ୍ଷା ଦାୟିତ୍ୱରେ ରହିବେ। ସେବାୟତ, ମନ୍ଦିର ପ୍ରଶାସନ ଏବଂ ଜିଲ୍ଲା ପ୍ରଶାସନ ସହିତ ସମନ୍ୱୟ ରକ୍ଷା କରି ଭକ୍ତଙ୍କ ପାଇଁ ବାଧାମୁକ୍ତ ଦର୍ଶନ ସୁବିଧା କରାଯିବ। ମରିଚିକୋଟ ଛକ ପର୍ଯ୍ୟନ୍ତ ବ୍ୟାରିକେଡ କରାଯାଉଛି। କାର୍ତ୍ତିକ ପୂର୍ଣ୍ଣିମା ପାଇଁ ଏହାକୁ ଆହୁରି ବଢ଼ାଯିବ ବୋଲି ଏସ୍‌ପି ଶ୍ରୀ ଅଗ୍ରୱାଲ କହିଛନ୍ତି। ସେହିପରି ଟ୍ରାଫିକ ନିୟନ୍ତ୍ରଣ କିପରି ସୁପରିଚାଳନା ହେବ ସେ ନେଇ ମଧ୍ୟ ସ୍ୱତନ୍ତ୍ର ଆରେଞ୍ଜମେଣ୍ଟ କରାଯାଉଛି। ପାଟ୍ରୋଲିଂ ବଢ଼ାଯିବ। ବୋଇତ ବନ୍ଦାଣ ପାଇଁ ବେଳାଭୂମି ସମେତ ବିଭିନ୍ନ ତୀର୍ଥ ପୁଷ୍କରିଣୀ ଉପରେ ସ୍ୱତନ୍ତ୍ର ଭାବେ ନଜର ରହିବ। ସୁରକ୍ଷା କର୍ମୀମାନେ ଏସବୁ ଜାଗାରେ ନିୟୋଜିତ ହେବେ। ସେହିପରି ପବିତ୍ର ଅଁଳା ନବମୀ ଉପଲକ୍ଷେ ସାକ୍ଷୀଗୋପାଳରେ ୨୦ ପ୍ଲାଟୁନ ଫୋର୍ସ ମୁତୟନ ହେବେ ବୋଲି କହିଛନ୍ତି ଏସ୍‌ପି ଶ୍ରୀ ଅଗ୍ରୱାଲ।

ଭୋଳାନାଥ ବିଦ୍ୟାପୀଠ ପୁରାତନ ଛାତ୍ର ସଂସଦର ରୌପ୍ୟ ଜୟନ୍ତୀ

## ସମାଜର ହିତରେ ଛାତ୍ରଛାତ୍ରୀମାନେ ଭାଗୀଦାରି ହୁଅନ୍ତୁ



ନୂଆ ଭାରତର ବିନ୍ଧାଣି ସାଜିବେ ଛାତ୍ରଛାତ୍ରୀ

ପୁରୀ,୮।୧୧(ସମିସ)

ଭୋଳାନାଥ ବିଦ୍ୟାପୀଠ ପୁରାତନ ଛାତ୍ର ସଂସଦର ଦୁଇଦିନିଆ ରୌପ୍ୟ ଜୟନ୍ତୀ ବିଦ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଛାତ୍ରଛାତ୍ରୀ ହେଉଛନ୍ତି ଦେଶର ଭବିଷ୍ୟତ। ସେମାନେ ନୂଆ ଭାରତର ବିନ୍ଧାଣି ସାଜିବେ। ସେମାନଙ୍କୁ ଉପଯୁକ୍ତ ଭାବେ ଗଢ଼ିବା ଦିଗରେ ପ୍ରତ୍ୟେକ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଗୁରୁଦାୟିତ୍ୱ ରହିଛି। ପାଠ ଓ କୁଶଳତା ସହ ଭଲ ମଣିଷ ତିଆରି କରନ୍ତୁ ବୋଲି କହିଥିଲେ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ। ଅନ୍ୟତମ ଅତିଥି ସାଂସଦ ଶୁଭାଶିଷ ଖୁଣ୍ଟିଆ କହିଥିଲେ, ନିଜ କ୍ୟାରିୟର ସହ ସମାଜର ହିତ ପାଇଁ ମଧ୍ୟ ଛାତ୍ରଛାତ୍ରୀମାନେ ଭାଗୀଦାରି ହୁଅନ୍ତୁ। କୌଣସି ସ୍କୁଲର ଛାତ୍ରଛାତ୍ରୀ ଯଦି ନିଜକୁ ପ୍ରତିଷ୍ଠିତ କରନ୍ତି ତେବେ ତାହା ସେହି ବିଦ୍ୟାଳୟ ପାଇଁ ବଡ଼ ଗର୍ବ ଓ ଗୌରବର ବିଷୟ। ଭୋଳାନାଥ ବିଦ୍ୟାପୀଠରେ ଏମିତି ଅନେକ ଛାତ୍ରଛାତ୍ରୀ ଆଜି କେବଳ ଓଡ଼ିଶାରେ ନୁହେଁ, ରାଜ୍ୟ ବାହାରେ ଉଚ୍ଚ ପଦପଦବୀରେ ରହିଛନ୍ତି। ସେହିପରି ବର୍ତ୍ତମାନର ଛାତ୍ରଛାତ୍ରୀଙ୍କୁ ଭଲ ପାଠ ପଢିବା ସହ ରକ୍ତଦାନ ଓ ବୃକ୍ଷ ରୋପଣ କରି ସମାଜର ହିତରେ ନିଜକୁ ନିୟୋଜିତ କରିବାକୁ ପରାମର୍ଶ ଦେଇଥିଲେ ସାଂସଦ ଶ୍ରୀ ଖୁଣ୍ଟିଆ। ସଂସଦର ସଭାପତି ଡାକ୍ତର ତ୍ରିଲୋଚନ ବରାଳ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ଭୋଳାନାଥ ବିଦ୍ୟାପୀଠ ୭ ଏକର ଜମି ରହିଥିବା ବେଳେ ଏହାର ପଟ୍ଟା ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ହସ୍ତଗତ ହୋଇ ନ ଥିବାରୁ ଏ ନେଇ ସଭାପତି ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମନ୍ତ୍ରୀ ମଧ୍ୟ କିଛିଦିନ ମଧ୍ୟରେ ଏ ନେଇ ଜିଲ୍ଲାପାଳଙ୍କ ସହ ଆଲୋଚନା ଭିତ୍ତିରେ ଏହାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସାଧାରଣ ସମ୍ପାଦକ ସୂର୍ଯ୍ୟମଣି ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅଭ୍ୟର୍ଥନା କମିଟି ଚେୟାରମ୍ୟାନ ତଥା ଉପଦେଷ୍ଟା ସୁରେନ୍ଦ୍ର ନାଥ ଦାଶ ବିଦ୍ୟାଳୟର ଅବଦାନ ଏବଂ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କ ବାବଦରେ କହିଥିଲେ। ଏହି ଅବସରରେ ସ୍ମରଣିକା 'ଆଡ଼ପ ମଣ୍ଡପ' ଅତିଥିଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ସ୍ମରଣିକା କମିଟି ଅଧ୍ୟକ୍ଷ ବୁଦ୍ଧଦେବ ମହାପାତ୍ର ସ୍ମରଣିକା ସମ୍ବନ୍ଧରେ ବକ୍ତବ୍ୟ ରଖିଥିବା ବେଳେ ବିଦ୍ୟାଳୟର ପ୍ରଧାନଶିକ୍ଷକ ରବୀନ୍ଦ୍ର ଜେନା ବକ୍ତବ୍ୟ ପ୍ରଦାନ କରିଥିଲେ।

କାର୍ଯ୍ୟକ୍ରମରେ ପ୍ରାକ୍ତନ ଶିକ୍ଷକ ପିତାମ୍ବର ଆଚାର୍ଯ୍ୟ, ରାଜକିଶୋର ସାହୁ, ରାଜକିଶୋର ପ୍ରଧାନ, କୃଷ୍ଣଚନ୍ଦ୍ର ମିଶ୍ର, ପୂର୍ଣ୍ଣିଶ୍ରୀ ମିଶ୍ର, ଶ୍ୟାମାପ୍ରସାଦ ଚନ୍ଦୁକା, ବିଭୂତି ଭୂଷଣ ଛୋଟରାୟ, ଦିଲ୍ଲୀପ କୁମାର ବଳ, ଯୁଗଳ କିଶୋର ସିହ୍ନା, ହରିହର ପାଢ଼ୀ, ଜଗନ୍ନାଥ ପାଢ଼ୀ, ପୁଷ୍ପାମଞ୍ଜରୀ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଉପସଭାପତି ରାଜେନ୍ଦ୍ର ନାରାୟଣ ହରିଚନ୍ଦନ, କୋଷାଧ୍ୟକ୍ଷ ସଂଗ୍ରାମ କେଶରୀ ମିଶ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନାରାୟଣ ଗୋଚ୍ଛିକାର, କାର୍ଯ୍ୟକାରୀ ସମ୍ପାଦକ ବିଶ୍ୱନାଥ ଦାଶ, ବିକ୍ରମ ସାହୁ, ଜୟକୃଷ୍ଣ ମହାପାତ୍ର, ପ୍ରମୋଦ ଜେନା, ସଦାଶିବ ନାୟକ, କୈଳାସ ଜେନା, ହରିହର ପାଢ଼ୀ, ଯୁଗଳ କିଶୋର ସିହ୍ନା, ସରୋଜ ମହାନ୍ତି, ଅକ୍ଷୟ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଗୋବିନ୍ଦ ଗୋଧାମ ଗୋଶାଳାର ନୂତନ ଗୃହ ଉଦ୍‌ଘାଟିତ

ପୁରୀ,୮।୧୧(ସମିସ)



ପୁରୀ ଗୋବିନ୍ଦ ଗୋଧାମ ଗୋଶାଳା ପରିସରରେ ଓଡ଼ିଶା ଖଣି ନିଗମ ଦ୍ୱାରା ନିର୍ମିତ ନୂତନ ଗୃହ ଉଦ୍‌ଘାଟିତ ହୋଇଯାଇଛି। ମତ୍ସ୍ୟ ଓ ପଶୁ ସମ୍ପଦ ରାଷ୍ଟ୍ରମନ୍ତ୍ରୀ ଗୋକୁଳାନନ୍ଦ ମଲିକ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ଉଦ୍‌ଘାଟନୀ ଉତ୍ସବରେ ଗୋଶାଳାର ପ୍ରତିଷ୍ଠାତା ସଂପାଦକ ପଣ୍ଡିତ ବିଷ୍ଣୁ ଚରଣ ପଣ୍ଡା, ମୁଖପାତ୍ର ବରିଷ୍ଠ ସାମ୍ବାଦିକ ବିଷ୍ଣୁଦତ୍ତ ଦାସ, ସମ୍ମାନିତ ଅତିଥି ରୂପେ ଓଡ଼ିଶା ଖଣିନିଗମ ଜନ ସମ୍ପର୍କ ଅଧିକାରୀ ସନ୍ଦୀପ ସେଠୀ, ନେବଳଦାସ ମଠ ମହନ୍ତ ଡ. ରାମଚରଣ ଦାସ ମହାରାଜ, ଖୋର୍ଦ୍ଧା ହରିପୁର ରାଧାକାନ୍ତ ମଠ ମହନ୍ତ ସଦାନନ୍ଦ ଦାସ ମହାରାଜ ଏବଂ ପୁରୀ ଜିଲ୍ଲା ପଶୁସମ୍ପଦ ଅଧିକାରୀ ଡ. ଶରତ ଚନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ମଲିକ କହିଥିଲେ ଯେ, ଓଡ଼ିଶାରେ ଗୋମାତାଙ୍କ ସୁରକ୍ଷା ଆମର ଦାୟିତ୍ୱ। ପଣ୍ଡିତ ବିଷ୍ଣୁ ଚରଣ ପଣ୍ଡା ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି କହିଥିଲେ ପୁରୀ-ସାତପଡା, ପୁରୀ-କୋଣାର୍କ ଓ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥରେ ରାସ୍ତା ଅବରୋଧ କରି ଆଶ୍ରୟନେଉଥିବା ଗୋମାତାଙ୍କୁ ଗୋବିନ୍ଦ ଗୋଧାମ ଗୋଶାଳାର ବିଭିନ୍ନ ଶାଖା ଜରିଆରେ ଆଶ୍ରିତ କରାଯିବ। ଏଥିପାଇଁ ବିଭାଗର ସହଯୋଗ ଦରକାର। ଏହାଦ୍ୱାରା ଦେଶ ତଥା ରାଜ୍ୟ ବାହାରୁ ଆସୁଥିବା ପର୍ଯ୍ୟଟକମାନେ ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ସୁବିଧାରେ ଯାତାୟାତ କରିପାରିବେ। ସେହିଭଳି ରାଜ୍ୟର ସମସ୍ତ ଜିଲ୍ଲାରେ ଗୋବିନ୍ଦ ଗୋଧାମ ଗୋଶାଳା ତରଫରୁ ଗୋଶାଳା ଖୋଲାଯାଇ ୧୦ ହଜାରରୁ ଅଧିକ ଗୋମାତାଙ୍କ ରହଣି ବ୍ୟବସ୍ଥା କରାଯାଇପାରିବ। ଏଥିରେ ଗୋବିନ୍ଦ ଗୋଧାମ ଗୋଶାଳାର ମହାରାଷ୍ଟ୍ର ଶାଖାର ସଦସ୍ୟବୃନ୍ଦ ତଥା ରାଜସ୍ଥାନର ଭକ୍ତ ମଣ୍ଡଳୀ ଯୋଗଦେଇଥିଲେ।

## ଶ୍ରୀମନ୍ଦିର ଆକାଉଣ୍ଟରେ ଜମାହେଲା ଅର୍ପଣ ଚାଉଳ ବିକ୍ରି ଟଙ୍କା

ପୁରୀ,୮।୧୧(ସମିସ): ଶ୍ରୀମନ୍ଦିର ଆକାଉଣ୍ଟରେ ଜମା ହେଲା ଅର୍ପଣ ଚାଉଳ ବିକ୍ରି ଟଙ୍କା। ମୋଟ ୨ କୋଟି ୮୬ ଲକ୍ଷ ଟଙ୍କା ମନ୍ଦିର ଆକାଉଣ୍ଟରେ ଜମା କରାଯାଇଛି। ତିନୋଟି ପର୍ଯ୍ୟାୟରେ ଏହି ଟଙ୍କା ମନ୍ଦିରକୁ ଆସିଥିବା ବେଳେ ଏହାକୁ ମନ୍ଦିରର ଅନ୍ୟ ଫଣ୍ଡରେ ଜମା କରା ନ ଯାଇ ସ୍ୱତନ୍ତ୍ର ଭାବେ ଏକ ଆକାଉଣ୍ଟରେ ରଖାଯାଇଛି। ପରବର୍ତ୍ତୀ ସମୟରେ ଏହି ଟଙ୍କା ସଂକ୍ରାନ୍ତରେ ଯାହା ନିଷ୍ପତ୍ତି ହେବ ସେହି ଅନୁସାରେ ବିନିଯୋଗ କରାଯିବ ବୋଲି ଜଣାପଡ଼ିଛି।

ସୂଚନାଥାଉ କି, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନ ପୂର୍ବରୁ ରାଜ୍ୟର କୋଣ ଅନୁକୋଣରୁ ଗଡ଼ିଥିଲା ଅର୍ପଣ ରଥ। ମହାପ୍ରଭୁଙ୍କ ପ୍ରତି ସମର୍ପଣ ଭାବ ରଖି ପ୍ରତ୍ୟେକ ପରିବାର ଚାଉଳ, ଗୁଆ, ନଡ଼ିଆ ପ୍ରଦାନ କରିଥିଲେ। ପ୍ରାୟ ୧୪ ହଜାର କୁଇଣ୍ଟାଲ ଚାଉଳ ସଂଗ୍ରହ ହୋଇ ପୁରୀକୁ ଆସିଥିଲା। ଅର୍ପଣ ଚାଉଳର ଭବିଷ୍ୟତକୁ ନେଇ ବାଦ ବିବାଦ ଉଠିବା ପରେ ଏଥିରେ କାନିକା, ଖେଚେଡ଼ି ପ୍ରସ୍ତୁତ କରାଯାଇ ଭକ୍ତଙ୍କୁ ବଣ୍ଟନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ତେଣୁ ସୁଆର ମହାସୁଆର ନିଯୋଗ ଏଥିରେ କାନିକା, ଖେଚେଡ଼ି କରି ଶ୍ରୀମନ୍ଦିର ଚାରିଦ୍ୱାରରେ ଶ୍ରଦ୍ଧାଳୁଙ୍କୁ ବଣ୍ଟନ କରୁଥିଲେ। ହେଲେ ରାଜ୍ୟରେ ସରକାର ପରିବର୍ତ୍ତନ ପରେ ଗତ ଜୁନ୍ ୬ ତାରିଖରୁ ହଠାତ୍ କାନିକା, ଖେଚେଡି ବଣ୍ଟନକୁ ବନ୍ଦ କରିଦିଆଗଲା। ଫଳରେ ଆହୁରି ୧୦ ହଜାର କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଚାଉଳ ରହି ଧୀରେ ଧୀରେ ନଷ୍ଟ ହେବାକୁ ଲାଗିଥିଲା। ପୁନଶ୍ଚ ଅର୍ପଣ ଚାଉଳକୁ ନେଇ ବିବାଦ ଉପୁଜିଥିଲା। ପରିଚାଳନା କମିଟି ରାଜ୍ୟ ସରକାରଙ୍କଠାରୁ ଅନୁମତି ମିଳିବା ପରେ ଯୋଗାଣ ବିଭାଗ ପକ୍ଷରୁ ସଟ୍ ଅକ୍ସନ ଓ ସ୍ୱଟ୍ ଅକ୍ସନ କରାଯାଇଥିଲା। ଏହାର ବେସ୍ ପ୍ରାଇସ୍ କୁଇଣ୍ଟାଲ ପିଛା ୨ ହଜାର ଟଙ୍କା ରଖାଯାଇଥିଲା।

ନିଲାମରେ ମୋଟ ୬ ଜଣ ଭାଗ ନେଇଥିଲେ। ସର୍ବାଧିକ କୁଇଣ୍ଟାଲ ପିଛା ୨,୭୮୦ ଟଙ୍କା ନିଲାମରେ ମୋଟ ୧୦ ହଜାର ୩୨୨କୁଇଣ୍ଟାଲ ୩୯ କେଜି ଚାଉଳ ବିକ୍ରି ହୋଇଥିଲା। ନିମାପଡ଼ାର ମା' ତାରିଣୀ ରାଇସ୍ ମିଲର ମାଲିକ ସୁରେଶ କୁମାର ମହାନ୍ତି ଏହାକୁ ନିଲାମରେ ନେଇଥିଲେ।

## ଚେନ୍ ଲୁଟ୍ ଘଟଣାରେ ୨ ଗିରଫ

ପୁରୀ,୮।୧୧(ସମିସ): ଆଶ୍ରମ ଛକଠାରେ ଚେନ୍ ଏବଂ ମୋବାଇଲ୍ ଲୁଟ୍ ମାମଲାରେ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି କୁମ୍ଭାରପଡା ଥାନା ପୁଲିସ। ସେମାନେ ହେଲେ, ରାମଚଣ୍ଡୀ ସାହି ବାଲି ଉପରର ପାଗଳ ଓରଫ ରଞ୍ଜନ ଚମ୍ପତି(୩୧) ଓ କୁନା ପ୍ରଧାନ (୨୦)। ପୁଲିସ ଉଭୟଙ୍କୁ ଗିରଫ କରି ସେମାନଙ୍କ ନିକଟରୁ ରୁପାଚେନ୍ ଏବଂ ମୋବାଇଲ ଜବତ କରିଛି। ସୂଚନା ଅନୁଯାୟୀ, ଭୁବନେଶ୍ୱର ଦୁର୍ଗାପୁରର ପ୍ରଦୀପ କୁମାର ସାହୁ ବସ୍‌ଷ୍ଟାଣ୍ଡରୁ ଆଶ୍ରମଛକ ଦେଇ ଯାଉଥିବା ବେଳେ ଅଭିଯୁକ୍ତ ଦୁହେଁ ଆସି ପ୍ରଥମେ ତାଙ୍କୁ ଧକ୍କା ଦେଇଥିଲେ। ପରେ ଦୁହେଁ ରୁପାଚେନ୍ ଏବଂ ମୋବାଇଲ ଲୁଟ୍ କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏନେଇ ପ୍ରଦୀପ କୁମ୍ଭାରପଡା ଥାନାରେ ଅଭିଯୋଗ କରିବାରେ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ ପରେ ଆଜି କୋର୍ଟ ଚାଲାଣ କରିଛି।

## ଦେଶୀମଦ ଜବତ; ୪ ଗିରଫ

ପୁରୀ,୮।୧୧(ସମିସ): ପୁରୀର ବିଭିନ୍ନ ସ୍ଥାନରେ ବେଆଇନ ଦେଶୀମଦ ବିକ୍ରି କରୁଥିବା ୪ ଅଭିଯୁକ୍ତଙ୍କୁ ଅବକାରୀ ପୁଲିସ ଗିରଫ କରିଛି। ସେମାନେ ହେଲେ, ବୀରହରେକୃଷ୍ଣପୁରର ନାରାୟଣ ବାରିକ (୩୪), କୁମ୍ଭାରପଡା ଥାନା ଅଧୀନ ନରେନ୍ଦ୍ରକୋଣ ଆଇଟିଆଇ କଲେଜ ପାଖର ବାବୁଲି ଭୋଇ (୬୦), ଟିକିନା ବେୱା (୮୦), କାଶିହରୀ ପୁରର ଯମୁନା ବେୱା (୬୦)। ଅଭିଯୁକ୍ତ ମାନେ ନିଜ ନିଜ ଅଞ୍ଚଳରେ ବେଆଇନ ଭାବେ ଦେଶୀମଦ ବିକ୍ରି କରୁଥିଲେ। ଖବର ପାଇ ଅବକାରୀ ପୁଲିସ ଘଟଣାସ୍ଥଳରେ ଚଢ଼ଉ କରି ଦେଶୀମଦ ଜବତ କରିବା ସହ ଅଭିଯୁକ୍ତମାନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି।

ଜନ୍ମ ଶତବାର୍ଷିକୀରେ ସ୍ମୃତିଚାରଣ

## ରମାଦେବୀଙ୍କ ପରି ତ୍ୟାଗୀ ମଣିଷ ମିଳିବା କଷ୍ଟକର

ପୁରୀ,୮।୧୧(ସମିସ): ମା' ରମାଦେବୀଙ୍କ ୧୨୫ତମ ଜନ୍ମ ଶତବାର୍ଷିକୀ କାର୍ଯ୍ୟକ୍ରମ ସ୍ଥାନୀୟ ଶ୍ରୀସଦାଶିବ ପରିସରରେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଓ ଉତ୍କଳ ସର୍ବୋଦୟ ମଣ୍ଡଳ ମିଳିତ ଆୟୋଜନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତିତ୍ୱ କରି ପୁରୀ ଜିଲ୍ଲା ସର୍ବୋଦୟ ମଣ୍ଡଳ ସଭାପତି ବରିଷ୍ଠ ଅଧିବକ୍ତା ଉମାବଲ୍ଲଭ ମହାପାତ୍ର ରମାଦେବୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ମହିୟସୀ ମା'ଙ୍କ ତୁଳନା ନାହିଁ ବୋଲି କହିଥିଲେ। ରମାଦେବୀଙ୍କ ପରି ତ୍ୟାଗୀ ମଣିଷ ମିଳିବା କଷ୍ଟକର। ସମଗ୍ର ଚୌଧୁରୀ ପରିବାର ମା' ରମାଦେବୀଙ୍କ ସହିତ ଦେଶ ସେବା ଓ ସମାଜ ସଂସ୍କାର କାମରେ ନିଜକୁ ନିୟୋଜିତ କରିଥିଲେ। କାର୍ଯ୍ୟକ୍ରମର ଉଦ୍‌ଘାଟକ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଫେସର ବନମାଳୀ ବିଶ୍ୱାଳ ରମାଦେବୀଙ୍କ ସମାଜ ସେବା ଓ ନାରୀ ସମାଜ ପ୍ରତି ତାଙ୍କର ବଳିଷ୍ଠ ନେତୃତ୍ୱ ବିଷୟରେ ଉଲ୍ଲେଖ କରିଥିଲେ। ମୁଖ୍ୟବକ୍ତା ଭାବେ ବରୀ ରମାଦେବୀ ଗୋପବନ୍ଧୁ ଚୌଧୁରୀ ଆଶ୍ରମର ମାର୍ଗଦର୍ଶକ କୁଞ୍ଜବିହାରୀ ଦାଶ, ଅନ୍ୟତମ ବକ୍ତା ନାରୀନେତ୍ରୀ ଓ କସ୍ତୁରବା ଗାନ୍ଧୀ ସ୍ମାରକ ନିଧିର କର୍ମୀ କବିତା ରାଣୀ ପରିଡ଼ା ନିଶା ଛାଡି ଦେଶ ଗଢିବାକୁ ଆହ୍ୱାନ ଜଣାଇଥିଲେ। ମୁଖ୍ୟଅତିଥି ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ମଳୟ ତ୍ରିପାଠୀ, ଅନ୍ୟତମ ବକ୍ତା ସେବା ସମିତି ସଭାପତି ସର୍ବୋଦୟ ଲୋକସେବକ ରମାକାନ୍ତ ନାଥ ରମାଦେବୀଙ୍କ ଜୀବନ ଓ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଉତ୍କଳ ସର୍ବୋଦୟ ମଣ୍ଡଳର ସମ୍ପାଦକ ରମାକାନ୍ତ ମଣ୍ଡଳ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁଶାନ୍ତ କୁମାର ରାଜ ଧନ୍ୟବାଦ ପ୍ରଦାନ କରିଥିଲେ। ସର୍ବୋଦୟ କର୍ମୀମାନେ ସର୍ବଧର୍ମ ପ୍ରାର୍ଥନା ଗାନ କରିଥିଲାବେଳେ ରୁଚି ମିତ୍ରା ଜଗଦେବ ମହାପାତ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜ୍ୟୋତ୍ସ୍ନା ନାୟକ, ବିଦ୍ୟୁତ୍‌ଲତା ଆଚାର୍ଯ୍ୟ, ଛାୟାକାନ୍ତ ନାୟକ, ଇନ୍ଦୁମତୀ ସାହୁ, ମାଳତୀ ପାତ୍ର, ସୁକାନ୍ତ କୁମାର ମହାନ୍ତି, ସ୍ନେହାଂଶୁ ଜେନା ପ୍ରମୁଖ ଯୋଗ ଦେଇଥିଲେ।




TPCODL
ଟିପି ସେଣ୍ଟ୍ରାଲ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

ନୋଟିସ୍ : ଟିପିସିଓଡିଏଲ୍‌ରେ ଆଇଟି ସିଷ୍ଟମ ଉନ୍ନତୀକରଣ

କାର୍ଯ୍ୟଦକ୍ଷତା ଓ ସେବାର ଭରସାଯୋଗ୍ୟତା ବୃଦ୍ଧି ପାଇଁ ଜାରି ରହିଥିବା ଆମର ନିରନ୍ତର ଉଦ୍ୟମ କ୍ରମେ ଟିପିସିଓଡିଏଲ ଆସନ୍ତା ୧୦ ନଭେମ୍ବର ୨୦୨୪ ଠାରୁ ନିଜର ଆଇଟି ସିଷ୍ଟମର ଉନ୍ନତୀକରଣ କରିବ ।

ଏହି ଉନ୍ନତୀକରଣ ସମୟରେ ଆମର ବିଭିନ୍ନ ଉପଭୋକ୍ତା ସେବା ଯେପରିକି କଲ୍ ସେଣ୍ଟର, ଅନଲାଇନ ଦେୟସଂଗ୍ରହ, କାଉଣ୍ଟର ଦେୟସଂଗ୍ରହ, ନୂଆ ସଂଯୋଗ ଆବେଦନ, ୱେବସାଇଟ୍ ଓ ମିତ୍ର ଆପ୍ ଆଦିରେ ସାମୟିକ ଧୀମାବସ୍ଥା ବା ବିଳମ୍ବିତ ଉତ୍ତର ଦେଖାଯାଇପାରେ । ଏସବୁ ବ୍ୟାଘାତକୁ ଯଥାସମ୍ଭବ କମ କରିବାକୁ ଆମେ ଉଦ୍ୟମ କରୁଛୁ ଓ ୧୬ ନଭେମ୍ବର ୨୦୨୪ ସୁଦ୍ଧା ସଂପୂର୍ଣ୍ଣ ସେବା ପର୍ଯ୍ୟାୟକ୍ରମେ ସ୍ୱାଭାବିକ ହୋଇଯିବ ।

ଆମେ ଆପଣଙ୍କ ଧୈର୍ଯ୍ୟ ଏବଂ ସହଯୋଗ କାମନା କରୁଛୁ କାରଣ ଆମେ ଅଧିକ ଭରସାଯୋଗ୍ୟ ସେବା ଅନୁଭୂତି ପାଇଁ ଆମର ଭିତ୍ତିଭୂମିରେ ଉନ୍ନତି ଆଣିବା ପାଇଁ କାର୍ଯ୍ୟ କରୁଛୁ।

# ବ୍ୟାରିକେଡ୍ ଭାଙ୍ଗି ଚିକିତ୍ସାଧୀନ ହାତୀ ଫେରାର୍

## ୨୪ଘଣ୍ଟା ପରେ ବୁଦାମୂଳରୁ ଉଦ୍ଧାର

ଢେଙ୍କାନାଳ, ୮ ।୧୧(ସମିସ): ଢେଙ୍କାନାଳ ବନଖଣ୍ଡ ସଦର ରେଞ୍ଜ ମେରାମଣ୍ଡଳୀ ସେକ୍ସନ୍ ଅନ୍ତର୍ଗତ ଚିନ୍ତାପୋଖରୀ ନିକଟରେ ଟ୍ରେନ୍ ଦୁର୍ଘଟଣାରେ ଗୁରୁତର ହୋଇଥିବା ମାଈ ହାତୀ ଆଜି ଚିକିତ୍ସାଧୀନ ଅବସ୍ଥାରେ କପିଳାସ ହାତୀ ସଂରକ୍ଷଣ କେନ୍ଦ୍ରରୁ ଫେରାର୍ ହୋଇଯିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି । ତେବେ ବନ କର୍ମଚାରୀ ଦୀର୍ଘ ୧୨ ଘଣ୍ଟାର ଅକ୍ଳାନ୍ତ ପରିଶ୍ରମ କରି ହାତୀକୁ ନିକଟସ୍ଥ ଏକ ବୁଦାମୂଳରୁ ଉଦ୍ଧାର କରି ପୁଣି ହାତୀ ସଂରକ୍ଷଣ କେନ୍ଦ୍ରକୁ ଆଣିଛନ୍ତି ।

ସୂଚନାନୁଯାୟୀ, ଗୁରୁତର ହାତୀକୁ ଠାବ କରି ବନ ବିଭାଗ ଚିକିତ୍ସା ପାଇଁ କପିଳାସ ହାତୀ ସଂରକ୍ଷଣ କେନ୍ଦ୍ରକୁ ସ୍ଥାନାନ୍ତର କରିଥିଲା । ହାତୀଟିର ମୁଣ୍ଡ ଓ ଗୋଡ଼ରେ କ୍ଷତ ହୋଇଥିବା ବେଳେ ସାତକୋଶିଆ ଅଭୟାରଣ୍ୟ ଏବଂ କପିଳାସ ଅଭୟାରଣ୍ୟରେ ନିଯୁକ୍ତ ଡାକ୍ତର ତା'ର ଚିକିତ୍ସା ଚଳାଇଥିଲେ । ଶୁକ୍ରବାର ଭୋର୍ ୫ଟାରେ ହାତୀଟି କପିଳାସ ହାତୀ ସଂରକ୍ଷଣ କେନ୍ଦ୍ରର ବ୍ୟାରିକେଡ୍ ଭାଙ୍ଗି ପଳାଇଥିଲା । ବନ କର୍ମଚାରୀମାନେ ଦୀର୍ଘ ୧୨ଘଣ୍ଟାର ଅକ୍ଳାନ୍ତ ପରିଶ୍ରମ କରି ହାତୀକୁ ନିକଟସ୍ଥ ଏକ ବୁଦାମୂଳରୁ ଉଦ୍ଧାର କରି ପୁଣି ହାତୀ ସଂରକ୍ଷଣ କେନ୍ଦ୍ରକୁ ଆଣିଛନ୍ତି । ହାତୀର ବୟସ ୫ ବର୍ଷ ହେବ ବୋଲି ଜଣାପଡ଼ିଛି । ହାତୀକୁ ଏକ ଡାକ୍ତରୀ ଟିମ ଏବେ ଚିକିତ୍ସା କରୁଛନ୍ତି ।

# ପାଚିଲା ଧାନ ବିଲରେ ଦେଢ଼ଶ' ହାତୀ

ବାରିପଦା, ୮ ।୧୧ (ସମିସ): ଦିନ ସାରା ଜଙ୍ଗଲରେ ଲୁଚି ରହୁଛନ୍ତି । ସୂର୍ଯ୍ୟ ଟିକିଏ ତଳକୁ ନଇଁଲେ ପଲପଲ ହୋଇ ମାଡ଼ି ଆସୁଛନ୍ତି । ଧାନ ବିଲ, ପରିବା କିଆରି ଯୁଆଡ଼େ ପାରୁଛନ୍ତି, ମୁହଁ ପୂରେଇ ଖାଉଛନ୍ତି । ଯେତିକି ଖାଉଛନ୍ତି, ତା'ଠାରୁ ବେଶି ଦଳିଚକଟି ନଷ୍ଟ

### ବାରିପଦା ଓ କରଞ୍ଜିଆ ବନଖଣ୍ଡରେ ଉପଦ୍ରବ

### ୧୫୦ କ୍ଲଷ୍ଟରରେ ୭୫୦ ଗଜସାଥୀ ପର୍ଯ୍ୟାପ୍ତ ହେଉନାହାନ୍ତି

କରୁଛନ୍ତି । ମୟୂରଭଞ୍ଜ ଜିଲ୍ଲା ବାରିପଦା ବନଖଣ୍ଡର ବାରିପଦା, ବେତନଟୀ, ବାଙ୍ଗିରିପୋଷି, ଦେଉଳି, କପ୍ତିପଦା, ରାସଗୋବିନ୍ଦପୁରଠାରୁ ଆରମ୍ଭ କରି କରଞ୍ଜିଆ ବନଖଣ୍ଡର କରଞ୍ଜିଆ ରେଞ୍ଜ ଅଞ୍ଚଳ; ସବୁଠି ସେହି ସମାନ ଅବସ୍ଥା । ଏମିତି ମାସେ ହେଲା ଝାଡ଼ଖଣ୍ଡୀ ହାତୀପଲ ଉତ୍ପାତ କରିଚାଲିଛନ୍ତି । ପାଖାପାଖି ୧୫୦ ହାତୀ ଏମିତି ବିଧ୍ୱଂସ ଲୀଳା ଚଳାଇଛନ୍ତି । ଏସବୁ ଦେଖି ଚାଷୀ ଦେହରେ ଯାଉନି । ଉଜୁଡ଼ା କ୍ଷେତ ଦେଖି ଭାଗ୍ୟକୁ ନିନ୍ଦିବା ବ୍ୟତୀତ



ଖାଇବାଠାରୁ ନଷ୍ଟ କରୁଛନ୍ତି ଅଧିକ

ସେମାନଙ୍କ ପାଖରେ ଆଉ କିଛି ବିକଳ୍ପ ନାହିଁ । ହାତୀପଲଙ୍କୁ ନିୟନ୍ତ୍ରଣରେ ରଖିବା, ଘଉଡ଼ାଇବା ପାଇଁ ଜିଲ୍ଲାର ୧୫୦ କ୍ଲଷ୍ଟର୍‌ରେ ୭୫୦ ଗଜସାଥୀ ଥିଲେ ହେଁ ତାହା ପର୍ଯ୍ୟାପ୍ତ ହେଉନାହିଁ ।

ଖାଲି ଚଳିତବର୍ଷ ବୋଲି ନୁହେଁ, ପ୍ରତିବର୍ଷ ଏଇ ସମୟରେ ଝାଡ଼ଖଣ୍ଡୀ ହାତୀପଲ ଓଡ଼ିଶାମୁହାଁ ହୋଇଥା'ନ୍ତି । ଧାନ ଅମଳର ସମୟ ହୋଇଥିବାରୁ ପାଚିଲା ଧାନ ବାସ୍ନା ସେମାନଙ୍କୁ ରାଜ୍ୟ ସୀମା ପାର୍ ହୋଇ ଆସିବାକୁ ବାଧ କରିଥାଏ । ଏଠାକାର ଜଙ୍ଗଲରେ ଡେରା ପକାଇବା ସହ ଏକରଏକର ଜମିରେ ଧାନଫସଲ ଖାଇ ଆରାମରେ ମାସେ ଦୁଇମାସ ବିତାଇ ପୁଣି ଝାଡ଼ଖଣ୍ଡ ବାହୁଡ଼ି ଯାଇଥା'ନ୍ତି । କିନ୍ତୁ ଗତଥର ଅପେକ୍ଷା ଏଥର ଅଧିକ ହାତୀ ମାଡ଼ି ଆସିଛନ୍ତି । ମିଳିଥିବା ସୂଚନାନୁଯାୟୀ, ବାରିପଦା ବନଖଣ୍ଡରେ ବର୍ତ୍ତମାନ ୧୨୧ଟି ହାତୀ ଚଳପ୍ରଚଳ କରୁଥିବା ବେଳେ ସେଥିମଧ୍ୟରୁ ୯୭ଟି ଝାଡ଼ଖଣ୍ଡୀ ହାତୀ । ବାକି ୨୫ଟି ଶିମିଳିପାଳ ଅଭୟାରଣ୍ୟର । ଗତବର୍ଷ ବାରିପଦା ବନଖଣ୍ଡରେ ସର୍ବାଧିକ ୧୦୫ବଣୁଆ ହାତୀ ଆସିଥିବା ବେଳେ ଚଳିତବର୍ଷ ବୃଦ୍ଧି ପାଇ ୧୨୧ରେ ପହଞ୍ଚିଛି । ଏମାନଙ୍କ ମଧ୍ୟରେ ୩୯ଟି ଦନ୍ତା, ୪୭ଟି ମାଈ ଓ ୩୫ଟି ଶାବକ ହାତୀ ରହିଛନ୍ତି । ସେହିପରି କରଞ୍ଜିଆ ବନଖଣ୍ଡରେ ୨୮ଟି ଶିମିଳିପାଳ ହାତୀ ଉପଦ୍ରବ କରୁଛନ୍ତି । ତେବେ ଉଦ୍‌ବେଗଜନକ କଥା ହେଲା, ଖାଦ୍ୟ ସନ୍ଧାନରେ ଏହି ହାତୀପଲ ଜନବସତି ଆଡ଼କୁ ମାଡ଼ି ଯାଉଛନ୍ତି । ଗତ କିଛି ଦିନ ହେବ, ଏମିତି ଅନେକ ଘଟଣା ଦୃଷ୍ଟିଗୋଚର ହୋଇଛି । ଫଳରେ ଲୋକଙ୍କ ଜୀବନହାନି ନେଇ ଆଶଙ୍କା ସୃଷ୍ଟି ହୋଇଛି । ଫଳରେ ହାତୀ ଭୟରେ ଗ୍ରାମବାସୀ ରାତି ଅନିଦ୍ରା ହୋଇ ପାଳି କରି ଗାଁ ଜଗୁଛନ୍ତି ।

ଏ ସଂପର୍କରେ ବାରିପଦା ବନଖଣ୍ଡ ଅଧିକାରୀ ଏ. ଉମା ମହେଶ କହିଛନ୍ତି ଯେ ବନବିଭାଗ ପକ୍ଷରୁ ହାତୀ ନିରୀକ୍ଷଣ ପାଇଁ ଟିମ୍ ଗଠନ କରାଯାଇଛି । ଉକ୍ତ ଟିମ୍ ହାତୀପଲର ଗତିବିଧି ଅନୁଧ୍ୟାନ କରୁଛନ୍ତି । କିନ୍ତୁ ବାସ୍ତବରେ ଏହା ପର୍ଯ୍ୟାପ୍ତ ନୁହେଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ପ୍ରାୟ ସମୟରେ ଉକ୍ତ ଟିମ୍ ହାତୀପଲଙ୍କ ଗତିବିଧି ଟ୍ରାକ୍ କରିବାରେ ବିଫଳ ହେଉଛି । ୧୫୦ ବନ କ୍ଲଷ୍ଟର୍‌ରେ ନିୟୋଜିତ ୭୫୦ଜଣ ଗଜସାଥୀ ରାଜ୍ୟ ସୀମାବର୍ତ୍ତୀ ଅଞ୍ଚଳରେ ହାତୀପଲକୁ ନିୟନ୍ତ୍ରଣରେ ଜଗିବାକୁ ବିଫଳ ହେଉଛନ୍ତି । ଅପରପକ୍ଷରେ ଫସଲ, ଘର କ୍ଷୟକ୍ଷତିର ତୁରନ୍ତ ଅନୁଧ୍ୟାନ କରି ଅନୁକମ୍ପା ଆପ୍ଲିକେସନ୍ ଜରିଆରେ ସହାୟତା ଯୋଗାଇ ଦିଆଯାଉଛି ବୋଲି ଏସିଏଫ୍ ରବିନାରାୟଣ ମହାନ୍ତି କହିଛନ୍ତି ।

# ଭିଜିଲାନ୍ସ ଜାଲରେ ଡାକ୍ତର, ଫାର୍ମାସିଷ୍ଟ

## ୪୦ ହଜାର ଲାଞ୍ଚ ନେବା ବେଳେ ଗିରଫ

ଜୟପୁର/ବୈପାରୀଗୁଡ଼ା, ୮।୧୧ (ସମିସ): ବୈପାରୀଗୁଡ଼ା ସଦର ମହକୁମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡାକ୍ତର ବିଶ୍ୱଜିତ ଭୂୟାଁ ଏବଂ ଫାର୍ମାସିଷ୍ଟ





ଉତ୍ତମ ମହାକୁଡ଼ ଲାଞ୍ଚ ନେଇ ଆଜି ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି । ବକେୟା ଦରମା ଟଙ୍କା ପ୍ରଦାନ କରିବାକୁ ନର୍ସିଂ ଅଧିକାରୀ ପିଙ୍କି ବାଲାଙ୍କଠାରୁ ୪୦ହଜାର ଟଙ୍କା ଲାଞ୍ଚ ନେବା ବେଳେ ଜୟପୁର ଭିଜିଲାନ୍ସ ଟିମ୍ ଦୁହିଁଙ୍କୁ କାବୁ କରିଛି । ଦୁହିଁଙ୍କୁ ଗିରଫ କରାଯିବା ସହ ସେମାନଙ୍କ ନିକଟରୁ ୪୦ ହଜାର ଲାଞ୍ଚ ଟଙ୍କା ଜବତ କରାଯାଇଛି । ଏହାସହ ଆୟ ବହିର୍ଭୂତ ସଂପତ୍ତି ଠୁଳ ସନ୍ଦେହରେ ଡାକ୍ତର ଭୂୟାଁଙ୍କ ବୈପାରୀଗୁଡ଼ାସ୍ଥିତ ସରକାରୀ କାର୍ଯ୍ୟାଳୟ ସମେତ ଭଡ଼ାଘର, କଟକ ଜିଲ୍ଲାରେ ଥିବା ତାଙ୍କ ପୈତୃକ ଘର ଏବଂ ଅଭିଯୁକ୍ତ ଫାର୍ମାସିଷ୍ଟଙ୍କ ବୈପାରୀଗୁଡ଼ା ବାସଭବନ ଉପରେ ଭିଜିଲାନ୍ସ ପକ୍ଷରୁ ଚଢ଼ଉ କରାଯାଇଛି । ଜୟପୁର ଭିଜିଲାନ୍ସ ଏସ୍‌ପି ପ୍ରଦ୍ୟୁମ୍ନ କୁମାର ଦ୍ୱିବେଦୀଙ୍କ ନିର୍ଦ୍ଦେଶକ୍ରମେ ଡିଏସ୍‌ପି ଅଭୟ ପ୍ରଧାନ, ଇନ୍ସପେକ୍ଟର୍ ଅନୁଭା ଦାସ, ସଞ୍ଜୟ ପ୍ରଧାନଙ୍କ ନେତୃତ୍ୱରେ ଭିଜିଲାନ୍ସ କର୍ମଚାରୀମାନେ ଏହି ଚଢ଼ଉରେ ସାମିଲ ଥିଲେ ।

## ଖୋର୍ଦ୍ଧା-ବଲାଙ୍ଗିର ରେଳ ପ୍ରକଳ୍ପର ୨୨୬ କିମି କାର୍ଯ୍ୟ ସମ୍ପୂର୍ଣ୍ଣ

# ବୌଦ୍ଧ-ଝାରମୁଣ୍ଡା ମଧ୍ୟରେ ଗଡ଼ିବ ଟ୍ରେନ୍

ଭୁବନେଶ୍ୱର, ୮।୧୧(ସମିସ): ରାଜ୍ୟରେ ବହୁପ୍ରତୀକ୍ଷିତ ଖୋର୍ଦ୍ଧା ରୋଡ୍-ବଲାଙ୍ଗିର ରେଳ ଲାଇନ ପ୍ରକଳ୍ପର ୧୯୯ କିମି ରେଳ ଲାଇନ୍ କାର୍ଯ୍ୟକ୍ଷମ ହୋଇଥିବା ବେଳେ ଆଉ ୨୭କିମି ଶୀଘ୍ର କାର୍ଯ୍ୟକ୍ଷମ ହେବାକୁ ଯାଉଛି । ବଲାଙ୍ଗିର ପଟୁ ଝାରମୁଣ୍ଡାଠାରୁ ବୌଦ୍ଧ ଷ୍ଟେସନ ମଧ୍ୟରେ



୧୬.୨୭୦ କିଲୋମିଟର ଦୈର୍ଘ୍ୟ ନୂତନ ଭାବେ ନିର୍ମିତ ଟ୍ରେନ୍ ଲାଇନରେ ଇଞ୍ଜିନର ପରୀକ୍ଷଣ କରାଯିବା ସହ ରେଳ ନିରାପତ୍ତା ଆୟୁକ୍ତଙ୍କ ଦ୍ୱାରା ନିରୀକ୍ଷଣ କାମ ଶେଷ ହୋଇଛି । ରେଳ ସୁରକ୍ଷା ଆୟୁକ୍ତଙ୍କ ଦ୍ୱାରା ସଫଳ ଯାଞ୍ଚ ଏବଂ ଅନୁମତି ପରେ ଝାରମୁଣ୍ଡା-ବୌଦ୍ଧ ରେଳ ସେକ୍ସନରେ ଟ୍ରେନ୍ ଚଳାଚଳ ପାଇଁ ଅନୁମତି ମିଳିଛି ।

ଏହି ପ୍ରକଳ୍ପରେ ନୂତନ ଭାବେ ନିର୍ମିତ ବୌଦ୍ଧ-ଚମ୍ପାପୁର ୧୩.୭୦୧ କି.ମି. ଦୈର୍ଘ୍ୟ ରେଳ ସେକ୍ସନ ଓ ଚମ୍ପାପୁର-ପୁରୁଣାକଟକ ୧୩.୪୩୭ କି.ମି. ଦୈର୍ଘ୍ୟ ରେଳ ସେକ୍ସନର ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲୁଛି । ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନର ସର୍ବମୋଟ ୩୦୧ କିମି ଦୈର୍ଘ୍ୟ ରେଳପଥ ମଧ୍ୟରୁ ଆଜି ପର୍ଯ୍ୟନ୍ତ ୧୯୯କିଲୋମିଟର ଦୈର୍ଘ୍ୟ ରେଳ ଲାଇନ୍‌ର କାର୍ଯ୍ୟ ସମାପ୍ତ ହୋଇ କାର୍ଯ୍ୟକ୍ଷମ ହୋଇଛି । ସେଥିମଧ୍ୟରୁ ଖୋର୍ଦ୍ଧାରୋଡ୍‌ରୁ ଦଶପଲ୍ଲା ପର୍ଯ୍ୟନ୍ତ ୧୦୬ କିଲୋମିଟର ଏବଂ ବଲାଙ୍ଗିର ପାର୍ଶ୍ୱରୁ ବୌଦ୍ଧ ପର୍ଯ୍ୟନ୍ତ ପ୍ରାୟ ୯୩ କିମି ସମ୍ପୂର୍ଣ୍ଣ ହୋଇଛି । ଏହାସହ ବୌଦ୍ଧରୁ ପୁରୁଣାକଟକ ପର୍ଯ୍ୟନ୍ତ ୨୭ କିଲୋମିଟର କାର୍ଯ୍ୟ ଶେଷ ପର୍ଯ୍ୟାୟରେ ନିର୍ମାଣାଧୀନ ଅଛି । ପୁରୁଣା କଟକରୁ ଦଶପଲ୍ଲା ପର୍ଯ୍ୟନ୍ତ ଅବଶିଷ୍ଟ ୭୫ କିଲୋମିଟର ଲମ୍ବ ରେଳ ଲାଇନ ରେ ଏକାଧିକ ଟନେଲ ନିର୍ମାଣ ଚାଲିଥିବା ବେଳେ ଅଧିକାଂଶ ଲାଇନ୍ ଅଭୟାରଣ୍ୟ ଦେଇ ଗତି କରୁଛି । ଏଥିପାଇଁ ଟ୍ରାକର ସମ୍ଭାବ୍ୟତାକୁ ଆକଳନ କରିବା ପାଇଁ ଏକ ଟ୍ରେନ ଇଞ୍ଜିନ୍‌ର ପରୀକ୍ଷାମୂଳକ ଚଳାଚଳ ଏହି ନିରୀକ୍ଷଣ ସମୟ ମଧ୍ୟରେ ହୋଇସାରିଛି । ତେବେ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ପାଇଁ ଆଉ କିଛି ଦିନ ସମୟ ଲାଗିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି ।

■ ରାଜ୍ୟସ୍ତରୀୟ ପୋଷ୍ୟ ସନ୍ତାନ ନିର୍ଦ୍ଦେଶାବଳୀ-୨୦୨୨ ତାଲିମ କାର୍ଯ୍ୟକ୍ରମ

# ପୋଷ୍ୟ ସନ୍ତାନ ଗ୍ରହଣ ସ୍ନେହ ଓ ବନ୍ଧନର ପ୍ରତୀକ




ଭୁବନେଶ୍ୱର,୮।୧୧(ସମିସ): ଆଇନଗତ ପୋଷ୍ୟ ଗ୍ରହଣ ହିଁ ପ୍ରତ୍ୟେକ ଶିଶୁକୁ ପରିବାର ଯୋଗାଇଦେବାର ପ୍ରକୃଷ୍ଟ ଉପାୟ। ଶିଶୁ ସୁରକ୍ଷା ବ୍ୟବସ୍ଥାର ପ୍ରତ୍ୟେକ ହିତାଧିକାରୀଙ୍କ ସକ୍ରିୟ ସହଭାଗିତା ଦ୍ୱାରା ଏହାକୁ ନିଶ୍ଚିତ କରାଯାଇ ପାରିବ ବୋଲି ମତ ପ୍ରକାଶ ପାଇଛି । କେନ୍ଦ୍ରୀୟ ପୋଷ୍ୟ ଗ୍ରହଣ ସମ୍ବଳ କର୍ତ୍ତୃପକ୍ଷ, ନୂଆଦିଲ୍ଲୀଙ୍କ ସହଯୋଗରେ ରାଜ୍ୟ ସରକାରଙ୍କର ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନ ରାଜ୍ୟ ପୋଷ୍ୟ ଗ୍ରହଣ ସଂଯୋଜନା ସଂସ୍ଥା ଓ ଓଡିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ପକ୍ଷରୁ ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ଏକଦିବସୀୟ 'ରାଜ୍ୟସ୍ତରୀୟ ପୋଷ୍ୟ ଗ୍ରହଣ ନିୟମାବଳୀ-୨୦୨୨' ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମରେ ରାଜ୍ୟର ଅତିରିକ୍ତ ଜିଲ୍ଲାପାଳ, ୩୦ଗୋଟି ଜିଲ୍ଲାର ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ, ରାଜ୍ୟରେ ଥିବା ୩୩ ଗୋଟି ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ପ୍ରଦାନ ସଂସ୍ଥାର ପରିଚାଳକମାନେ ଯୋଗ ଦେଇଥିଲେ । ଉଦ୍‌ଘାଟନ ଉତ୍ସବରେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ଓଡିଶା ରାଜ୍ୟ ଶିଶୁ ସୁରକ୍ଷା ସମିତିର ନିର୍ଦ୍ଦେଶକ ମନୀଷା ବାନାର୍ଜୀ, ଅତିରିକ୍ତ ନିର୍ଦ୍ଦେଶକ ସମ୍ବିତ କୁମାର ନାୟକ ଯୋଗଦେଇ ପୋଷ୍ୟ ଗ୍ରହଣ ଓ ପ୍ରଦାନ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ସମସ୍ତ ଦିଗକୁ ଧ୍ୟାନ ଦେବାକୁ ଆହ୍ୱାନ ଦେଇଥିଲେ । ପୋଷ୍ୟ ଗ୍ରହଣ ସମ୍ପର୍କରେ ଅଧିକରୁ ଅଧିକ ଆଲୋଚନାରେ ଆବଶ୍ୟକତା ସମ୍ପର୍କରେ ଗୁରୁତ୍ୱାରୋପ କରି ସାମାନ୍ୟ ବୟସ୍କ ପରିତ୍ୟକ୍ତ ଓ ସମର୍ପିତ ଶିଶୁ ମାନଙ୍କର ପୋଷ୍ୟ ସଂଖ୍ୟା ବୃଦ୍ଧି ପାଇଁ ଗୁରୁତ୍ୱ ଦେବା ସହ ପରିବାରଟିଏ ପାଇବା ପ୍ରତ୍ୟେକ ଶିଶୁର ଅଧିକାର ଓ ଏଥିପାଇଁ ସମସ୍ତେ ଉଦ୍ଦିଷ୍ଟ ସମୟକୁ ପାଳନ କରିବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ । କେନ୍ଦ୍ରୀୟ ପୋଷ୍ୟ ଗ୍ରହଣ ସମ୍ବଳ କର୍ତ୍ତୃପକ୍ଷ, ନୂଆଦିଲ୍ଲୀର ସମ୍ବଳ କର୍ମୀ ଅନ୍ୱେଷା ମିଶ୍ର ଏବଂ ଶିବମ୍ ତ୍ୟାଗୀ ପୋଷ୍ୟ ଗ୍ରହଣ ପ୍ରକ୍ରିୟା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମକୁ ଓଡିଶା ରାଜ୍ୟ ଶିଶୁ ସୁରକ୍ଷା ସମିତିର କାର୍ଯ୍ୟକ୍ରମ ପ୍ରବନ୍ଧକ ପ୍ରୀତିକାନ୍ତ ପଣ୍ଡା ପରିଚାଳନା କରିଥିଲେ । ରାଜ୍ୟ ପୋଷ୍ୟ ଗ୍ରହଣ ସଂସ୍ଥାର କାର୍ଯ୍ୟକ୍ରମ ପ୍ରବନ୍ଧକ ସୁଜାତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ଜଙ୍ଗଲ ଭିତରେ ମାଓ-ଡମ୍ପ ଠାବ

## ବିପୁଳ ଅସ୍ତ୍ରଶସ୍ତ୍ର ଓ ମାଓ ସାମଗ୍ରୀ ଜବତ



ମାଲକାନଗିରି, ୮।୧୧ (ସମିସ): ମାଲକାନଗିରି ସୀମାନ୍ତ ତେଲେଙ୍ଗାନାର ମୁଲୁଗୁ ଜିଲ୍ଲାରେ ପୁଲିସ୍ ଦ୍ୱାରା ତଲାସି ଅଭିଯାନ ବେଳେ ବିପୁଳ ମାଓ ସାମଗ୍ରୀ ଓ ଅସ୍ତ୍ରଶସ୍ତ୍ର ଜବତ ହୋଇଛି । ସୂଚନା ଅନୁଯାୟୀ, ମୁଲୁଗୁ ତାଡ଼ବାଇ ମଣ୍ଡଳର ବାନ୍ଧଲ ସଂରକ୍ଷିତ ଜଙ୍ଗଲରେ ମାଓ ଦମନ ପାଇଁ ପୁଲିସ ପକ୍ଷରୁ ତଲାସି ଅଭିଯାନ ଚାଲିଥିଲା । ଏହି ସମୟରେ ସୁରକ୍ଷା କର୍ମୀମାନେ ଜଙ୍ଗଲ ମଧ୍ୟରେ ଏକ ମାଓ-ଡମ୍ପ ଠାବ କରିଥିଲେ । ସେଥିରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ସହ ମାଓସାମଗ୍ରୀ ମିଳିଥିଲା । ଏହି ସାମଗ୍ରୀଗୁଡ଼ିକୁ ମାଓବାଦୀମାନେ ମାଟି ତଳେ ଲୁଚାଇ ରଖିଥିଲେ । ଜବତ ଅସ୍ତ୍ରଶସ୍ତ୍ର ମଧ୍ୟରେ ତିନୋଟି ବନ୍ଧୁକ ଏବଂ ୧୬୫ଟି ଗୁଳି ରହିଛି । ପରେ ସେହି ଅଞ୍ଚଳରେ ତଲାସି ଅଭିଯାନକୁ ଆହୁରି ଜୋରଦାର କରାଯାଇଛି ।

# ଓଡ଼ିଶା ପର୍ଯ୍ୟଟନରେ ଅପାର ସମ୍ଭାବନା ରହିଛି: ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୮।୧୧ (ସମିସ): ଦେଶ ବା ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିରେ ପର୍ଯ୍ୟଟନର ଏକ ବଡ଼ ଭୂମିକା ରହିଛି । ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରରେ ସୁଯୋଗ ଓ ସମ୍ଭାବନାର ଅଭାବ ନାହିଁ। ବିଦେଶୀ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବାରେ ଓଡ଼ିଶାର ପ୍ରତିଟି ପର୍ଯ୍ୟଟନସ୍ଥଳୀର ସାମର୍ଥ୍ୟ ରହିଛି । ୱାର୍ଲଡ୍ ଟ୍ରାଭେଲ୍ ମାର୍କେଟ୍‌ର ଅନ୍ତିମ ଦିବସରେ ଆୟୋଜିତ ଏକ ବିଶେଷ କାର୍ଯ୍ୟକ୍ରମରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି ଏପରି କହିଛନ୍ତି। ସେ ଆହୁରି କହିଥିଲେ ଯେ ବିଦେଶରେ



ଓଡ଼ିଶାର ସମୃଦ୍ଧ କଳା, ସଂସ୍କୃତି ଏବଂ ଭାଷାକୁ ପ୍ରୋତ୍ସାହିତ କରିବା ସହ ଏହାର ପ୍ରଚାରପ୍ରସାରରେ ପ୍ରବାସୀ ଭାରତୀୟଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହି ଅବସରରେ ସେ ଓଡ଼ିଶା ସରକାରଙ୍କ ନିବେଶ ଅନୁକୂଳ ନୀତି ଏବଂ ପର୍ଯ୍ୟଟନ କ୍ଷେତ୍ରରେ ଘରୋଇ ତଥା ଅନ୍ତର୍ଜାତୀୟ ନିବେଶକଙ୍କୁ ଆକର୍ଷିତ କରିବା ପାଇଁ ସ୍ୱତନ୍ତ୍ର ଭାବେ ପରିକଳ୍ପିତ ଆଇନ ଏବଂ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ଓଡ଼ିଶା ପର୍ଯ୍ୟଟନର ବିକାଶ ଏବଂ ଓଡ଼ିଶାରେ ପୁଞ୍ଜି ବିନିଯୋଗକୁ ଆକର୍ଷିତ କରିବା ପାଇଁ ପ୍ରତିଷ୍ଠିତ ବ୍ୟାବସାୟିକ ସଂସ୍ଥା ଏବଂ ସମ୍ଭାବ୍ୟ ନିବେଶକମାନଙ୍କ ସହ ଦୁଇଟି ସ୍ୱତନ୍ତ୍ର ରାଉଣ୍ଡ ଟେବୁଲ୍ ଆଲୋଚନା ମଧ୍ୟ କରଯାଇଥିଲା । ଆଲୋଚନାରେ ଉନ୍ନୟନ କମିସନର୍ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ପର୍ଯ୍ୟଟନ ସଚିବ ବଲୱନ୍ତ ସିଂ, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସମର୍ଥ ବର୍ମା, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଅତିରିକ୍ତ ସଚିବ ଅନୁପମ ଶାହାଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଆର୍‌ଆଇ, ଅମିନ ପରୀକ୍ଷା ପାଇଁ ଅଭିଯୋଗ ଆହ୍ୱାନ

# କ୍ଲିନ୍‌ଚିଟ୍ ଦେବାକୁ ସରକାରଙ୍କ ନୂଆ ପଇଁତରା!

ଭୁବନେଶ୍ୱର, ୮।୧୧(ସମିସ): ଆର୍‌ଆଇ, ଆଇସିଡିଏସ୍ ସୁପରଭାଇଜର୍, ଅମିନ, ଏଆର୍‌ଆଇ ଭଳି ନିଯୁକ୍ତିମୂଳକ ପରୀକ୍ଷାରେ ଅବ୍ୟବସ୍ଥା, ଜାଲିଆତି ନେଇ ରାଜ୍ୟ ଉଠୁଛୁପଡୁଛି । ବିକ୍ଷୋଭ, ଆନ୍ଦୋଳନ, ମଶାଲ ଶୋଭାଯାତ୍ରା କରି ଆଶାୟୀମାନେ ସରକାରଙ୍କୁ ବାରମ୍ବାର ଘେରିବା ସହ ଚେତାବନୀ ଦେଉଛନ୍ତି । ତେବେ ଏଥିରୁ ବର୍ତ୍ତିବା ପାଇଁ ସରକାର ନୂଆ କୌଶଳ ଆପଣାଇଛନ୍ତି; ଆଶାୟୀଙ୍କୁ ଅଭିଯୋଗ କରିବାକୁ ସୁଯୋଗ ଦେଇ । ଏହାକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି । ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ପକ୍ଷରୁ କୁହାଯାଇଛି ଯେ ଯାହାର ଯାହା ଅଭିଯୋଗ ରହିଛି, ତାହାକୁ ସେମାନେ ତଥ୍ୟ, ପ୍ରମାଣ ଦେଇ ୱେବ୍‌ସାଇଟ୍‌ରେ ଦାଖଲ କରନ୍ତୁ । ଏହି ନୂଆ ନିଷ୍ପତ୍ତି ଉପରେ ଆଶାୟୀଙ୍କ କହିବା କଥା ହେଲା, ପରୀକ୍ଷା ସମୟରେ ପରୀକ୍ଷାର୍ଥୀଙ୍କ ମୋବାଇଲ୍ ଓ ଅନ୍ୟ ବୈଦ୍ୟୁତିକ ଯନ୍ତ୍ର ନିୟମ ଅନୁସାରେ ବାହାରେ ରଖାଯାଇଥିଲା । ତେଣୁ ଅଧାରୁ କମ୍ପ୍ୟୁଟର୍ ବନ୍ଦ ହେବା, ମାଉସ୍ ନ ଚାଲିବା ପରି ଅଭିଯୋଗର ପ୍ରମାଣ ସେମାନେ କେଉଁଠୁ ଆଣିବେ? ତେଣୁ ଅଭିଯୋଗକୁ ପରବର୍ତ୍ତୀ ସମୟରେ ପ୍ରମାଣ ଅଭାବରୁ ଖାରଜ କରିବାକୁ ଏମିତି

### ମୂଳ ଅଭିଯୋଗରୁ ଓହରି ଯାଉଛନ୍ତି ସରକାର: ଛାତ୍ର ସଂଗଠନ

### ନିଯୁକ୍ତି ସଂସ୍ଥାଙ୍କ ଦକ୍ଷତା ଓ ସାମର୍ଥ୍ୟ ବଢ଼ାଇବେ ସରକାର: ରାଜସ୍ୱ ମନ୍ତ୍ରୀ

ନୂଆ ବାହାନା କରିବା ସହ ନିଜକୁ କ୍ଲିନ୍‌ଚିଟ୍ ଦେବାକୁ ସରକାର ଏମିତି ଏକ ଉଦ୍ୟମ ଆରମ୍ଭ କରିଛନ୍ତି ।

ସୂଚନାନୁଯାୟୀ, ପରୀକ୍ଷାରେ ହୋଇଥିବା ଅବ୍ୟବସ୍ଥା ସମ୍ପର୍କରେ ପରୀକ୍ଷାର୍ଥୀଙ୍କଠାରୁ ଅଭିଯୋଗ ମାଗିଛି ଓଏସ୍‌ଏସ୍‌ଏସ୍‌ସି । ଆସନ୍ତା ୧୭ତାରିଖ ମଧ୍ୟରେ ପରୀକ୍ଷାର୍ଥୀମାନେ ଓଏସ୍‌ଏସ୍‌ଏସ୍‌ସି ୱେବସାଇଟ୍‌ରେ ଲଗ୍-ଇନ୍ କରି ପ୍ରମାଣ ସହ ସେମାନଙ୍କ ଅଭିଯୋଗ ଦାଖଲ କରିବାକୁ କହିଛି । ୱେବସାଇଟ୍ ବ୍ୟତୀତ ଇ-ମେଲ୍, ପୋଷ୍ଟ, ବ୍ୟକ୍ତିଗତ ଭାବେ କିମ୍ବା ଅନ୍ୟ କୌଣସି ପ୍ରକାରେ ଅଭିଯୋଗ ଦାଖଲ କରିପାରିବେ ନାହିଁ ବୋଲି ଏଥିରେ ସ୍ପଷ୍ଟ କରାଯାଇଛି ।

ଏହି ନୂଆ ନିଷ୍ପତ୍ତିକୁ ନେଇ ଦୁର୍ନୀତି ବିରୋଧୀ ଛାତ୍ର ସଂଗଠନର ଆବାହକ ବିଭୂତି ଭୂଷଣ ମହାପାତ୍ର କହିଛନ୍ତି ଯେ ଏହା ସରକାରଙ୍କ ଏକ ବିକଳାଙ୍ଗ ନିଷ୍ପତ୍ତି । ଏମିତି କରି ସରକାର ମୂଳ ପ୍ରସଙ୍ଗରୁ ଓହରି ଯିବାକୁ ପ୍ରୟାସ କରୁଛନ୍ତି । ପୂର୍ବରୁ କଳା ତାଲିକାଭୁକ୍ତ କମ୍ପାନୀ 'ସିଫି'କୁ ପରୀକ୍ଷା ପରିଚାଳନା ଦାୟିତ୍ୱ ଦେବା, ଅନ୍ୟ ଏକ କମ୍ପାନୀ ପରୀକ୍ଷା କେନ୍ଦ୍ର ଚୟନ କରିବା, ସମାନ ପ୍ରଶ୍ନପତ୍ରରେ ସବୁ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ସରିବା ପରେ ମଧ୍ୟ କିଛି କେନ୍ଦ୍ରରେ ପରୀକ୍ଷା ହେବା, ନିମ୍ନମାନର ପରୀକ୍ଷାକେନ୍ଦ୍ର ଚୟନ, ପରୀକ୍ଷା କେନ୍ଦ୍ରରୁ ନକଲି ମାଲିକ ଗିରଫ ଆଦି ଅଭିଯୋଗରେ ସରକାର କାହିଁକି ନିରବ ଓ ଏସବୁର ତଦନ୍ତ ପାଇଁ କ'ଣ ପଦକ୍ଷେପ ନେଇଛନ୍ତି ବୋଲି ଶ୍ରୀ ମହାପାତ୍ର ପ୍ରଶ୍ନ କରିଛନ୍ତି । ତଦନ୍ତ ଆଳରେ ମୂଳ ଅଭିଯୋଗରୁ ସରକାର ଖସି ଯିବାକୁ ଚେଷ୍ଟା କଲେ ଆଗକୁ ରାଜ୍ୟସାରା ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି ।

ତେବେ ଏ ସମ୍ପର୍କରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଶୁକ୍ରବାର କହିଛନ୍ତି, ରାଜ୍ୟର ନିଯୁକ୍ତି ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥାଗୁଡ଼ିକର ସାମର୍ଥ୍ୟ ନଥିବାରୁ ଆଉଟସୋର୍ସିଂ ସଂସ୍ଥା ପରୀକ୍ଷା ପରିଚାଳନା କରୁଛନ୍ତି । ସେମାନଙ୍କ ପାଖରେ ଭିତ୍ତିଭୂମି ଓ ଗୁଣାତ୍ମକ ମାନର ଅଭାବ ରହିଛି । ତେଣୁ ନିଯୁକ୍ତି ଦେଉଥିବା ସଂସ୍ଥାମାନଙ୍କର ଦକ୍ଷତା ଓ ସାମର୍ଥ୍ୟ ବଢ଼ାଇବାକୁ ସରକାର ଚିନ୍ତା କରୁଛନ୍ତି । ଆଗାମୀ ଦିନରେ ସମସ୍ତ ନିଯୁକ୍ତି ପରୀକ୍ଷାକୁ ସଠିକ୍ ଭାବେ ପରିଚାଳନା କରି ମେଧାବୀମାନଙ୍କୁ ନିଯୁକ୍ତି ଦେବାକୁ ନିଖୁଣ ବ୍ୟବସ୍ଥା କରାଯିବ ବୋଲି ସେ ଗଣମାଧ୍ୟମକୁ କହିଛନ୍ତି ।

## ଆଣ୍ଟେଇଛି ପିଜି ନାମଲେଖା

# ମନ୍ତ୍ରୀଙ୍କ ପାଖେ ଅଟକିଛି ଫାଇଲ୍!

ଭୁବନେଶ୍ୱର, ୮।୧୧ (ସମିସ): ପ୍ରାୟ ଦୁଇ ମାସ ହେବ ସ୍ନାତକୋତ୍ତର (ପିଜି) ପାଠପଢ଼ା ଆରମ୍ଭ ହେଲାଣି । ହେଲେ ପୂରଣ ହୋଇପାରୁନି ସିଟ୍ । ପ୍ରଥମ ପର୍ଯ୍ୟାୟ ନାମଲେଖା ସରିବାକୁ ମାସେ ବିତିଥିଲେ ମଧ୍ୟ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ଉଚ୍ଚଶିକ୍ଷା ବିଭାଗ ବିଜ୍ଞପ୍ତି ବାହାର କରୁନାହିଁ । ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ପାଖେ ଅନୁମୋଦନ ପାଇଁ ଫାଇଲ୍ ଅଟକିଥିବାରୁ ନାମଲେଖା ପ୍ରକ୍ରିୟା ବିଳମ୍ବ ହେଉଛି ବୋଲି କୁହାଯାଉଛି । ଗୋଟିଏ ପଟେ ନାମଲେଖା ପ୍ରକ୍ରିୟା ବିଳମ୍ବ ହେଉଥିବା ବେଳେ ଅନ୍ୟପଟେ ନାମ ଲେଖାଇବାକୁ ଅପେକ୍ଷା କରିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି ।

ସୂଚନାନୁଯାୟୀ, ପ୍ରଥମ ପର୍ଯ୍ୟାୟ ନାମଲେଖା ଗତ ମାସ ୪ ତାରିଖରେ ଶେଷ ହୋଇଛି । ଏହାକୁ ମାସେରୁ ଅଧିକ ସମୟ ବିତିଥିଲେ ମଧ୍ୟ ସିଟ୍ ପୂରଣ କରିବାକୁ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି । ଚଳିତ ଶିକ୍ଷାବର୍ଷ ପିଜିରେ ଆହୁରି ୬ହଜାର ୭୬୫ଟି ସିଟ୍ ଖାଲି ପଡ଼ିଛି । ଅପରପକ୍ଷେ ସେପ୍ଟେମ୍ବର ୧୮ ତାରିଖରୁ ପିଜି ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେଲାଣି । ପ୍ରାୟ ଦୁଇ ମାସ ହେଲା ପାଠପଢ଼ା ହୋଇଥିଲେ ମଧ୍ୟ ଛାତ୍ରଛାତ୍ରୀଙ୍କୁ ଏଯାଏଁ ପରିଚୟପତ୍ର



### ମାସେ ହେଲା ସରିଲାଣି ପ୍ରଥମ ପର୍ଯ୍ୟାୟ ନାମଲେଖା

### ମିଳୁନି ପରିଚୟପତ୍ର; ଛାତ୍ରବୃତ୍ତି ଆବେଦନରୁ ବଞ୍ଚିତ

### ଖାଲି ପଡ଼ିଛି ୬, ୭୬୫ ସିଟ୍, ବଢ଼ୁଛି ଅସନ୍ତୋଷ

ମିଳିପାରୁନି । ନାମଲେଖା ପ୍ରକ୍ରିୟା ସରି ନଥିବାରୁ ଶିକ୍ଷାନୁଷ୍ଠାନଗୁଡ଼ିକ ପରିଚୟପତ୍ର ପ୍ରଦାନ କରୁନଥିବା ଜଣାପଡ଼ିଛି । କାରଣ ଭାବେ ଦ୍ୱିତୀୟ ପର୍ଯ୍ୟାୟରେ ପୁଣି କିଛି ଛାତ୍ରଛାତ୍ରୀ ଅନ୍ୟତ୍ର ନାମ ଲେଖାଇବାର ସମ୍ଭାବନା ରହିଥିବା ଦର୍ଶାଉଛନ୍ତି । ତେବେ ଛାତ୍ରଛାତ୍ରୀମାନେ ପରିଚୟପତ୍ର ନପାଇ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଛାତ୍ରବୃତ୍ତି ପାଇଁ ପରିଚୟପତ୍ର ବାଧ୍ୟତାମୂଳକ ହୋଇଥିବାରୁ ସେମାନେ ଆବେଦନ କରିବାରୁ ବଞ୍ଚିତ ହେଉଛନ୍ତି । ଇତିମଧ୍ୟରେ 'ପିଜି ମେରିଟ୍ ସ୍କଲାର୍‌ସିପ୍' ଆବେଦନ ଅବଧି ସରିଯାଇଛି । ଫଳରେ ଆବେଦନ କରିବାରୁ ବହୁ ଛାତ୍ରଛାତ୍ରୀ ଅଭିଯୋଗ କରିଛନ୍ତି ।

ଉଚ୍ଚଶିକ୍ଷା ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା ଅନୁଯାୟୀ, ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ଗାଇଡ୍‌ଲାଇନ୍ ପ୍ରସ୍ତୁତି ସରିଛି । ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଅନୁମୋଦନ ପାଇଁ ବହୁ ପୂର୍ବରୁ ପଠାଯାଇଛି । ହେଲେ ଅନୁମୋଦନ ମିଳି ନଥିବାରୁ ବିଜ୍ଞପ୍ତି ବାହାରି ପାରୁନାହିଁ। ହେଲେ ଉଚ୍ଚଶିକ୍ଷା ମନ୍ତ୍ରୀ କାହିଁକି ନାମଲେଖା ପ୍ରକ୍ରିୟାକୁ ବିଳମ୍ବିତ କରୁଛନ୍ତି, ତାହା ସବୁଠୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବିଳମ୍ବିତ ନାମଲେଖା ନେଇ ଅଭିଭାବକମାନେ ମଧ୍ୟ ପ୍ରଶ୍ନ କରିଛନ୍ତି । ପାଠପଢ଼ା ଆରମ୍ଭ ହେଇ ପରୀକ୍ଷା ପାଖଉଥିଲେ ମଧ୍ୟ ସରକାର ନାମଲେଖା ପ୍ରକ୍ରିୟାକୁ ବିଳମ୍ବିତ କରିବା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାର କରୁଛି । ପରେ ନାମ ଲେଖାଇଲେ ସେମାନେ ଆଉ ସମାନ ଭାବେ ପାଠପଢ଼ି ନପାରି ପଛରେ ପଡ଼ିବେ। ଫଳରେ ଏହା ପରୀକ୍ଷାରେ ପ୍ରତିଫଳିତ ହେବା ସହ ପିଲାମାନଙ୍କ ମାନସିକସ୍ତରରେ ପ୍ରଭାବ ପକାଇବ ବୋଲି ଅଭିଭାବକମାନେ ଯୁକ୍ତି ବାଢ଼ିଛନ୍ତି ।

## ପଞ୍ଜିକା ଦ୍ୱନ୍ଦ୍ୱ ସୁଧାରିବାକୁ ଉଦ୍ୟମ

# ପାଣ୍ଡୁଲିପି ଦେବାକୁ କୁଣ୍ଠକୁଣ୍ଠ

ପୁରୀ, ୮।୧୧ (ସମିସ): ପାଞ୍ଜିକୁ ନେଇ ଅନେକ ସମୟରେ ଦ୍ୱନ୍ଦ୍ୱ ଦେଖାଦେଉଛି। ବିଭିନ୍ନ ପାଞ୍ଜିରେ ବିଭିନ୍ନ ମତ ଓ ତିଥି, ନକ୍ଷତ୍ରରେ ତାଳମେଳ ରହୁନାହିଁ। ଚଳିତ ବର୍ଷ ଏକାଧିକ ପର୍ବପର୍ବାଣିକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଲେଣି ଲୋକେ। ଗୋଟିଏ ପର୍ବର ତାରିଖ ପଞ୍ଜିକାରେ ଭିନ୍ନଭିନ୍ନ ରହିଛି। ତେଣୁ ୨୦୨୫-୨୬ ବର୍ଷରେ ପ୍ରକାଶ ପାଇବାକୁ ଥିବା ପାଞ୍ଜିରେ ଯେପରି ସମାନତା ରହିବ, ସେ ଦିଗରେ ଉଦ୍ୟମ ଚଳାଇଛି ଶ୍ରୀମନ୍ଦିର ପ୍ରଶାସନ। ସମସ୍ତ ପାଞ୍ଜିକାରମାନଙ୍କୁ ଆସନ୍ତା ୧୪ ତାରିଖ ସୁଦ୍ଧା ସେମାନଙ୍କ ପାଣ୍ଡୁଲିପି ମୁକ୍ତି ମଣ୍ଡପ ପଣ୍ଡିତ ସଭା ଓ ଶ୍ରୀମନ୍ଦିର କାର୍ଯ୍ୟାଳୟକୁ ପଠାଇବାକୁ କୁହାଯାଇଛି। ଶ୍ରୀମନ୍ଦିର କାର୍ଯ୍ୟାଳୟରୁ ସମସ୍ତ ପାଞ୍ଜିକାରଙ୍କ କାର୍ଯ୍ୟାଳୟକୁ ବି ଯୋଗାଯୋଗ କରି ପାଣ୍ଡୁଲିପି ଦାଖଲ କରିବାକୁ କୁହାଯାଇଛି। ଏହା ସତ୍ତ୍ୱେ ପାଞ୍ଜିକାରମାନେ ପାଣ୍ଡୁଲିପି ଦାଖଲ କରିବାରେ ଆଗ୍ରହ ଦଖାଉ ନାହାନ୍ତି। ଶୁକ୍ରବାର ସୁଦ୍ଧା ମାତ୍ର ୪ଟି ପଞ୍ଜିକାର ସେମାନଙ୍କ ପାଣ୍ଡୁଲିପି ଦାଖଲ କରିଛନ୍ତି।

ଶ୍ରୀମନ୍ଦିର କାର୍ଯ୍ୟାଳୟର ସୂଚନା ମୁତାବକ, ୮ଟି ପଞ୍ଜିକାର ଗଣକ, ପ୍ରକାଶକ ଓ ସଭ୍ୟମାନଙ୍କୁ ଏହି ଚିଠି କରାଯାଇଛି। ପାଣ୍ଡୁଲିପି ହସ୍ତଗତ ହେବା ପରେ ପାଞ୍ଜି ସମନ୍ୱୟ ବୈଠକ ବସିବ। ହେଲେ ୪ଟି ପଞ୍ଜିକାର ପାଣ୍ଡୁଲିପି ଦାଖଲ ହୋଇଥିବା ବେଳେ ଏ ପର୍ଯ୍ୟନ୍ତ ଆଉ ୪ଟିର ପାଣ୍ଡୁଲିପି ଦାଖଲ ହୋଇନାହିଁ। ୨୦୨୫-୨୬ବର୍ଷର ପଞ୍ଜିକା ପାଣ୍ଡୁଲିପି ସଂଶୋଧନ କାର୍ଯ୍ୟ ମୁକ୍ତିମଣ୍ଡପ ପଣ୍ଡିତ ସଭାଙ୍କ ଦ୍ୱାରା ଚଳିତ ବର୍ଷ ଅକ୍ଟୋବର ଶେଷ ସପ୍ତାହରୁ ଆରମ୍ଭ ହେବା ପାଇଁ ସ୍ଥିର କରାଯାଇଥିଲା। ତେଣୁ ସମସ୍ତ ପାଞ୍ଜିର ପାଣ୍ଡୁଲିପି ଅକ୍ଟୋବର ୨୦ ତାରିଖ ସୁଦ୍ଧା ଦାଖଲ ମୁକ୍ତିମଣ୍ଡପ ପଣ୍ଡିତ ସଭା ନିକଟକୁ ପଠାଇବାକୁ ଅନୁରୋଧ କରାଯାଇଥିଲା। କିନ୍ତୁ ସେହି ସମୟରେ କେହି ଦାଖଲ କରିନଥିଲେ। ପରବର୍ତ୍ତୀ ସମୟରେ ମାତ୍ର ୨ଟି ପଞ୍ଜିକାର ପାଣ୍ଡୁଲିପି ଦାଖଲ କରାଯାଇଥିବା ବେଳେ ଗତ ୪ ତାରିଖରେ ପୁନଶ୍ଚ ଶ୍ରୀମନ୍ଦିର ପ୍ରଶାସନ ରିମାଇଣ୍ଡର୍ ଚିଠି ପଠାଇଥିଲା। ୧୪ ତାରିଖ ଭିତରେ ଦାଖଲ କରିବାକୁ କୁହାଯାଇଥିବା ବେଳେ ଶୁକ୍ରବାର ସୁଦ୍ଧା ୪ଟି ପଞ୍ଜିକାର ପାଣ୍ଡୁଲିପି ମନ୍ଦିର ପ୍ରଶାସନର ହସ୍ତଗତ ହୋଇଥିବା ନୀତି ପ୍ରଶାସକ କହିଛନ୍ତି।

# ଚତୁର୍ଥ ଶ୍ରେଣୀ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ

**ସ୍କୁଲ ହଷ୍ଟେଲରୁ ଝୁଲନ୍ତା ମୃତଦେହ ଉଦ୍ଧାର**

କାଶୀପୁର, ୮।୧୧(ସମିସ): ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ୍ ଚନ୍ଦ୍ରଗିରିସ୍ଥିତ ପ୍ରାଥମିକ ବିଦ୍ୟାଳୟ ହଷ୍ଟେଲ ପରିସରରୁ ଆଜି ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତ ଛାତ୍ରଜଣକ ହେଲେ, ଖଗେଶ୍ୱର ଝୋଡ଼ିଆ (୧୦)। ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ମୃତଦେହ ଜବତ କରି ପଞ୍ଚନାମା ପରେ ବ୍ୟବେଚ୍ଛଦ ପାଇଁ ପଠାଯାଇଛି। ତେବେ ଏହା ଆତ୍ମହତ୍ୟା ନାଁ ଏହା ପଛରେ ଆଉ କିଛି ରହସ୍ୟ ରହିଛି; ତାହାକୁ ନେଇ ସଂଶୟ ସୃଷ୍ଟି ହୋଇଛି। ଜୀବନକୁ ଜାଣି ନଥିବା ୧୦ ବର୍ଷର ଜଣେ ନାବାଳକ କାହିଁକି ଓ କିପରି ଏମିତି ଚରମ ପଦକ୍ଷେପ ନେଲା, ତାହାକୁ ପରିବାର ଓ ସାଧାରଣ ଲୋକେ ସହଜରେ ଗ୍ରହଣ କରିପାରୁନାହାନ୍ତି। ଏନେଇ ପୁଲିସ୍ ଅଧିକ ତଦନ୍ତ ଚଳାଇଥିବା ବେଳେ ମୃତ ଛାତ୍ରଙ୍କ ବାପା ଖୁରିଗାଁର କୁନା ଝୋଡ଼ିଆ ଏହି ଘଟଣା ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଛନ୍ତି।

## ଅବଶିଷ୍ଟାଂଶ

### ଚନ୍ଦ୍ରଚୂଡ଼ଙ୍କୁ ଭାବପୂର୍ଣ୍ଣ...

ଏହା ସହିତ କୋର୍ଟରେ କାହାକୁ ଯଦି କଷ୍ଟ ଦେଇଥିବେ, ସେଥିପାଇଁ ତାଙ୍କୁ କ୍ଷମା କରିଦେବାକୁ ସେ ଅନୁରୋଧ କରିଥିଲେ। ପିଲାଦିନର ସ୍ମୃତି ବାଣ୍ଟି ପିତା-ମାତା ଦେଇଥିବା ପରାମର୍ଶକୁ ମନେ ପକାଇଥିଲେ। ପରବର୍ତ୍ତୀ ପ୍ରଧାନ ବିଚାରପତି (୫୧ତମ) ଜଷ୍ଟିସ ସଞ୍ଜୀବ ଖନ୍ନାଙ୍କ ସମେତ ଅନ୍ୟ ବିଚାରପତି ଏବଂ ଓକିଲଙ୍କ ଉପସ୍ଥିତିରେ ସିଜେଆଇ ଭାବୁକ ହୋଇ ଯାଇ ଦୀନହୀନଙ୍କ ସେବା କରିବାଠାରୁ ବଡ଼ ସେବା ଆଉ କିଛି ନାହିଁ ବୋଲି କହିଥିଲେ। କୋର୍ଟରୁ ସବୁବେଳେ ତାଙ୍କୁ ପ୍ରେରଣା ମିଳୁଥିଲା ବୋଲି ଉଲ୍ଲେଖ କରି ସେ ସୁପ୍ରିମକୋର୍ଟ ବାର୍ ଆସୋସିଏସନକୁ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜଷ୍ଟିସ ଖନ୍ନା, ଆଟର୍ଣ୍ଣି ଜେନେରାଲ ଆର ଭେଙ୍କଟରମଣୀ, ସୁପ୍ରିମକୋର୍ଟ ବାର୍ ଆସୋସିଏସନ ଅଧ୍ୟକ୍ଷ କପିଲ ଶିବଲ, ବରିଷ୍ଠ ଓକିଲ ଅଭିଷେକ ମନୁ ସିଙ୍ଘଭୀ ପ୍ରମୁଖ ସିଜେଆଇଙ୍କ କାର୍ଯ୍ୟଦକ୍ଷତା ଏବଂ ଯୁବସୁଲଭତାକୁ ପ୍ରଶଂସା କରିଥିଲେ।

ସୂଚନା ଅନୁଯାୟୀ, ସିଜେଆଇ ୨୦୧୬ ମେ' ୧୩ରେ ଆହ୍ଲାବାଦ ହାଇକୋର୍ଟର ମୁଖ୍ୟ ବିଚାରପତିରୁ ସୁପ୍ରିମକୋର୍ଟକୁ ପଦୋନ୍ନତି ପାଇଥିଲେ। ସେ ନିଜ କାର୍ଯ୍ୟକାଳରେ ୧୨୭୪ ଖଣ୍ଡପୀଠରେ ସାମିଲ ହୋଇ ମୋଟ ୬୧୨ଟି ନିଷ୍ପତ୍ତି ଶୁଣାଇଛନ୍ତି। ସୁପ୍ରିମକୋର୍ଟର ଏବେକାର ସମସ୍ତ ବିଚାରପତିଙ୍କଠାରୁ ସିଜେଆଇ ଚନ୍ଦ୍ରଚୂଡ଼ ସର୍ବାଧିକ ନିଷ୍ପତ୍ତି ଲେଖିଛନ୍ତି। ତାଙ୍କ ୨ ବର୍ଷର କାର୍ଯ୍ୟକାଳରେ ସେ ଧାରା ୩୭୦, ରାମ ଜନ୍ମଭୂମି ମନ୍ଦିର, ୱାନ୍ ର୍ୟାଙ୍କ ୱାନ୍ ପେନ୍ସନ୍, ମଦ୍ରାସା ମାମଲା, ସବରିମାଲା ମନ୍ଦିର ବିବାଦ, ନିର୍ବାଚନ ବଣ୍ଡର ବୈଧତା ଏବଂ ସିଏଏ-ଏନ୍ଆରସି ଭଳି ବହୁ ଚର୍ଚ୍ଚିତ ମାମଲା ଉପରେ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି।

### ଦୁଃଖଦାୟକ...

ନବୀନଙ୍କ ଖାଦ୍ୟ ସୁରକ୍ଷା କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହିତ ଓଡିଶାର ମଡେଲ ଅନୁକରଣୀୟ ବୋଲି ମତ ଦେଇଥିଲା। ଦେଶର ଖାଦ୍ୟ ମାନଚିତ୍ରରେ ଭୋକର ଭୂଗୋଳ ଥିବା ଓଡିଶାକୁ କିପରି ଖାଦ୍ୟ ସମୃଦ୍ଧ ରାଜ୍ୟରେ ରୂପାନ୍ତରିତ କରାଯାଏ ତାହା ନବୀନ ବାବୁଙ୍କ ଠାରୁ ଶିଖିବା ଆବଶ୍ୟକ ବୋଲି ସେତେବେଳେ ଦେଶର ବହୁ ଅର୍ଥଶାସ୍ତ୍ରୀ ମତ ଦେଇଥିଲେ। ମାତ୍ର ରାଜ୍ୟରେ ସରକାର ବଦଳିବା ପରେ ପରିସ୍ଥିତି ବଦଳିଛି। ଦୁଇ ଦଶନ୍ଧି ପରେ ଓଡ଼ିଶାକୁ ପୁଣି ଆମ୍ବ ଟାକୁଆ ଜାଉ ମୃତ୍ୟୁ ଫେରିଛି। ତେବେ ସବୁଠାରୁ ବିଡ଼ମ୍ବନା ହେଉଛି ରାଜ୍ୟର ଜନସାଧାରଣଙ୍କ ଖାଦ୍ୟ ନିରପତ୍ତା ସୁରକ୍ଷିତ ରଖିବାରେ ଓଡ଼ିଶାର ବିଜେପି ସରକାର ବିଫଳ ହୋଇଛନ୍ତି।

### ବିଏସ୍‌କେୱାଇ ଅଚଳ!...

କାଗଜ ଆଣିବାକୁ ବାହାନା କରୁଛନ୍ତି । ଜଣେ ବିଏସ୍‌କେୱାଇ ହିତାଧିକାରୀ ହେଉଛନ୍ତି ସିଦ୍ଧେଶ୍ୱର (ଛଦ୍ମନାମ) । ତାଙ୍କର ଏକମାତ୍ର ଝିଅ ଗୁରୁତର ସ୍ୱାସ୍ଥ୍ୟ ରୋଗରେ ପୀଡ଼ିତ। ସାନ ଝିଅଟିର ଅପରେସନ୍ ପାଇଁ ଲକ୍ଷାଧିକ ଟଙ୍କା ଆବଶ୍ୟକ; କିନ୍ତୁ କୌଣସି ଘରୋଇ ଡାକ୍ତରଖାନା ତାଙ୍କ ଝିଅର ଚିକିତ୍ସା କରୁନାହାନ୍ତି। ବିଏସ୍‌କେୱାଇରେ ମାଗଣା ଚିକିତ୍ସା ସୁବିଧା ଥିବା ସତ୍ତ୍ୱେ ଘରୋଇ ଡ଼ାକ୍ତରଖାନାଗୁଡ଼ିକ ବିଭିନ୍ନ ବାହାନା କରି ସିଦ୍ଧେଶ୍ୱରଙ୍କୁ ଫେରାଇ ଦେଉଛନ୍ତି। ସରକାରୀ ଡ଼ାକ୍ତରଖାନାରୁ ରେଫରାଲ ସାର୍ଟିଫିକେଟ୍ ନ ଆଣିଲେ ଅପରେସନ ହୋଇ ପାରିବ ନାହିଁ ବୋଲି କହିଛନ୍ତି । ସରକାରୀ ଡାକ୍ତରଙ୍କ ରିପୋର୍ଟ ବିନା ଘରୋଇ ଡାକ୍ତରଖାନାରେ ବିଏସକେୱାଇ ଚିକିତ୍ସା ସମ୍ଭବ ନୁହେଁ ବୋଲି ନିରାଶ ବାଣୀ ଶୁଣି ମୁଣ୍ଡରେ ହାତ ଦେଇ ବସିଛନ୍ତି ସିଦ୍ଧେଶ୍ୱର। ଏଠାରେ କେବଳ ସିଦ୍ଧେଶ୍ୱର ଏକା ନୁହନ୍ତି, ରାଜ୍ୟର ବିଭିନ୍ନ ଅଞ୍ଚଳରେ ପ୍ରତିଦିନ ଏପରି ଅନେକ ଘଟଣା ଘଟୁଛି। ଛଅ ମାସ ପୂର୍ବରୁ ଯେଉଁ କାଡର୍‌ରେ ହିତାଧିକାରୀ ବିନା ମୂଲ୍ୟରେ ଓ ବିନା ସମସ୍ୟାରେ ଘରୋଇ ଡ଼ାକ୍ତରଖାନାରେ ଚିକିତ୍ସା ପାଉଥିଲେ, ନୂଆ ସରକାର ଆସିବା ପରେ ସେହି କାଡର୍‌ରେ ଆଜି ସେମାନଙ୍କୁ ଚିକିତ୍ସାସୁବିଧା ମିଳିପାରୁ ନାହିଁ।

ପ୍ରତ୍ୟେକ ଜୀବନ ମୂଲ୍ୟବାନ୍ ନୀତି ଆଧାରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଚଳନ କରିଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)ରେ ମାସିକ ଘରୋଇ ଡ଼ାକ୍ତରଖାନାଗୁଡ଼ିକୁ ଚିକିତ୍ସା ବାବଦରେ ପ୍ରାୟ ୨୫୦ କୋଟି ଟଙ୍କା ସରକାର ପଇଠ କରୁଥିଲେ। କିନ୍ତୁ ବିଜେଡି ସରକାର ଯିବା ପରେ ଆରମ୍ଭ ହୋଇଛି ବ୍ୟତିକ୍ରମ ଓ ବିଶୃଙ୍ଖଳା ସୀମା ଟପିଛି। ରୋଗ ଯାହା ବି ହୋଇଥାଉ ନା କାହିଁକି ସରକାରୀ ଡାକ୍ତରଖାନାରୁ ରେଫରାଲ ଆଣିବା ବାଧ୍ୟତାମୂଳକ ବୋଲି କୁହାଯାଉଛି। ବ୍ୟବସ୍ଥା ଅନୁସାରେ ବିଏସକେୱାଇ ହିତାଧିକାରୀ ଘରୋଇ ଡାକ୍ତରଖାନା ଯିବା ପୂର୍ବରୁ ସରକାରୀ ଡାକ୍ତରଖାନାରୁ ରେଫର ହେବା ବାଧ୍ୟତାମୂଳକ ଥିଲା; କିନ୍ତୁ ଗୁରତର ରୋଗୀଙ୍କ କ୍ଷେତ୍ରରେ ନିୟମ କୋହଳ କରାଯାଇଥିଲା। ମାତ୍ର ଗତ କିଛି ମାସ ହେଲା ରୋଗୀଙ୍କ ସମସ୍ୟା ବଢ଼ି ଯାଇଛି। ବିନା ରେଫରାଲରେ ଘରୋଇ ଡ଼ାକ୍ତରଖାନାରେ ସାଧାରଣ ରୋଗୀଙ୍କୁ ଚିକିତ୍ସା ମିଳୁନାହିଁ । ଫଳରେ ରୋଗୀଙ୍କୁ ଧରି ତାଙ୍କର ସମ୍ପର୍କୀୟ ଗୋଟିଏ ଡାକ୍ତରଖାନାରୁ ଆଉ ଏକ ଡାକ୍ତରଖାନାକୁ ଦୌଡୁଛନ୍ତି। ସରକାରୀ ଡାକ୍ତରଖାନାରେ କାର୍ଯ୍ୟରତ ଡାକ୍ତର ବି ରେଫର କରିବାକୁ ଜରୁରୀ ବୋଲି ଭାବୁ ନାହାନ୍ତି। କଟକ, ଭୁବନେଶ୍ୱରେ ଅଧିକ ସଂଖ୍ୟକ କର୍ପୋରେଟ୍ ହସ୍ପିଟାଲ ଥିବାରୁ ଗାଁ ଗହଳିରୁ ବିଏସକେୱାଇ ହିତାଧିକାରୀ ଏଠାକୁ ଧାଇଁ ଆସୁଛନ୍ତି। କିନ୍ତୁ ରେଫରାଲ କଣ୍ଟା ସେମାନଙ୍କ ପାଇଁ ଚିକିତ୍ସାରେ ଗୁରୁତର ବାଧା ସୃଷ୍ଟି କରୁଛି। ଏ ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗର ଜଣେ ଅଧିକାରୀ କହିଛନ୍ତି, ରେଫରାଲ ବ୍ୟବସ୍ଥା ନ ଥିଲେ ସମସ୍ତେ ଘରୋଇ ଡାକ୍ତରଖାନାକୁ ଚାଲିଯିବେ। ତେଣୁ ରେଫରାଲ ବ୍ୟବସ୍ଥା କରାଯାଇଛି। ଜଟିଳ ରୋଗର ଉପଯୁକ୍ତ ଚିକିତ୍ସା ପାଇଁ ଘରୋଇ ଡାକ୍ତରଖାନାରେ ଭଲ ସୁବିଧା ଥିବାରୁ ଏହିପରି ରୋଗୀଙ୍କ ପାଇଁ ନିୟମ କୋହଳ କରାଯିବା ଉପରେ ବିଭାଗ ଗୁରୁତ୍ୱ ଦେଉଛି ବୋଲି ସେ କହିଛନ୍ତି ।

### 'ଲଭ୍-ଜିହାଦ୍'...

ଶେଷଥର ସମୀର ୨୦୨୪ ମାର୍ଚ୍ଚରେ ଓଡ଼ିଶା ଆସିଥିଲେ। ପୁରୀର ଏକ ହୋଟେଲକୁ ସେ ଯୁବତୀଙ୍କୁ ଡକାଇଥିଲା। ସେଠାରେ ଯୁବତୀଜଣଙ୍କ କୌଣସି ସୂତ୍ରରୁ ସମୀରର ଅସଲ ପରିଚୟ ଜାଣିପାରିଥିଲେ। ତା'ର ପ୍ରକୃତ ନାମ ସମୀର ମାନସୁର ଓ ସେ ହିନ୍ଦୁ ନୁହେଁ ବୋଲି ଜାଣିବାକୁ ପାଇଥିଲେ। ତେଣୁ ତା'ଠାରୁ ଦୂରେଇଯିବା ପାଇଁ ଚେଷ୍ଟା କରିଥିଲେ। ହେଲେ ସମୀର ତାଙ୍କୁ ଛାଡ଼ିନଥିଲା। ବଳପୂର୍ବକ ଦୁଷ୍କର୍ମ କରିବା ସହ କୌଶଳକ୍ରମେ ସେ ସମୟର ଭିଡିଓକୁ କଏଦ୍ କରିନେଇଥିଲା। ପରେ ଧର୍ମ ପରିବର୍ତ୍ତନ କରି ତାଙ୍କୁ ବିବାହ ପାଇଁ ଧମକାଇଥିଲା। ଏଥିରେ ରାଜି ନ ହେଲେ ଉକ୍ତ ଭିଡିଓକୁ ଭାଇରାଲ କରିବା ସହ ଜୀବନରୁ ମାରିଦେବ ବୋଲି ଚେତାବନୀ ଦେଇଥିଲା। ଯୁବତୀଜଣଙ୍କ ସେଠାରୁ ପଳାଇ ଆସିଥିଲେ ହେଁ ଲୋକଲଜ୍ଜା ଭୟରେ ଏ ସମ୍ପର୍କରେ କାହାକୁ କିଛି କହିନଥିଲେ। ତେବେ ଏହା ପରଠାରୁ ସେ ସମୀର୍ ସହ ଆଉ ଫୋନ୍‌ରେ କଥାବାର୍ତ୍ତା ନ ହେବାରୁ ସମୀର୍ ପ୍ରତିଶୋଧ ପରାୟଣ ହୋଇଉଠିଥିଲା ତାଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର କିଛି ଭିଡିଓକୁ ଇନ୍‌ଷ୍ଟାଗ୍ରାମରେ ମଧ୍ୟ ଅପଲୋଡ୍ କରିଦେବା ସହ ତାଙ୍କ ବାପାଙ୍କ ପାଖକୁ ତାହା ପଠାଇଥିଲା। ଭଲରେ ଭଲରେ ବିବାହ କରାଇବା ସହ ୫ ଲକ୍ଷ ଟଙ୍କା ନଦେଲେ ଭିଡିଓଗୁଡ଼ିକୁ ଅଶଢ଼ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରିଦେବ ବୋଲି ଧମକ ଦେଇଥିଲା। ଏହା ଦେଖି ଯୁବତୀଙ୍କ ବାପାଙ୍କ ଅକଲଗୁଡ୍ଡୁମ୍ ହୋଇଯାଇଥିଲା। ଲୋକଲଜ୍ଜା ଭୟରେ ସେ ସମୀର୍‌ର ସବୁ କଥା ସ୍ୱୀକାର କରିଥିଲେ। ଏପରିକି, ବିବାହ କରାଇବା ପାଇଁ ମଧ୍ୟ ରାଜି ହୋଇଯାଇଥିଲେ। ତେଣୁ ଯୁବତୀଙ୍କୁ ବିବାହ କରିବା ପାଇଁ ସମୀର୍ କାଶ୍ମୀରରୁ ଓଡ଼ିଶା ଆସୁଥିଲା। କିନ୍ତୁ ଯୁବତୀଜଣଙ୍କ ତା' ଚକ୍ରବ୍ୟୂହରୁ ମୁକୁଳିବା ପାଇଁ କମିସନରେଟ୍ ପୁଲିସ୍‌ର ଆଶ୍ରୟ ନେଇଥିଲେ। ଏ ସଂପର୍କରେ ସେ ମହିଳା ଥାନାରେ ଅଭିଯୋଗ କରିଥିଲେ। ସମୀର୍ ଭୁବନେଶ୍ୱରରେ ପହଞ୍ଚିବା କ୍ଷଣି କମିସନରେଟ୍ ପୁଲିସ୍‌ର ଏକ ଟିମ୍ ତାକୁ ମାଡ଼ି ବସିଥିଲା। ପୁଲିସ୍ ଯୁବତୀଙ୍କ ବୟାନ ରେକର୍ଡ କରିବା ସହ ସମୀର୍‌କୁ ଅଟକ ରଖି ଅଧିକ ତଦନ୍ତ ଚଳାଇଛି।

### ଉଧାର ଚାଉଳରେ...

ସାରା ଅନୁଦାନ ନଦେବା ସରକାରଙ୍କ କଥା ଓ କାମକୁ ଦର୍ଶାଉଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ସଭାପତି ବ୍ରହ୍ମାନନ୍ଦ ମହାରଣା ଏହି ପ୍ରସଙ୍ଗରେ ଅସନ୍ତୋଷ ପ୍ରକଟ କରିଛନ୍ତି। ସରକାର ଏହାକୁ ଗମ୍ଭୀରତାକୁ ସରକାର ବିଚାର କରି ତୁରନ୍ତ ସମସ୍ତ ବିଦ୍ୟାଳୟକୁ ଚାଉଳ ଯୋଗାଇବା ସହ ଅନୁଦାନ ପ୍ରଦାନ କରନ୍ତୁ ବୋଲି ସେ ଦାବି କରିଛନ୍ତି।

### 'ସିଙ୍ଗଡ଼ା' ଖୋଜୁଛି...

(ଏସଆଇ) ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏସ୍ଆଇ ଏହି କାମକୁ ଜଣେ ଏଏସଆଇ ଏବଂ ହେଡ କନଷ୍ଟେବଲଙ୍କୁ ପ୍ରଦାନ କରିଥିଲେ। ଉଭୟ ୩ ଡବା ଭର୍ତ୍ତି ଟିଫିନ୍ ଆଣିଥିଲେ। ମାତ୍ର ସିଆଇଡି କାର୍ଯ୍ୟାଳୟରେ ପହଞ୍ଚିବା ପରେ ଭ୍ରମାତ୍ମକ ସ୍ଥିତି ସୃଷ୍ଟି ହୋଇଥିଲା। ଜଳଖିଆ ଦାୟିତ୍ୱ ସମ୍ଭାଳିଥିବା ପର୍ଯ୍ୟଟନ ଅଧିକାରୀ ଏହା ମୁଖ୍ୟମନ୍ତ୍ରୀଙ୍କ ପାଇଁ କି ଆଉ କାହା ପାଇଁ ଥିଲା ତାହା ଜାଣି ନ ଥିଲେ। ଶେଷରେ ଜଳଖିଆ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ନ ଯାଇ ମେକାନିକାଲ ଟ୍ରାନ୍ସପୋର୍ଟ (ଏମ୍‌ଟି) ସେକ୍ସନରେ ପହଞ୍ଚି ଯାଇଥିଲା। ଏଠାରେ ଭୁଲ୍‌ରେ ସୁରକ୍ଷାକର୍ମୀଙ୍କୁ ଜଳଖିଆ ଦିଆଯାଇଥିଲା। ପରେ ସିଆଇଡି ମାମଲାର ତଦନ୍ତ ଆରମ୍ଭ କରିଥିଲା। ଜଣେ ବରିଷ୍ଠ ଅଧିକାରୀ କହିଥିଲେ ଯେ ଏହି କାର୍ଯ୍ୟ ସିଆଇଡି ଏବଂ ସରକାର ବିରୋଧୀ ଥିଲା। ଏଥିରେ ସାମିଲ ବ୍ୟକ୍ତି ନିଜ ହିସାବରେ କାମ କରୁଥିଲେ। ତେଣୁ ଏଭଳି ଦୁର୍ଭାଗ୍ୟଜନକ ଘଟଣା ଘଟିଲା। ତେବେ ଏହି ଘଟଣାକୁ ନେଇ ବିରୋଧୀ ବିଜେପି ସରକାରଙ୍କୁ ନିଶାଣ କରିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟରାମ ଠାକୁର କହିଛନ୍ତି ଯେ ଏହା କେମିତିକା ସରକାର ବିରୋଧୀ କାର୍ଯ୍ୟ। ସିଙ୍ଗଡ଼ା ତ ବିରୋଧୀ ଖାଇ ନାହାନ୍ତି। ଲୋକଙ୍କୁ ବି ବଣ୍ଟାଯାଇ ନାହିଁ। ଯିଏ ଖାଇଲା ସିଏ ସରକାରର ଅଂଶବିଶେଷ। ଅନ୍ୟପଟେ ମୁଖ୍ୟମନ୍ତ୍ରୀ ମାମଲା ଉପରେ ସ୍ପଷ୍ଟୀକରଣ ଦେଇଛନ୍ତି। ଏଭଳି କିଛି କଥା ନାହିଁ। ଅପବ୍ୟବହାର ମାମଲାରେ ସିଆଇଡି ସାମିଲ ଥିଲା। କିନ୍ତୁ ଗଣମାଧ୍ୟମ ଖାଲି ସିଙ୍ଗଡ଼ା ଖବର ଚଳାଉଛି।

### ସାରା ରାଜ୍ୟରେ...

ଲୋକେ ପୋଷ୍ଟାଲ ଜମା ସହ ଟଙ୍କା ନେଣଦେଣ କାରବାର କରୁଛନ୍ତି। ଟଙ୍କା ପୈଠ କିମ୍ବା ଉଠାଣ ହୋଇପାରୁ ନ ଥିବାରୁ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଦୂରଦୂରାନ୍ତରୁ ଆସୁଥିବା ଜମାକାରୀ ହଇରାଣ ହେବା ସହ କାମ ନ ହୋଇ ପାରୁ ନ ଥିବାରୁ ପୋଷ୍ଟାଲ୍ ଏଜେଣ୍ଟମାନେ ମଧ୍ୟ ହାତବାନ୍ଧି ବସିଛନ୍ତି। କିଏ ମାସିକିଆ ଜମା କରିପାରୁନି ତ ଆଉ କିଏ କଷ୍ଟାର୍ଜିତ ଜମା ଉପରେ ମାସିକିଆ ସୁଧ ପାଇପାରୁନି। ଗ୍ରାମାଞ୍ଚଳର ପେନ୍‌ସନ୍‌ଭୋଗୀମାନେ ମଧ୍ୟ ନିରାଶ ହୋଇ ଫେରିବାକୁ ବାଧ୍ୟ ହେଉଛନ୍ତି। ସେବା ପ୍ରଦାନ କରିବା ବଦଳରେ ଡାକଘର କର୍ତ୍ତୃପକ୍ଷ ଲିଙ୍କ୍ ଫେଲ୍ ବୋଲି ବୋର୍ଡ ମାରିଦେଇ ନିଜ ଦାୟିତ୍ୱ ସାରି ଦେଇଛନ୍ତି। ଦେଶର ଏକ ପ୍ରମୁଖ ଡାକଘର ଭାବେ ଭୁବନେଶ୍ୱର ଡାକଘରର ସୁନାମ ରହିଛି। ହେଲେ ରାଜ୍ୟର ମୁଖ୍ୟ ଡାକଘରର ଏପରି ଅବସ୍ଥା ହୋଇଥିବା ବେଳେ ଗାଁ ଗହଳିରେ ଏହି ସେବା କିପରି ଚାଲିଛି ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

**ଅଲ ଓଡ଼ିଶା ବିଲିୟାର୍ଡ୍ସ ଆଣ୍ଡ ସ୍ନୁକର ର୍ୟାଙ୍କିଙ୍ଗ୍ ଚାମ୍ପିଅନସିପ୍**

# ଟାଇଟଲ ବଜାୟ ରଖିଲେ ବିଶେଷ ସିଂଘାଲ

ଭୁବନେଶ୍ୱର, ୮।୧୧(ସମିସ): ବିଲିଆର୍ଡ୍ସ ଓ ସ୍ନୁକର ଆସୋସିଏସନ ଅଫ୍ ଓଡ଼ିଶା ଆନୁକୂଲ୍ୟରେ ୩୦ତମ ଅଲ ଓଡ଼ିଶା ବିଲିଆର୍ଡ୍ସ ଆଣ୍ଡ ସ୍ନୁକର ଚାମ୍ପିଅନସିପ୍ ପଟିଆସ୍ଥିତ ସିକ୍ସ ପକେଟସ କ୍ଲବ୍ ପରିସରରେ ଶୁକ୍ରବାର ଆରମ୍ଭ ହୋଇଛି। ଏହି ପ୍ରତିଯୋଗିତାର ଉଦ୍ଘାଟନ ସମାରୋହରେ ଅତିଥିଭାବେ ଆୟୋଜକ ସଂଘ ସମ୍ପାଦକ ସମୀର ଅଲି, ଟୁର୍ଣ୍ଣାମେଣ୍ଟ ଡାଇରେକ୍ଟର ଗୋବିନ୍ଦ ଶର୍ମା, ସିକ୍ସ ପକେଟ୍ସ କ୍ଲବ୍ ପାର୍ଟନର ଜିତେନ ଷଡଙ୍ଗୀ ଓ ଚେତନ ଆନନ୍ଦ ଉପସ୍ଥିତ ଥିଲେ। ଟୁର୍ଣ୍ଣାମେଣ୍ଟର ପ୍ରଥମ ଦିନରେ ସବ୍‌ଜୁନିଅର ବିଭାଗରେ ଖେଳ ଆୟୋଜିତ ହୋଇଥିଲା। ଏହା ମଧ୍ୟରୁ ଉଭୟ ବିଭାଗରେ ବିଶେଷ ସିଂଘାଲ ତାଙ୍କ ଟାଇଟଲ ବଜାୟ ରଖିବାରେ ସମର୍ଥ ହୋଇଛନ୍ତି। ସିନିୟର ବିଭାଗରେ ଡାକ୍ତର ରାକେଶ ରୋଶନ ପ୍ରଧାନ, ସୁବ୍ରତ ଦାସ, ଆକାଶ ମହାପାତ୍ର ଓ ନିଶାନ୍ତ ବିଶ୍ୱାଳ ପ୍ରଥମ ରାଉଣ୍ଡରେ ବିଜୟୀ ହୋଇଛନ୍ତି।

# ବାଂଲାଦେଶକୁ ହରାଇଲା ଆଫଗାନିସ୍ତାନ

ଶାରଜା, ୮।୧୧(ଏଜେନ୍ସି): ୧୮ ବର୍ଷୀୟ ଅଫ୍ ସ୍ପିନର ଆଲ୍ଲା ଘଜନଫରଙ୍କ ଯାଦୁକରୀ ବୋଲିଂ ବଳରେ ଏଠାରେ ଶୁକ୍ରବାର ଅନୁଷ୍ଠିତ ପ୍ରଥମ ଦିନିକିଆରେ ଆଫଗାନିସ୍ତାନ ୯୨ ରନ୍‌ର ବୃହତ୍ ବ୍ୟବଧାନରେ ବାଂଲାଦେଶକୁ ପରାସ୍ତ କରିଛି। ଏହା ଫଳରେ ବାଂଲାଦେଶର ପରାଜୟ ଧାରା ଅବ୍ୟାହତ ରହିଛି। ଚାମ୍ପିଅନ୍ସ ଟ୍ରଫି ପରେ ଦିନିକିଆ କ୍ରିକେଟରୁ ଅବସର ନେବାକୁ ଘୋଷଣା କରିଥିବା ଭେଟେରାନ ଅଲରାଉଣ୍ଡର ମହମ୍ମଦ୍ ନବିଙ୍କ ୭୯ ବଲ୍‌ରେ ୮୪ ଓ ଅଧିନାୟକ ହସମତୁଲ୍ଲା ସାହିଦିଙ୍କ ୫୨ ରନ୍ ବଳରେ ପ୍ରଥମେ ବ୍ୟାଟିଂ କରି ଆଫଗାନିସ୍ତାନ ୪୯.୪ ଓଭରରେ ୨୩୫ ରନ୍ କରିଥିଲା। ପ୍ରତିପକ୍ଷ ଦଳର ଦୁଇ ପେସ ବୋଲର ତାସ୍କିନ ଅହମ୍ମଦ୍ ଓ ମୁସ୍ତାଫିଜୁର ରହମନ ୪ଟି ଲେଖାଏଁ ୱିକେଟ ନେଇଥିଲେ। ଜବାବରେ ଆଲ୍ଲା ଘଜନଫର ଇନିଂସ ଓପନ କରି ବାଂଲାଦେଶର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗିଦେଇଥିଲେ। ସେ ମାତ୍ର ୬.୩ ଓଭର ବୋଲିଂ କରି ୨୬ ରନ୍‌ରେ ୬ଟି ଓ ରଶିଦ୍ ଖାନ୍ ୨ଟି ୱିକେଟ ନେଇ ଆଫଗାନିସ୍ତାନକୁ ସହଜ ବିଜୟ ଦେଇଥିଲେ।

**ଅଲିମ୍ପିକ୍ସରେ କ୍ରମାଗତ କାଂସ୍ୟ ସଫଳତା**

# ଏଫ୍‌ଆଇଏଚ୍ କଂଗ୍ରେସରେ ହକି ଇଣ୍ଡିଆ ସମ୍ମାନିତ

ମସ୍କଟ, ୮।୧୧ (ଏଜେନ୍ସି): ଚଳିତ ବର୍ଷ ମଧ୍ୟଭାଗରେ ଅନୁଷ୍ଠିତ ପ୍ୟାରିସ ଅଲିମ୍ପିକ୍ସରେ ଭାରତୀୟ ପୁରୁଷ ହକି ଦଳ ଐତିହାସିକ କାଂସ୍ୟ ପଦକ ଜିତିଥିଲା। ଯେଉଁଥି ପାଇଁ ଶୁକ୍ରବାର ଏଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍) କଂଗ୍ରେସ ଅବସରରେ ହକି ଇଣ୍ଡିଆକୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଛି। ଏଫ୍‌ଆଇଏଚ୍ ସଭାପତି ତୟାବ ଇକ୍ରାମ ଓ ଫ୍ରାନ୍ସ ହକି ମହାସଂଘ ସଭାପତି ଇଜାବେଲେ ଜୋଉନଙ୍କଠାରୁ ଏହି ପୁରସ୍କାରକୁ ଭାରତୀୟ ସଂଘର ସାଧାରଣ ସମ୍ପାଦକ ଭୋଲାନାଥ ସିଂ ଗ୍ରହଣ କରିଥିଲେ। ଏହି ଅବସରରେ ଭାରତୀୟ ଦଳର ଅଧିନାୟକ ହରମନପ୍ରୀତ୍ ସିଂହ ଓ ପୂର୍ବତନ ଗୋଲ୍‌ରକ୍ଷକ ପିଆର୍ ଶ୍ରୀଜେଶ ଉପସ୍ଥିତ ରହିଥିଲେ। ଉଲ୍ଲେଖଯୋଗ୍ୟ, ପ୍ୟାରିସ ପୂର୍ବରୁ ଗତ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ମଧ୍ୟ ଭାରତୀୟ ଦଳ ୩ୟ ସ୍ଥାନରେ ରହି କାଂସ୍ୟ ପଦକ ଜିତିଥିଲା। ଫଳରେ ଦୀର୍ଘ ୫୨ ବର୍ଷ ପରେ କ୍ରୀଡ଼ା ମହାକୁମ୍ଭ ଅଲିମ୍ପିକ୍ସରୁ ହକିରେ ଭାରତ କ୍ରମାଗତ ସଂସ୍କରଣରେ ପଦକ ସଫଳତା ପାଇଥିଲା।

# ପାକିସ୍ତାନଠାରୁ ୯ ୱିକେଟରେ ହାରିଲା ଅଷ୍ଟ୍ରେଲିଆ

ଆଡିଲେଡ ଓଭାଲ, ୮।୧୧(ଏଜେନ୍ସି): ଫାଷ୍ଟ ବୋଲିଂର ଉଚିତ ମୁକାବିଲା କରି ନ ପାରି ଏଠାରେ ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ଦିନିକିଆରେ ଅଷ୍ଟ୍ରେଲିଆ ଦୟନୀୟ ଭାବେ ୯ ୱିକେଟରେ ପାକିସ୍ତାନ ନିକଟରୁ ହାରିଯାଇଛି। ଏହି ମ୍ୟାଚ୍‌ରେ ହାରିସ୍ ରୌଫ୍ ୫ଟି ଓ ସାହିନ ଆଫ୍ରିଦି ୩ଟି ୱିକେଟ ନେବା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ୩୫ ଓଭରରେ ୧୬୩ ରନ୍ କରି ଅଲଆଉଟ ହୋଇଯାଇଥିଲା। ଷ୍ଟିଭେନ ସ୍ମିଥ ସର୍ବାଧିକ ୩୫ ରନ୍ କରିଥିଲେ। ଜବାବରେ ଦୁଇ ଯୁବ ଖେଳାଳି ୨୨ ବର୍ଷିୟ ସାଇମ ଆୟୁବଙ୍କ ୭୧ ବଲ୍‌ରେ ୮୨ ଓ ୨୪ ବର୍ଷିୟ ଅବ୍ଦୁଲା ସଫିକଙ୍କ ୬୯ ବଲ୍‌ରେ ଅପରାଜିତ ୬୪ ରନ୍ ସହାୟତାରେ ପାକିସ୍ତାନ ୨୬.୩ ଓଭରରେ ୧ ୱିକେଟ ହରାଇ ବିଜୟୀ ହୋଇଥିଲା। ରୌଫଙ୍କୁ ମ୍ୟାଚ୍ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ପାକିସ୍ତାନର ଏହି ବିଜୟ ଫଳରେ ଦିନିକିଆ ସିରିଜ୍ ୧-୧ ବରାବର ସ୍ଥିତିରେ ରହିଛି।

# ଭାଇ-ଭଉଣୀଙ୍କଠାରୁ ୭ ଲକ୍ଷ ଲୁଟ୍

**ବେକରେ ଟାଙ୍ଗିଆ ଥୋଇ ରାସ୍ତା ମଝିରୁ ଲୁଟିନେଲେ**

ମୁରିବାହାଲ, ୮।୧୧ (ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ଅଞ୍ଚଳରେ ଆଜି ଏକ ବଡ଼ଧରଣର ଲୁଟ୍ ହୋଇଛି। ସ୍ପଷ୍ଟ ଦିବାଲୋକରେ ଦୁର୍ବୃତ୍ତମାନେ ଟାଙ୍ଗିଆ ଦେଖାଇ ଭାଇ-ଭଉଣୀଙ୍କଠାରୁ ୭ଲକ୍ଷ ୩୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଲୁଟ୍‌ର ଶିକାର ହୋଇଛନ୍ତି, ସ୍ଥାନୀୟ ପଟ୍ଟାମରା ଗାଁର ଲଳିତ ଗହିର। ଆଜି ଦିନବେଳେ ସେ ନିଜ ବାଇକ୍‌ରେ ଭଉଣୀଙ୍କୁ ବସାଇ ନିକଟସ୍ଥ ହଳଦୀ ଗାଁରେ ଥିବା ଏକ ବ୍ୟାଙ୍କ କିଓସ୍କକୁ ଯାଉଥିଲେ। ଏହି ସମୟରେ ଏକ ସ୍କୁଟିରେ ୩ଜଣ ଦୁର୍ବୃତ୍ତ ସେମାନଙ୍କୁ ପିଛା କରି ନିର୍ଜନ ରାସ୍ତାରେ ଅଟକାଇଥିଲେ। ସେମାନେ କିଛି ବୁଝିବା ପୂର୍ବରୁ ଜଣେ ଦୁର୍ବୃତ୍ତ ଲଳିତଙ୍କ ବେକରେ ଏକ ଟାଙ୍ଗିଆ ରଖି ସେମାନଙ୍କଠାରୁ ଟଙ୍କା ଭର୍ତ୍ତି ବ୍ୟାଗ୍ ଲୁଟି ନେଇଥିଲେ। ଖବର ପାଇ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ କରିଛି। କଣ୍ଟାବାଞ୍ଜି ପୁଲିସ ଏସ୍‌ଡିପିଓ ଗୌରାଙ୍ଗ ଚରଣ ସାହୁ ଘଟଣାସ୍ଥଳକୁ ଯାଇ ଅଧିକ ତଦନ୍ତ କରିଥିଲେ। ଲୁଟେରା ଛଡ଼ାଇ ନେଇଥିବା ବ୍ୟାଗ୍‌ରେ ୭ଲକ୍ଷ ୩୦ ହଜାର ଟଙ୍କା ସହ ୧୫ରୁ ଅଧିକ ଏଟିଏମ୍, ବିଭିନ୍ନ ବ୍ୟାଙ୍କର ପାସ୍‌ବୁକ୍, ଚେକ୍‌ବୁକ୍ ଥିବା ଲଳିତ ଅଭିଯୋଗ କରିଛନ୍ତି। ଏନେଇ ପୁଲିସ ତଦନ୍ତ ଚଳାଇଛି। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି।

**AFFIDAVIT**

I, Rasmita Parida, S/o- Dhirendranath Parida, resident of Tilakana, Bhagabanpur, Lemalo, Salepur, Dist- Cuttack, Pin- 754293, Odisha declare by this affidavit No. 2023, dated- 06/11/2024 that now onwards I shall be known as **RASHMITA PARIDA** for all future purposes.

**AFFIDAVIT**

I, Jayas Ganesh Behera, S/o-Ganeswar Behera, resident of village - Manpur, Po - Kadamchhanda, Ps - Tirtol, Pin - 754135, Dist- Jagatsinghapur, Odisha. declare by this affidavit no -7051,deted-05/10/2024, that now onwards I shall be known as **JAYAS KUMAR BEHERA** for all future purposes.

**AFFIDAVIT**

I MAHESH AGRAWAL, S/O- Hukum chand Agrawal, resident of Hatibandha, P.O. Hatibandha, Sinapali, Dist Nuapada , Pin 766108 Odisha having adhar no 4708 7451 8751 declare by this AFFIDAVIT no 29207 dated 18/09/2024 that, inadvertently my name has been reflected as MAHESH AGRAWAL instead of **MAHESH KUMAR AGRAWAL** in my son's namely TEJAS AGRAWAL's passport bearing no S4822570. I declare that **MAHESH KUMAR AGRAWAL** and **MAHESH AGRAWAL** is one and same person i. e. myself and I shall be known as **MAHESH KUMAR AGRAWAL** for all purposes.

**AFFIDAVIT**

By virtue of an affidavit dtd- 07/11/2024 before the Executive Magistrate, Kantabanji. After marriage I have changed my name from **Rupali Patnayak to Rupali Mahanti.** Henceforth, I shall be known as **Rupali Mahanti,** W/o Manoj Mahanti @ Manoj Kumar Mahanti, resident of At: Ward No.3, Mohanty Pada, PO/PS: Kantabanji, Dist: Balangir, Odisha for all future purposes.

**AFFIDAVIT**

I, Doki Shiba Shankar Patro, S/O- Late Doki Khambu Patro, resident of At- Alok Press Lane, Po/Ps- Aska, Dist- Ganjam, Pin Code- 761110, Odisha, declared by this affidavit No. 2024, dtd- 07/11/2024 that now onwards I shall be known as **DOKI SIBA SHANKAR PATRO** for all future purposes.

**ପଟ୍ଟା ହଜିଛି**

ମୁଁ ଚନ୍ଦନ କୁମାର ସାହୁ, ବୟସ ୩୨ବର୍ଷ, ପିତା-ଗୌରାଙ୍ଗ ସାହୁ, ଏହା ଜଣାଇବାକୁ ଚାହେଁ ଗତ ତା୦୫/୧୧/୨୦୨୪ରିଖ ସଂଧ୍ୟା ୫ଘଟିକା ସମୟରେ ପାଗା ଛକ ନିକଟରେ ମୋ ପାଖରୁ ଅସଲ ରେ.ଦ. ନଂ- ୧୮୪୨ତା୨୯/୦୬/୯୮ ଓ ଅସଲ ପଟ୍ଟା ଯାହା ଖାତା ନଂ୭୨୩/୨୧୩ପ୍ଲଟ ନଂ- ୭୪୩/୧୫୨୦ ମୌଜା ବାହାଦୁଲପାଟଣା, କୌଣସି ଏକ ସ୍ଥାନରେ ହଜିଯାଇଛି । ଏ ସମ୍ପର୍କରେ ପାଗା ଫାଣ୍ଡିରେ ଏକ ଲିଖିତ ଅଭିଯୋଗ କରିଛି । ଯାହା ନଂ୭,ତା ୦୬/୦୧୧/୨୦୨୪ । ଉକ୍ତ ସମ୍ପତ୍ତିକୁ ମୁଁ ଏସବିଆଇ ହୋମଲୋନ ସେଣ୍ଟର ମହାନଦୀବିହାର, କଟକରେ ଘର ପାଇଁ ବନ୍ଧକ ଦେବାକୁ ଇଚ୍ଛୁକ । କୌଣସି ସହୃଦୟ ବ୍ୟକ୍ତି ସନ୍ଧାନ ପାଇଲେ ନିମ୍ନ ମୋ-ନଂରେ ଜଣାଇବାକୁ ଅନୁରୋଧ । ମୋବାଇଲ ନଂ- ୯୦୯୦୫୩୫୮୨୬

**AFFIDAVIT**

I, Sujit Mohanty, S/o- Surendra Mohanty, resident of Plot No. 658, Ekamra Villa, Nayapalli, IRC Village, Bhubaneswar, Odisha declared by this affidavit No. 2034, dtd- 07/11/2024 that now onwards I shall be known as **SUJIT KUMAR MOHANTY** for all future purposes.

**AFFIDAVIT**

I, Tarannum Siraj, W/o- Syed Nabarak Alli, resident of Plot No. 159/290, Azad Nagar, Sundarpada, Old Town, Bhubaneswar, Pin- 751002, Odisha declared by this affidavit No. 2031, dtd- 07/11/2024 that now onwards I shall be known as **TARANNUM BEGUM** for all future purposes.

**AFFIDAVIT**

I, Babita, W/o- Santosh Gauda, resident of Bada Sahi, Khandara, Ganjam, Pin- 761102, Odisha declared by this affidavit No. 2033, dtd- 07/11/2024 that now onwards I shall be known as **BABITA SANTOSH GAUDA** for all future purposes.

**AFFIDAVIT**

I, Rashmita Bordhan, W/o-Provakar Bordhan, Resident of at Aligonda, PO/PS- Adava, Dist-Gajapati, Pin -761217, Odisha, declare by this affidavit no -2023, dated- 06/11/2024,that now onwards I shall be known as **RASMITA BORDHAN** for all future purposes.

**NOTICE**

ମୁଁ ସମସ୍ତଙ୍କ ଅବଗତି ନିମନ୍ତେ ଘୋଷଣା କରି କହୁଅଛି ଯେ, ମୁଁ ଆଗରୁ Sanjukta Mahananda,W/o-Dibasa Sagar, Gederpali ନାମରେ ଜଣାଶୁଣା ଥିଲି । ବର୍ତ୍ତମାନ affidavit No. CF-02/05.11.2024 ମାଧ୍ୟମରେ ମୋର ନାମ change କରି Jharana Sagar, W/o- Dibasa Sagar କରିଅଛି ଏବଂ ମୁଁ Jharkhand ରେ ବସବାସ କରୁଅଛି । ଏଥିରେ କାହାର Objection ଥିଲେ କରିପାରିବେ ।

**ସାଧାରଣ ସୂଚନା**

ସାଧାରଣ ଜନତାଙ୍କୁ ଅବଗତ କରାଯାଉଛି ଯେ ବଚିତ୍ର ସିଂ(43),ବାପା ହରଜିତ୍ ସିଂ, ରାଜ୍ୟ ପଞ୍ଜାବ, ଜିଲ୍ଲା ପଟିଆଲା, ଗୁରୁଦ୍ୱାରା ବାପାଲ, ପିନ୍-140401, ଆଧାରନମ୍ବର401754497939ଅଟେ । ତାଙ୍କ ଅଧିକାର ଏବଂ ନାମରେ ଏମଏସ ଖାତା ନମ୍ବର 251/707, ମୋଟ ପ୍ଲଟ ନମ୍ବର 14 (728/2992, 728/2990, 729/2991, 723, 727, 247, 746, 743, 742, 741, 740, 739, 784.774) କନିକା ମୌଜା, ହେମଗିରି ଥାନା ଅଟକ ସୁନ୍ଦରଗଡ଼ ଜିଲ୍ଲା (ଓଡ଼ିଶା) ରେ ଅବସ୍ଥିତ। ଶୁଭ କୋଲ ସୋଲୁସନ ପ୍ରାଇଭେଟ ଲିମିଟେଡ, ଏମଡି ଆଶିଷ ଗୋୟଲ, ବାପା ହରି କିଶନ ଗୋୟାଲ, ୱାର୍ଡ ନମ୍ବର-5, ଗୋୟାଲ ଅଟୋମୋବାଇଲ ଜଗତପୁର ଡ଼ିମରାପୁର ରୋଡ, ତହସିଲ ଏବଂ ଜିଲ୍ଲା ରାୟଗଡ, ରାଜ୍ୟ ଛତିଶଗଡ଼ କୁ ଏକ ଫାର୍ମ ଡିଲ ପାଇଁ ବିକ୍ରୟ ର ଚୁକ୍ତି ହୋଇଛି। ତେଣୁ ଉପରୋକ୍ତ ସମ୍ପତ୍ତି ସମ୍ବନ୍ଧରେ କୌଣସି ବ୍ୟକ୍ତି କିମ୍ବା ବ୍ୟାଙ୍କ, ଆର୍ଥିକ କିମ୍ବା ଅଣ-ଆର୍ଥିକ ପ୍ରତିଷ୍ଠାନ କିମ୍ବା ଅନ୍ୟ କୌଣସି ବ୍ୟକ୍ତିଙ୍କର ଆପତ୍ତି ଅଛି, ତେବେ ସେ ଏହି ବିଜ୍ଞପ୍ତି ପ୍ରକାଶ ହେବାର 7 ଦିନ ମଧ୍ୟରେ ମୋର କାର୍ଯ୍ୟାଳୟରେ ଆବଶ୍ୟକିୟ କାଗଜପତ୍ର ସହ ନିଜର ଆପତ୍ତି ଉପସ୍ଥାପନ କରନ୍ତୁ। ଧାର୍ଯ୍ୟ ତାରିଖ ପରେ କୌଣସି ଦାବି କିମ୍ବା ଆପତ୍ତି ଶୂନ୍ୟ ଏବଂ ବେଆଇନ ବୋଲି ଧରାଯିବ ଏବଂ ମୋ ପକ୍ଷପାଇଁ ବାଧ୍ୟତାମୂଳକ ହେବ ନାହିଁ ତେଣୁ ଦୟାକରି ଆପତ୍ତି ଥିଲେ ଜାଣନ୍ତୁ ।

**AFFIDAVIT**

I, Ajit Kumar Pattnayak, S/o- Narendra Mohan Pattnayak, resident of At/Po- Raisuan, Raisuan, Pin- 758013, Odisha declared by this affidavit No. 2032, dtd- 07/11/2024 that now onwards I shall be known as **AJIT KUMAR PATTNAYAK** for all future purposes.

GOVERNMENTOFODISHA
OFFICEOFTHESUPERINTENDINGENGINEER RURAL WORKS DIVISON-I, MALKANGIRI
NATIONALCOMPETITIVEBIDDING THROUGHe-Procurement
2nd Corrigendum to
OnlineTender 02/RWD-I,MKG/2024-25 dt.09.10.2024
O-606

In Partial modification to this office tender call notice Online Tender 02/RWD-I,MKG/2024-25 dt.09.10.2024 availability of Tender on-line for bidding have been rescheduled as follows

| Procurement Officer | Bid IdentificationNo. | No of Works | Availability of Tender on-line for bidding | | Last Date & Time of seeking tender clarification | Date and time of opening of tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Division-I, Malkangiri | Online Tender-01/ RWD-I,MKG /2024-25 | **Total 54 nos** (single cover) | 20.11.2024 from11.00 AM | 02.12.2024 up to 5.00PM | 30.11.2024 upto5.00P.M. | Tech Bid opening: - 03.12.2024 at 11.00 AM |

**All other terms and conditions are remained unchanged.**
OIPR-25058/11/0004/2425
Superintending Engineer
R.W.Division-I, Malkangiri

# ସକାଳ
THE SAKALA

# ସମ୍ପାଦକୀୟ



ଲୋକମାନେ ତୁମ ଉପରକୁ ଫିଙ୍ଗିଥିବା ପଥରକୁ ଐତିହ୍ୟ ନିର୍ମାଣରେ ଉପଯୋଗ କର।
-ରତନ ଟାଟା

## ଟ୍ରୁଡୁ କଣ୍ଟା ହଟିବ!

ଭାରତର ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କରଙ୍କ ସାକ୍ଷାତକାର ପ୍ରସାରଣ କରିଥିବା ଏକାଧିକ ଅଷ୍ଟ୍ରେଲିୟ ଟିଭି ଚ୍ୟାନେଲ୍‌କୁ ନିଷିଦ୍ଧ କରିଥିବା କାନାଡ଼ା ସରକାର ବିଶ୍ୱବ୍ୟାପୀ ପ୍ରବଳ ସମାଲୋଚନାର ସମ୍ମୁଖୀନ ହୋଇଛନ୍ତି। କାନାଡ଼ା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୁଙ୍କ ଭାରତ ବିରୋଧୀ ଆଭିମୁଖ୍ୟ ଓ ଅପରିପକ୍ୱ ନିଷ୍ପତ୍ତି ଆଗାମୀ ଦିନରେ କାନାଡ଼ାକୁ ଆହୁରି ଅଡୁଆ ପରିସ୍ଥିତିରେ ପକାଇପାରେ ବୋଲି କୂଟନୀତି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଟ୍ରୁଡୁଙ୍କ ଘୋର ବିରୋଧୀ ଭାବେ ଜଣାଶୁଣା ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ଆମେରିକାର ରାଷ୍ଟ୍ରପତି ପଦବୀକୁ ପ୍ରତ୍ୟାବର୍ତ୍ତନ କରୁଥିବାରୁ ଟ୍ରୁଡୁଙ୍କ ରାଜନୈତିକ ଭବିଷ୍ୟତ ସଙ୍କଟମୟ ହେବାକୁ ଯାଉଛି। ଇତିମଧ୍ୟରେ ଟ୍ରମ୍ପଙ୍କ ଘନିଷ୍ଠ ବ୍ୟବସାୟୀ ବନ୍ଧୁ ତଥା ବିଶିଷ୍ଟ ଶିଳ୍ପପତି ଏଲୋନ୍ ମସ୍କ ମଧ୍ୟ ଟ୍ରୁଡୁଙ୍କ ରାଜନୈତିକ ପତନ ଅବଶ୍ୟମ୍ଭାବୀ ବୋଲି କହିବା ପରେ ଟ୍ରୁଡୁଙ୍କ ଅଡୁଆ ଆହୁରି ବଢ଼ିଯାଇଛି। ଅତୀତରେ ଟ୍ରୁଡୁଙ୍କ ଉପରେ ମସ୍କ ଅନେକ କାରଣରୁ କ୍ଷୁବ୍ଧ ଥିବା ବେଳେ ଟ୍ରୁଡୁଙ୍କୁ ହିଟ୍‌ଲରଙ୍କ ସହିତ ତୁଳନା କରିବାକୁ ପଛାଇ ନଥିଲେ। ଆଗାମୀ ଦିନରେ ଟ୍ରମ୍ପ ପ୍ରଶାସନର ନିଷ୍ପତ୍ତି ଉପରେ ମସ୍କ ପ୍ରଭାବକୁ ଅସ୍ୱୀକାର କରି ହେବ ନାହିଁ। ତେଣୁ ଟ୍ରୁଡୁଙ୍କ ରାଜନୈତିକ ଭବିଷ୍ୟତ କଣ୍ଟକିତ ହେବାକୁ ଯାଉଥିବା ବିଶ୍ୱ ରାଜନୈତିକ ବିଶାରଦମାନେ ଅନୁମାନ କରୁଛନ୍ତି। ଏଥିସହିତ ଭାରତ ମଧ୍ୟ ସୁବିଧାରେ ରହିବ ବୋଲି ମତ ପ୍ରକାଶ ପାଇଛି।

ବିଶ୍ୱର ସର୍ବବୃହତ୍ ସୀମା ରେଖା ସହିତ ସଂଯୁକ୍ତ ଆମେରିକା ଓ କାନାଡ଼ା ପ୍ରତିରକ୍ଷା, ବାଣିଜ୍ୟ, ଗୁଇନ୍ଦା ସୂଚନା ଆଦି ବହୁକ୍ଷେତ୍ରରେ ମିଳିତ ଭାବେ ଚୁକ୍ତିବଦ୍ଧ ଓ କାର୍ଯ୍ୟରତ। ଦୁଇ ରାଷ୍ଟ୍ର ମଧ୍ୟରେ ବାଣିଜ୍ୟ କାରବାରର ପରିମାଣ ଲକ୍ଷାଧିକ କୋଟି ଡଲାର। କିନ୍ତୁ ବ୍ୟକ୍ତିଗତ ଭାବେ ଟ୍ରୁଡୁଙ୍କ ଆଭିମୁଖ୍ୟ ଓ କେତେକ ଅଦୂରଦର୍ଶୀ ନିଷ୍ପତ୍ତି ଅତୀତରେ ଟ୍ରମ୍ପଙ୍କୁ ଏତେ ଅସନ୍ତୁଷ୍ଟ କରିଥିଲା ଯେ ସେ ରାଷ୍ଟ୍ରପତି ଥିବା ବେଳେ କାନାଡ଼ାକୁ ଆମେରିକାର ଏକ ପ୍ରତିଦ୍ୱନ୍ଦ୍ୱୀ ରାଷ୍ଟ୍ର ଭାବେ ବିଚାର କରୁଥିଲେ। ଉଭୟ ଦେଶ ଉଭୟଙ୍କ ଉତ୍ପାଦ ଉପରେ କଟକଣା ଜାରି କରିବା ଭଳି ପରିସ୍ଥିତି ମଧ୍ୟ ଉପୁଜିଥିଲା। ୨୦୧୮ ରେ ଜି-୭ ବୈଠକ ଅଧାରୁ ଟ୍ରମ୍ପ ଉଠି ଚାଲିଯାଇଥିବା ବେଳେ ୨୦୧୯ ରେ ନାଟୋ ବୈଠକରେ ଟ୍ରୁଡୁଙ୍କୁ 'ଦୋ ମୁହାଁ' ବୋଲି କହିବାରୁ ପଛାଇ ନଥିଲେ। କାନାଡ଼ା ୩% ଡିଜିଟାଲ୍ ଟିକସ ଲାଗୁ କରିଥିବାରୁ ଆମେରିକୀୟ କମ୍ପାନୀ ସହିତ ଡୋନାଲ୍ଡ ଟ୍ରମ୍ପ ମଧ୍ୟ କାନାଡ଼ା ଉପରେ ଅସନ୍ତୁଷ୍ଟ ଅଛନ୍ତି। ଏହି ତିକ୍ତ ପୃଷ୍ଠଭୂମିରେ କାନାଡ଼ାରେ ଉତ୍ପାଦିତ ସାମଗ୍ରୀ ଉପରେ ଆମେରିକା ୧୦% ଅତିରିକ୍ତ ଆମଦାନୀ ଶୁଳ୍କ ଲାଗୁ କରିବ



ବୋଲି ଟ୍ରମ୍ପ ତାଙ୍କ ସଦ୍ୟତମ ନିର୍ବାଚନୀ ସଭାରେ କରିଥିବା ଘୋଷଣା ଲାଗୁ କରିବା ଅବଧାର୍ଯ୍ୟ। କାନାଡ଼ାର ମୋଟ ରପ୍ତାନୀରୁ ୭୫ ପ୍ରତିଶତ ଆମେରିକାକୁ ଯାଉଥିବାରୁ ୧୦% ଅତିରିକ୍ତ ଶୁଳ୍କ ଲାଗୁ ହେଲେ କାନାଡ଼ାର ଅର୍ଥନୀତି ପ୍ରାୟ ୭୦୦ କୋଟି ଆମେରିକୀୟ ଡଲାରର କ୍ଷତି ସହିବ ବୋଲି ଆକଳନ କରାଯାଉଛି।

ଆଗାମୀ ଦିନରେ ତିକ୍ତ ହେବାକୁ ଯାଉଥିବା ଆମେରିକା-କାନାଡ଼ା ସମ୍ପର୍କ ଭାରତ ପାଇଁ ଏକ ମଧୁର ସନ୍ଦେଶ ଆଣିଛି। ପ୍ରଥମତଃ, ଭାରତ ବିରୋଧୀ ଖଲିସ୍ତାନୀ ନେତାଙ୍କୁ ନିଜ ଦେଶରେ ସୁରକ୍ଷା ଦେଇ ସେଠାକାର ଶିଖ୍ ସମ୍ପ୍ରଦାୟର ଭୋଟ ହାତେଇ ପୁଣି ଥରେ କ୍ଷମତାକୁ ଫେରିବାକୁ ଚାହୁଁଥିବା ଟ୍ରୁଡୁଙ୍କ ସ୍ୱପ୍ନ ଯଦି ବାସ୍ତବତାର ରୂପ ନିଏ ତେବେ ଭାରତ-କାନାଡ଼ା ସମ୍ପର୍କ ଅଧିକ ତିକ୍ତ ହେବା ସହିତ ଉଭୟ ଦେଶ ବାଣିଜ୍ୟିକ କ୍ଷେତ୍ରରେ ପ୍ରଭୂତ କ୍ଷତି ସହିବେ। ଆମେରିକାର ରାଷ୍ଟ୍ରପତି ନିର୍ବାଚନର ଫଳାଫଳକୁ ନିର୍ଣ୍ଣୟ କରିପାରୁଥିବା ଏଲୋନ୍ ମସ୍କ ଟ୍ରୁଡୁଙ୍କ ପତନ ନେଇ ଭବିଷ୍ୟବାଣୀ କରିବା ପରେ ତାହା ବାସ୍ତବତାରେ ପରିଣତ ହେବାର ସମ୍ଭାବନା ବହୁ ଅଧିକ। ଟ୍ରୁଡୁଙ୍କ ଶାସନ ଅମଳରେ କାନାଡ଼ା-ଚୀନ୍ ସମ୍ପର୍କ ତିକ୍ତ ହେବା ସହିତ ଅର୍ଥନୀତି ମଧ୍ୟ ଦୁର୍ବଳ ହେବାରେ ଲାଗିଛି। ୨୦୨୬ରେ ନବୀକରଣ ହେବାକୁ ଥିବା ଆମେରିକା-ମେକ୍ସିକୋ-କାନାଡ଼ା ବାଣିଜ୍ୟ ରାଜିନାମାର ପୁନର୍ବିଚାର କରିବେ ବୋଲି ଟ୍ରମ୍ପ ସଂକେତ ଦେଇଛନ୍ତି। ଏଥିସହିତ ଟ୍ରମ୍ପଙ୍କ ସହିତ ଟ୍ରୁଡୁଙ୍କ ମନୋମାଳିନ୍ୟର ପ୍ରଭାବ କାନାଡ଼ାର ଅର୍ଥନୀତି ଉପରେ ପଡ଼ିବାକୁ ଯାଉଥିବାରୁ ସେଠାକାର ଜନତା ଟ୍ରୁଡୁଙ୍କୁ ପୁଣି ଥରେ କ୍ଷମତାକୁ ଆଣିବାକୁ ଚାହିଁବେ ନାହିଁ। ଏହାଦ୍ୱାରା ଆମେରିକା-କାନାଡ଼ା-ଭାରତ ସମ୍ପର୍କରେ ସୁଧାର ଆସିବ।

ଦ୍ୱିତୀୟତଃ, ଖଲିସ୍ତାନୀ ନେତା ନିଜ୍ଜାର ହତ୍ୟାକାଣ୍ଡରେ ଭାରତ ସମ୍ପୃକ୍ତି ଉପରେ ବାଇଡେନ୍ ପ୍ରଶାସନ ଭଳି ଟ୍ରମ୍ପ ପ୍ରଶାସନ ଏତେ ଗୁରୁତ୍ୱ ଦେବ ନାହିଁ। ତେଣୁ ବିଶ୍ୱ ଦରବାରରେ ଭାରତ ଅଯଥା ନିନ୍ଦିତ ହେବାରୁ ବର୍ତ୍ତି ପାରିବ। ତୃତୀୟତଃ, କାନାଡ଼ାରୁ ଆମଦାନୀ ଉପରେ ୧୦% ଶୁଳ୍କ ଲାଗୁ ହେଲେ ଆମେରିକୀୟ ବଜାରରେ ଭାରତୀୟ ଉତ୍ପାଦର ଯୋଗଦାନ ବଢ଼ିବ ଏବଂ ଭାରତୀୟ ଅର୍ଥନୀତି ଫାଇଦାରେ ରହିବ। ଟ୍ରମ୍ପ ଓ ମସ୍କ ପ୍ରଭାବରେ ଟ୍ରୁଡୁ କ୍ଷମତାଚ୍ୟୁତ ହେଲେ କାନାଡ଼ାରେ ଭାରତୀୟ ଛାତ୍ରଛାତ୍ରୀଙ୍କ ପାଇଁ ସୃଷ୍ଟି ହେବାକୁ ଯାଉଥିବା ଭିସା କଟକଣା ମଧ୍ୟ ପ୍ରଭାବହୀନ ହେବ। ତେଣୁ ଆମେରିକା ଓ ଭାରତ ପାଇଁ କଣ୍ଟା ସାଜିଥିବା ଟ୍ରୁଡୁ ହଟିବା ଆବଶ୍ୟକ ବୋଲି ଭାରତ ସବୁବେଳେ ଚାହିଁବ। ଆବଶ୍ୟକ ହେଲେ ଏ କ୍ଷେତ୍ରରେ ଭାରତ ଆମେରିକାକୁ ସାହାଯ୍ୟ ସମର୍ଥନ କରିବାକୁ ପଛଘୁଞ୍ଚା ଦେବ ନାହିଁ।

ମୋଟ ଉପରେ କହିବାକୁ ଗଲେ ଭାରତର କୂଟନୈତିକ ଭାବମୂର୍ତ୍ତି ପାଇଁ 'ଟ୍ରୁଡୁ ଫ୍ୟାକ୍ଟର' ବରଦାନ ସାବ୍ୟସ୍ତ ହେବାକୁ ଯାଉଛି, ଯାହାକୁ ଟ୍ରମ୍ପଙ୍କ ଜିତାପଟ ଆହୁରି ଅନୁକୂଳ କରିଛି। ଟ୍ରମ୍ପ ଓ ମୋଦୀ ଆତଙ୍କବାଦୀ ନିରୋଧୀ ଆଭିମୁଖ୍ୟକୁ ଗୁରୁତ୍ୱ ଦେଉଥିବାରୁ କାନାଡ଼ାରେ ଟ୍ରୁଡୁ ସରକାର ପତନ ହେଲେ ଭାରତ ବିରୋଧୀ ବିଚ୍ଛିନ୍ନତାବାଦୀ କାର୍ଯ୍ୟକଳାପର ବିଲୋପ ସମ୍ଭାବନା ଅଧିକ। ଏବେ ଆତଙ୍କ ଓ ଯୁଦ୍ଧର ବିଲୋପ ସହିତ ଆପୋସ ବୁଝାମଣା, ଶାନ୍ତି ଓ ସହାବସ୍ଥାନର ଯୁଗ ଆରମ୍ଭ କରିବାର ବେଳ। ସଂକ୍ରମଣ ନିରୋଧ, ଜଳବାୟୁ ପରିବର୍ତ୍ତନର ପ୍ରଭାବ ନିୟନ୍ତ୍ରଣ ଆଦି ବିଷୟରେ ବିଶ୍ୱ ଧ୍ୟାନ କେନ୍ଦ୍ରିତ କରିବାର ସମୟ। ଆଶା ଏ ଦିଗରେ ଆମେରିକା-ଭାରତ ବିଶ୍ୱର ନେତୃତ୍ୱ ନେବେ। ଭାରତ-ଆମେରିକା ସମ୍ପର୍କରେ ଥିବା ଟ୍ରୁଡୁ କଣ୍ଟା ହଟିଲେ ଯାଇ ଏ ଲକ୍ଷ୍ୟ ପୂରଣ ହେବ।

# ରତନ ଟାଟା: ପ୍ରେରଣାର ଚିର ସ୍ରୋତସ୍ୱିନୀ



ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ

ରତନ ଟାଟା ଆମକୁ ଛାଡ଼ି ଚାଲିଯିବାର ଗୋଟିଏ ମାସ ବିତିଗଲାଣି। କୋଳାହଳପୂର୍ଣ୍ଣ ମହାନଗର ଓ ଛୋଟ ସହରଠାରୁ ଆରମ୍ଭ କରି ଗାଁ ପର୍ଯ୍ୟନ୍ତ, ତାଙ୍କର ଅନୁପସ୍ଥିତି ସମାଜର ପ୍ରତ୍ୟେକ ସ୍ତରରେ ଅନୁଭୂତ ହେଉଛି। ବିଶିଷ୍ଟ ଶିଳ୍ପପତି, ଯୁବ ଉଦ୍ୟୋଗୀ ଏବଂ କଠିନ ପରିଶ୍ରମ କରୁଥିବା ପେସାଦାରମାନେ ତାଙ୍କ ବିୟୋଗରେ ଶୋକାଭିଭୂତ ହୋଇପଡ଼ିଛନ୍ତି। ପରିବେଶକୁ ନେଇ ଯତ୍ନଶୀଳ ଏବଂ ଦାନପୁଣ୍ୟରେ ଆଗ୍ରହୀ ଥିବା ଲୋକମାନେ ମଧ୍ୟ ଅନୁରୂପ ଭାବେ ଦୁଃଖିତ। ତାଙ୍କର ଅନୁପସ୍ଥିତି କେବଳ ଦେଶରେ ନୁହେଁ ବରଂ ସାରା ବିଶ୍ୱରେ ଗଭୀର ଭାବେ ଅନୁଭୂତ ହେଉଛି।

ଯୁବପିଢ଼ିଙ୍କ ପାଇଁ ରତନ ଟାଟା ଏକ ପ୍ରେରଣା ଥିଲେ। ସ୍ୱପ୍ନକୁ ସାକାର କରିବା ସମ୍ଭବ ଏବଂ କରୁଣା ଓ ବିନମ୍ରତାର ସହ ସଫଳତା ହାସଲ କରାଯାଇପାରିବ, ଏହା ସେ ଶିଖାଇଥିଲେ। ଅନ୍ୟମାନଙ୍କ ପାଇଁ ସେ ଭାରତୀୟ ଉଦ୍ୟୋଗ ଜଗତର ଶ୍ରେଷ୍ଠ ପରମ୍ପରାକୁ ପ୍ରତିନିଧିତ୍ୱ କରୁଥିଲେ। ସଚ୍ଚୋଟତା, ଉତ୍କର୍ଷ ଏବଂ ସେବା ମୂଲ୍ୟବୋଧ ପ୍ରତି ତାଙ୍କର ଦୃଢ଼ ପ୍ରତିଶ୍ରୁତିବଦ୍ଧତା ପାଇଁ ସେ ପରିଚିତ। ତାଙ୍କ ନେତୃତ୍ୱରେ, ଟାଟା ଗ୍ରୁପ୍ ନୂଆ ଉଚ୍ଚତା ଛୁଇଁଥିଲା ଏବଂ ସାରା ବିଶ୍ୱରେ ସମ୍ମାନ, ସଚ୍ଚୋଟତା ଓ ବିଶ୍ୱସନୀୟତାର ପ୍ରତୀକ ପାଲଟିଥିଲା। ଏହା ସତ୍ତ୍ୱେ ସେ ବିନମ୍ରତା ଓ ଉଦାରତା ସହିତ ନିଜର ସଫଳତାକୁ ଅତି ହାଲୁକା ଭାବେ ନେଇଥିଲେ।

ଅନ୍ୟମାନଙ୍କ ସ୍ୱପ୍ନ ପ୍ରତି ରତନ ଟାଟାଙ୍କ ଅତୁଟ ସମର୍ଥନ ତାଙ୍କର ସର୍ବଶ୍ରେଷ୍ଠ ଗୁଣ ଥିଲା। ଗତ କିଛିବର୍ଷ ମଧ୍ୟରେ ସେ ଭାରତୀୟ ଷ୍ଟାର୍ଟଅପ୍ ଇକୋସିଷ୍ଟମ୍‌କୁ ମାର୍ଗଦର୍ଶନ କରିଥିଲେ ଏବଂ ଅନେକ ସମ୍ଭାବନାପୂର୍ଣ୍ଣ ଉପକ୍ରମରେ ନିବେଶ କରିଥିଲେ। ସେ ଯୁବ ଉଦ୍ୟୋଗୀଙ୍କ ଆଶା ଓ ଆକାଂକ୍ଷାକୁ ବୁଝିଥିଲେ ଏବଂ ଭାରତର ଭବିଷ୍ୟତକୁ ଆକାର ଦେବାରେ ସେମାନଙ୍କର କ୍ଷମତାକୁ ଜାଣିପାରିଥିଲେ। ସେମାନଙ୍କ ପ୍ରୟାସକୁ ସମର୍ଥନ କରି ସେ ସ୍ୱପ୍ନ ଦେଖୁଥିବା ନୂଆ ପିଢ଼ିକୁ ସାହସିକ ପଦକ୍ଷେପ ନେବା ଏବଂ ଚିରାଚରିତ ସୀମା ଠାରୁ ଆଗକୁ ବଢ଼ିବା ପାଇଁ ସଶକ୍ତ କରିଥିଲେ। ତାଙ୍କର ସମର୍ଥନ ନବସୃଜନ ଓ ଉଦ୍ୟମିତାର ସଂସ୍କୃତି ଗଢ଼ିବାରେ ଏକ ଲମ୍ବା ରାସ୍ତା ନିର୍ଦ୍ଧାରଣ କରିସାରିଛି। ଆଗାମୀ ଦଶନ୍ଧିରେ ଭାରତ ଉପରେ ଏହାର ସକାରାତ୍ମକ ପ୍ରଭାବ ପଡ଼ିବ ବୋଲି ମୋର ବିଶ୍ୱାସ ରହିଛି। ସେ କ୍ରମାଗତ ଭାବରେ ଉତ୍କର୍ଷତାକୁ ସମର୍ଥନ କରିଥିଲେ ଏବଂ ଭାରତୀୟ ଉଦ୍ୟୋଗଗୁଡ଼ିକୁ ବିଶ୍ୱସ୍ତରୀୟ ମାନଦଣ୍ଡ ସ୍ଥାପିତ କରିବାକୁ ଅନୁରୋଧ କରୁଥିଲେ। ମୁଁ ଆଶା କରୁଛି ଯେ ଏହି ଦୃଷ୍ଟିକୋଣ ଆମର ଭବିଷ୍ୟତର ନେତାମାନଙ୍କୁ ଭାରତକୁ ବିଶ୍ୱସ୍ତରୀୟ ଗୁଣବତ୍ତାର ସମକକ୍ଷ କରିବା ପାଇଁ ପ୍ରେରଣା ଯୋଗାଇବ।

କେବଳ ବୋର୍ଡ ରୁମ୍ କିମ୍ବା ସାଥୀ ମଣିଷଙ୍କୁ ସାହାଯ୍ୟ କରିବାରେ ତାଙ୍କର ମହାନତା ସୀମିତ ନଥିଲା। ତାଙ୍କର କରୁଣାଭାବ ସମସ୍ତ ଜୀବଜଗତଙ୍କ ପାଇଁ ବିସ୍ତାରିତ ହୋଇଥିଲା। ପ୍ରାଣୀମାନଙ୍କ ପ୍ରତି ତାଙ୍କର ଗଭୀର ଭଲପାଇବା ବିଷୟରେ ସମସ୍ତେ ଜାଣନ୍ତି। ସେ ପ୍ରାୟତଃ ତାଙ୍କ ପୋଷା କୁକୁରମାନଙ୍କର ଫଟୋ ସେୟାର କରନ୍ତି, ଯେଉଁମାନେ ଯେକୌଣସି ବ୍ୟବସାୟିକ ଉଦ୍ୟୋଗ ପରି ତାଙ୍କ ଜୀବନର ଏକ ଅଂଶ ଥିଲେ। ପ୍ରକୃତ ନେତୃତ୍ୱ କେବଳ କାହାର ସଫଳତା ଦ୍ୱାରା ନୁହେଁ, ବରଂ ସବୁଠାରୁ ଦୁର୍ବଳ ଲୋକଙ୍କ ପ୍ରତି ଧ୍ୟାନ ଦେବାର ଦକ୍ଷତା ଆଧାରରେ ମାପ କରାଯାଇଥାଏ, ତାଙ୍କ ଜୀବନ ଆମ ସମସ୍ତଙ୍କୁ ଏହି ଶିକ୍ଷା ଦେଇଥିଲା।

କୋଟି କୋଟି ଭାରତୀୟଙ୍କ ପାଇଁ ରତନ ଟାଟାଙ୍କ ଦେଶପ୍ରେମ ସଙ୍କଟ ସମୟରେ ଉଜ୍ଜ୍ୱଳ ହୋଇ ଉଠିଥିଲା। ୨୬/୧୧ ଆତଙ୍କବାଦୀ ଆକ୍ରମଣ ସମୟରେ ସେ ତୁରନ୍ତ ମୁମ୍ବାଇର ତାଜ୍ ହୋଟେଲ୍ ଖୋଲିଥିଲେ। ଦେଶ ଆଗରେ ରହିଥିବା ଆହ୍ୱାନର ସେ ଦୃଢ଼ ଜବାବ ଦେଇଥିଲେ। ଭାରତ ଆତଙ୍କବାଦ ଆଗରେ ମୁଣ୍ଡ ନୁଆଁଇଲା ନାହିଁ, ନିଜର ଏକତା ଶକ୍ତି ପ୍ରଦର୍ଶନ କଲା।

ବର୍ଷ ବର୍ଷ ଧରି ତାଙ୍କୁ ଅତି ନିକଟରୁ ଜାଣିବାର ସୌଭାଗ୍ୟ ମୁଁ ପାଇଥିଲି। ଆମେ ଗୁଜରାଟରେ ଘନିଷ୍ଠ ଭାବରେ କାମ କରିଥିଲୁ, ଯେଉଁଠାରେ ସେ ବ୍ୟାପକ ପୁଞ୍ଜିନିବେଶ କରିଥିଲେ ଏବଂ ଅନେକ ପ୍ରକଳ୍ପକୁ ନେଇ ବହୁତ ଉତ୍ସାହୀ ଥିଲେ। କିଛି ସପ୍ତାହ ତଳେ ମୁଁ ସ୍ପେନ୍ ରାଷ୍ଟ୍ରପତି ପେଡ୍ରୋ ସାଞ୍ଚେଜ୍‌ଙ୍କ ସହ ଭଦୋଦରାରେ ଥିଲି ଏବଂ ଆମେ ମିଳିତ ଭାବେ ଏକ ବିମାନ କମ୍ପ୍ଲେକ୍ସ ଉଦଘାଟନ କରିଥିଲୁ। ଏହି ସ୍ଥାନରେ ହିଁ ପ୍ରଥମଥର ପାଇଁ ଭାରତରେ ସି-୨୯୫ ବିମାନ ନିର୍ମିତ ହେବ। ରତନ ଟାଟା ହିଁ ଏହା ଉପରେ କାମ ଆରମ୍ଭ କରିଥିଲେ। ରତନ ଟାଟାଙ୍କ ଅନୁପସ୍ଥିତି ଏଠାରେ ଖୁବ୍ ଗଭୀର ଭାବେ ଅନୁଭୂତ ହୋଇଥିଲା।

ନିୟମିତ ଭାବେ ଚିଠି ଲେଖୁଥିବା ଜଣେ ବ୍ୟକ୍ତି ଭାବେ ମୁଁ ରତନ ଟାଟାଙ୍କୁ ସ୍ମରଣ କରୁଛି। କେବେ ଶାସନ ପ୍ରସଙ୍ଗରେ ହେଉ କିମ୍ବା ସରକାରୀ ସହାୟତାକୁ ପ୍ରଶଂସା କରି ହେଉ ଅଥବା ନିର୍ବାଚନ ବିଜୟ ପରେ ଅଭିନନ୍ଦନ ଜଣାଇବା ହେଉ, ସେ ମୋତେ ବିଭିନ୍ନ ପ୍ରସଙ୍ଗରେ ନିୟମିତ ଚିଠି ଲେଖୁଥିଲେ। ମୁଁ କେନ୍ଦ୍ରକୁ ଆସିବା ପରେ ଆମର ଘନିଷ୍ଠ ସମ୍ପର୍କ ଜାରି ରହିଲା ଏବଂ ସେ ଆମ ରାଷ୍ଟ୍ର ନିର୍ମାଣ ପ୍ରୟାସରେ ଜଣେ ପ୍ରତିଶ୍ରୁତିବଦ୍ଧ ଅଂଶୀଦାର ଥିଲେ। ବିଶେଷ କରି, ସ୍ୱଚ୍ଛ ଭାରତ ମିଶନ ପାଇଁ ରତନ ଟାଟାଙ୍କ ସମର୍ଥନ ମୋ ହୃଦୟର ଅତି ନିକଟତର ଥିଲା। ଭାରତର ପ୍ରଗତି ପାଇଁ ସ୍ୱଚ୍ଛତା, ପରିଚ୍ଛନ୍ନତା ଏବଂ ପରିମଳ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରି ସେ ଏହି ଜନଆନ୍ଦୋଳନର ଜଣେ ଦୃଢ଼ ସମର୍ଥକ ଥିଲେ। ଅକ୍ଟୋବର ଆରମ୍ଭରେ ସ୍ୱଚ୍ଛ ଭାରତ ମିଶନର ଦଶମ ବାର୍ଷିକୀ ଅବସରରେ ତାଙ୍କ ହୃଦୟସ୍ପର୍ଶୀ ଭିଡିଓ ବାର୍ତ୍ତା ମୋର ଆଜି ବି ମନେ ଅଛି। ଏଥିରେ ଶେଷଥର ପାଇଁ ସେ ସର୍ବସମ୍ମୁଖକୁ ଆସିଥିଲେ।

ଆଉ ଏକ ମହତ କାର୍ଯ୍ୟ ତାଙ୍କ ହୃଦୟର ନିକଟତର ଥିଲା, ତାହା ହେଉଛି ସ୍ୱାସ୍ଥ୍ୟସେବା। ବିଶେଷକରି କର୍କଟ ବିରୋଧୀ ସଂଗ୍ରାମରେ ଯୋଗଦାନ ପାଇଁ ସେ ସବୁଦିନ ସ୍ମରଣୀୟ ହୋଇରହିବେ। ମୋର ମନେ ଅଛି, ଦୁଇବର୍ଷ ପୂର୍ବେ ଆସାମରେ ଆମେ ମିଳିତ ଭାବେ ରାଜ୍ୟର ଏକାଧିକ କର୍କଟ ଚିକିତ୍ସାଳୟକୁ ଉଦଘାଟନ କରିଥିଲୁ। ସେହି ସମୟରେ ସେ ତାଙ୍କ ବକ୍ତବ୍ୟରେ ସ୍ପଷ୍ଟ ଭାବେ କହିଥିଲେ ଯେ ସେ ତାଙ୍କର ଶେଷ ବର୍ଷଗୁଡ଼ିକୁ ସ୍ୱାସ୍ଥ୍ୟସେବା ପାଇଁ ଉତ୍ସର୍ଗ କରିବାକୁ ଚାହୁଁଛନ୍ତି। ସ୍ୱାସ୍ଥ୍ୟସେବା ଓ କର୍କଟ ଚିକିତ୍ସାକୁ ସୁଲଭ କରିବା ପାଇଁ ତାଙ୍କର ପ୍ରୟାସ ପଛରେ ମୂଳ ଉଦ୍ଦେଶ୍ୟ ଥିଲା- ରୋଗ ସହ ଲଢୁଥିବା ଲୋକଙ୍କ ପ୍ରତି ଗଭୀର ସହାନୁଭୂତି ପ୍ରଦର୍ଶନ। ସବୁଠାରୁ ଅସୁରକ୍ଷିତ ଲୋକଙ୍କ ସହ ଛିଡ଼ା ହୋଇଥିବା ସମାଜ ହିଁ ପ୍ରକୃତରେ ନ୍ୟାୟପୂର୍ଣ୍ଣ ସମାଜ ବୋଲି ସେ ବିଶ୍ୱାସ କରୁଥିଲେ।

ଆଜି ଆମେ ତାଙ୍କୁ ସ୍ମରଣ କରିବା ବେଳେ ତାଙ୍କ ପରିକଳ୍ପିତ ସମାଜ କଥା ମନକୁ ଆସୁଛି, ଯେଉଁଠି ବ୍ୟବସାୟକୁ କଲ୍ୟାଣର ଶକ୍ତି ରୂପେ ବିନିଯୋଗ କରିହେବ, ପ୍ରତ୍ୟେକ ବ୍ୟକ୍ତିର ସମ୍ଭାବନାକୁ ଗୁରୁତ୍ୱ ମିଳୁଥିବ ଏବଂ ସମସ୍ତଙ୍କ କଲ୍ୟାଣ ଓ ଖୁସିର ମାପଦଣ୍ଡ ଆଧାରରେ ପ୍ରଗତିକୁ ମାପିବା ସମ୍ଭବ ହୋଇପାରିବ। ତାଙ୍କ ସଂସ୍ପର୍ଶରେ ଆସିଥିବା ଅଗଣିତ ଲୋକଙ୍କ ଜୀବନରେ ଏବଂ ତାଙ୍କ ଦ୍ୱାରା ପ୍ରୋତ୍ସାହିତ ଅନେକ ସ୍ୱପ୍ନରେ ସେ ସବୁବେଳେ ଜୀବନ୍ତ ରହିବେ। ଭାରତକୁ ଅଧିକ ଉନ୍ନତ, ଦୟାପୂର୍ଣ୍ଣ ଏବଂ ଆଶାବାଦୀ ସ୍ଥାନରେ ପରିଣତ କରିଥିବାରୁ ଅନେକ ପିଢ଼ି ତାଙ୍କ ନିକଟରେ କୃତଜ୍ଞ ହୋଇ ରହିବେ।

# କ୍ରିକେଟ ଆଉ ଧର୍ମ ନୁହେଁ କି...

ମହମ୍ମଦ ହିଫ୍‌ଜୁର ରହେମାନ

କ୍ରିକେଟର ରସ୍ ଟେଲରଙ୍କ ଭାଷାରେ 'ଆମେ କେବେ ସ୍ୱପ୍ନରେ ବି ଭାବିନଥିଲୁ ଯେ ଭାରତକୁ ୩-୦ରେ ଚିତ୍‌ପଟାଙ୍ଗ କରିଦେବୁ'। କେବଳ ଟେଲର କାହିଁକି, ବିଶ୍ୱର କୌଣସି କ୍ରିକେଟପ୍ରେମୀ ମଧ୍ୟ ଏଭଳି ଘଟିବ ବୋଲି କେବେହେଲେ କଳ୍ପନା କରି ନ ଥିଲେ। କିନ୍ତୁ କ୍ରିକେଟ ହେଉଛି ଅନିଶ୍ଚିତତାର ଏପରି ଏକ ଖେଳ, ଯେଉଁଥିରେ ସମ୍ଭବ ଓ ଅସମ୍ଭବର ସ୍ଥାନ ରହି ଆସିଛି। କେହି କେବେ କଳ୍ପନା କରି ନ ଥିଲେ ଯେ କ୍ରିକେଟ ଜଗତରେ ରାଜ କରୁଥିବା ୱେଷ୍ଟଇଣ୍ଡିଜ ଭଳି ପରାକ୍ରମୀ ଦଳ ମୁହଁରୁ ଭାରତ ଭଳି ସବୁଠାରୁ ଦୁର୍ବଳ ଟିମ୍ ୧୯୮୩ରେ ବିଶ୍ୱକପ୍ ଛଡ଼ାଇ ଆଣିବ। କ୍ରମାଗତ ଦୁଇ ଥର ବିଶ୍ୱକପ୍ ହାସଲ କରି ହ୍ୟାଟ୍ରିକ ଅର୍ଜନ କରିବାକୁ ଯାଉଥିବା ୱେଷ୍ଟଇଣ୍ଡିଜ ଅତି ଲଜ୍ଜାଜନକ ଭାବେ ଭାରତଠାରୁ ପରାସ୍ତ ହୋଇଥିଲା। ୱେଷ୍ଟଇଣ୍ଡିଜ ଦଳରେ ଭିଭ୍ ରିଚାର୍ଡସ, କ୍ଲାଇଭ୍ ଲଏଡ୍, ଦେସମଣ୍ଡ ହେନ୍ସ, ଗର୍ଡନ୍ ଗ୍ରୀନିଜ ଭଳି ଭୟଙ୍କର ବ୍ୟାଟ୍ସମେନ୍ ଏବଂ ମାଲକମ୍ ମାର୍ଶଲ, ମାଇକେଲ ହୋଲଡିଂ, ଆଣ୍ଡି ରବର୍ଟସ, ଜୋଏଲ ଗାର୍ଣ୍ଣରଙ୍କ ଭଳି ବିଧ୍ୱଂସକାରୀ ବୋଲର ଥିଲେ। ସେମାନେ ବିପକ୍ଷ ଟିମ୍ ମଧ୍ୟରେ ଭୟ ସଞ୍ଚାର କରୁଥିଲେ। ଏହି ଖେଳାଳିମାନଙ୍କର କ୍ୟାରିୟର ଶୀର୍ଷ ଛୁଉଁଥିବା ବେଳେ ଦୁର୍ବଳ ଟିମ୍ ରୂପେ ପରିଚିତ ଭାରତଠାରୁ ପରାଜୟ ସେମାନଙ୍କ ପାଇଁ ଦୁଃସ୍ୱପ୍ନ ପାଲଟିଥିଲା। ତେଣୁ 'ହାତୀର ହତ୍ୟା ପାଇଁ ପିମ୍ପୁଡ଼ି ବି ଯଥେଷ୍ଟ' ନ୍ୟାୟରେ କ୍ରିକେଟରେ ମ୍ୟାଚ୍ ଫଳାଫଳ କେତେବେଳେ କ'ଣ ହେବ କହିବା କଷ୍ଟକର। ସେଇଥିପାଇଁ ଟେଷ୍ଟ ମ୍ୟାଚ୍ ହେଉ କି ସୀମିତ ଓଭର (୫୦ ଓଭର ମ୍ୟାଚ୍/ଟି-୨୦) ମ୍ୟାଚ୍ ହେଉ, ଶେଷ ବଲ୍ ଯାଏଁ ଉତ୍କଣ୍ଠା ଲାଗି ରହିଥାଏ। ଏହା ହେଉଛି କ୍ରିକେଟର ସବୁଠାରୁ ବଡ଼ ସୁନ୍ଦରତା, ବିଶେଷତା ଓ ଆକର୍ଷଣ। ବିଜୟ ହେଉ କି ପରାଜୟ, ଏହାକୁ ଖେଳୁଆଡ଼ ମନୋଭାବରେ ଗ୍ରହଣ କରାଯିବା ଉଚିତ।

ନଭେମ୍ବର ୩ ତାରିଖରେ ମୁମ୍ବାଇର ୱାଂଖେଡ଼େ ଷ୍ଟାଡିୟମରେ ଅନୁଷ୍ଠିତ ତୃତୀୟ ଟେଷ୍ଟ ମ୍ୟାଚ୍‌ରେ ଭାରତକୁ ହରାଇ ନ୍ୟୁଜିଲାଣ୍ଡ ଇତିହାସ ରଚିଲା। ରେକର୍ଡ ପାହାଡ଼ ଉପରେ ଆଣ୍ଡା ଜମାଇଥିବା ଭାରତୀୟ ଦଳର ସବୁ ଗରିମା ଧୂଳିସାତ ହୋଇଗଲା। ୩୬ ବର୍ଷ ପରେ ଭାରତରେ ଟେଷ୍ଟ ମ୍ୟାଚ୍ ଜିତୁଜିତୁ ନ୍ୟୁଜିଲାଣ୍ଡ ୩-୦ରେ ସିରିଜ୍ ଜିତି ଅସମ୍ଭବକୁ ସମ୍ଭବରେ ପରିଣତ କରିବାରେ ସମର୍ଥ ହେଲା। ଅନ୍ୟପକ୍ଷରେ ଭାରତ ପାଇଁ ଏହା ଥିଲା ଅତି ନୈରାଶ୍ୟଜନକ ମୁହୂର୍ତ୍ତ। ବିଶ୍ୱ ଟେଷ୍ଟ କ୍ରିକେଟ ଇତିହାସରେ ଭାରତ ନିଜ ମାଟିରେ ପ୍ରଥମଥର ଲାଗି ତିନିଟିକିଆ ଟେଷ୍ଟ ସିରିଜରେ ମୂଳପୋଛ ହୋଇଛି। ୧୯୩୪ ପରେ ଏହା ହେଉଛି ଭାରତର ସବୁଠାରୁ ଖରାପ ପ୍ରଦର୍ଶନ। ତିନି ମାସ ତଳେ ଟି-୨୦ ବିଶ୍ୱ କପ୍ ଜିତିଥିବା ଭାରତୀୟ ଦଳକୁ ଏହି ପରାଜୟ ଶୋକରେ ବୁଡ଼ାଇ ଦେଇଛି। ଏଥିପାଇଁ ଭାରତୀୟ ଦଳକୁ ଚାରି ଆଡୁ ସମାଲୋଚନାର ଶିକାର ହେବାକୁ ପଡ଼ିଛି। କେବଳ କ୍ରିକେଟପ୍ରେମୀ ନୁହନ୍ତି, ପୂର୍ବତନ ଖେଳାଳି ଓ ବିଶେଷଜ୍ଞ ମଧ୍ୟ ସମାଲୋଚନା କରିବାକୁ ପଛାଇ ନାହାନ୍ତି। କିଏ କହୁଛନ୍ତି ଯେ ଟିମକୁ ସମାଲୋଚନା କରିବାକୁ ଭାଷା ନାହିଁ କି ଶବ୍ଦ ନାହିଁ। ଶୀର୍ଷ ସୋପାନରେ ପହଞ୍ଚିବା ପରେ ହଠାତ ଏମିତି ବି ଦିନ ଦେଖିବାକୁ ପଡ଼ିବ, କଳ୍ପନା କରିହେଉନି। ଆନ୍ତର୍ଜାତିକ କ୍ରିକେଟରେ ଶକ୍ତିଶାଳୀ ଦଳର ପରିଚୟ ପାଇ ନ ଥିବା ନ୍ୟୁଜିଲାଣ୍ଡ ୧୨ ବର୍ଷ ଧରି ୧୮ଟି ଟେଷ୍ଟ ସିରିଜ ଜିତି ରାଜ କରୁଥିବା ଭାରତକୁ ଆଇନା ଦେଖାଇଦେଲା ଯେ ଭାରତ ଅପରାଜେୟ ନୁହେଁ।

ଏହି ପରାଜୟ ପ୍ରମାଣ କରିଦେଲା ଯେ କିଛି ଦୀର୍ଘସ୍ଥାୟୀ ନୁହେଁ। ନିଜର ଦୋଷ ତ୍ରୁଟି ପାଇଁ ଶକ୍ତିଶାଳୀ ସାମ୍ରାଜ୍ୟ ବି ଭୁଶୁଡ଼ି ପଡ଼ିଛି। ଟିମ୍ ଇଣ୍ଡିଆର ଅତ୍ୟଧିକ ଆତ୍ମବିଶ୍ୱାସ ହେଉ କି ବିପକ୍ଷ ଟିମ୍‌ର ଶକ୍ତି ମାପିବାରେ ବିଫଳତା ହେଉ, ଶକ୍ତିଶାଳୀ ଦଳ ଭୁଶୁଡ଼ି ପଡ଼ିଲା। ଏଭଳି ପରିସ୍ଥିତି କାହିଁକି ସୃଷ୍ଟି ହେଲା, ତାହା ଉପରେ ଆତ୍ମସମୀକ୍ଷା କରିବାର ସମୟ ଆସିଛି। ତେବେ ଭାରତୀୟ ଟିମ୍ ପାଇଁ ସବୁଠାରୁ ଆଶ୍ୱସ୍ତିର ବିଷୟ ହେଉଛି ଯେ ଏହି ପରାଜୟକୁ ନେଇ କ୍ରିକେଟପ୍ରେମୀ ଯେଉଁଭଳି ପ୍ରତିକ୍ରିୟାଶୀଳ ହୁଅନ୍ତି, ଏବେ ତାହା ଦେଖିବାକୁ ମିଳିନାହିଁ। ନହେଲେ କ୍ରିକେଟ ଖେଳାଳିଙ୍କ ବାହାରକୁ ବାହାରିବା ମୁସ୍କିଲ ହୋଇପଡ଼ନ୍ତା। ୧୯୯୬ରେ ଇଡେନ ଗାର୍ଡେନରେ ଅନୁଷ୍ଠିତ ବିଶ୍ୱକପ୍ ସେମିଫାଇନାଲ ହେଉ କି ପାକିସ୍ତାନ ବିରୋଧରେ ଏସିଆନ ଟେଷ୍ଟ ଚାମ୍ପିଆନସିପ୍ ହେଉ, ଭାରତୀୟ ଦର୍ଶକ ଷ୍ଟାଡିୟମରେ ଯେଉଁଭଳି ବିଶୃଙ୍ଖଳା ସୃଷ୍ଟି କରିଥିଲେ ସେଥିପାଇଁ ଭାରତକୁ ଅପବାଦ ମୁଣ୍ଡାଇବାକୁ ପଡ଼ିଥିଲା। ନିଜ ଦଳ ହାରୁଥିବା ଦେଖି ସେମାନେ ଉତ୍ତେଜିତ ହୋଇପଡ଼ିଥିଲେ। ୨୦୦୩ ଏବଂ ୨୦୦୭ ବିଶ୍ୱ କପ୍‌ରେ ମଧ୍ୟ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। କିନ୍ତୁ ଏବେ ସେମାନଙ୍କ ମାନସିକତା ଓ ସ୍ୱଭାବରେ ବିରାଟ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି। ଏବେର କ୍ରିକେଟପ୍ରେମୀ ଅପେକ୍ଷାକୃତ ଶାନ୍ତ ଏବଂ ସେମାନେ ଖେଳ ଉପଭୋଗ କରିବାକୁ ପସନ୍ଦ କରନ୍ତି। ଭାରତର ପରାଜୟକୁ ସେମାନେ ଶୀଘ୍ର ଭୁଲିଯାଉଛନ୍ତି। ସମ୍ଭବତଃ ଆଇପିଏଲ୍ ପ୍ରତିଯୋଗିତା ସେମାନଙ୍କ ମାନସିକତାକୁ ବଦଳାଇଦେଇଛି।

ଦିନ ଥିଲା ଭାରତୀୟ କ୍ରିକେଟ ପ୍ରେମୀ କ୍ରିକେଟକୁ ଧର୍ମ ଭାବରେ ଗ୍ରହଣ କରି ନେଇଥିଲେ ଏବଂ ଷ୍ଟାର ଖେଳାଳିଙ୍କୁ ଭଗବାନ ରୂପରେ ପୂଜା କରୁଥିଲେ। ପୂର୍ବରୁ ଭାରତରେ କ୍ରିକେଟର ବିଶେଷ ମହତ୍ତ୍ୱ ନ ଥିଲା। କିନ୍ତୁ ୧୯୮୩ରେ ଭାରତ ବିଶ୍ୱକପ୍ ଜିତିବା ପରେ ଭାରତୀୟମାନେ ଗୋଟିଏ ପ୍ରକାର କ୍ରିକେଟ ପାଗଳ ହୋଇଯାଇଥିଲେ। କ୍ରିକେଟ ପ୍ରତି ଆକର୍ଷଣ ଅସମ୍ଭବ ଭାବେ ବୃଦ୍ଧି ପାଇଲା। ଖେଳ ଓ ଖେଳାଳିଙ୍କ ବ୍ୟାବସାୟିକ ଗୁରୁତ୍ୱ ବଢ଼ିଲା। ଖେଳ ଓ ଖେଳାଳିଙ୍କ ପ୍ରାୟୋଜନ ପାଇଁ ଅନେକ କଂପାନୀ/ସଂସ୍ଥା ଆଗେଇ ଆସିଲେ। ଏହାପରେ ଆସିଲେ ସଚିନ ତେନ୍ଦୁଲକର। ତାଙ୍କୁ କ୍ରିକେଟ୍‌ର ଭଗବାନ କୁହାଗଲା। ସେ କ୍ରିକେଟ ବ୍ୟବସାୟର ମୋଡ଼ ବଦଳାଇଦେଲେ। ତାଙ୍କ ଯୋଗୁଁ ଭାରତରେ କ୍ରିକେଟ ସବୁଠାରୁ ଲୋକପ୍ରିୟ ଏବଂ ବ୍ୟାବସାୟିକ କ୍ରୀଡ଼ାର ମାନ୍ୟତା ପାଇଲା। ଏହାପରେ ଧୋନୀ ଓ କୋହଲିଙ୍କ ଯୁଗ ଆରମ୍ଭ ହେଲା। ସେମାନେ କ୍ରିକେଟପ୍ରେମୀଙ୍କ ହୃଦୟରେ ରାଜ କଲେ। ଭାରତରେ କ୍ରିକେଟ ପରିଚାଳନା ଦାୟିତ୍ୱରେ ଥିବା ବିସିସିଆଇ (ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ) ହଜାର ହଜାର କୋଟି ଟଙ୍କାର ମାଲିକ ହେଲା। ଖେଳାଳିମାନେ ମଧ୍ୟ ଶହ ଶହ କୋଟିର ମାଲିକ ହୋଇଗଲେ। ଗତବର୍ଷ ବିସିସିଆଇ ୧୮ ହଜାର କୋଟି ଟଙ୍କା ରୋଜଗାର କରିଥିଲା। ବିଶ୍ୱ କ୍ରିକେଟରେ ବିସିସିଆଇ ହେଉଛି ସବୁଠାରୁ ଧନୀ। ଖେଳାଳିମାନେ ମଧ୍ୟ ମାଲାମାଲ। ବାର୍ଷିକ କଣ୍ଟ୍ରାକ୍ଟରେ ଖେଳାଳି ବୋର୍ଡଠାରୁ ବିପୁଳ ଟଙ୍କା ପାଇଲେ, ମ୍ୟାଚ୍ ଫି ବି ନେଲେ। ଏହାସହିତ ଆଇପିଏଲ୍ ପ୍ରତିଯୋଗିତାରେ ମୋଟା ଅଙ୍କର ଅର୍ଥ ନେଇ ମାଲାମାଲ। ଏହାସହିତ ଭାରତରେ କ୍ରିକେଟର ଭାଗ୍ୟ ବଦଳିଗଲା।

ମିଳିଥିବା ତଥ୍ୟ ଅନୁଯାୟୀ ସଚିନ ତେନ୍ଦୁଲକର କ୍ରିକେଟରୁ ଅବସର ନେଇ ସାରିଥିଲେ ମଧ୍ୟ କ୍ରିକେଟରମାନଙ୍କ ମଧ୍ୟରେ ଏବେ ବି ସେ ହେଉଛନ୍ତି ସବୁଠାରୁ ଧନୀ। ତାଙ୍କ ପାଖରେ ୧୩୦୦ କୋଟି ଟଙ୍କାର ସମ୍ପତ୍ତି ଥିବା ବେଳେ ତାଙ୍କ ପଛକୁ ରହିଛନ୍ତି ବିରାଟ କୋହଲି। ତାଙ୍କର ସମ୍ପତ୍ତି ମୂଲ୍ୟ ହେଉଛି ୧୦୫୦ କୋଟି। ତୃତୀୟ ସ୍ଥାନରେ ରହିଛନ୍ତି ମହେନ୍ଦ୍ର ସିଂହ ଧୋନୀ। ତାଙ୍କ ସମ୍ପତ୍ତି ମୂଲ୍ୟ ହେଉଛି ୧୦୪୦ କୋଟି ଟଙ୍କା। ସୌରଭ ଗାଙ୍ଗୁଲି ୫୦୦ କୋଟି ଟଙ୍କାର ମାଲିକ ଥିବା ବେଳେ ବୀରେନ୍ଦ୍ର ସେହ୍ୱାଗ ୩୪୭ କୋଟି ଟଙ୍କା, ଯୁବରାଜ ସିଂହ ୨୯୧ କୋଟି ଟଙ୍କାର ମାଲିକ ଅଛନ୍ତି। ସେହିଭଳି ଟିମ୍ ଇଣ୍ଡିଆର ଅଧିନାୟକ ରୋହିତ ଶର୍ମାଙ୍କ ପାଖରେ ୨୧୬ କୋଟି ଟଙ୍କାର ସମ୍ପତ୍ତି ରହିଛି।

୧୯୮୩ ପୂର୍ବରୁ କ୍ରିକେଟରମାନେ ଟିମ୍‌ରେ ସ୍ଥାନ ପାଇବା ପାଇଁ ହେଉ କି ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ ହେବା ଲାଗି ସଂଘର୍ଷ କରୁଥିଲେ। ସେମାନେ ଅର୍ଥ ଅପେକ୍ଷା କ୍ରିକେଟକୁ ଅଧିକ ଗୁରୁତ୍ୱ ଦେଉଥିଲେ। କିନ୍ତୁ ଯେଉଁଦିନଠାରୁ କ୍ରିକେଟ୍ ବ୍ୟବସାୟରେ ପରିଣତ ହେଲା, ସେହିଦିନଠାରୁ ଏହା ଧର୍ମର ମାନ୍ୟତା ହରାଇବସିଲା। ଯେଉଁ ଷ୍ଟାର ଖେଳାଳିଙ୍କୁ କ୍ରିକେଟପ୍ରେମୀ ଭଗବାନର ମର୍ଯ୍ୟାଦା ଦେଉଥିଲେ, ସେମାନେ ପ୍ରଶଂସକଙ୍କ ଆଖିରେ ଆଜି କେବଳ ସେଲିବ୍ରିଟି ମାତ୍ର। ତେଣୁ ଭାରତୀୟ ଟିମ୍‌ର ପରାଜୟ ସେମାନଙ୍କୁ ଆଉ ପୂର୍ବଭଳି ବିଚଳିତ କରୁନାହିଁ। ସିନେମା ଭଳି ସେମାନେ କ୍ରିକେଟକୁ ମନୋରଞ୍ଜନର ମାଧ୍ୟମ ବୋଲି ଧରି ନେଇଛନ୍ତି।

କ୍ରିକେଟ ଚିତ୍ରରେ ଏଭଳି ପରିବର୍ତ୍ତନ ଦେଖି ଜଣେ ବିଦେଶୀ ଭାଷ୍ୟକାର କହିଛନ୍ତି ଯେ ଭାରତୀୟମାନେ କ୍ରିକେଟ ଓ ସିନେମାକୁ ଛାଡ଼ି ବଞ୍ଚିପାରିବେ ନାହିଁ। ଏହା ସେମାନଙ୍କ ଶିରା ପ୍ରଶିରାରେ ପଶିଯାଇଛି। ଏହା ସେମାନଙ୍କ ପାଇଁ ମନୋରଞ୍ଜନର ବଡ଼ ମାଧ୍ୟମ ପାଲଟିଯାଇଛି। ଏବେ ସୃଷ୍ଟି ହୋଇଥିବା ନୂଆ ଧାରାକୁ ଆମେ କ୍ରିକେଟରେ ଉନ୍ନତି କହିବା ନା ଅଧୋଗତି? ଏହା ଉପରେ ସମୀକ୍ଷା କରିବାକୁ ସମୟ ଆସିଛି।

rahamanzee@gmail.com

# ମା'-ପୁଅ ସମ୍ପର୍କ

ଡ. ସୀତାକାନ୍ତ ତ୍ରିପାଠୀ

ମା'ର ଗର୍ଭଧାରଣଠାର ମୃତ୍ୟୁ ପର୍ଯ୍ୟନ୍ତ ସନ୍ତାନମାନେ ହିଁ ତା'ର ଆଖି ଆଉ ସ୍ୱପ୍ନ। ଶିଶୁର ପ୍ରଥମ ଖାଦ୍ୟ ମା'ଠାରୁ ମିଳୁଥିବା ବେଳେ ପ୍ରଥମ କଥା ହିଁ ମା'ଠାରୁ ଶିଖିଥାଏ। ଜୀବନର ପ୍ରତିଟି ପାହାଚରେ ଏବଂ ସଂସାରର ପ୍ରତିଟି କ୍ଷେତ୍ରରେ ତା'ର ଅବଦାନ ସ୍ୱତନ୍ତ୍ର। ଆଧ୍ୟାତ୍ମିକ, ଆଦିଭୌତିକ ତଥା ଆଧିଦୈବିକ କ୍ଷେତ୍ରରେ ତା'କୁ ସ୍ମରଣ କରାଯାଇ ଅନେକ ଶ୍ଳୋକ, ଆଖ୍ୟାୟିକା ଏବଂ ନୀତିବାଣୀ ରଚନା କରାଯାଇଛି। ମା' ଗର୍ଭରେ ଥିବାବେଳେ ଶିଶୁ ଶିକ୍ଷାଲାଭ କରେ ବୋଲି ଆମମାନଙ୍କର ବିଶ୍ୱାସ ରହିଆସିଛି। ମା'ର ଖାଦ୍ୟ, ଶିକ୍ଷା-ଦୀକ୍ଷା, ବ୍ୟବହାର, ଆଚାର, ମନସ୍ତତ୍ତ୍ୱ ଉପରେ ଗର୍ଭସ୍ଥ ଶିଶୁର ଉଭୟ ଶାରିରୀକ ଓ ମାନସିକ ସ୍ୱାସ୍ଥ୍ୟ ନିର୍ଭରଶୀଳ। ଏଥିପାଇଁ କୁହାଯାଏ ଯଦି ଜଣେ ବ୍ୟକ୍ତି ଶିକ୍ଷିତ ହୁଏ, ତା'ହେଲେ ସିଏ ଜଣେ କେବଳ ଶିକ୍ଷିତ ହୋଇଥାଏ। କିନ୍ତୁ ଯଦି ଜଣେ ନାରୀ ଶିକ୍ଷିତା ହୁଏ, ତା' ହେଲେ ସମ୍ପୂର୍ଣ୍ଣ ପରିବାରଟି ଶିକ୍ଷିତ ହୋଇଥାଏ। ଯଦି କୌଣସି କାରଣରୁ ଏହାର ବ୍ୟତିକ୍ରମ ହୁଏ, ତା'ହେଲେ ପିଢି ରସାତଳଗାମୀ ହେବାର ଆଶଙ୍କା ଥାଏ।

ଛତ୍ରପତି ଶିବାଜୀ ପିଲାଦିନରୁ ନିଜ ପିତାଙ୍କୁ ହରାଇବା ପରେ ମା' ଜିଜାବାଈଙ୍କ ସ୍ନେହ, ଶ୍ରଦ୍ଧା, ଶାସନ ତଥା ଗୁରୁ ରାମଦାସଙ୍କର ତତ୍ତ୍ୱାବଧାନରେ ବଡ଼ହୋଇ ମରହଟ୍ଟା ଶାସନର ମୂଳଦୁଆ ପକାଇଥିଲେ। ଅଦ୍ୱୈତବାଦର ସଂସ୍ଥାପକ ଶଙ୍କରାଚାର୍ଯ୍ୟଙ୍କ ପିଲାଦିନ ମା'ଙ୍କର ନୀତି ଓ ଆଦର୍ଶ ଦ୍ୱାରା ପ୍ରଭାବିତ ହୋଇ ପରବର୍ତ୍ତୀ ସମୟରେ ନିଜ ଆଧ୍ୟାତ୍ମିକ ବିଚାରଧାରାକୁ ଭାରତବର୍ଷରେ ପ୍ରତିଷ୍ଠିତ ତଥା ଗ୍ରହଣୀୟ କରାଇ ପାରିଥିଲେ। ଭକ୍ତ ପ୍ରହଲ୍ଲାଦ ଓ ଧ୍ରୁବ ମଧ୍ୟ ମା' ମାନଙ୍କର ଉପଦେଶକୁ ପାଥେୟ କରି ଭଗବାନଙ୍କୁ ପ୍ରାପ୍ତ ହୋଇଥିଲେ। ପିଲାଦିନେ ପଢ଼ିଥିବା ମା' ସମ୍ପର୍କିତ ଅନେକ ଗପ ମଧ୍ୟରୁ ଗୋଟିଏ ହେଉଛି -

ଜଣେ ଉଚ୍ଚଶିକ୍ଷିତ ପୁଅ ତା' ଅନ୍ଧମା'କୁ ସବୁବେଳେ ଧିକ୍କାର କରେ। ପରବର୍ତ୍ତୀ ସମୟରେ ଯେତେବେଳେ ଜାଣିବାକୁ ପାଏ ଯେ ତା'ରି ଅନ୍ଧତ୍ୱ ଦୂରେଇବା ପାଇଁ ତା' ମା' ନିଜ ଆଖିଦୁଇଟିକୁ ଦାନ କରିଦେଇ ନିଜକୁ ସବୁଦିନ ପାଇଁ ଅନ୍ଧୁଣୀ ହୋଇଯାଇଥିଲା, ସେତେବେଳକୁ ନେଡ଼ିଗୁଡ଼ କହୁଣିକୁ ବହିସାରିଥିଲା।

ସବୁବେଳେ ଯେ ମା'ମାନେ ଆଲୋକବର୍ତ୍ତିକା ସାଜି ପିଲାମାନେ ଉନ୍ନତି ପଥର ସାରଥି ସାଜିଥାଆନ୍ତି ସେକଥା ନୁହେଁ ବରଂ ବେଳେବେଳେ ମା'ମାନଙ୍କୁ ମଧ୍ୟ ପିଲାମାନେ ଜ୍ଞାନର ଆଲୋକରେ ଉଦ୍‌ଭାସିତ କରି ସେମାନଙ୍କୁ ମଧ୍ୟ ଚେତନାଶୀଳ କରାଇବାରେ ସହାୟକ ହୋଇଥା'ନ୍ତି। କପିଳମୁନି ନିଜ ମା' ଦେବହୁତିଙ୍କୁ ଦିବ୍ୟଜ୍ଞାନ ପ୍ରଦାନ ପୂର୍ବକ ସଂସାର ଜଞ୍ଜାଳ ତଥା ମାୟାଜାଲରୁ ମୁକ୍ତ ହେବାର ବାଟ ବତାଇଥିଲେ। ତାହା ଥିଲା ସାରା ବିଶ୍ୱ ପାଇଁ ଜ୍ଞାନର ଭଣ୍ଡାର।

ଏଠାରେ ମା'-ପୁଅ କଥା ମା' ଓ ସନ୍ତାନମାନଙ୍କ ମଧ୍ୟରେ ଥିବା ଅନାବିଳ ସ୍ନେହଶ୍ରଦ୍ଧାର ବାରିଧିକୁ ସୁଚାଇଥାଏ। ତା'ଛଡ଼ା ବର୍ତ୍ତମାନ ବସ୍ତୁବାଦୀ ଦୁନିଆରେ ପ୍ରବାସୀ ସମସ୍ୟା ଯୋଗୁଁ ମା'ମାନେ ହତାଦର ହେଉଛନ୍ତି। ଯଦି ଆମ ନିତିଦିନିଆ ଜୀବନରେ ମା'ମାନଙ୍କ ଅବଦାନକୁ ସ୍ମରଣ କରି ତାଙ୍କୁ ସଶ୍ରଦ୍ଧ ଭକ୍ତି କରିପାରିବା, ତା'ହେଲେ ହୁଏତ ଏକ ସୁସ୍ଥ ପରିବାର ସହିତ ସୁସ୍ଥ ସମାଜର ପରିକଳ୍ପନା କରାଯାଇ ପାରେ।

ଭଦ୍ରକ, ୯୭୭୮୭୬୪୩୯୪

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

### ଛୁଟି ଦେଲେନି ତୁର୍କୀ ବସ୍

## ଭିଡିଓ କଲ୍‌ରେ ବିବାହ କଲେ ଯୁବକ

ମଣ୍ଡି, ୮।୧୧ (ଏଜେନ୍ସି): ହିମାଚଳ ପ୍ରଦେଶ ମଣ୍ଡିରୁ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି। ବସ୍ ଛୁଟି ନ ଦେବାରୁ ଚାକିରି କରୁଥିବା ଅଦନାନ ମହମ୍ମଦଙ୍କ ବିବାହ ଅଟକି ଯାଇନାହିଁ। ନିର୍ଦ୍ଧାରିତ ତାରିଖରେ ସେ ତୁର୍କୀରେ ରହି ଭିଡିଓ କଲ୍ ମାଧ୍ୟମରେ ମଣ୍ଡିର କନ୍ୟାଙ୍କୁ ନିକାହ (ବିବାହ) କରିଛନ୍ତି। ଭିଡିଓ କଲରେ କାଜି ସବୁ ରୀନିତୀତି ସାରିଛନ୍ତି। ଶେଷରେ ଉଭୟ ବର-ବଧୂ ୩ଥର 'କୁବୁଲ ହେ' କହିଛନ୍ତି। ସୂଚନା ଅନୁଯାୟୀ ଅଦନାନଙ୍କ ଘର ବିଲାସପୁରରେ। ସେ ତୁର୍କୀରେ ଚାକିରି କରୁଛନ୍ତି। ଅଦନାନଙ୍କ ବିବାହ ମଣ୍ଡିରେ ସ୍ଥିର ହୋଇଥିଲା। ବିବାହ ତାରିଖ ଧାର୍ଯ୍ୟ ହୋଇଥିଲେ ବି ବସ୍ ବିବାହ ପାଇଁ ଛୁଟି ଦେବାକୁ ମନା କରି ଦେଇଥିଲେ। ଏଥିପାଇଁ ଉଭୟ ପରିବାର ବିବାହ ତାରିଖ ଘୁଞ୍ଚାଇବାକୁ ଚିନ୍ତା କରିଥିଲେ। ମାତ୍ର କନ୍ୟାଙ୍କ ଜେଜେବାପାଙ୍କ ଦେହ ଖରାପ ଥିବାରୁ ତାଙ୍କ ପରିବାର ସଦସ୍ୟ ଶୀଘ୍ର ବିବାହ ହେଉ ବୋଲି ଚାହୁଁଥିଲେ। ଏହାକୁ ଦୃଷ୍ଟିରେ ରଖି ଅଦନାନ ଭିଡିଓ କଲ୍‌ରେ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ।



ଉଭୟ ପରିବାର ରାଜି ହେବା ପରେ ଗତ ରବିବାର ବରଯାତ୍ରୀ ବିଲାସପୁରରୁ ଆସି ମଣ୍ଡିରେ ପହଞ୍ଚି ଥିଲେ। ଏହା ପର ଦିନ ସୋମବାର ଭିଡିଓ କଲରେ ରୀତିନୀତି ଅନୁଯାୟୀ କାଜି ବିବାହ ସମ୍ପନ୍ନ କରାଇ ଥିଲେ। କନ୍ୟାଙ୍କ ଦାଦା କହିଛନ୍ତି ଯେ ଉନ୍ନତ ଟେକ୍ନୋଲୋଜି ପାଇଁ ଏହା ସମ୍ଭବ ହୋଇପାରିଲା।

### ବିଧାୟକ ପ୍ରାର୍ଥୀଙ୍କ ନିର୍ବାଚନ ପ୍ରତିଶ୍ରୁତି

## ଜିତିଲେ ଅବିବାହିତ ଯୁବକଙ୍କ ବିବାହ କରାଇବେ



ମୁମ୍ବଇ, ୮।୧୧ (ଏଜେନ୍ସି): ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ଜୋରସୋର୍‌ରେ ପ୍ରଚାର ଚାଲିଛି। ଭୋଟରଙ୍କୁ ଲୋଭାଇବା ପାଇଁ ପ୍ରାର୍ଥୀ ଅନେକ ପ୍ରତିଶ୍ରୁତି ଦେଇଛନ୍ତି। ମାତ୍ର ମରାଠାଓ୍ୱାଡ଼ା କ୍ଷେତ୍ରରେ ଶରଦ ପାଓ୍ୱାରଙ୍କ ଏନ୍‌ସିପିର ପାର୍ଟି ପ୍ରାର୍ଥୀ ରାଜାସାହେବ ଦେଶମୁଖ ଦେଇଥିବା ନିର୍ବାଚନ ପ୍ରତିଶ୍ରୁତିକୁ ନେଇ ସବୁଠି ଚର୍ଚ୍ଚା ହେଉଛି। ବିଧାନସଭା ନିର୍ବାଚନ ଜିତିଲେ ନିର୍ବାଚନ ମଣ୍ଡଳୀରେ ଅବିବାହିତ ଯୁବକଙ୍କ ବିବାହ କରାଇବେ। ଚାକିରି ପାଉ ନ ଥିବା ଯୁବକଙ୍କୁ ଚାକିରି ଦେଇ ଏଥିରେ ସହାୟତା କରିବେ। ନିର୍ବାଚନରେ ପ୍ରଥମ ଥର ପାଇଁ ଏଭଳି ପ୍ରତିଶ୍ରୁତି ଦିଆଯାଇଥିବା କୁହାଯାଉଛି। ଦେଶମୁଖଙ୍କ ଏଭଳି ମନ୍ତବ୍ୟ ଖୁବ୍ ଭାଇରାଲ ହେବାରେ ଲାଗିଛି। ସୂଚନାଯୋଗ୍ୟ ଯେ ମହାରାଷ୍ଟ୍ରରେ ନଭେମ୍ବର ୨୦ରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଦେଶମୁଖ ପର୍ଲିରୁ ଅଜିତ ଗୋଷ୍ଠୀର ଏନ୍‌ସିପି ପ୍ରାର୍ଥୀ କୃଷି ମନ୍ତ୍ରୀ ଧନଞ୍ଜୟ ମୁଣ୍ଡେଙ୍କ ବିରୋଧରେ ଲଢୁଛନ୍ତି। ଦେଶମୁଖ ପ୍ରଚାର ସମୟରେ ବୁଧବାର କହିଥିଲେ ଯେ ଗ୍ରାମାଞ୍ଚଳରେ ଯୁବକଙ୍କ ବିବାହ ପାଇଁ ଅନେକ ସମସ୍ୟା ଦେଖା ଦେଉଛି। ଝିଅ ଦେବା ପାଇଁ ପ୍ରଥମେ ପୁଅ କିଛି ଚାକିରି କରୁଛି କି ନାହିଁ ଲୋକେ ପଚାରୁଛନ୍ତି। ଯଦି ମନ୍ତ୍ରୀ ଧନଞ୍ଜୟ ମୁଣ୍ଡେଙ୍କ ନିକଟରେ କୌଣସି ବ୍ୟବସ୍ଥା ନାହିଁ ତେବେ ଲୋକଙ୍କୁ କ'ଣ ମିଳିବ। ମୁଣ୍ଡେ ନିଜ ନିର୍ବାଚନୀ ମଣ୍ଡଳକୁ ଗୋଟିଏ ବି ଉଦ୍ୟୋଗ ଆଣି ପାରି ନାହାନ୍ତି। ଏଥିପାଇଁ ରୋଜଗାର ମିଳୁନାହିଁ। ତେଣୁ ଯୁବକଙ୍କ ବିବାହ ହୋଇପାରୁ ନାହିଁ।

### ଜମ୍ମୁ-କଶ୍ମୀର ବିଧାନସଭାରେ ଥମୁନି ଧାରା '୩୭୦' ଝଡ଼

# ମୁଥ ମରାମରି ହେଲେ ବିଧାୟକ



ଶ୍ରୀନଗର, ୮।୧୧ (ଏଜେନ୍ସି): ଜମ୍ମୁ-କଶ୍ମୀର ବିଧାନସଭାରୁ ଧାରା '୩୭୦' ଝଡ଼ ଥମିବାର ନା ଧରୁନି। କ୍ରମାଗତ ଚତୁର୍ଥ ଦିନରେ ଶୁକ୍ରବାର ପ୍ରବଳ ହଙ୍ଗାମା ହୋଇଛି। ବିଧାୟକ ଟେବୁଲ ଉପରେ ଚଢ଼ି ନାରାବାଜି କରିଛନ୍ତି। ମୁହାଁମୁହିଁ ହେବା ସହିତ ମୁଥ ମରାମରି ମଧ୍ୟ ହୋଇଛନ୍ତି। ସ୍ଥିତି ଏପରି ହୋଇଛି ଯେ ମାର୍ଶାଲ ବିଧାୟକଙ୍କ ଲଢ଼େଇରେ ହସ୍ତକ୍ଷେପ କରିଛନ୍ତି। ବିଧାୟକଙ୍କୁ ଧକ୍କା ମାରି ଗୃହରୁ ବାହାର କରି ଦେଇଛନ୍ତି। ଏହା ସତ୍ତ୍ୱେ ସ୍ଥିତି ନ ସୁଧୁରିବାରୁ ଦିନକ ପୂର୍ବରୁ ବାଚସ୍ପତି ଗୃହକୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ସ୍ଥଗିତ କରିଦେଇଛନ୍ତି।

ସୂଚନା ଅନୁଯାୟୀ ବିଧାନସଭାରେ ଧାରା ୩୭୦କୁ ପୁନଃ କାର୍ଯ୍ୟକାରୀ କରିବା ନିମନ୍ତେ ସରକାରଙ୍କ ପକ୍ଷରୁ ପାରିତ ପ୍ରସ୍ତାବକୁ ବିରୋଧ କରି ବିଜେପି ବିଧାୟକ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେହିପରି ଅୱାମି ଇତେହାଦ ପାର୍ଟିର ବିଧାୟକ ଖୁର୍ସିଦ ଅହମ୍ମଦ ଶେଖ ଆଜି ପୁଣିଥରେ ଧାରା ୩୭୦ ସମ୍ବନ୍ଧିତ ପୋଷ୍ଟର ଦେଖାଇବାକୁ ପ୍ରୟାସ କରିଥିଲେ। ତେବେ ଏହା ପୂର୍ବରୁ ବିରୋଧୀ ବିଜେପି ନେତା ତାଙ୍କୁ ଅଟକାଇ ଦେଇଥିଲେ। ଏହାକୁ ନେଇ ବିଧାୟକ ଧସ୍ତାଧସ୍ତି ହୋଇଥିଲେ। କିଛି ବିଧାୟକ ଟେବୁଲରେ ଚଢ଼ି ସ୍ଲୋଗାନ ଦେବାରେ ଲାଗିଥିଲେ। ଅନ୍ୟପକ୍ଷରେ ମାର୍ଶାଲ ଖୁର୍ସିଦଙ୍କୁ ଟାଣି ଟାଣି ନେଇ ଯାଇଥିଲେ। ଏହି ସମୟରେ ସେ ତଳେ ପଡ଼ି ଯାଇଥିଲେ। ପରେ ତାଙ୍କୁ ଗୃହରୁ ବାହାର କରି ଦିଆଯାଇଥିଲା। ହଟ୍ଟଗୋଳ କରିବାରୁ କିଛି ବିଜେପି ବିଧାୟକଙ୍କୁ ମଧ୍ୟ ମାର୍ଶାଲ ଗୃହରୁ ବାହାର କରିଦେଇଥିଲେ। ଏହା ପରେ ସମସ୍ତ ବିଜେପି ନେତା ଗୃହତ୍ୟାଗ କରିଥିଲେ।

**ଚତୁର୍ଥ ଦିନରେ ପ୍ରବଳ ହଟ୍ଟଗୋଳ**

**ବିଧାୟକଙ୍କୁ ଧକ୍କା ମାରି ବାହାର କଲେ ମାର୍ଶାଲ**

**ଦିନକ ପୂର୍ବରୁ ଗୃହ ଅନିର୍ଦ୍ଦିଷ୍ଟକାଳ ପାଇଁ ସ୍ଥଗିତ**

ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ମାମଲାରେ ଜେଲ୍‌ରେ ଥିବା ବାରାମୂଳା ସାଂସଦ ଇଞ୍ଜିନିୟର ରସିଦଙ୍କ ଭାଇ ହେଉଛନ୍ତି ଖୁର୍ସିଦ ଅହମ୍ମଦ। ୨୦୧୬ରୁ ଗିରଫ ହୋଇ ୨୦୧୯ରୁ ରସିଦ ତିହାର ଜେଲ୍‌ରେ ଅଛନ୍ତି। ତାଙ୍କୁ ବିଧାନସଭା ନିର୍ବାଚନରେ ପ୍ରଚାର ପାଇଁ କୋର୍ଟ ଜାମିନ ଦେଇଥିଲେ। ଏହା ପୂର୍ବରୁ ଗୁରୁବାର ବିଧାନସଭାରେ ଶାସକ ଏବଂ ବିରୋଧୀ ଦଳ ମୁହାଁମୁହିଁ ହୋଇଥିଲେ। କ୍ଷମତାସୀନ ଏବଂ ବିରୋଧୀ ବିଜେପି ବିଧାୟକ ପରସ୍ପରର କଲର ଧରି ଧକ୍କା ମରାମରି ହୋଇଥିଲେ। ହଙ୍ଗାମା ଯୋଗୁ ପ୍ରଥମେ ୨୦ ମିନିଟ ଏବଂ ପରେ ଦିନକ ପାଇଁ ଗୃହକୁ ସ୍ଥଗିତ ରଖିଦେଇଥିଲେ।

### ● ଯୋଗୀଙ୍କ ରାଜ୍ୟରେ ନୂଆ ନିୟମ

## ମହିଳାଙ୍କ ପୋଷାକ ତିଆରି ମାପ ନେଇପାରିବେନି ପୁରୁଷ ଟେଲର୍

ଲକ୍ଷ୍ନୌ, ୮।୧୧ (ଏଜେନ୍ସି): କାନପୁର ଏକତା ହତ୍ୟାକାଣ୍ଡ ପରେ ଉତ୍ତର ପ୍ରଦେଶ ମହିଳା କମିଶନ କଡ଼ା ପଦକ୍ଷେପ ଗ୍ରହଣ କରିଛନ୍ତି। ଏ ନେଇ ଅନେକ ଆଦେଶ ଜାରି କରିଛନ୍ତି। ଏଥିରେ ପୁରୁଷ ଟେଲର ମହିଳାଙ୍କ ପୋଷାକ ତିଆରି ମାପ ନେଇପାରିବେ ନାହିଁ ବୋଲି କୁହାଯାଇଛି। ଏହା ବ୍ୟତୀତ ଜିମ୍ ଏବଂ ଯୋଗ ସେଣ୍ଟରରେ ମହିଳା ଟ୍ରେନର ରଖିବା ବାଧ୍ୟତାମୂଳକ କରାଯାଇଛି। ସିସିଟିଭିରେ ଏହାର ଯାଞ୍ଚ ମଧ୍ୟ କରାଯିବ। ପାର୍ଲରରେ ମହିଳାଙ୍କ ମେକ୍‌ଅପ୍, କେଶ ସଜ୍ଜା ଏବଂ ଡ୍ରେସ୍‌ଅପ୍ ମଧ୍ୟ ମହିଳା କର୍ମଚାରୀ କରିବେ। ମହିଳାଙ୍କ ପାଇଁ ସ୍ୱତନ୍ତ୍ର ପୋଷାକ ବିକ୍ରି କରୁଥିବା ଷ୍ଟୋରରେ ବି ମହିଳା କର୍ମଚାରୀ ରହିବେ। କୋଚିଂ ସେଣ୍ଟରରେ ସିସିଟିଭି ମଧ୍ୟ ଲଗାଯିବ। ସ୍କୁଲ ବସ୍‌ରେ ମହିଳା ସୁରକ୍ଷାକର୍ମୀ ଏବଂ ମହିଳା ଶିକ୍ଷକ ନିଯୁକ୍ତି କରାଯାଉ। ମହିଳାମାନଙ୍କୁ 'ଖରାପ ସ୍ପର୍ଶ'ରୁ ସୁରକ୍ଷା ଦେବା ପାଇଁ ତଥା ପୁରୁଷଙ୍କ ଖରାପ ଉଦ୍ଦେଶ୍ୟକୁ ଫଳପ୍ରଦ କରାଇ ନଦେବାକୁ ଉତ୍ତର ପ୍ରଦେଶ ରାଜ୍ୟ ମହିଳା କମିଶନ ଏଭଳି ପ୍ରସ୍ତାବ ଦେଇଛନ୍ତି। ମହିଳା କମିଶନର ସଦସ୍ୟ ହିମାନୀ ଅଗ୍ରୱାଲ କହିଛନ୍ତି ଯେଗତ ଅକ୍ଟୋବର ୨୮ ତାରିଖରେ ମହିଳା କମିଶନର ଏକ ବୈଠକ ବସିଥିଲା। ଏଥିରେ ଏଭଳି ପ୍ରସ୍ତାବ ଦିଆଯାଇଥିଲା। ଏହି ପ୍ରସ୍ତାବକୁ ସେଦିନ ଉପସ୍ଥିତ ଥିବା କମିଶନର ସମସ୍ତ ସଦସ୍ୟ ମଧ୍ୟ ସମର୍ଥନ କରିଥିଲେ। ପୋଷାକ ସିଲେଇ ହେଉ ଅବା କେଶ କାଟିବା ଆଦି ବୃତ୍ତିରେ ପୁରୁଷମାନେ ଜଡ଼ିତ ଥିବାରୁ ମହିଳାମାନେ ଅସଦାଚରଣର ଶିକାର ହେଉଛନ୍ତି। ସେମାନେ ମହିଳାଙ୍କୁ ଖରାପ ଉଦ୍ଦେଶ୍ୟରେ ସ୍ପର୍ଶ କରନ୍ତି। ପୋଷାକ ସିଲେଇ କରୁଥିବା ଅବା କେଶ କାଟୁଥିବା ସମସ୍ତ ପୁରୁଷଙ୍କ ଉଦ୍ଦେଶ୍ୟ ଖରାପ ନ ଥାଏ। କିନ୍ତୁ ସେମାନଙ୍କ ମଧ୍ୟରୁ କିଛି ଜଣଙ୍କର ଉଦ୍ଦେଶ୍ୟ ଖରାପ ହୋଇଥାଏ। ଏବେ ଆଦେଶ କାର୍ଯ୍ୟକାରୀ କରିବା ପାଇଁ ମହିଳା କମିଶନ ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଏବଂ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଭାରତର ପ୍ରଶଂସାରେ ଶତମୁଖ ରୁଷ୍ ରାଷ୍ଟ୍ରପତି

ମସ୍କୋ, ୮।୧୧ (ଏଜେନ୍ସି): ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ଭାରତ ପ୍ରଶଂସାରେ ଶତମୁଖ ହୋଇଛନ୍ତି। ସେ ପୁଣିଥରେ ପ୍ରଶଂସା କରି ଭାରତକୁ ଏକ ମହାନ ଦେଶ ଭାବରେ ବର୍ଣ୍ଣନା କରିଛନ୍ତି। ଅନ୍ୟ ଦେଶ ତୁଳନାରେ ଭାରତର ଦ୍ରୁତ ଗତିରେ ଅର୍ଥନୈତିକ ଅଭିବୃଦ୍ଧି ଘଟୁଛି। ତେଣୁ ଭାରତ ବିଶ୍ୱର ମହାଶକ୍ତି ତାଲିକାରେ ଅନ୍ତର୍ଭୁକ୍ତ ହେବାକୁ ଯୋଗ୍ୟ ବୋଲି ପୁତିନ କହିଛନ୍ତି। ରୁଷ୍‌ର ସୋଚି ସହରସ୍ଥିତ ଭାଲଡାଇ ଆଲୋଚନା କ୍ଲବରେ ଭାଷଣ ଦେବା ସମୟରେ ପୁତିନ ଭାରତର ଅଗ୍ରଗତିକୁ ପ୍ରଶଂସା କରିଛନ୍ତି। ବିଶ୍ୱ ମଞ୍ଚରେ ଭାରତ ଅନନ୍ୟ ବୋଲି କହିଛନ୍ତି। ରୁଷ ଅନେକ କ୍ଷେତ୍ରରେ ଭାରତ ସହ ସମ୍ପର୍କକୁ ମଜବୁତ କରୁଛି।

**ଟ୍ରମ୍ପଙ୍କୁ ଜଣାଇଲେ ଶୁଭେଚ୍ଛା**

ଅନ୍ୟପକ୍ଷରେ ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପଙ୍କ ବିଜୟର ଦୁଇ ଦିନ ପରେ ପୁତିନ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ ୟୁକ୍ରେନ ଯୁଦ୍ଧ ବନ୍ଦ ଲାଗି ଆଲୋଚନା କରିବାକୁ ପ୍ରସ୍ତୁତ ଥିବା କହିଛନ୍ତି।

## ୨ ଆତଙ୍କବାଦୀ ନିହତ

ଶ୍ରୀନଗର, ୮।୧୧ (ଏଜେନ୍ସି): ଜମ୍ମୁ-କଶ୍ମୀର ବାରାମୂଳାର ସୋପୋରରେ ଏନ୍‌କାଉଣ୍ଟର ହୋଇଛି। ସୁରକ୍ଷାବାହିନୀ ଗୁଳିରେ ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ଏହି ଆତଙ୍କବାଦୀ ଗୁରୁବାର ୨ ଗ୍ରାମରକ୍ଷୀଙ୍କୁ ଗୁଳିକରି ହତ୍ୟା କରିଥିଲେ। ଉଭୟଙ୍କ ନିକଟରୁ ବିପୁଳ ଅସ୍ତ୍ରଶସ୍ତ୍ର, ଗୁଳି ଏବଂ ଆପତ୍ତିଜନକ ସାମଗ୍ରୀ ଜବତ କରାଯାଇଛି। ଏ ପର୍ଯ୍ୟନ୍ତ ଆତଙ୍କବାଦୀଙ୍କ ପରିଚୟ ମିଳିପାରି ନାହିଁ। ଅଧିକାରୀ କହିଛନ୍ତି ଯେ ଆତଙ୍କବାଦୀଙ୍କ ଉପସ୍ଥିତି ସମ୍ପର୍କରେ ସୂଚନା ପାଇ ଗୁରୁବାର ସନ୍ଧ୍ୟାରେ ଏନକାଉଣ୍ଟର ଆରମ୍ଭ ହୋଇଥିଲା। ଗୁଳି ବିନିମୟ ପରେ ଉକ୍ତ ଅଞ୍ଚଳକୁ ଅତିରିକ୍ତ ବାହିନୀ ପଠା ଯାଇଥିଲା। ସୁରକ୍ଷା ବାହିନୀ ରାତିସାରା ଏହି ଅଞ୍ଚଳରେ ଘେରଉ କରି ରଖିଥିଲା।

### ଏଏମ୍‌ୟୁକୁ ସଂଖ୍ୟାଲଘୁ ମାନ୍ୟତା

## ନିଷ୍ପତ୍ତି ନେବେ ନୂଆ ଖଣ୍ଡପୀଠ




ନୂଆଦିଲ୍ଲୀ, ୮।୧୧ (ଏଜେନ୍ସି): ଅଲିଗଡ଼ ମୁସଲିମ ୟୁନିଭର୍ସିଟି (ଏଏମ୍‌ୟୁ)ର ସଂଖ୍ୟାଲଘୁ ମାନ୍ୟତା ଉପରେ ୧୯୬୭ରେ ଦିଆଯାଇଥିବା ରାୟକୁ ସୁପ୍ରିମକୋର୍ଟ ଶୁକ୍ରବାର ପଲଟାଇ ଦେଇଛନ୍ତି। କେବଳ କେନ୍ଦ୍ର ଆଇନ ଅନୁସାରେ ପ୍ରତିଷ୍ଠା ହୋଇଥିବାରୁ କୌଣସି ପ୍ରତିଷ୍ଠାନ ସଂଖ୍ୟାଲଘୁ ମାନ୍ୟତା ହରାଇ ପାରିବ ନାହିଁ ବୋଲି ପ୍ରଧାନ ବିଚାରପତି ଡି ୱାଇ ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱାଧୀନ ୭ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ କହିଛନ୍ତି। ୪:୩ ମତରେ ସୁପ୍ରିମକୋର୍ଟ ଏହି ରାୟ ଦେଇଛନ୍ତି। ୪ ଜଣ ବିଚାରପତି ଏହି ରାୟକୁ ବିରୋଧ କରିଥିବାବେଳେ ତିନି ଜଣ ସମର୍ଥନ କରିଛନ୍ତି। ତେବେ ଏଏମ୍‌ୟୁ ସଂଖ୍ୟାଲଘୁ ପ୍ରତିଷ୍ଠାନ କି ନୁହେଁ ତାହାର ନିଷ୍ପତ୍ତି ନୂଆ ତିନି ଜଣିଆ ଖଣ୍ଡପୀଠ କରିବେ ବୋଲି ସିଜେଆଇ କହିଛନ୍ତି। ୟୁନିଭର୍ସିଟି ପ୍ରତିଷ୍ଠା କିଏ କରିଥିଲେ? ଏହା ପଛରେ କାହାର ବୁଦ୍ଧି ଥିଲା ତାହା ନୂଆ ଖଣ୍ଡପୀଠ ଯାଞ୍ଚ କରିବେ। ଯଦି ଏହା ପଛରେ ସଂଖ୍ୟାଲଘୁ ସମୁଦାୟ ଥିଲା ତେବେ ଧାରା ୩୦ ଅନୁଯାୟୀ ମାନ୍ୟତା ଲାଗି ଦାବି କରିହେବ।

୧୯୬୭ରେ ଅଜିଜ ବାସା ବନାମ କେନ୍ଦ୍ର ସରକାର ମାମଲାରେ ସୁପ୍ରିମକୋର୍ଟ କହିଥିଲେ ଯେ କେନ୍ଦ୍ରୀୟ ଆଇନ ଅନୁଯାୟୀ ପ୍ରତିଷ୍ଠା ହୋଇଥିବା ପ୍ରତିଷ୍ଠାନ ସଂଖ୍ୟାଲଘୁ ମାନ୍ୟତା ଦାବି କରିପାରିବ ନାହିଁ। ଏଏମ୍‌ୟୁ କେନ୍ଦ୍ରୀୟ ୟୁନିଭର୍ସିଟି। ସଂଖ୍ୟାଲଘୁ ଏହାକୁ ପ୍ରତିଷ୍ଠା କିମ୍ବା ପରିଚାଳନା କରି ନ ଥିଲେ। ତେବେ ୨୦୦୫ରେ ନୂଆ ବିବାଦ ଆରମ୍ଭ ହୋଇଥିଲା। ଏଏମ୍‌ୟୁ ନିଜ ସଂଖ୍ୟାଲଘୁ ପ୍ରତିଷ୍ଠାନ ମାନି ମେଡିକାଲର ପିଜି କୋର୍ସରେ ମୁସଲିମ ଛାତ୍ରଙ୍କୁ ୫୦ ପ୍ରତିଶତ ସଂରକ୍ଷଣ ପ୍ରଦାନ କରିଥିଲା। ଏହାକୁ ବିରୋଧ କରି ହିନ୍ଦୁ ଛାତ୍ର ଆହ୍ଲାବାଦ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ହିନ୍ଦୁ ଛାତ୍ରଙ୍କ ସପକ୍ଷରେ ରାୟ ଦେବାରୁ ଏଏମ୍‌ୟୁ ସୁପ୍ରିମକୋର୍ଟ ଯାଇଥିଲା। ୨୦୧୯ରେ ଏହାକୁ ୭ ଜଣିଆ ସାମ୍ବିଧାନିକ ଖଣ୍ଡପୀଠକୁ ସ୍ଥାନାନ୍ତର କରାଯାଇଥିଲା। ମାମଲାର ଶୁଣାଣି ସମୟରେ ସିଜେଆଇ, ଜଷ୍ଟିସ ସଞ୍ଜୀବ ଖନ୍ନା, ମନୋଜ ମିଶ୍ରା ଏବଂ ଜେବି ପାର୍ଦିୱାଲା ବହୁମତରେ ନିଷ୍ପତ୍ତି ଶୁଣାଇ ଥିଲେ। କହିଥିଲେ ଯେ କେନ୍ଦ୍ର ଆଇନ ଅଧିନରେ ଏଏମ୍‌ୟୁକୁ ସାମିଲ କରାଯାଇଥିବାରୁ ଏହା ସଂଖ୍ୟାଲଘୁ ୟୁନିଭର୍ସିଟି ନୁହେଁ ବୋଲି କୁହାଯାଇପାରିବ ନାହିଁ। ଏପରି ହେଲେ ଧାରା ୩୦ର ଉଦ୍ଦେଶ୍ୟ ପୂରଣ ହେବ ନାହିଁ। ସଂଖ୍ୟାଲଘୁ ସମୁଦାୟକୁ ସହାୟତା ଉଦ୍ଦେଶ୍ୟରେ ଏହାକୁ ପ୍ରତିଷ୍ଠା କରାଯାଇଥିବା ମଧ୍ୟ ଜରୁରୀ ନୁହେଁ। ସଂଖ୍ୟାଲଘୁ ପ୍ରତିଷ୍ଠାନରେ ଧର୍ମନିରପେକ୍ଷ ଶିକ୍ଷାକୁ ପ୍ରାଧାନ୍ୟ ଦିଆଯାଇପାରେ। ସଂଖ୍ୟାଲଘୁ ପ୍ରଶାସନ ଚଳାଇବା ମଧ୍ୟ ଜରୁରୀ ନୁହେଁ। ସେହିପରି ଜଷ୍ଟିସ ସୂର୍ଯ୍ୟକାନ୍ତ, ଦୀପାଙ୍କର ଦତ୍ତା ଏବଂ ଜଷ୍ଟିସ ଏସ୍‌ସି ଶର୍ମା ଏହାକୁ ବିରୋଧ କରିଥିଲେ। ଜଷ୍ଟିସ ଦତ୍ତା କହିଥିଲେ ଯେ ଏଏମ୍‌ୟୁ ସଂଖ୍ୟାଲଘୁ ପ୍ରତିଷ୍ଠାନ ନୁହେଁ।

## ଆମଷ୍ଟରଡ଼ାମ୍‌ରେ ଇସ୍ରାଏଲୀ ଫୁଟବଲ ପ୍ରଶଂସକଙ୍କ ଉପରେ ଆକ୍ରମଣ

ଆମଷ୍ଟରଡାମ, ୮।୧୧ (ଏଜେନ୍ସି): ନେଦରଲାଣ୍ଡ ଆମଷ୍ଟରଡାମରେ ଗୁରୁବାର ଅନୁଷ୍ଠିତ ଏକ ଫୁଟବଲ୍ ମ୍ୟାଚ୍ ସମୟରେ ସଂଘର୍ଷ ହୋଇଛି। ଏଠାରେ ଇସ୍ରାଏଲ ନାଗରିକଙ୍କୁ ନିଶାଣ କରି ଆକ୍ରମଣ କରାଯାଇଛି। ଏଥିରେ ୫ ଜଣ ନାଗରିକ ଆହତ ହୋଇଛନ୍ତି। ସମସ୍ତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପାଲେଷ୍ଟାଇନ ସମର୍ଥକ ଏହି କାଣ୍ଡ ଘଟାଇଛନ୍ତି। ପୁଲିସ ମାମଲାରେ ୬୨ ପାଲେଷ୍ଟାଇନ ସମର୍ଥକଙ୍କୁ ଗିରଫ କରିଛି। ଅନ୍ୟପକ୍ଷରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ଏହି ଆକ୍ରମଣକୁ ତୀବ୍ର ନିନ୍ଦା କରିଛନ୍ତି। ଏହାକୁ ଅଣଦେଖା କରାଯାଇପାରିବ ନାହିଁ ବୋଲି କହିଛନ୍ତି। ଏହା ସହିତ ଆକ୍ରମଣର ଶିକାର ଫୁଟବଲ ପ୍ରଶଂସକଙ୍କୁ ଆଣିବା ପାଇଁ ଆମଷ୍ଟରଡାମକୁ ଦୁଇଟି ବିମାନ ପଠାଇଛନ୍ତି। ଏହି ପ୍ରଶଂସକମାନେ ମାକାବି ତେଲ ଆଭିଭ ବନାମ ଆଜାକ୍ସ ଆମଷ୍ଟରଡାମମଧ୍ୟରେ ୟୁରୋପା ଲିଗ୍ ମ୍ୟାଚ୍ ଦେଖିବା ପାଇଁ ନେଦରଲ୍ୟାଣ୍ଡ ଯାଇଥିଲେ।



### ପୁଣି ଟ୍ରେନ୍ ଲାଇନ୍‌ଚ୍ୟୁତ ଉଦ୍ୟମ

## ଟ୍ରାକ୍‌ରୁ ମିଳିଲା ଲୁହାଛଡ଼

ମୁମ୍ବଇ, ୮।୧୧ (ଏଜେନ୍ସି): କ୍ରମାଗତ ଭାବେ ଟ୍ରେନ ଦୁର୍ଘଟଣା ଘଟାଇବା ନିମନ୍ତେ ଷଡ଼ଯନ୍ତ୍ର ହେଉଛି । ଏଥିପାଇଁ କେତେବେଳେ ରେଳଧାରଣାରେ ଗ୍ୟାସ୍ ସିଲିଣ୍ଡର ତ ଆଉ କେବେ ପଥର ରଖି ଦିଆଯାଉଛି। ଏବେ ମହାରାଷ୍ଟ୍ର ଥାନେ ଜିଲ୍ଲାରେ ଏପରି ଏକ ଘଟଣାର ପୁନରାବୃତ୍ତି ଘଟିଛି। ଜିଲ୍ଲାର ଭୟନ୍ଦର ଓ ମୀରାରୋଡ ରେଳ ଷ୍ଟେସନ ମଧ୍ୟରୁ ଟ୍ରେନ୍ ଟ୍ରାକ୍‌ରୁ ଲୁହା ଛଡ଼ ଭର୍ତ୍ତି ବ୍ୟାଗ୍ ଜବତ କରାଯାଇଛି। ଏହି ମାମଲାରେ ୩ ଜଣଙ୍କୁ ଗିରଫ କରାଯାଇଛି। ରେଲୱେ ପୁଲିସ ଅଧିକାରୀଙ୍କ ସୂଚନା ଅନୁଯାୟୀ ଗତ ୫ ତାରିଖରେ କିଛି ଲୋକ ୭ ଲୁହା ଛଡ଼ ଭର୍ତ୍ତି ଥିବା ଏକ ବ୍ୟାଗ୍‌କୁ ରେଲୱେ ଟ୍ରାକ୍‌ରେ ଫୋପାଡ଼ି ଦେଇଥିଲେ। ମାତ୍ର କୌଣସି ବଡ଼ ଅଘଟଣ ଘଟିବା ପୂର୍ବରୁ ପୁଲିସ ଏହାକୁ ଜବତ କରି ନେଇଥିଲା। ଯାଞ୍ଚରୁ ଜଣାପଡ଼ିଥିଲା ଯେ ନିକଟରେ ଥିବା ଏକ ନିର୍ମାଣାଧୀନ ସାଇଟ୍‌ରୁ ତିନି ଜଣ ବ୍ୟକ୍ତି ଲୁହା ଛଡ଼ ଚୋରି କରିଥିଲେ। ଏହା ପୂର୍ବରୁ ଉତ୍ତରପ୍ରଦେଶର କାନପୁର ଜିଲ୍ଲାରେ ଟ୍ରାକ୍‌ରେ ଗ୍ୟାସ ସିଲିଣ୍ଡର ରଖା ଯାଇଥିଲା। ପ୍ରୟାଗରାଜ-ଭିୱାନୀ କାଳିନ୍ଦୀ ଏକ୍ସପ୍ରେସ ଏହାକୁ ଧକ୍କା ଦେଇଥିଲା। ସେହିପରି ରାଜସ୍ଥାନର ଆଜମେରରେ ରେଳଧାରଣା ମଝିରେ ବଡ଼ ବଡ଼ ସିମେଣ୍ଟ ଖଣ୍ଡ ରଖାଯାଇଥିଲା।

## ଟ୍ରମ୍ପଙ୍କୁ ହତ୍ୟା ଷଡ଼ଯନ୍ତ୍ର କରିଥିଲା ଇରାନ

ୱାଶିଂଟନ, ୮।୧୧ (ଏଜେନ୍ସି): ଆମେରିକାର ପରବର୍ତ୍ତୀ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ହତ୍ୟା ଷଡ଼ଯନ୍ତ୍ରରେ ଇରାନ ଲିଙ୍କ ସାମ୍ନାକୁ ଆସିଛି। ଆମେରିକା ନ୍ୟାୟମନ୍ତ୍ରାଳୟ ଏହି ଦାବି କରିଛି। ଶୁକ୍ରବାର ମ୍ୟାନହଟନ ସଂଘୀୟ କୋର୍ଟରେ ମନ୍ତ୍ରାଳୟ ଆପରାଧିକ ଅଭିଯୋଗ ଦାଏର କରିଛି। ଏହାକୁ ସାର୍ବଜନୀନ ମଧ୍ୟ କରାଯାଇଛି। ଏଥିରେ ଅଭିଯୋଗ କରାଯାଇଛି ଯେ ଗତ ସେପ୍ଟେମ୍ବରରେ ଇରାନ ଅର୍ଦ୍ଧସାମରିକ ବାହିନୀ ରିଭୋଲ୍ୟୁସନାରୀ ଗାର୍ଡର ଜଣେ ଅଧିକାରୀ (ଅଜ୍ଞାତ) ଟ୍ରମ୍ପଙ୍କ ଉପରେ ନଜର ରଖି ହତ୍ୟା ଷଡ଼ଯନ୍ତ୍ର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଯଦି ନିର୍ବାଚନ ପୂର୍ବରୁ କୌଣସି ଯୋଜନା କରିପାରିବେ ନାହିଁ ତେବେ ଇରାନ ରାଷ୍ଟ୍ରପତି ନିର୍ବାଚନ ପର୍ଯ୍ୟନ୍ତ ଷଡ଼ଯନ୍ତ୍ରକୁ ସ୍ଥଗିତ ରଖିବାକୁ ସେ ଫରଜାଦ ସକେରି ନାମକ ବ୍ୟକ୍ତିଙ୍କୁ କହିଥିଲେ। କାରଣ ଟ୍ରମ୍ପ ହାରିଗଲା ପରେ ତାଙ୍କୁ ହତ୍ୟା କରିବାକୁ ସହଜ ହେବ ବୋଲି ଉକ୍ତ ଅଧିକାରୀ ଭାବିଥିଲେ। ସେ ସାତ ଦିନ ଭିତରେ ଷଡ଼ଯନ୍ତ୍ର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏହି ସମୟସୀମା ମଧ୍ୟରେ ଯୋଜନା କାର୍ଯ୍ୟକାରୀ କରିବାକୁ ସକେରୀ ଚାହୁଁ ନ ଥିଲେ।

### ରୀତିନୀତିରେ କାର୍‌କୁ ଅନ୍ତିମ ବିଦାୟ

## 'ଲକି'କୁ ସମାଧି ଦେଲେ ଚାଷୀ



ଅମରେଲି, ୮।୧୧ (ଏଜେନ୍ସି): ସାଧୁ-ସନ୍ଥ କିମ୍ବା କୌଣସି ବ୍ୟକ୍ତିଙ୍କୁ ସମାଧି ଦିଆଯାଉଥିବା ସମସ୍ତେ ଶୁଣିଛନ୍ତି। ହେଲେ ପ୍ରଥମ ଥର ପାଇଁ ଏକ କାର୍‌କୁ ସମାଧି ଦିଆଯାଇଛି। ଏଭଳି ସୌଭାଗ୍ୟ ପାଇଥିବା କାର୍‌ର ନାମ ହେଉଛି 'ଲକି'। ଧୂମ୍‌ଧାମରେ ଏହି କାର୍‌ର ବାହାରିଥିଲା ଶେଷ ଯାତ୍ରା। ଆଉ ଏହି ଶେଷ ଯାତ୍ରାକୁ ସମସ୍ତ ବନ୍ଧୁବାନ୍ଧବ ଏବଂ ସମ୍ପର୍କୀୟଙ୍କ ଡକା ଯାଇଥିଲା। ଲକିକୁ ଫୁଲରେ ସଜା ଯାଇଥିଲା। ଡିଜେ ଏବଂ ଅନ୍ୟ ବାଦ୍ୟଯନ୍ତ୍ର ବାଜିଥିଲା। ଏହାର ତାଳେତାଳେ ନାଚିନାଚି ଲୋକେ ପହଞ୍ଚି ଥିଲେ ସମାଧିସ୍ଥଳରେ। ଏଠାରେ ରୀତିନୀତିର ସହ ଗ୍ରାମବାସୀ ଏବଂ ଅନ୍ୟମାନଙ୍କ ଉପସ୍ଥିତିରେ ଲକିକୁ ୧୦ ଫୁଟ ତଳେ ଦିଆଯାଇଛି ସମାଧି। ଏଥିପାଇଁ ଖର୍ଚ୍ଚ ହୋଇଥିଲା ଚାରି ଲକ୍ଷ ଟଙ୍କା। ୧୫୦୦ ଲୋକଙ୍କୁ ଦିଆଯାଇଥିଲା ଭୋଜି। ଗୁଜରାଟ ଅମରେଲି ଜିଲ୍ଲା ପାଡରସିଙ୍ଗା ଗ୍ରାମର ଏହି ଘଟଣା ଏବେ ଖୁବ୍ ଭାଇରାଲ ହେଉଛି। ଏହି ଗ୍ରାମର ଚାଷୀ ସଞ୍ଜୟ ପୋରଲା ନିଜ କାର୍‌କୁ କବାଡ଼ କରିବା ପରିବର୍ତ୍ତେ ଏଭଳି ବିଦାୟ ଦେଇଛନ୍ତି। କେବଳ ସେତିକି ନୁହେଁ, ସମାଧି ସ୍ଥଳରେ ଚାଷୀ ଏକ ଗଛ ଲଗାଇବାକୁ ନିଷ୍ପତ୍ତି ନେଇଛନ୍ତି।

**୪ ଲକ୍ଷ ଖର୍ଚ୍ଚ କଲେ ମାଲିକ**

ସଞ୍ଜୟ କହିଛନ୍ତି ଯେ ୨୦୧୪ରେ କିଣିଥିବା ଏହି ସେକେଣ୍ଡ ହାଣ୍ଡ କାର୍‌କୁ ସେ ୧୦ ବର୍ଷ ହେଲା ଚଳାଉ ଥିଲେ। ଏହି ଲକି ତାଙ୍କ ପାଇଁ 'ଲକି' (ସୌଭାଗ୍ୟଶାଳୀ) ସାବ୍ୟସ୍ତ ହୋଇଥିଲା। କାର୍ ଆସିବା ପରେ ତାଙ୍କ ସ୍ଥିତି ବଦଳିବାରେ ଲାଗିଥିଲା। ଚାଷବାସ ସହିତ ତାଙ୍କ ବ୍ୟବସାୟ ବଢ଼ିବାରେ ଲାଗିଥିଲା। ତେଣୁ ସେ ଲକିକୁ କବାଡିବାଲାକୁ ଦେବା ପରିବର୍ତ୍ତେ ସମାଧି ଦେବାକୁ ଉଚିତ ମଣିଥିଲେ। ସମାଧି ପୂର୍ବରୁ ଚାଷୀ ବୁଧବାର ରାତିରେ ରାତ୍ରିଭୋଜନ ଆୟୋଜନ କରିଥିଲେ। ଏଥିପାଇଁ ସେ ସମ୍ପୂର୍ଣ୍ଣ ଗାଁକୁ ଆମନ୍ତ୍ରଣ କରିଥିଲେ। ଅତିଥି, ସମ୍ପର୍କୀୟଙ୍କୁ ମିଶାଇ ପ୍ରାୟ ୧୫୦୦ ଲୋକ ଭୋଜିରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ସାମିଲ ସୁରଟ ହରେଶ କାରକ କହିଛନ୍ତି ଯେ ସେ ଜୀବନରେ ଏଭଳି କେବେ ଦେଖି ନ ଥିଲେ କି ଶୁଣି ନ ଥିଲେ।

## ସଲ୍‌ମନଙ୍କୁ ପୁଣି ହତ୍ୟା ଧମକ

ମୁମ୍ବଇ, ୮।୧୧ (ଏଜେନ୍ସି): ଅଭିନେତା ସଲ୍‌ମନ ଖାନଙ୍କୁ ପୁଣି ହତ୍ୟା ଧମକ ମିଳିଛି। ମୁମ୍ବଇ ଟ୍ରାଫିକ୍ କଣ୍ଟ୍ରୋଲ ରୁମ୍‌କୁ ସଲମନଙ୍କ ଉଦ୍ଦେଶ୍ୟରେ ଗୁରୁବାର ରାତିରେ ଧମକପୂର୍ଣ୍ଣ ମେସେଜ୍ ଆସିଛି। ମେସେଜ କରିଥିବା ବ୍ୟକ୍ତି ନିଜକୁ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର ସଦସ୍ୟ କହିଛି। ଏହି ମେସେଜରେ କୁହାଯାଇଛି ଯେ ସଲମନ ଏବଂ ଗ୍ୟାଙ୍ଗଷ୍ଟର ଲରେନ୍ସକୁ ନେଇ ଏକ ଗୀତ ଲେଖାଯାଇଛି। ଏହି ଗୀତ ଲେଖିଥିବା ବ୍ୟକ୍ତିଙ୍କୁ ଛଡ଼ାଯିବନି। ତାଙ୍କୁ ହତ୍ୟା କରାଯିବ। ଯଦି ସାହସ ଅଛି ତାଙ୍କୁ ସଲମନ ତାଙ୍କୁ ବଞ୍ଚାଇ ଦେଖାନ୍ତୁ ବୋଲି ବି ଚେତାବନୀ ଦିଆଯାଇଛି।

## ନୂଆଗାଁରେ ଜନସମ୍ପର୍କ ପଦଯାତ୍ରା

# ‘ଓଡ଼ିଶାବାସୀଙ୍କ ହୃଦୟରେ ଅଛି ବିଜେଡି’

**ନୟାଗଡ/ନୂଆଗାଁ,୮।୧୧(ସମିସ):**




**କର୍ମୀଙ୍କ ମନରେ ଉତ୍ସାହ ଭରିଲେ ଅରୁଣ**

ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନୂଆଗାଁଠାରେ ଆଜି ବିଜୁ ଜନତା ଦଳ ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦଶପଲ୍ଲା ବିଧାୟକ ତଥା ବିଜେଡି ଜିଲ୍ଲା ସଭାପତି ରମେଶ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶୋଭାଯାତ୍ରାରେ ନୟାଗଡ ବିଧାୟକ ଡ. ଅରୁଣ କୁମାର ସାହୁ ଯୋଗ ଦେଇ କର୍ମୀଙ୍କ ମନରେ ଉତ୍ସାହ ଭରିଛନ୍ତି। ଏକତା ହିଁ ସଂଗଠନକୁ ମଜବୁତ କରିବାର ମୂଳମନ୍ତ୍ର ବୋଲି କହିଛନ୍ତି। ଏହା ସହିତ ଡ. ସାହୁ ବିଜେପି ସରକାରର ଅପାରଗତା ବିରୁଦ୍ଧରେ ବର୍ଷିଥିଲେ। ମିଛ ପ୍ରତିଶ୍ରୁତି ଦେଇ ସରକାରକୁ ଆସିବା ପରେ ସଠିକ ଭାବେ ସରକାର ଚଳାଇବା ସେମାନଙ୍କ ପକ୍ଷେ ସମ୍ଭବ ନୁହେଁ ବୋଲି କହିଥିଲେ। ଚାପ ସୃଷ୍ଟି କରି କାମ ନକରାଇ ଦେବାକୁ ହେଉଥିବା ଉଦ୍ୟମ ବିରୁଦ୍ଧରେ ଲଢେଇ କରାଯିବ ବୋଲି ସେ ଆହ୍ୱାନ ଦେଇଥିଲେ। ଏହି ଜନସମ୍ପର୍କ ପଦଯାତ୍ରା ନୂଆଗାଁ ବ୍ଲକ କାର୍ଯ୍ୟାଳୟଠାରୁ ବାହାରି ବିଜୁ ଭବନ ପର୍ଯ୍ୟନ୍ତ ଯାଇଥିଲା। ପଦଯାତ୍ରାରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ରଣପୁର ପୂର୍ବତନ ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ନୂଆଗାଁ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ଦଶପଲ୍ଲା ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ଗଣିଆ ବ୍ଲକ ଅଧ୍ୟକ୍ଷା ଝୁନା ଜେନା, ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନଙ୍କ ସମେତ ବହୁ ଜିଲ୍ଲା ପରିଷଦ ସଦସ୍ୟ, ସରପଞ୍ଚ, ସମିତିସଭ୍ୟ ସାମିଲ ହୋଇଥିଲେ। ବିଜୁ ଭବନଠାରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡିଶାରେ ହୋଇଥିବା ବିକାଶ, ଭିତ୍ତିଭୂମି ଉନ୍ନତି ଏବଂ ଗରିବଙ୍କ ପାଇଁ କରାଯାଇଥିବା ଅନେକ ଜନକଲ୍ୟାଣକାରୀ ଯୋଜନାକୁ ମୋହନ ସରକାର କେବଳ ନାଁ ଓ ରଙ୍ଗ ବଦଳାଇ ଚାଲିଥିବା କହିଥିଲେ। ଏବେ ବି ଓଡିଶାବାସୀଙ୍କ ହୃଦୟରେ ନବୀନ ପଟ୍ଟନାୟକ ରହିଛନ୍ତି। ଏଣୁ ବିଜୁ ଜନତା ଦଳର ପ୍ରତ୍ୟେକ କର୍ମୀ ଲୋକଙ୍କ ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଏହି ପଦଯାତ୍ରାରେ ଯୁବ ଓ ଛାତ୍ର ନେତାଙ୍କ ସହ ସହସ୍ରାଧିକ କର୍ମୀ ସାମିଲ ହୋଇଥିଲେ।

## ଦେଶୀମଦ ସହ ବାଇକ୍ ଜବତ; ଜଣେ ଗିରଫ

**ଖଣ୍ଡପଡା,୮।୧୧(ସମିସ) :** ଖଣ୍ଡପଡ଼ା ଥାନା ଅଧିନ ଯୋଗିଆପଲ୍ଲୀ ଗ୍ରାମ ନିକଟରୁ ଆଜି ୨୩ ଲିଟର ଦେଶୀ ମହୁଲି ମଦ ଓ ଗୋଟିଏ ବାଇକ୍ ଜବତ ସହ ସେହି ଗ୍ରାମର ବିଭୂତି ଭୂଷଣ ମଣ୍ଡଳଙ୍କୁ ଗିରଫ କରିଛି ଖଣ୍ଡପଡ଼ା ଅବକାରୀ ବିଭାଗ। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ସେଠାରେ ତାଙ୍କର ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଖଣ୍ଡପଡ଼ା ଅବକାରୀ ବିଭାଗ ଓଆଇସି ଦୀପକ କୁମାର ଜେନା ସୂଚନା ଦେଇଛନ୍ତି। ଚଢ଼ଉ ବେଳେ ବିଭାଗ ପକ୍ଷରୁ ଲକ୍ଷ୍ମୀଧର ବେହେରା, ପ୍ରତ୍ୟୁଷ ରଞ୍ଜନ ଦେହୁରୀ ଓ ମୀତା ନାଏକ ସହଯୋଗ କରିଥିଲେ।

## ରକ୍ତଦାନ ଶିବିର; ୩୨ ୟୁନିଟ୍ ସଂଗ୍ରହ

**ଦଶପଲ୍ଲା,୮।୧୧(ସମିସ) :** ବାଣିଗୋଛା ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ବାବା ଯୋଗେଶ୍ୱର ଦୀପଦାନ କମିଟି ଓ ନୟାଗଡ଼ ସତ୍ୟସାଇ ସେବା ସମିତି ମିଳିତ ଭାବରେ ରକ୍ତଦାନ ଶିବିର ଆୟୋଜନ କରିଥିଲେ। ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆୟୋଜିତ ଏହି ଶିବିରରେ ୩୨ ଜଣ ସ୍ୱେଚ୍ଛାକୃତ ରକ୍ତଦାନ କରି ଅନୁଷ୍ଠାନ ପାଇଁ ପ୍ରଶଂସା ସାଉଁଟିଛନ୍ତି। ପ୍ରାରମ୍ଭରେ ସ୍ଥାନୀୟ ସ୍ୱେଚ୍ଛାସେବୀ ଓ ନେତାଜୀ ସୁଭାଷ ବୋଷ କଲେଜ ଛାତ୍ରଛାତ୍ରୀଙ୍କୁ ନେଇ ‘ରକ୍ତଦାନ ଜୀବନ ଦାନ’ ସ୍ଲୋଗାନ ସହିତ ଏକ ସଚେତନତା ପଦଯାତ୍ରା ସମ୍ପୂର୍ଣ୍ଣ ଗ୍ରାମ ପରିକ୍ରମା କରିଥିଲା। ସ୍ଥାନୀୟ କଲେଜ ଅଧ୍ୟକ୍ଷ ସତୀଶ ଦୀକ୍ଷିତ ଓ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ କାଳୀଚରଣ ଷଡ଼ଙ୍ଗୀ ଏହାକୁ ମିଳିତ ଭାବରେ ଉଦ୍‌ଘାଟନ କରିଥିଲେ। ଏହି ଶିବିରକୁ କମିଟି ସଭାପତି ଲିଟନ୍ ଦାସ, ରଞ୍ଜନ ସାହୁ, ପପୁ ପ୍ରସାଦ, ସମୀର ଭୂକ୍ତା, ଯଜ୍ଞଦତ୍ତ ନାୟକ, ସନ୍ତୋଷ ବିଶୋଇ ପ୍ରମୁଖ ସଂଯୋଜନା କରିଥିଲେ।

## ନାଟ୍ୟ ନିର୍ଦ୍ଦେଶକଙ୍କ ପରଲୋକ

**ଭାପୁର,୮।୧୧(ସମିସ):** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ବଡ଼ସହରା ପଞ୍ଚାୟତ ଜାମୁସାହି ଗ୍ରାମର ନାଟ୍ୟ ନିର୍ଦ୍ଦେଶକ ସର୍ବେଶ୍ୱର ଜେନାଙ୍କ ହୃଦ୍‌ଘାତରେ ପରଲୋକ ଘଟିଛି। ଗୁରୁବାର ସନ୍ଧ୍ୟାରେ ଚକ୍ରଧରପ୍ରସାଦ ପଞ୍ଚାୟତ ଗୋବର୍ଦ୍ଧନପ୍ରସାଦ ଗ୍ରାମରେ ଏକ ଡ୍ରାମା ପାଇଁ ନିର୍ଦ୍ଦେଶନା ଦେଉଥିବାବେଳେ ତାଙ୍କର ହୃଦ୍‌ଘାତ ହେବାରୁ ତାଙ୍କୁ ଭାପୁର ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ଶିଷ୍ୟମାନେ ତାଙ୍କୁ ଖୋର୍ଦ୍ଧା ଡାକ୍ତରଖାନାକୁ ନେଇ ଯାଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିବା ପରେ ପରିବାରଙ୍କୁ ହସ୍ତାନ୍ତର କରିଥିଲେ। ଗୁରୁବାର ବିଳମ୍ବିତ ରାତିରେ ତାଙ୍କ ମରଶରୀରକୁ ଗ୍ରାମ ପରିକ୍ରମା କରାଯାଇ ଗାଁ ଶ୍ମଶାନରେ ଶେଷକୃତ୍ୟ କରାଯାଇଛି। ତାଙ୍କ ବଡ଼ପୁଅ ଶ୍ରୀକାନ୍ତ ମୁଖାଗ୍ନି ଦେଇଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ କ୍ରୀଡ଼ା ଉତ୍ସବ




**କଣ୍ଟିଲୋ,୮।୧୧(ସମିସ):** କଣ୍ଟିଲୋ ପଞ୍ଚାୟତ ଅଧୀନ ମାଧବ ଚୌଧୁରୀ ପାଟଣା ଗ୍ରାମର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଶିକ୍ଷାନୁଷ୍ଠାନର ୨୨ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଆଜି ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ, ସଭାପତି, ଗୁରୁଜୀ ଗୁରୁମା’ଙ୍କ ସମେତ ସମସ୍ତ ଛାତ୍ରଛାତ୍ରୀ ପ୍ରଥମେ ଶ୍ରୀ ନୀଳମାଧବଙ୍କୁ ଦର୍ଶନ କରିବା ପରେ ପ୍ରଭାତଫେରୀ କାର୍ଯ୍ୟକ୍ରମ ସହ ଏକ ମଶାଲ ଶୋଭାଯାତ୍ରାରେ ବାହାରି ପଲଟନ ମିନି ଷ୍ଟାଡିୟମରେ ପହଞ୍ଚିଥିଲେ। ସେଠାରେ ଛାତ୍ରଛାତ୍ରୀମାନେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଦ୍ୱିତୀୟ ରାଉଣ୍ଡକୁ ଯୋଗ୍ୟତା ହାସଲ କରିଥିବା ଜଣାପଡିଛି। ଶନିବାର ଏହି ବାର୍ଷିକ କ୍ରୀଡ଼ା ଉତ୍ସବର ଉଦଯାପନୀ ଦିବସ ପାଳନ ହେବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

## ଗଛରେ ପିଟିହୋଇ ଓଲଟିଲା ବସ୍; ଚାଳକ ମୃତ



**୧୦ରୁ ଊର୍ଦ୍ଧ୍ୱ ଆହତ**

**ଦଶପଲ୍ଲା/ନୂଆଗାଁ,୮।୧୧(ସମିସ):** ନୟାଗଡ ଜିଲ୍ଲା ନୂଅଗାଁ ଥାନା ସୋରଡା ନିକଟସ୍ଥ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ ଉପରେ ଆଜି ଏକ ଘରୋଇ ବସ୍ ‘ରାମଦୂତ’ ଦୁର୍ଘଟଣାଗ୍ରସ୍ତ ହୋଇଛି। କନ୍ଧମାଳ ଜିଲ୍ଲା ମଣ୍ଡାସୁର, ରାଇକିଆରୁ ଭୁବନେଶ୍ୱର ଯାଉଥିଲା। ବସ୍‌ରେ ୪୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଥିଲେ। ଜାତୀୟ ରାଜପଥର ଏକ ବୁଲାଣି ନିକଟରେ ବସ୍‌ଟି ଭାରସାମ୍ୟ ହରାଇ ଗଛରେ ପିଟିହୋଇ ଓଲଟି ପଡିଥିଲା। ଦୁର୍ଘଟଣାରେ ଖଜୁରିପଡା ଅଞ୍ଚଳର ଡ୍ରାଇଭର ବୀରେନ ସାହାଣିଙ୍କ ମୃତ୍ୟୁ ଘଟିଥିବା ବେଳେ ୧୦ରୁ ଊର୍ଦ୍ଧ୍ୱ ଆହାତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଖଜୁରିପଡା ଅଞ୍ଚଳର ସୁଶିଳା ନାୟକ, ବିଜୁଳି ବେହେରାଙ୍କ ଅବସ୍ଥା ସଂକଟାପନ୍ନ ରହିଛି। ଦୁର୍ଘଟଣା ଖବରପାଇ ସ୍ଥାନୀୟ ଲୋକଙ୍କ ସହ ଅଗ୍ନିଶମ ବାହିନୀ, ପୁଲିସ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରିବା ସହ ଦଶପଲ୍ଲା, ନୂଆଗାଁ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ନୂଆଗାଁ ଥାନା ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି। ମୃତ ଡ୍ରାଇଭରଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ; ଜଣେ ଗିରଫ

**ନୟାଗଡ,୮।୧୧(ସମିସ) :** ନୟାଗଡ ଜିଲ୍ଲା ସଦରଥାନା ଅନ୍ତର୍ଗତ କାଳୀକାପ୍ରସାଦ ଗ୍ରାମରେ ଜଣେ ଯୁବକଙ୍କୁ ଗତକାଲି କିଛି ଯୁବକ ମରଣାନ୍ତକ ଆକ୍ରମଣ କରିଛନ୍ତି। ଆକ୍ରମଣର ଶୀକାର ହୋଇଥିବା ଯୁବକ ହେଲେ ମନୋରଞ୍ଜନ ଜେନା। ଭାଗବତ ପାରାୟଣ ଚାଲିଥିବା ବେଳେ ମନୋରଞ୍ଜନ ସେଠାରେ ଉପସ୍ଥିତ ଥିଲେ। ଏହି ସମୟରେ ଉକ୍ତ ଗ୍ରାମର ଗୋପାଳ ମହାପାତ୍ରଙ୍କ ପୁଅ ଚନ୍ଦନ ମହାପାତ୍ର କୌଣସି କାରଣରୁ ମନୋରଞ୍ଜନଙ୍କ ଘରକୁ ଯାଇ ତାଙ୍କୁ ଖୋଜିଥିଲେ। ସେଠାରେ ନପାଇ ତାଙ୍କ ମୋବାଇଲ ନମ୍ବର ମାଗି ଆଣି ଫେରିଥିଲେ। କିଛି ସମୟ ପରେ ମନୋରଞ୍ଜନ ଥିବା ସ୍ଥାନକୁ ଯାଇ ଚନ୍ଦନ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଆକ୍ରମଣରେ ତାଙ୍କ ଗୋଟିଏ ଆଖି ନଷ୍ଟ ହୋଇଯାଇଥିବା ଦେଖାଯାଇଛି। ଚନ୍ଦନଙ୍କ ବିଦ୍ୟୁତ ବିଲ ଅଧିକ ଆସିଥିବାରୁ ସେ ଏହାକୁ ନେଇ ମନୋରଞ୍ଜନଙ୍କ ଉପରେ ସନ୍ଦେହ କରିଥିଲେ। ଯେଉଁ କାରଣରୁ ଆକ୍ରମଣ ହୋଇଥିବା ସୂଚନା ମିଳିଛି। ଏହି ଘଟଣାରେ ମନୋରଞ୍ଜନଙ୍କ ମା’ଙ୍କ ଅଭିଯୋଗ ଆଧାରରେ ସଦରଥାନା ପୁଲିସ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଚନ୍ଦନ ଓରଫ କିରଣ ମହାପାତ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ନୟାଗଡ ଏସ୍‌ଡିପିଓ ସୁଦର୍ଶନ ଗାଙ୍ଗୋଇ ସୂଚନା ଦେଇଛନ୍ତି।

## ଭାଗୀରଥି ସରକାରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ

**ନୟାଗଡ,୮।୧୧(ସମିସ):** ନୟାଗଡ ନିକଟସ୍ଥ ଭାଗୀରଥି ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ଭାଗୀରଥି ଶତପଥୀଙ୍କ ୧୦୩ ତମ ଜନ୍ମ ଜୟନ୍ତୀ ଅବସରରେ ୫୬ ତମ ବାର୍ଷିକ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରାମଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ବିଶିଷ୍ଟ ସାହିତ୍ୟିକ ପ୍ରଫେସର ରାମଚନ୍ଦ୍ର ମିଶ୍ର ସମ୍ମାନୀତ ଅତିଥି ଭାବେ ନୟାଗଡ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ପ୍ରାଣୀବିଜ୍ଞାନ ଅଧ୍ୟକ୍ଷା ପ୍ରଫେସର କବିତା ମିଶ୍ର ଓ ମୁଖ୍ୟବକ୍ତା ଭାବେ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଥମ ପ୍ରଧାନ ଶିକ୍ଷକ ତ୍ରିନାଥ ରଥ ଯୋଗ ଦେଇଥିଲେ। ବିଦ୍ୟାଳୟର ପୁରାତନ ଛାତ୍ର ତଥା ଜଳସେଚନ ବିଭାଗର ଅବସରପ୍ରାପ୍ତ ସର୍ବୋଚ୍ଚ ଯନ୍ତ୍ରୀ କୁଳମଣି ବିଶ୍ୱାଳ, ବିଦ୍ୟାଳୟର ପଞ୍ଚସଖା ଶିକ୍ଷାସେତୁ ଯୋଜନା ସମିତି ସଦସ୍ୟ କାମାକ୍ଷାପ୍ରସାଦ ଦାଶ, ହୃଷୀକେଶ ଦାଶ ଓ ସମାଜସେବୀ ରୁଦ୍ରପ୍ରସନ୍ନ ରଥ ଯୋଗଦାନ କରି ଛାତ୍ର ଛାତ୍ରୀଙ୍କୁ ନିଜ ବହୁମୂଲ୍ୟ ବକ୍ତବ୍ୟ ଦେଇ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ଭାଗୀରଥି ଶତପଥୀଙ୍କ ପୁତ୍ର ଦୁର୍ଗାପ୍ରସନ୍ନ ଶତପଥୀ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ମାଧ୍ୟମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ପାଇଥିବା ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ଦାଶଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉକ୍ତ ସଭାରେ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ରାଜେଶ କୁମାର ପଣ୍ଡା ମଙ୍ଗଳାଚରଣ ପାଠପୂର୍ବକ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟରେ ଆୟୋଜିତ ବିଭିନ୍ନ ଶୈକ୍ଷିକ ଓ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ସମସ୍ତେ ଉପଭୋଗ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ବେଣୁଧର ବିଶ୍ୱାଳ, ଦୀପକ କୁମାର ମଙ୍ଗଳ, ଅନସୂୟା ବେହେରା, ସସ୍ମିତା ମହାରଣା ସହଯୋଗ କରିଥିଲେ। ଶିକ୍ଷକ ବିଭୂତି ଭୂଷଣ ରଣସିଂ ଧନ୍ୟବାଦ ଅର୍ପଣ ପୂର୍ବକ ସଭା ସାଙ୍ଗ କରିଥିଲେ।



● ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ

## ସମସ୍ୟା ସୃଷ୍ଟି କରୁଛି ବେଆଇନ ପାର୍କିଂ



**ନୟାଗଡ଼,୮ ।୧୧(ସମିସ):** ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ହତା ପାଲଟିଛି ଗାଡ଼ି ରହଣୀସ୍ଥଳ। ରୋଗୀଙ୍କ ଚିକିତ୍ସା ନିମନ୍ତେ ଚିକିତ୍ସାଳୟ ନିର୍ମାଣ କରାଯାଇଥିବା ବେଳେ ନୟାଗଡ଼ରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଚିକିତ୍ସାଳୟ ପ୍ରବେଶ ଦ୍ୱାର ଦେଇ ଭିତରକୁ ଗଲା ପରେ ବହୁ ଅଟୋ ଏବଂ କାର୍ ଦିନତମାମ ରହଣି କରୁଥିବା ଦେଖିବାକୁ ମିଳିଛି। ଚିକିତ୍ସାଳୟର ପରିଚାଳକଙ୍କ ଢିଲାପଣ ଯୋଗୁଁ ପାର୍କିଂ ସମସ୍ୟା ଅଧିକ ହେଉଥିବା ନେଇ ଅଭିଯୋଗ ହୋଇଛି। ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅନେକ ଅବ୍ୟବସ୍ଥା ଦେଖିବାକୁ ମିଳୁଛି। ସେଥିମଧ୍ୟରୁ ଗାଡ଼ି ରହଣିକୁ ନେଇ ସମସ୍ୟା ଦ୍ୱିଗୁଣିତ ହେଉଛି। ଚିକିତ୍ସାଳୟ ହତାକୁ କାର୍ ଏବଂ ଅଟୋ ମାଲିକମାନେ ମାଗଣା ରହଣି ସ୍ଥାନ ଭଳି ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। ଫଳରେ ରୋଗୀଙ୍କ ଗହଳି କମ୍ ଆଉ କାର୍ ଅଟୋ ଗହଳି ଅଧିକ ଦେଖିବାକୁ ମିଳୁଛି। ଚିକିତ୍ସାଳୟର ନୂତନ ପ୍ରବେଶ ଦ୍ୱାର ନିର୍ମାଣ ହେବା ପୂର୍ବରୁ ଚିକିତ୍ସାଳୟ ହତାରେ ଏଭଳି ବେଆଇନ ରହଣି ଦେଖିବାକୁ ମିଳୁଥିଲା। ଏବେ ନୂତନ ପ୍ରବେଶ ଦ୍ୱାର ନିର୍ମାଣ ସରିବା ପରେ ତାହା ଦ୍ୱିଗୁଣିତ ହୋଇଯାଇଥିବା ଦେଖିବାକୁ ମିଳୁଛି। ଦୈନିକ ହଜାର ହଜାର ରୋଗୀଙ୍କ ଭିଡ଼ ହେଉଥିବା ବେଳେ ବେଆଇନ ପାର୍କିଂ ଅଧିକ ସମସ୍ୟା ସୃଷ୍ଟି କରୁଛି। ଗୁରୁତର ରୋଗୀଙ୍କୁ ଆମ୍ବୁଲାନ୍ସ ଯୋଗେ କାଜୁଆଲିଟିକୁ ନେଉଥିବା ବେଳେ ଜନଔଷଧୀ କେନ୍ଦ୍ରର ବିପରୀତ ପାର୍ଶ୍ୱରେ ଅଟୋ ଆଉ କାର୍ ରହଣି ଯୋଗୁଁ ଆମ୍ବୁଲାନ୍ସ ଯିବାରେ ମଧ୍ୟ ସମସ୍ୟା ଦେଖାଦେଉଥିବା ଅଭିଯୋଗ ହୋଇଛି। ସେହିଭଳି ରକ୍ତ ପରୀକ୍ଷା କେନ୍ଦ୍ର ନିକଟରେ ମଧ୍ୟ ଅନେକ ଅଟୋ ରହଣି କରୁଥିବା ଦେଖିବାକୁ ମିଳୁଛି। ଚିକିତ୍ସାଳୟର ସମସ୍ତ ଦିଗକୁ ସଠିକ୍ ଭାବେ ପରିଚାଳନା କରାଯିବା ପାଇଁ ଚିକିତ୍ସାଳୟ ପରିଚାଳକ (ହସ୍‌ପିଟାଲ ମ୍ୟାନେଜର) ଦାୟିତ୍ୱରେ ରହିଛନ୍ତି। କିନ୍ତୁ ଚିକିତ୍ସାଳୟରେ ଅନେକ ସମସ୍ୟା ରହୁଥିଲେ ମଧ୍ୟ ପରିଚାଳକ ସେଥିପ୍ରତି ଦୃଷ୍ଟି ନଦେବା ପରିତାପର ବିଷୟ। ଏଣୁ ତୁରନ୍ତ ଚିକିତ୍ସାଳୟ ପରିସରରୁ ବେଆଇନ ଭାବେ ଗାଡ଼ି ରହଣି ଉପରେ ରୋକ ଲଗାଇବାକୁ ସାଧାରଣରେ ଦାବି ହୋଇଛି।

## କୁରାଳରେ ଅଷ୍ଟପ୍ରହରୀ ନାମଯଜ୍ଞ

**ଓଡ଼ଗାଁ,୮ ।୧୧(ସମିସ):** ଓଡ଼ଗାଁ ବ୍ଲକ କୁରାଳ ତୋଟାସାହିରେ ପବିତ୍ର କାର୍ତ୍ତିକମାସ ଅବସରରେ ଅଷ୍ଟପ୍ରହରି ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। କାର୍ତ୍ତିକମାସ ଶୁକ୍ଳପକ୍ଷ ସପ୍ତମୀ ତିଥିରେ କୁରାଳ ମଠମହନ୍ତ ବାଳକୃଷ୍ଣ ଦାସ ମହାରାଜଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅଧିବାସ, ଅଙ୍କୁରାରୋପଣ ଓ ଜଳଯାତ୍ରା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ତୋଟାସାହିର ଶତାଧିକ ମହିଳା ଓ ପୁରୁଷ ଏକତ୍ର ଭାବେ ନିକଟସ୍ଥ ଚଣ୍ଡିପୋଖରୀରୁ ଜଳସଂଗ୍ରହ କରି ମଣ୍ଡପ ନିକଟରେ ସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ନୋଡର, ଜାମୁସାହି, ବାଲିପଦରର ମାଳତୀବାଡ଼ି, ଭାମଶିଆଳି ଆଦି ଗଞ୍ଜାମ ସଂକୀର୍ତ୍ତନ ମଣ୍ଡଳୀ ଅଂଶଗ୍ରହଣ କରି ନାମସଂକୀର୍ତ୍ତନ କରିଥିଲେ। ତେବେ ମାଳତୀବାଡି ସଙ୍କୀର୍ତ୍ତନ ଦଳ ନୃତ୍ୟ ଶ୍ରଦ୍ଧାଳୁ ମାନଙ୍କ ମନ ମୋହିନେଇଥିଲା। ଦୁଇଦିନ ଧରି ଚାଲିଥିବା କାର୍ଯ୍ୟକ୍ରମରେ ପ୍ରତ୍ୟହ ପ୍ରସାଦ ସେବନ ସହିତ ହରେକୃଷ୍ଣ ହରେରାମ ନାମ ସଂକୀର୍ତ୍ତନରେ ଅଞ୍ଚଳ ଆଧ୍ୟାତ୍ମିକ ମୟ ହୋଇଉଠିଥିଲା।

**ବିଭିନ୍ନ ସ୍ଥାନରେ ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା**

## ସାଧନା ଓ ଏକାଗ୍ରତା ବଳରେ ବିଜ୍ଞାନର ଉନ୍ନତି ସମ୍ଭବ



**ଖଣ୍ଡପଡା,୮।୧୧(ସମିସ)**

ଖଣ୍ଡପଡା ସହରାଞ୍ଚଳ ଅଧିନ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ୩୦ ତମ ବ୍ଲକସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଆଜି ପୂର୍ବାହ୍ନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବିଡିଓ ଅଙ୍କୁର ଅଭିଳାଷ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ନିଷ୍ଠା, ସାଧନା ଓ ଏକାଗ୍ରତା ବଳରେ ବିଜ୍ଞାନର ଉନ୍ନତି ହୋଇପାରିବ ବୋଲି ବିଡିଓ ଶ୍ରୀ ସାହୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ବିଇଓ କୈଳାସ ଚନ୍ଦ୍ର କର, ଏବିଓ ପ୍ରଦୀପ ସାହୁ, କଳିଙ୍ଗ ଚନ୍ଦ୍ର ନାୟକ, ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଲିପ୍ସା ନନ୍ଦ, ସିଦ୍ଧାମୂଳା ଗୋକୁଳାନନ୍ଦ ଜୀଉ ବିଦ୍ୟାପୀଠର ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରସନ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ ବାଲ ବୈଜ୍ଞାନିକ ପ୍ରଦର୍ଶନୀରେ ଜୁନିୟର ତଥା ସିନିୟର ବର୍ଗରେ ସମଗ୍ର ବ୍ଲକରୁ ମୋଟ ୧୨୫ ପ୍ରକଳ୍ପ ସ୍ଥାନ ପାଇଥିବା ବେଳେ ବିଚାରକ ଭାବେ ଶିକ୍ଷକ ଯୋଗେନ୍ଦ୍ର ନାୟକ, ପ୍ରକାଶ ଚନ୍ଦ୍ର ସାହୁ, ବିପିନ ବିହାରୀ ନାୟକ ଓ ସୁରେଶ ବେହେରା ଯୋଗଦେଇ ୭ଗୋଟି ଶ୍ରେଷ୍ଠ ପ୍ରକଳ୍ପ ବାଛିଥିଲେ। ଏହା ଜିଲ୍ଲାସ୍ତରୀୟ ମେଳାରେ ପ୍ରଦର୍ଶିତ ହେବ।

ସେହିପରି ଅପରାହ୍ନରେ ବିଇଓ କୈଳାଶ ଚନ୍ଦ୍ର କରଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ଇଂ. ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ରାଜଶ୍ରୀ ପଟ୍ଟନାୟକ, ବ୍ଲକ ଅଧ୍ୟକ୍ଷା ଉପମା ବେହେରା, ପ୍ରଧାନ ଶିକ୍ଷୟିତ୍ରୀ ଲିପ୍ସା ନନ୍ଦ ପ୍ରମୁଖ ମଞ୍ଚାସୀନ ରହି ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସିଆରସିସି ନାରାୟଣ ଦାଶ କାର୍ଯ୍ୟକ୍ରମ ସଂଯୋଜନା ସହ ଧନ୍ୟବାଦ ଅର୍ପଣ କରିଥିଲେ।

**ଦଶପଲ୍ଲା:** ଦଶପଲ୍ଲା ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନ ସମାରୋହରେ ଗୋଷ୍ଠୀ ଶିକ୍ଷାଧିକାରୀ ଭକ୍ତି ବିନୋଦ ସଲ୍ଲ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବରେ ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ସମ୍ମାନିତ ଅତିଥି ଭାବରେ ଏନ୍‌ଏସି ଅଧ୍ୟକ୍ଷା ପୁନମ ପ୍ରିୟଦର୍ଶିନୀ ଓ ମୁଖ୍ୟବକ୍ତା ଭାବରେ ବୈଜ୍ଞାନିକ ଡ. ଜ୍ୟୋତିରଂଜନ ବେହେର ଯୋଗ ଦେଇଥିଲେ। ଉକ୍ତ ବିଜ୍ଞାନ ମେଳାରେ ୧୧୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ସଭାପତିତ୍ୱରେ ଆଲୁମିନି କମିଟି ସଭାପତି ଦିଲ୍ଲୀପ ଦାସ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ ବିଧାୟକ ରମେଶ ବେହେରା ଚିରନ୍ତନ ପ୍ରଗତିରେ ବିଜ୍ଞାନ ପ୍ରାସଙ୍ଗିକତାକୁ ବ୍ୟାଖ୍ୟା କରିଥିଲେ। ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦ ସଭ୍ୟ ବସନ୍ତ ପ୍ରଧାନ ଓ ହରିଶ୍ଚନ୍ଦ୍ର ଜାନୀ ପ୍ରମୁଖ ଯୋଗ ଦେଇଥିଲେ। ଶ୍ରେଷ୍ଠ ବିବେଚିତ ପ୍ରତ୍ୟୁଷ ରଞ୍ଜନ ସାଥୁଆ, ସମ୍ବିତ ସାହୁ, କାଜଲ ସାହୁ, ମେଘନା ଖମାରୀ, ଓମ୍ ପ୍ରକାଶ ସାହୁ, କେଶବ ନାୟକ, ସୌରଭ ନାୟକଙ୍କ ପ୍ରକଳ୍ପ ଜିଲ୍ଲାସ୍ତରୀୟ ପ୍ରଦର୍ଶନୀକୁ ମନୋନୀତ ହୋଇଛି।

**ଭାପୁର:** ଭାପୁର ବ୍ଲକ ଚକ୍ରଧରପ୍ରସାଦ ହାଇସ୍କୁଲରେ ଶୁକ୍ରବାର ବ୍ଲକସ୍ତରୀୟ ବିଜ୍ଞାନ ମେଳା ଆୟୋଜିତ ହୋଇଯାଇଛି। ଏଥିରେ ୧୧୦ ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିରୁ ୭ଟି ଜିଲ୍ଲାସ୍ତରକୁ ମନୋନୀତ ହୋଇଛି। ମୁଖ୍ୟବକ୍ତା ନିରଞ୍ଜନ ଆଚାର୍ଯ୍ୟ କହିଥିଲେ ବିଶ୍ୱର ପ୍ରଣାଳୀବଦ୍ଧ ଅଧ୍ୟୟନ ହେଉଛି ବିଜ୍ଞାନ। ବ୍ଲକ ଶିକ୍ଷା ଅଧିକାରୀ ଶଙ୍କର୍ଷଣ ଷଡଙ୍ଗୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ଇଂ. ଦୁଷ୍ମନ୍ତ କୁମାର ସ୍ୱାଇଁ, ଜିଲ୍ଲା ପରିଷଦ ସଭ୍ୟ ବିଜୟ କୁମାର ସାମନ୍ତରାୟ, ବିଆର୍‌ସିସି ପ୍ରଭାକର ସାମନ୍ତରାୟ, ଏବିଇଓ ସୁବାସ ଚନ୍ଦ୍ର ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସସ୍ମିତା ନାଥ, ମୋ ସ୍କୁଲ ସଭାପତି ଅନୀଲ କୁମାର ପାଲଟାସିଂହ, ସିଆର୍‌ସିସି ପଞ୍ଚାନନ ମହାପାତ୍ର, ପ୍ରଧାନ ଶିକ୍ଷକ ତଥା ବିଜ୍ଞାନ ମେଳା ସମ୍ପାଦକ ବିଜୟ କୁମାର ସାହୁ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ଚକ୍ରଧରପ୍ରସାଦ ପଞ୍ଚାୟତ ସମିତି ସଭ୍ୟ ପ୍ରତିନିଧି କାହ୍ନୁଚରଣ ମହାପାତ୍ର, ଭାପୁର ଓ କରବର ହାଇସ୍କୁଲର ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ଦାସ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ବିଜ୍ଞାନ ମନସ୍କ ହେବାକୁ ଉପଦେଶ ଦେଇଥିଲେ। ସେ ପୂର୍ବରୁ କରିଥିବା ଘୋଷଣା ଅନୁଯାୟୀ ଚକ୍ରଧରପ୍ରସାଦ ହାଇସ୍କୁଲର ଗତ ବର୍ଷ ‘ଏ-୧’ ଗ୍ରେଡରେ ମାଟ୍ରିକ ପାସ କରିଥିବା ପ୍ରତୀକ କୁମାର ସାହୁ ଓ ନୟନ୍ତିକା ବାରିକଙ୍କୁ ୧୧ ହଜାର ଲେଖାଏଁ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ଏବର୍ଷ ଠାରୁ ଭାପୁର ବ୍ଲକର ସମସ୍ତ ‘ଏ-୧’ ଗ୍ରେଡ ଛାତ୍ରଛାତ୍ରୀଙ୍କୁ ୧୧ ହଜାର ଲେଖାଏଁ ଟଙ୍କା ପ୍ରଦାନ ପାଇଁ ବେଣୁଧର ପ୍ରଧାନ ଘୋଷଣା କରିଛନ୍ତି।



### ନଳବଣ ନିଷିଦ୍ଧାଞ୍ଚଳରେ ମାଛ ମାରିବା ମହଙ୍ଗା ପଡ଼ିଲା

# ୧୬ ମତ୍ସ୍ୟଜୀବୀ ଗିରଫ; ୩ ଡଙ୍ଗା ଓ ଜାଲ ଜବତ

**ବାଲୁଗାଁ,୮।୧୧(ସମିସ)**

ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଅଧୀନ ତଥା ପକ୍ଷୀ ଅଭୟାରଣ୍ୟ ନଳବଣ ନିଷିଦ୍ଧାଞ୍ଚଳରେ ଅନୁପ୍ରବେଶ କରି ବେଆଇନ ଭାବେ ମାଛ ମାରୁଥିବା ବେଳେ ୧୬ ଜଣ ମତ୍ସ୍ୟଜୀବୀଙ୍କୁ ଶୁକ୍ରବାର ଗିରଫ କରାଯାଇଛି। ସେମାନେ ହେଲେ, ସ୍ଥାନୀୟ ଚନ୍ଦ୍ରାପୁଟ ଗ୍ରାମର ମୋଚିରାମ ଜାଲି(୬୫), ବ୍ରଜକିଶୋର ଜାଲି(୬୦), ବାବୁଲା କେଉ(୪୫), କାଳୁ ଜାଲି(୩୮), ଦୁର୍ଯ୍ୟୋଧନ ବେହେରା(୫୨), ଭ୍ରମରବର ଜାଲି(୫୫), ବାବୁଲା ଜାଲି(୪୩), ରଞ୍ଜନ କେଉ(୨୬), ଦେବବ୍ରତ ବେହେରା(୨୯), କହେଁଇ ଦାସ(୪୫), ଦାଶରଥୀ ବେହେରା(୫୨), ପ୍ରକାଶ କୁମାର ଜାଲି(୪୦), ଗୋଲଖ ଜାଲି(୪୫), ମିଥୁନ ଜାଲି(୩୦), ଶଙ୍କର ବେହେରା(୫୫) ଏବଂ ରୂପକ ଜାଲି(୩୪)। ୧୯୭୨ ବନ୍ୟପ୍ରାଣୀ ସୁରକ୍ଷା ଆଇନ ଅନୁଯାୟୀ, ବାଲୁଗାଁ ରେଞ୍ଜ ପକ୍ଷରୁ ୩୬,୩୭,୩୮/୨୪ରେ ତିନିଗୋଟି ପୃଥକ ମାମଲା ରୁଜୁ କରାଯାଇ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

ସୂଚନା ଅନୁଯାୟୀ, ଚିଲିକାରେ ବିଦେଶାଗତ ପକ୍ଷୀଙ୍କ ସୁରକ୍ଷା ତଥା ସେମାନଙ୍କ ବିଚରଣରେ ବାଧା ନପଡ଼ିବା ପାଇଁ ପକ୍ଷୀ ଅଭୟାରଣ୍ୟ ନଳବଣଠାରୁ ଚିଲିକା ଜଳରାଶିରେ ପ୍ରାୟ ୫ ଶହ ମିଟର ଦୂରତାରେ ସିମେଣ୍ଟ ଖୁଣ୍ଟ ପୋତାଯାଇ ଚତୁଃପାଶ୍ୱର୍ ଅଞ୍ଚଳକୁ ବିଭାଗୀୟ ପକ୍ଷରୁ ନିଷିଦ୍ଧାଞ୍ଚଳ ଭାବେ ଘୋଷଣା କରାଯାଇଛି। ଏପରିକି ଚିଲିକା ପରିଭ୍ରମଣରେ ଆସୁଥିବା ପର୍ଯ୍ୟଟକଙ୍କୁ ନଳବଣ ନିଷିଦ୍ଧାଞ୍ଚଳକୁ ପ୍ରବେଶ ଅନୁମତି ଦିଆଯାଇନାହିଁ। ଏଥିସହ ଚିଲିକାରେ ମାଛ ମାରି ପେଟ ପୋଷୁଥିବା ମତ୍ସ୍ୟଜୀବୀଙ୍କୁ ମଧ ପ୍ରବେଶ ନିଷେଧ ରହିଛି। ତେବେ ପକ୍ଷୀ ସମୂହ ମଳତ୍ୟାଗ କରୁଥବା ଉକ୍ତ ନିଷିଦ୍ଧାଞ୍ଚଳ ଜଳରାଶିରେ ପ୍ରଚୁର ପରିମାଣରେ ମାଛ ଓ କଙ୍କଡ଼ା ଆଦି ରହୁଥିବାରୁ ମତ୍ସ୍ୟଜୀବୀମାନେ ବେଆଇନ ଭାବେ ପ୍ରବେଶ କରି ମାଛ ମାରିବାକୁ ପଛାଉ ନାହାନ୍ତି। ଏପରିକି ମାଛ ମାରି ଗିରଫ ହେବା ଘଟଣା ପୂର୍ବରୁ ବହୁ ନଜିର ରହିଛି।

ତେବେ ଚିଲିକାରେ ବର୍ତ୍ତମାନ ମାଛ ସଂଖ୍ୟା ବୃଦ୍ଧି ପାଇଥିବା ବେଳେ ନଳବଣ ନିଷିଦ୍ଧାଞ୍ଚଳରେ ପ୍ରଚୁର ପରିମାଣରେ ମାଛ ରହୁଥିବାରୁ ମତ୍ସ୍ୟଜୀବୀମାନେ ନିଜର ପରିବାର ପ୍ରତିପୋଷଣ ପାଇଁ ବାଧ ହୋଇ ଆଇନକୁ ନମାନି ମାଛ ମାରୁଥିବା ଦେଖାଯାଇଛି। ଏପରିସ୍ଥଳେ ଶୁକ୍ରବାର ପୂର୍ବାହ୍ନ ୯ଟା ସମୟରେ ଉପରୋକ୍ତ ମତ୍ସ୍ୟଜୀବୀମାନେ ୩ଟି ଡଙ୍ଗାରେ ଯାଇ ନଳବଣ ନିଷିଦ୍ଧାଞ୍ଚଳରେ ଲୁଚି ଛପି ମାଛ ମାରୁଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ଡିଏଫ୍ଓ ଅମ୍ଳାନ ନାୟକଙ୍କ ନିର୍ଦ୍ଦେଶକ୍ରମେ ବାଲୁଗାଁ ବନ୍ୟପ୍ରାଣୀ ବିଭାଗୀୟ ରେଞ୍ଜର ରଶ୍ମିତା ଜେନା ସଦଳବଳେ ଚଢ଼ଉ କରି ସେମାନଙ୍କୁ ଗିରଫ କରିଥିଲେ। ସେମାନଙ୍କଠାରୁ ବ୍ୟବହୃତ ତିନିଗୋଟି ଇଞ୍ଜିନ ଚାଳିତ ଡଙ୍ଗା, ୭୫ ପଟ ଡୁବି ଜାଲ, ୪୭ଟି ମାଛ ଧରା ଜାଲ ସମେତ ଅନ୍ୟାନ୍ୟ ସାମଗ୍ରୀ ଏବଂ ତିନିଗୋଟି ମୋବାଇଲ ଫୋନ୍ ଜବତ କରାଯାଇଛି।

### ● ମାଙ୍କଡ଼ା ଖଣିରେ ଚଢ଼ଉ

## ୪ ଗିରଫ; ଟ୍ରାକ୍ଟର୍ ଓ ଜେସିବି ଜବତ

**ଭୂଷଣ୍ଡପୁର/କାଳୁପଡ଼ାଘାଟ,୮।୧୧(ସମିସ):** ଖୋର୍ଦ୍ଧା ବନଖଣ୍ଡ ଟାଙ୍ଗୀ ରେଞ୍ଜ ଭୂଷଣ୍ଡପୁର ଜଙ୍ଗଲରେ ବେଆଇନ ମାଙ୍କଡ଼ା ପଥର ଖଣିରେ



ବନ ବିଭାଗ ଅତର୍କିତ ଚଢ଼ଉ କରି ଗୋଟିଏ ଜେସିବି, ଗୋଟିଏ ଟ୍ରାକ୍ଟର୍ ଓ ଗୋଟିଏ ବାଇକ୍ ଜବତ କରିଛି। ବେଆଇନ ମାଙ୍କଡା ପଥର ଚୋରା କାରବାର ଅଭିଯୋଗରେ ୪ ଜଣ ଅଭିଯୁକ୍ତଙ୍କୁ ବନ ବିଭାଗ ଗିରଫ କରିଛି। ସେମାନେ ହେଲେ, ହରିପୁର ଗ୍ରାମର ତୋଫାନ ଜେନା, ଅଖିଳ ଜେନା, ଶିବ ମାଝୀ ଓ ସୁକାନ୍ତ ସୁନ୍ଦରାୟ। ମାଫିଆମାନେ ଦୀର୍ଘ ଦିନ ହେଲା ଚୋରା ପଥର କାରବାର କରି ମୋଟା ଅଙ୍କର ଅର୍ଥ ରୋଜଗାର କରି ଆସୁଥିଲେ। ବିଶେଷ ସୂତ୍ରରୁ ଖବର ପାଇ ବନ ବିଭାଗ ତରଫରୁ ଚଢ଼ଉ କରାଯାଇଥିଲା। ଅଧିକ ତଦନ୍ତ ଜାରି ରହିଥିବା ବନ ବିଭାଗ ରେଞ୍ଜ ଅଫିସର ଦେବାଶିଷ ଭୋଇ ସୂଚନା ଦେଇଛନ୍ତି।

# ବିଜେଡିର ସଦସ୍ୟତା ଅଭିଯାନ ବୈଠକ



**ବେଗୁନିଆ,୮।୧୧(ସମିସ):** ବୋଲଗଡ଼ ବ୍ଲକ ବଡ଼କୁମାରୀ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଗୁରୁବାର ବିଜେଡି ବ୍ଲକ ସଭାପତି ବାନାମ୍ବର ମାଝୀଙ୍କ ଅଧ୍ୟକ୍ଷତାରେ ସଦସ୍ୟ ସଂଗ୍ରହ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ୧୯ଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଜିଲ୍ଲାପରିଷଦ ସଭ୍ୟ, ଦଳର ବରିଷ୍ଠ ନେତୃବୃନ୍ଦ ଯୋଗଦେଇଥିଲେ। ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାର ଉଜ୍ୱଳ ଭବିଷ୍ୟତ ଗଠନରେ ଅଂଶୀଦାର ହେବା ପାଇଁ ବିଧାୟକ ପ୍ରଦୀପ କୁମାର ସାହୁ ଆହ୍ୱାନ ଦେଇଥିଲେ। ଏହା ସହ ବୋଲଗଡ଼ ବେଗୁନିଆରେ ୧ ଲକ୍ଷ ସଦସ୍ୟ ଯୋଡ଼ିବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ରମେଶ ସାହୁ, ଜିଲ୍ଲାପରିଷଦ ସଭ୍ୟ ସୁବାସ ରାୟଗୁରୁ, ପବିତ୍ର ମୋହନ ମାଝୀ ଓ ବରିଷ୍ଠ କର୍ମୀ ବଂଶୀଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବେଙ୍ଗଲୀ ଛାତ୍ରଛାତ୍ରୀଙ୍କୁ ପାଠ୍ୟ ପୁସ୍ତକ ବଣ୍ଟନ

**ଟାଙ୍ଗୀ/ଭୂଷଣ୍ଡପୁର, ୮।୧୧(ସମିସ):** ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ଆମ ରାଜ୍ୟରେ ଅଧ୍ୟୟନ କରୁଥିବା ଅଣଓଡ଼ିଆ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ମାତୃଭାଷାରେ ଶିକ୍ଷାଦାନ କରିବାର ବ୍ୟବସ୍ଥା କରାଯାଇଛି। ଏଥିପାଇଁ ଭାଷା ଶିକ୍ଷକ ନିଯୁକ୍ତି ଦିଆଯାଇ ସେମାନଙ୍କୁ ମାଗଣାରେ ମାତୃଭାଷା ପାଠ୍ୟପୁସ୍ତକ ପ୍ରଦାନ କରାଯିବା ପାଇଁ ବ୍ୟବସ୍ଥା ହୋଇଛି। ତେବେ ସରକାରଙ୍କ ତରଫରୁ ପାଠ୍ୟପୁସ୍ତକ ଯୋଗାଣରେ ବିଳମ୍ବ ହେବା ଉପଲବ୍ଧ କରି ଟାଙ୍ଗୀ ବ୍ଲକର ୬ଟି କଲୋନୀର ବିଭିନ୍ନ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କୁ ଟାଙ୍ଗୀ ବ୍ଲକ ଅଧୀନସ୍ଥ ଭୂଷଣ୍ଡପୁର ବେଙ୍ଗଲୀ ସମାଜ ତରଫରୁ ଶୁକ୍ରବାର ନିଜସ୍ୱ ପ୍ରଚେଷ୍ଟାରେ ବଙ୍ଗଳା ପାଠ୍ୟପୁସ୍ତକ ଆଣି ମାଗଣାରେ ବଣ୍ଟନ କରାଯାଇଥିବା ଜଣାପଡିଛି। ଅନୁସନ୍ଧାନରୁ ଜଣାପଡିଛି ଯେ ଏହି ବ୍ଲକ ଅଧୀନସ୍ଥ ବାଲିପାଟପୁର, ଗୋବର୍ଦ୍ଧନପୁର, ଝାଟିନୂଆଗାଁ କଲୋନୀ ପ୍ରାଥମିକ ବିଦ୍ୟାଳୟର ପ୍ରଥମ ଶ୍ରେଣୀରେ ୨୨ ଜଣ ବେଙ୍ଗଲୀ ଛାତ୍ରଛାତ୍ରୀ, ସୁନ୍ଦରପୁର କଲୋନୀରେ ୧୮, କନ୍ତଳବାଇ କଲୋନୀରେ ୭, କାଟିଲାଗୋଠ କଲୋନୀରେ ୭ ଜଣ ସମେତ ମୋଟ ୫୪ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ବଙ୍ଗଳାଭାଷା ଶିକ୍ଷକ ରୂପେ ସୋମା ବାଗ ଓ ରୂପାଲି ପାତ୍ରଙ୍କୁ ସରକାର ନିଯୁକ୍ତି ପ୍ରଦାନ କରିଛନ୍ତି। ବେଙ୍ଗଲୀ ସମାଜର ଆବାହକ କମଳାକାନ୍ତ ରାୟ ଏହି ପାଠ୍ୟପୁସ୍ତକଗୁଡିକ ଡାକ ଯୋଗେ କୋଲକାତାରୁ ବର୍ଷ ପରିଚୟ ଓ ଆଦର୍ଶ ଲିପି ପୁସ୍ତକ ଆଣିଥିବା ଜଣାପଡିଛି। କାର୍ଯ୍ୟକ୍ରମରେ ଟାଙ୍ଗୀ ଗୋଷ୍ଠୀ ଶିକ୍ଷାଧିକାରୀ ରବୀନ୍ଦ୍ର ସାହୁ, ଓଷ୍ଟାର ପୂର୍ବତନ ସଭାପତି ପଦ୍ମନାଭ ବିଶ୍ୱାଳ, କନ୍ତଳବାଇ ସରପଞ୍ଚ ସୁନିତା ହାଲଦରା, ସୁନ୍ଦରପୁର ସରପଞ୍ଚ ସୁଜିତ ହାଲଦାର, ବଙ୍ଗାଳି ସମାଜ ସଭାପତି ଅମୋଲ ଚକ୍ରବର୍ତ୍ତୀ, ସମାଜସେବୀ ବିରଞ୍ଚି ନାରାୟଣ ପ୍ରଧାନ, ସ୍କୁଲ କମିଟି ସଭ୍ୟ ପୂର୍ଣ୍ଣଚନ୍ଦ୍ର ମଣ୍ଡଳ, ଉଜଳା ଗୋପୀନାଥପୁର ସରପଞ୍ଚ ପ୍ରତିନିଧି ଡମ୍ବରୁଧର ସ୍ୱାଇଁ, ପ୍ରଧାନଶିକ୍ଷକ ବଳରାମ ଦାସ ପ୍ରମୁଖ ପାଠ୍ୟପୁସ୍ତକ ବଣ୍ଟନ କରିଥିଲେ। ଅନୁରୂପ ଭାବେ କାଟିଲାଗୋଠ କଲୋନୀ ଓ ସୁନ୍ଦରପୁର କଲୋନୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ମଧ ଏହି ପାଠ୍ୟପୁସ୍ତକ ବଣ୍ଟନ କରାଯାଇଛି।

## ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟ୍

**ବାଣପୁର,୮ ।୧୧(ସମିସ):** ବାଣପୁର ଥାନା ସାନହନ୍ତୁଆଡ଼ ଗ୍ରାମର ବିଶ୍ୱ ବରାଳଙ୍କ ଘର କବାଟ ତାଲା ଭାଙ୍ଗି କେହି ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ସାନହନ୍ତୁଆଡ଼ ଗ୍ରାମରେ ଗିରି ଗୋବର୍ଦ୍ଧନ ପୂଜା ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଥିବା ବେଳେ ଦେଖିବା ପାଇଁ ବିଶ୍ୱ ବରାଳଙ୍କ ପରିବାର ଲୋକେ ଘରେ ତାଲା ପକାଇ ସେଠାକୁ ଯାଇଥିଲେ। ଘରେ କେହି ନଥିବାର ସୁଯୋଗ ନେଇ କେହି ଦୁର୍ବୃତ୍ତ ଘର କବାଟ ତାଲା ଭାଙ୍ଗି ଭିତରେ ପଶି ଏକ ଆଲମାରୀ ଭାଙ୍ଗି ସେଥିରେ ଥିବା ଗୋଟିଏ ସୁନାଚେନ୍, ମଙ୍ଗଳ ସୂତ୍ର, ଦୁଇ ହଳ କାନଫୁଲ, ଦୁଇ ପଟ ସୁନା ଚୁଡ଼ି ଆଦି ଲକ୍ଷାଧିକ ଟଙ୍କା ମୂଲ୍ୟର ସୁନା ଅଳଙ୍କାର ସମେତ ଦୁଇ ହଳ ପାଉଁଜି ଓ ନଗଦ ପାଞ୍ଚ ହଜାର ଟଙ୍କା ଲୁଟି ନେଇ ଫେରାର ହୋଇ ଯାଇଥିଲା। ଏନେଇ ବିଶ୍ୱଙ୍କ ପତ୍ନୀ ସୀତା ବରାଳ ବାଣପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ବାଣପୁର ପୁଲିସ ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ହେଲେ ଏଯାବତ୍ ପୁଲିସ ଲୁଟ୍ ସାମଗ୍ରୀ କିମ୍ବା ଲୁଟେରା ମାନଙ୍କର କୌଣସି ସନ୍ଧାନ ପାଇପାରି ନାହିଁ। ତେବେ ବାଲୁଗାଁ-ବାଣପୁର ଅଞ୍ଚଳରେ ବାରମ୍ବାର ଏଭଳି ବହୁ ଚୋରି ଲୁଟ୍ ଡକାୟତି ଘଟଣାମାନ ଘଟିଥିବା ବେଳେ ଏଯାବତ୍ କୌଣସି ଲୁଟ୍ ସମ୍ପର୍କରେ କିମ୍ବା ଲୁଟେରା ଗ୍ୟାଙ୍ଗକୁ ଧରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି ପୁଲିସ। ଫଳରେ ଲୋକେ ପୁଲିସ ଉପରୁ ଆସ୍ଥା ହରାଇଛନ୍ତି। ଏ ସମ୍ପର୍କରେ ବାଣପୁର ଥାନା ଅଧିକାରୀ ରମେଶ କୁମାର ଦେବତାଙ୍କୁ ପଚାରିବାରେ ତଦନ୍ତ ଚାଲିଛି ଯଥାଶୀଘ୍ର ଲୁଟେରାଙ୍କୁ ଗିରଫ କରାଯିବା ସହ ପାଟ୍ରୋଲିଂ କଡ଼ାକଡ଼ି କରାଯିବ ବୋଲି କହିଛନ୍ତି।

# ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ନାବିକଙ୍କୁ ପ୍ରଶିକ୍ଷଣ



**ବାଲୁଗାଁ,୮।୧୧(ସମିସ):** ରାଜ୍ୟ ପର୍ଯ୍ୟଟନ ବିଭାଗ ତରଫରୁ ଆର୍ଦ୍ରଭୂମି ଚିଲିକାର ପରିବେଶ ସ୍ୱଚ୍ଛତା, ପର୍ଯ୍ୟଟକଙ୍କ ସୁରକ୍ଷା ଏବଂ କାର୍ଯ୍ୟରତ ପର୍ଯ୍ୟଟନ ନାବିକଙ୍କ ଜୀବନଜୀବିକା କ୍ଷେତ୍ରରେ ଉନ୍ନତି ନିମିତ୍ତ ଏକ ପ୍ରଶିକ୍ଷଣ ସମାରୋହ ଶୁକ୍ରବାର ସ୍ଥାନୀୟ ସିଡିଏ, ଆର୍ଦ୍ରଭୂମି ଗବେଷଣା କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ସିଡିଏ ସହକାରୀ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମ୍ଳାନ ନାୟକ ଉଦ୍‌ଘାଟନ କରିଥିବା ବେଳେ ବୈଜ୍ଞାନିକ ଡାକ୍ତର ପ୍ରଦୀପ ରଞ୍ଜନ ମୁଦୁଲି, ବଡ଼କୂଳ ପାନ୍ଥନିବାସ ମୁଖ୍ୟ ପରିଚାଳକ ସବ୍ୟସାଚୀ କର ଏବଂ ଡାକ୍ତର ସୁଶାନ୍ତ କୁମାର ଶାସମଲ ପ୍ରମୁଖ ଉପସ୍ଥିତ ରହି ଚିଲିକାରେ ପର୍ଯ୍ୟଟକଙ୍କୁ ସେବା ଯୋଗାଇ ଆସୁଥିବା ନାବିକଙ୍କୁ ବିଭିନ୍ନ ସଚେତନମୂଳକ ବାର୍ତ୍ତା ପ୍ରଦାନ କରିଥିଲେ। ଏଥି ସହିତ ଡାକ୍ତର ଅଦ୍ୟାଶା ଦାସ, ରେଞ୍ଜର ରଶ୍ମିତା ଜେନା ଓ ମନୋରଞ୍ଜନ ମିଶ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ବିଶେଷକରି ଆର୍ଦ୍ରଭୂମି ଚିଲିକା ଏବଂ ଏହାର ଚତୁଃପାଶ୍ୱର୍ ପରିବେଶର ସ୍ୱଚ୍ଛତା ଓ ସୁରକ୍ଷା ସହ ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କୁ ଉତ୍ତମ ବ୍ୟବହାର ଏବଂ ଦୈବୀ ଦୁର୍ଘଟଣା ସମୟରେ ସୁରକ୍ଷା ଦିଗରେ ପ୍ରାଧାନ୍ୟତା ଉପରେ ଉପସ୍ଥିତ ନାବିକଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ ୟୁକୋ ଟୁରିଜିମ୍ ମାଧ୍ୟମରେ ପର୍ଯ୍ୟଟନ ନାବିକଙ୍କ ଜୀବନଜୀବିକା କ୍ଷେତ୍ରରେ କିପରି ଉନ୍ନତି ହୋଇପାରିବ ସେ ଦିଗରେ ମଧ୍ୟରେ ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ଅତିଥିମାନେ କହିଥିଲେ।

ଏହି ଅବସରରେ ଚିଲିକାରେ ଯାତ୍ରୀ ପରିବହନ କ୍ଷେତ୍ରରେ ଚୟନ ହୋଇଥିବା ବିଭିନ୍ନ ଡଙ୍ଗା ମାଲିକ ସଂଘର ୪୦ରୁ ଉର୍ଦ୍ଧ୍ୱ ନାବିକଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ଏହି ପ୍ରଶିକ୍ଷଣ ପର୍ଯ୍ୟାୟ କ୍ରମେ ଜାରି ରହିବ। ସିଡିଏ କର୍ମଚାରୀଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମକୁ ସୁପରିଚାଳନା କରିଥିଲେ।

# ଭାରତୀୟ ବିଜ୍ଞାନ ଏକାଡେମିର ୯୦ତମ ଅଧିବେଶନ ଉଦ୍‌ଘାଟିତ

**ଜଟଣୀ, ୮।୧୧(ସମିସ):** ଭାରତୀୟ ବିଜ୍ଞାନ ଏକାଡେମି ୯୦ତମ ଅଧିବେଶନ ନାଇଜରର ପଠାଣିସାମନ୍ତ ପ୍ରେକ୍ଷାଳୟରେ ଉଦ୍‌ଘାଟିତ ହୋଇଯାଇଛି। ଏକାଡେମିର ସଭାପତି ପ୍ରଫେସର ଉମେଶ ଭି. ୱାଗ୍‌ମାରେଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଭାରତ ସରକାରଙ୍କ ପ୍ରମୁଖ ବିଜ୍ଞାନ ପରାମର୍ଶଦାତା ପ୍ରଫେସର ଅଜୟ କୁମାର ସୁଦ୍ ଯୋଗଦେଇ ଥର୍ମୋଡାଇନାମିକ୍ ପଜଲ ଜିଜ୍ଞାସା ଏବେ ସମାଧାନ ଦିଗରେ ଏବଂ ଏହା ବୈଜ୍ଞାନିକଙ୍କୁ ଦିଗ୍‌ଦର୍ଶନ ଦେବ ବୋଲି



କହିଛନ୍ତି। ସମ୍ମାନିତ ଅତିଥିଭାବେ ଏକାଡେମିର ପ୍ରାକ୍ତନ୍ ସଭାପତି ପ୍ରଫେସର ପାର୍ଥ ମଜୁମ୍ଦାର ଯୋଗଦେଇ ଦେଶର ବିଜ୍ଞାନ ବିକାଶରେ ଭାରତୀୟ ବିଜ୍ଞାନ ଏକାଡେମିର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତ ଦେଇଥିଲେ। ନାଇଜରର କୁଳସଚିବ ଅଭୟ ନାୟକ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଫେସର କେ ଶଙ୍କରରାଓଙ୍କ ରଚିତ ପୁସ୍ତକ 'ବ୍ରିଜ ଅଫ୍ ବାଙ୍ଗାଲୋର' ମୁଖ୍ୟ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏକାଡେମିର ସମ୍ପାଦକ ପ୍ରଫେସର ବିଜୟ ମୋହନ ପିଲାଇ ଓ ସମ୍ପାଦିକା ପ୍ରଫେସର ରିନି ବୋର୍ଗେସ୍ ସଂପାଦକୀୟ ବିବରଣୀ ଉପସ୍ଥାପନ କରିବା ସଙ୍ଗେ ସଙ୍ଗେ ଏକାଡେମିର ସଫଳତା ଉପରେ ଆଲୋକପାତ କରିଥିଲେ। ନାଇଜରର ନିର୍ଦ୍ଦେଶକ ହିରେନ୍ଦ୍ର ନାଥ ଘୋଷ ଓ ଆଇଆଇଟିର ନିର୍ଦ୍ଦେଶକ ଶ୍ରୀପଦ କର୍ମାଲକର ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ଅଧିବେଶନର ସଂଯୋଜକ ପ୍ରଫେସର ସି. ଗୁଣନାଥନ୍ ଧନ୍ୟବାଦ ଦେଇଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଛାତ୍ରଛାତ୍ରୀ, ଗବେଷକ, ଶିକ୍ଷକ ଏବଂ ବୈଜ୍ଞାନିକ ବିଶେଷ ଉପକୃତ ହେବେ ବୋଲି କୁହାଯାଇଛି।

## ଘରୋଇ ବିଶ୍ୱବିଦ୍ୟାଳୟରୁ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଜଟଣୀ, ୮।୧୧(ସମିସ):** ଜଟଣୀସ୍ଥିତ ଏକ ଘରୋଇ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରୁ ପୁଲିସ ଜଣେ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ମୃତ ଛାତ୍ର ହେଲେ, ଛତିଶଗଡ କୋରବା ଜିଲ୍ଲା ଗେଭ୍ରା ବସ୍ତିର ଯାନସୁଲ କଇୱଟ୍। କଇୱଟ୍ ବିଶ୍ୱବିଦ୍ୟାଳୟର ଡିପ୍ଲୋମା ଇନ୍ ମାଇନିଂ ବିଭାଗର ଛାତ୍ର ଥିବା ବେଳେ ସେ କ୍ୟାମ୍ପସ୍‌ର ଛାତ୍ରାବାସରେ ରହୁଥିଲେ। କେଉଁ କାରଣରୁ ସେ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଲେ ସେନେଇ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ। ଅନ୍ୟପଟେ ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି ପୁଲିସ। ଅନ୍ୟପଟେ ଘଟଣାକୁ ନେଇ କଲେଜ କ୍ୟାମ୍ପସରେ କିଛି ସମୟ ଛାତ୍ର ଅସନ୍ତୋଷ ଦେଖିବାକୁ ମିଳିଥିଲା।

# ଅସଲି ଡବାରେ ନକଲି ଜର୍ଦ୍ଦା; ୨ ଗିରଫ

**ଖୋର୍ଦ୍ଧା,୮।୧୧(ସମିସ):** ସମବାୟ ବ୍ୟାଙ୍କ ଛକ ଓ ପୂର୍ତ୍ତ ବିଭାଗ ବଙ୍ଗଳା ନିକଟରେ ୨ଟି ଦୋକାନରେ ଆଦର୍ଶ ଥାନା ପୁଲିସ ଚଢ଼ଉ କରି ନକଲି ଜର୍ଦ୍ଦା ଏବଂ ଗୁଣ୍ଡି ଜବତ କରିଛି । ଏହି ଘଟଣାରେ ପୁଲିସ ୨ଜଣ ଦୋକାନୀଙ୍କୁ ଗିରଫ କରିଛି। ସେମାନେ ହେଲେ, ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ମୁକୁନ୍ଦପ୍ରସାଦର ଏମ.ଡି ସିଦ୍ଦିକ (୩୫) ଓ ମଲ୍ଲିପୁରର ପ୍ରଭାତ କୁମାର ସେଠୀ (୪୦)।




ଅଭିଯୋଗ ଅନୁସାରେ, ଖୋର୍ଦ୍ଧା ସହରରେ କିଛି ଦୋକାନରେ ନକଲି ଗୋପାଳ ଜର୍ଦ୍ଦା ବିକ୍ରୀ କରାଯାଉଥିବା ଅସଲି କମ୍ପାନୀର କର୍ମକର୍ତ୍ତା ଥାନାରେ ଗୁରୁବାର ଅଭିଯୋଗ କରିଥିଲେ। ଏନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ବିଭିନ୍ନ ଦୋକାନରେ ପୁଲିସ ଯାଞ୍ଚ ପ୍ରକ୍ରିୟା କରିଥିଲା। ପ୍ରଭାତ ଓ ଏମଡି ସିଦ୍ଦିକଙ୍କ ଦୋକାନରୁ ନକଲି ଗୋପାଳ ଜର୍ଦ୍ଦା ଓ ନକଲି ଗୁଣ୍ଡି ପ୍ୟାକେଟ ଜବତ ହୋଇଥିଲା। ଏହାପରେ ଦୁଇଜଣଙ୍କୁ ପୁଲିସ ଗିରଫ କରିଥିଲା। ସିଦ୍ଦିକଠାରୁ ୫ଶହ ଗ୍ରାମ ଓଜନର ୧୦ ଡବା ନକଲି ଜର୍ଦ୍ଦା ଓ ୧୮ ପ୍ୟାକେଟ ନକଲି ଗୁଣ୍ଡି ଏବଂ ପ୍ରଭାତ ଦୋକାନରୁ ୯ ଡବା ନକଲି ଜର୍ଦ୍ଦା ଓ ୯ ପ୍ୟାକେଟ ନକଲି ଗୁଣ୍ଡିକୁ ପୁଲିସ ଜବତ କରିଛି। ଅସଲି ଜର୍ଦ୍ଦା ମୂଲ୍ୟ ଯେଉଁଠି ୯ଶହ ସେଠାରେ ଦେଢଶହରୁ ଅଢେଇଶହରେ ନକଲି ଜର୍ଦ୍ଦା କିଣି ଅସଲି ଡବାରେ ପୂରାଇ ବିକ୍ରୀ କରୁଥିବା ଅଭିଯୁକ୍ତମାନେ ପୁଲିସ ଆଗରେ ସ୍ୱୀକାର କରିଛନ୍ତି। ଜବତ ଜର୍ଦ୍ଦାର ମୂଲ୍ୟ ୪୦ରୁ ୫୦ହଜାର ଟଙ୍କା ହେବ ବୋଲି ପୁଲିସ ସୂଚନା ଦେଇଛି। ତେବେ କେଉଁଠାରୁ ଏବଂ କିଏ ଏତେ ପରିମାଣର ନକଲି ଜର୍ଦ୍ଦା ଯୋଗାଉଛି ପୁଲିସ ତାର ଚେର ଖୋଜୁଛି। ଅନ୍ୟପକ୍ଷରେ ଗିରଫ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ମଲାଗୁଣୀ ନଦୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ନିରାକାରପୁର,୮।୧୧(ସମିସ):** ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଅନ୍ତର୍ଗତ ରାମେଶ୍ୱର ନିକଟ ମଲାଗୁଣୀ ନଦୀରୁ ପୁଲିସ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି। ଆଜି ସକାଳୁ ରାମେଶ୍ୱର ଛକ ନିକଟ ମଲାଗୁଣୀ ନଦୀ ଓଭରବ୍ରିଜ ତଳେ ଜଣେ ଯୁବକଙ୍କ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକ ଦେଖି ପୁଲିସକୁ ଖବର ଦେଇଥିଲେ। ଜଙ୍କିଆ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ପାଣିରୁ ମୃତଦେହ ଉଦ୍ଧାର କରିଥିଲା। ମୃତ ଯୁବକଙ୍କ ପରିଚୟ ମିଳି ନ ଥିବାବେଳେ ତାଙ୍କ ବୟସ ୪୦ରୁ ୪୫ ହେବ ବୋଲି ଅନୁମାନ କରାଯାଉଛି। ଏନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

# ସାହିତ୍ୟିକ ଯମେଶ୍ୱରଙ୍କ ସ୍ମୃତିଚାରଣ



**ବେଗୁନିଆ,୮।୧୧(ସମିସ):** ବେଗୁନିଆ ବ୍ଲକ ଗଡ଼ମାଣିତିର ପଞ୍ଚାୟତ ଅନ୍ତର୍ଗତ ଲୋକିପୁର ଗ୍ରାମର ବିଶିଷ୍ଟ ଶିକ୍ଷାବିତ୍ ତଥା ସାହିତ୍ୟିକ ସ୍ୱର୍ଗତ ଯମେଶ୍ୱର କହଲସିଂହଙ୍କ ପ୍ରଥମ ବାର୍ଷିକ ଉପଲକ୍ଷେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। କବି ବଳରାମ ରଣସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ବିଧାୟକ ପ୍ରଦୀପ କୁମାର ସାହୁ, କବି ନିଶିକାନ୍ତ କହଲସିଂହ, ଶିକ୍ଷକ ଜମ୍ବେଶ୍ୱର ମଙ୍ଗରାଜ, ସ୍ତମ୍ଭକାର ଡଃ ବିଜୟ ଦାସ ମୁଖ୍ୟବକ୍ତା, ଶିକ୍ଷାପ୍ରେମୀ ରାଜ କିଶୋର ପାଣିଗ୍ରାହୀ, ସତ୍ୟବାଦୀ ବଳିୟାରସିଂହ, ଗଣେଶ୍ୱର ସ୍ୱାଇଁ, ଶିକ୍ଷାବିତ୍ ପବିତ୍ର ମୋହନ ଖାଡଙ୍ଗା, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସୁରେଶ ଛୋଟରାୟ, ନିଶା ନିବାରଣ ସମିତି ଅଧ୍ୟକ୍ଷ ରାମ ଶଙ୍କର, ଗୀତିକାର ହରିବନ୍ଧୁ ମଙ୍ଗରାଜ, ଜିଲ୍ଲା ସାହିତ୍ୟ ସମାଜର ଜ୍ଞାନ ରଞ୍ଜନ ଦାଶ, ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲଛମନ ପରିଡ଼ା ଓ ସାହିତ୍ୟିକ ପ୍ରଫୁଲ୍ଲ ସାମନ୍ତରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ କହଲସିଂହଙ୍କ ସମାଜ ପ୍ରତି ଅତୁଳନୀୟ ଅବଦାନ ରହିଥିଲା ବୋଲି ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ କବୟିତ୍ରୀ ଇତିଶ୍ରୀ ସାହୁ, ସେବତୀ ପରିଡ଼ା, ଗାଳ୍ପିକ ବିଭୁ ହୋତା, କବି ବଂଶୀଧର ପଣ୍ଡା, ଲକ୍ଷ୍ମୀକାନ୍ତ ପଣ୍ଡା ଓ ସନ୍ତୋଷ କୁମାର ମହାପାତ୍ରଙ୍କ ସମେତ ବହୁ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ। ପରେ ବିଧାୟକଙ୍କ ଦ୍ୱାରା ପ୍ରତିମୂର୍ତ୍ତି ଅନାବରଣ ସହ ତ୍ରିଲୋଚନ ଦାସଙ୍କ ସମ୍ପାଦନାରେ "ଯମେଶ୍ୱର ନାମ ନୁହେଁ ଏକ ପ୍ରକଳ୍ପ' ପୁସ୍ତକ ଉନ୍ମୋଚିତ ହୋଇଥିଲା। ଜ୍ୟେଷ୍ଠପୁତ୍ର ରତିକାନ୍ତ କହଲସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

# ଖୋର୍ଦ୍ଧା ଜିଲ୍ଲା ଇନ୍‌ଟ୍ରା କ୍ଲବ୍ କ୍ରିକେଟ୍: ଇଗଲ୍ କ୍ଲବ୍ ବିଜୟୀ



**ଖୋର୍ଦ୍ଧା,୮।୧୧(ସମିସ)**

ବିଜେବି ହାଇସ୍କୁଲ ମିନି ଷ୍ଟାଡିୟମରେ କ୍ରିକେଟ୍ ଆସୋସିଏସନ୍ ଅଫ ଦି ଡିଷ୍ଟ୍ରିକ୍ଟ ଖୋର୍ଦ୍ଧା ଜିଲ୍ଲା ଆନୁକୂଲ୍ୟରେ ଚାଲିଥିବା ସିନିୟର୍ ଇନ୍‌ଟ୍ରା କ୍ଲବ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଆଜିର ମ୍ୟାଚ୍ ଜଟଣୀ କ୍ରିକେଟ୍ ଏକାଡେମୀ ଓ ଇଗଲ୍ କ୍ରିକେଟ୍ କ୍ଲବ୍ ମଧ୍ୟରେ ଖେଳା ଯାଇଥିଲା।

ଆଜିର ମ୍ୟାଚ୍‌ରେ ଜଟଣୀ କ୍ରିକେଟ୍ ଏକାଡେମୀକୁ ଇଗଲ କ୍ରିକେଟ୍ କ୍ଲବ୍ ୯ ୱିକେଟ୍‌ରେ ପରାସ୍ତ କରିଛି। ଟସ୍ ଜିତି ଜଟଣୀ କ୍ରିକେଟ୍ ଏକାଡେମି ପ୍ରଥମେ ବ୍ୟାଟିଂ କରି ୩୭.୧ ଓଭରରେ ସମସ୍ତ ୱିକେଟ ହରାଇ ୧୫୧ ରନ୍ କରିଥିଲା। ଦଳ ପକ୍ଷରୁ ସତ୍ୟଚନ୍ଦ୍ର ଲେଙ୍କା ୪୧ ରନ୍, ସାକିର ଅଲ୍ଲୀ ୨୨ ରନ୍ ଓ ସନ୍ଦୀପ ପାଇକରାୟ ୨୧ ରନ୍ କରିଥିଲେ। ଇଗଲ କ୍ରିକେଟ୍ କ୍ଲବ ପକ୍ଷରୁ ଶୁଭମ୍ ନାୟକ ସର୍ବାଧିକ ୪ଟି ୱିକେଟ୍ ନେଇଥିବାବେଳେ ସତ୍ୟ ପାଢ଼ୀ ଓ ଶୁଭାଶିଷ ସାହୁ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

ଜବାବରେ ଇଗଲ କ୍ରିକେଟ୍ କ୍ଲବ୍ ୨୨.୧ ଓଭରରେ ୧ ୱିକେଟ୍ ହରାଇ ଜ୍ୟୋତିରଞ୍ଜନ ବେହେରାଙ୍କ ବିସ୍ଫୋରକ ୧୦୦ ରନ୍ (୭୩ ବଲ୍, ୧୨ ଚୌକା, ୫ ଛକା) ଓ ଅଶୋକ ପ୍ରଧାନଙ୍କ ଅପରାଜିତ ୫୦ ରନ୍ ବଳରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଏହି ମ୍ୟାଚ୍‌କୁ ପ୍ରିତିରଞ୍ଜନ ବିଜୟସିଂ ଓ ଚନ୍ଦ୍ର ମୋହନ ବରାଳ ପରିଚାଳନା କରିଥିବାବେଳେ ସୁଶିଲ କୁମାର ସୁନ୍ଦରାୟ ସ୍କୋରର ଭୂମିକା ଗ୍ରହଣ କରିଥିଲେ। ମ୍ୟାଚ୍ ରେଫରି ଭାବେ ସୌମେନ୍ଦ୍ର ମହାନ୍ତି ଓ ସଂଯୋଜକ ଭାବେ ଚଣ୍ଡୀପ୍ରସାଦ ଆଚାର୍ଯ୍ୟ ଦାୟିତ୍ୱ ତୁଲାଇଥିଲେ। ଶନିବାର ଯୁବରାଜ ସିଂ କ୍ରିକେଟ୍ ଏକାଡେମି ପାଇଁ ଖେଳାଳି ଚୟନ ହେବ ବୋଲି ଓସିଏର କୋଷାଧ୍ୟକ୍ଷ ବିକାଶ ପ୍ରଧାନ ଜଣାଇଛନ୍ତି।

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୪.୭୫ ● ପାଉଣ୍ଡ ୧୦୯.୦୭
- ୟୁରୋ ୯୧.୪୮ ● ୟେନ୍ ୦.୫୫

**ସୁନା, ରୁପା ଦର**

୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା: ୭୨,୮୫୦ (ନୂଆଦିଲ୍ଲୀ)
- ରୁପା : ୧,୦୨,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୯,୪୮୬.୦୦
- ନିଫ୍ଟି ୨୪,୧୪୮.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬

# ଡାକଘର ନ୍ୟାସନାଲ୍ ସେଭିଙ୍ଗ୍ସ ସ୍କିମ୍‌ରେ ସୁଧ ମିଳିବା ବନ୍ଦ

- ଅକ୍ଟୋବର ପହିଲାରୁ ଲାଗୁ ହୋଇଛି ନୂଆ ନିୟମ
- ମୂଳଜମା ଓ ସୁଧ ଉପରେ ଆୟକର ଦେବେ ଜମାକାରୀ



ନୂଆଦିଲ୍ଲୀ,୮।୧୧(ଏଜେନ୍ସି)

ପୋଷ୍ଟ ଅଫିସ୍ ବା ଡାକଘର ନ୍ୟାସନାଲ ସେଭିଙ୍ଗ୍ସ ସ୍କିମ୍ (ଏନ୍‌ଏସ୍‌ଏସ୍) ଯୋଜନାର ହିତାଧିକାରୀଙ୍କ ପାଇଁ ଖରାପ ଖବର। ୧୯୮୭ରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏହି ଯୋଜନାର ହିତାଧିକାରୀଙ୍କୁ ଅକ୍ଟୋବର ମାସଠାରୁ ଆଉ ଜମା ରାଶି ଉପରେ ସୁଧ ମିଳିବ ନାହିଁ। ନୂଆ ନିୟମ ଅନୁଯାୟୀ ଚଳିତବର୍ଷ ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଜମାକାରୀଙ୍କୁ ଏହି ଯୋଜନା ଉପରେ ସୁଧ ଅର୍ଥ ଦିଆଯାଇଛି। ଏହାପରେ ଏହାକୁ ବନ୍ଦ କରାଯାଇଛି। ଏହି ଜମା ଯୋଜନାଟି ଦୀର୍ଘବର୍ଷ ହେବ ବନ୍ଦ ହୋଇଯାଇଥିବାରୁ ଏହାକୁ ଉପରେ କେନ୍ଦ୍ର ସରକାର ଆଉ ସୁଧ ଦେବାକୁ ଚାହୁଁନାହାଁନ୍ତି। ତେଣୁ ଅକ୍ଟୋବର ପହିଲାରୁ ସେ ସ୍କିମ୍‌ରେ ମିଳୁଥିବା ସୁଧ ସୁବିଧାକୁ କେନ୍ଦ୍ର ସରକାର ହଟାଇ ଦେଇଛନ୍ତି। ଏହାବାଦ୍ ନ୍ୟାସନାଲ ସେଭିଙ୍ଗ୍ସ ସ୍କିମ୍‌ର ଜମାକାରୀ ଯଦି ସେହି ଆକାଉଣ୍ଟ ବନ୍ଦ କରିଦିଅନ୍ତି ତେବେ ଟଙ୍କା ଉଠାଇଲେ ଉଭୟ ମୂଳ ଓ ସୁଧ ଉପରେ ତାଙ୍କୁ ଟିକସ ଦେବାକୁ ପଡିବ। ଏଥିରେ ଜମାକାରୀ ୧୦ ପ୍ରତିଶତ ହାରରେ ଆୟକର ଗଣିବେ ବୋଲି ସରକାର ବ୍ୟବସ୍ଥା କରିଛନ୍ତି।

୧୯୮୭ରେ କେନ୍ଦ୍ର ସରକାର ଏନ୍‌ଏସ୍‌ଏସ୍ ସ୍କିମ୍ ଯୋଜନା ଆରମ୍ଭ କରିଥିଲେ। ଯେଉଁଥିରେ ଜଣେ ବ୍ୟକ୍ତି ବର୍ଷକୁ ଦେଢ଼ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜମା କରିପାରିବ । ଜମା ଉପରେ ବାର୍ଷିକ ୭.୫ ପ୍ରତିଶତ ହାରରେ ସୁଧ ବି ମିଳୁଥିଲା। ନୂଆ ନିୟମ ଅନୁଯାୟୀ ଚଳିତବର୍ଷ ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଏହି ସୁଧ ରାଶି ଜମାକାରୀଙ୍କ ଖାତାରେ ଜମା ହୋଇଯାଇଛି। ହେଲେ ଅକ୍ଟୋବର ପହିଲାରୁ ଆଉ ସେ ସ୍କିମରେ ସୁଧ ସୁବିଧାକୁ ହଟାଇ ଦେଇଛି କେନ୍ଦ୍ର ଅର୍ଥମନ୍ତ୍ରାଳୟ। ୧୯୯୨ରେ କେନ୍ଦ୍ର ସରକାର ଏହି ଜମା ଯୋଜନାଟିକୁ ବନ୍ଦ କରିଦେଲେ ସିନା ପୂର୍ବରୁ ଅର୍ଥ ଜମା କରିଥିବା ଜମାକାରୀଙ୍କ ଆକାଉଣ୍ଟ ସଚଳ ରହିବା ସହ ସୁଧ ବି ମିଳିଆସୁଥିଲା। ସେପଟେ ୨୪୦୦ ଟଙ୍କା ସୁଧ ଉପରେ କୌଣସି ଆୟକର ଦେବାକୁ ପଡୁ ନ ଥିଲା। ତାଠାରୁ ଅଧିକ ସୁଧ ଉପରେ ଡାକଘର ଟିଡିଏସ୍ କାଟୁଥିଲା। ଡାକ କର୍ତ୍ତୃପକ୍ଷଙ୍କ କହିବା କଥା ଯେ ଏହି ଜମା ଯୋଜନାଟିକୁ ଦୀର୍ଘବର୍ଷରୁ କେନ୍ଦ୍ର ସରକାର ବନ୍ଦ କରିଦେଇଛନ୍ତି। ସେହି ଆକାଉଣ୍ଟଧାରୀଙ୍କୁ ଆଉ କୌଣସି ସୁଧ ଅର୍ଥ ଦେବାକୁ ଚାହୁଁନାହାନ୍ତି। ଫଳରେ ଧୀରେ ଧୀରେ ଜମାକାରୀ ଏହି ଆକାଉଣ୍ଟ ବନ୍ଦ କରି ଟଙ୍କା ଉଠାଇବାକୁ ବାଧ୍ୟ ହେବେ। ଏନ୍‌ଏସ୍‌ଏସ୍ ଜମାକାରୀଙ୍କୁ ଏଥିପାଇଁ ମୁଖ୍ୟ ଡାକଘରକୁ ଆସି ଟଙ୍କା ଉଠାଇବାକୁ ପଡ଼ିବ। ଏପରି ଜମାକାରୀ ଆସିବାମାତ୍ରେ ସେମାନଙ୍କ ଆକାଉଣ୍ଟ ବନ୍ଦ କରିବାକୁ ପୋଷ୍ଟ ଅଫିସ ପକ୍ଷରୁ ପରାମର୍ଶ ଦିଆଯାଉଛି ।

ଅପରପକ୍ଷେ ନ୍ୟାସନାଲ ସେଭିଙ୍ଗ୍ସ ସ୍କିମ୍‌ର ଜମା ଟଙ୍କା ଉପରେ ଆୟକର ଗଣିବେ ହିତାଧିକାରୀ। ଅକ୍ଟୋବର ପହିଲାରୁ ଲାଗୁ କରାଯାଇଛି ଏହି ନୂଆ ନିମୟ। ଯଦିବା ମୂଳ ଉପରେ ପୂର୍ବରୁ କୌଣସି ଆୟକର ଦେବାକୁ ପଡୁ ନ ଥିଲା। କେନ୍ଦ୍ର ସରକାରଙ୍କ ଏପରି ନୀତିରେ ଜମାକାରୀ ବେଶ ଅସନ୍ତୁଷ୍ଟ। ଲୋକଙ୍କ କଷ୍ଟାର୍ଜିତ ଜମା ଅର୍ଥ ଉପରେ ଟିକସ ବସାଇବାକୁ ଲୋକେ ସହଜରେ ଗ୍ରହଣ କରିପାରୁନାହାଁନ୍ତି। ଏହାଦ୍ୱାରା ପେନସନଭୋଗୀ ବରିଷ୍ଠ ନାଗରିକଙ୍କ ଭିତରେ ଘୋର ଅସନ୍ତୋଷ ପ୍ରକାଶ ପାଇବ। କାରଣ ଏହି ବର୍ଗର ଅଧିକାଂଶ ଲୋକେ ଡାକଘର ଯୋଜନାରେ ଅର୍ଥ ଜମା କରିଥାନ୍ତି।

# ରେକର୍ଡ ନିମ୍ନ ସ୍ତରକୁ ଖସିଲା ଟଙ୍କା

ନୂଆଦିଲ୍ଲୀ,୮।୧୧(ଏଜେନ୍ସି): ତଳମୁହାଁ ହେଉଛି ଘରୋଇ ଶେୟାର ବଜାର। ଠିକ୍ ସେମିତି ଘରୋଇ ମୁଦ୍ରା ଟଙ୍କାର ବିନିମୟ ମୂଲ୍ୟ କମୁଛି। ଆମେରିକୀୟ ଡଲାର ତୁଳନାରେ ଏବେ ଟଙ୍କାର ବିନିମୟ ମୂଲ୍ୟ ଦୈନିକ ହ୍ରାସ ହେବାରେ ଲାଗିଛି। ଏଥିରେ ଶୁକ୍ରବାର ଡଲାର ତୁଳନାରେ ଟଙ୍କାର ମୂଲ୍ୟ ଐତିହାସିକ ସର୍ବନିମ୍ନ ସ୍ତରକୁ ଖସିଛି। ଏହାଫଳରେ ୧ ଡଲାର ପିଛା ଭାରତୀୟ ଟଙ୍କାର ମୂଲ୍ୟ ୮୪.୩୦ ଟଙ୍କା ହୋଇଯାଇଛି। ଭାରତୀୟ ବଜାରରେ ବିଦେଶୀ ପୋର୍ଟଫୋଲିଓ ନିବେଶକ (ଏଫପିଆଇ)ଙ୍କ ଦ୍ୱାରା ଲଗାତାର ଭାବେ ବିକ୍ରି ଯୋଗୁ ବଢୁଥିବା ବିଦେଶୀ ପାଣ୍ଠି ପ୍ରବାହ ଏପରି ପରିସ୍ଥିତି ସୃଷ୍ଟି କରିଛି।



**ଡଲାର ତୁଳନାରେ ୮୪.୩୦ ଟଙ୍କା ସ୍ତରକୁ ହ୍ରାସ**

ଯଦି ପରିସ୍ଥିତି ଏହିଭଳି ଲାଗି ରୁହେ ତେବେ ଭାରତୀୟ ମୁଦ୍ରା ରସାତଳ ହେବ। ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ରିପବ୍ଲିକାନ ଡୋନାଲ୍ଡ ଟ୍ରମ୍ପଙ୍କ ବିଜୟ ଯୋଗୁ ଡଲାର ଆହୁରି ମଜଭୁତ ହୋଇଛି। ଯାହା ଆଗାମୀ ସମୟରେ ଆହୁରି ମଜଭୁତ ହେବା ସହ ଭାରତୀୟ ଟଙ୍କାକୁ ନିମ୍ନଗାମୀ କରିବାର ଭୟ ସୃଷ୍ଟି କରୁଛି। ଗତ ବୁଧବାର ଟଙ୍କା ଏହାର ସର୍ବନିମ୍ନ ସ୍ତରରେ ବନ୍ଦ ହୋଇଥିଲା। ସେତେବେଳେ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ୮୪.୨୮ ଟଙ୍କାକୁ ପହଞ୍ଚିଯାଇଥିଲା। ଟଙ୍କା ଦୁର୍ବଳ ହେବା ଭାରତ ପାଇଁ ଏକ ନୂଆ ସମସ୍ୟା ସୃଷ୍ଟି କରିବ ବୋଲି ଏବେଠାରୁ ଆଶଙ୍କା କରାଗଲାଣି।

# ଜାତୀୟ କମ୍ପାନୀ ସେକ୍ରେଟାରୀ ସମ୍ମିଳନୀ ଉଦ୍‌ଘାଟିତ




ମୁମ୍ବଇ,୮।୧୧(ଏଜେନ୍ସି): ଦ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କମ୍ପାନୀ ସେକ୍ରେଟାରିଜ୍ ଅଫ୍ ଇଣ୍ଡିଆ(ଆଇସିଏସ୍‌ଆଇ) ୫୨ତମ ଜାତୀୟ କମ୍ପାନୀ ସେକ୍ରେଟାରୀ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି। ମୁମ୍ବଇଠାରେ ଅନୁଷ୍ଠିତ ଏହି ସମ୍ମିଳନୀକୁ ମୁଖ୍ୟ ଅତିଥି ଭାବେ ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ (ସେବି) ଅଧ୍ୟକ୍ଷା ମାଧବୀ ପୁରୀ ବୁଚ୍ ଉଦ୍‌ଘାଟନ କରିଛନ୍ତି। ଏଥିରେ ପ୍ରତିରକ୍ଷା ମନ୍ତ୍ରଣାଳୟର ଏକ୍ସ ସର୍ଭିସ୍‌ମ୍ୟାନ୍ ବିଭାଗର ସଚିବ ଡ. ନୀତିନ୍ ଚନ୍ଦ୍ର, ଆଇନ ମନ୍ତ୍ରଣାଳୟର ସଚିବ ଡ. ରାଜୀବ ମଣି,ୟୁଆଇଡିଏଆଇର ଡିଡିଜି ଆମୋଦ କୁମାର ପ୍ରମୁ ଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇ ଦ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କମ୍ପାନୀ ସେକ୍ରେଟାରିଜ୍ ଅଫ୍ ଇଣ୍ଡିଆର ସଭାପତି ସିଏସ୍ ବି ନରସିଂମା ବଜାର ନିୟାମକଙ୍କ ପ୍ରତି ପ୍ରତିଷ୍ଠାନର କୃତଜ୍ଞତା ଜଣାଇଥିଲେ ।

# ୨୦୩୦ ସୁଦ୍ଧା ଦେଶର ଅଧା ଲୋକଙ୍କ ପାଖରେ ୫ଜି ସେବା

ନୂଆଦିଲ୍ଲୀ,୮।୧୧(ଏଜେନ୍ସି)

୫-ଜି'ର ଦ୍ରୁତ କାର୍ଯ୍ୟକାରିତା ଏବଂ ଗ୍ରହଣୀୟତା ସହିତ ଭାରତ ଏକ ପରିବର୍ତ୍ତନକାରୀ ଡିଜିଟାଲ ବିପ୍ଳବର ଦ୍ୱାରଦେଶରେ ଛିଡ଼ା ହୋଇଛି। ୨୦୩୦ ସୁଦ୍ଧା ଦେଶର ଅଧାରୁ ଅଧିକ ଲୋକ୫-ଜି ସେବା ବ୍ୟବହାର କରୁଥିବେ ବୋଲି ଜିଏସ୍‌ଏମ୍‌ଏ ରିପୋର୍ଟରୁ ଜଣାପଡ଼ିଛି। ବ୍ୟାପକ ସରକାରୀ ପ୍ରୟାସ, ଭିତ୍ତିଭୂମିରେ ନିବେଶ ଏବଂ ନୀତିଗତ ସଂସ୍କାର ୫-ଜିର ଗ୍ରହଣୀୟତାକୁ ତ୍ୱରାନ୍ୱିତ କରିବ। ଏହି ପରିବର୍ତ୍ତନ ଭାରତକୁ ଏକ ଡିଜିଟାଲ-ପ୍ରଥମ ରାଷ୍ଟ୍ରରେ ପରିଣତ କରିବା ସହିତ ମୋବାଇଲ ପ୍ରଯୁକ୍ତିକୁ ସ୍ୱାସ୍ଥ୍ୟସେବା, ଶିକ୍ଷା, କୃଷି ଓ ପ୍ରଶାସନ କ୍ଷେତ୍ରରେ ସୁଧାର ଆଣିବା ପାଇଁ ବ୍ୟବହାର କରାଯାଇପାରିବ। ୫-ଜି ପ୍ରଯୁକ୍ତି ୨୦୨୩ରୁ ୨୦୪୦ ମଧ୍ୟରେ ଭାରତୀୟ ଅର୍ଥ ବ୍ୟବସ୍ଥାରେ ପ୍ରାୟ ୩୬.୪ ଲକ୍ଷ କୋଟି ଟଙ୍କାର ଯୋଗଦାନ ଦେବ ଏବଂ ଏହା ୨୦୪୦ ସୁଦ୍ଧା ଦେଶର ଜିଡିପିରେ ୦.୬% ପ୍ରତିଶତରୁ ଅଧିକ ଅଂଶ ହାସଲ କରିବ। ଉତ୍ପାଦନ, ଖୁଚୁରା ବ୍ୟବସାୟ, ସ୍ୱାସ୍ଥ୍ୟସେବା ଏବଂ କୃଷି ଭଳି ପ୍ରମୁଖ କ୍ଷେତ୍ରଗୁଡିକ ୫-ଜି ଦ୍ୱାରା ଉପକୃତ ହେବେ, ଯାହା ନୂତନ ପରିଚାଳନା ମଡେଲ, ଉନ୍ନତ ଦକ୍ଷତା ଓ ସ୍ମାର୍ଟ ସିଟି ଏବଂ ଡିଜିଟାଲ ଗଭର୍ଣ୍ଣାନ୍ସ ଭଳି ଅଭିନବ ସେବାକୁ ସକ୍ଷମ କରିବ।

**ଜିଏସ୍‌ଏମ୍‌ଏ ରିପୋର୍ଟ**




- ୨୦୪୦ ମଧ୍ୟରେ ଅର୍ଥନୀତିକୁ ୩୬.୪ ଲକ୍ଷ କୋଟିର ଯୋଗଦାନ
- ୨୦୨୪୦ ସୁଦ୍ଧା ଜିଡିପିକୁ ଯୋଗଦାନ ୦.୬%ରୁ ଅଧିକ

୫-ଜିର ଦ୍ରୁତ କାର୍ଯ୍ୟକାରିତା ପାଇଁ ଭାରତ ସରକାର ଏକାଧିକ ପଦକ୍ଷେପ ଗ୍ରହଣ କରିଛନ୍ତି। ସ୍ୱଦେଶୀ ଟେଲିକମ୍ ଷ୍ଟେକ୍ ପାଇଁ ଭାରତରାନ୍ ପ୍ରକଳ୍ପ ଅଧୀନରେ ଭାରତ ନିଜର ଓଆରଏଏନ୍ ଅନୁପାଳନକାରୀ ୫-ଜି ଉପକରଣ ସମେତ ୪-ଜି/୫-ଜି ଟେଲିକମ୍ ଷ୍ଟେକକୁ ବିକଶିତ କରିଛି। ଏହି ସ୍ଥାନୀୟ ଭିତ୍ତିଭୂମି ବିଦେଶୀ ଜ୍ଞାନକୌଶଳ ଉପରେ ନିର୍ଭରଶୀଳତା ହ୍ରାସ କରିବାରେ ସହାୟକ ହୋଇଥାଏ, ଯାହା ଏକ ବିଶ୍ୱ ଟେଲିକମ୍ ଉତ୍ପାଦନ କେନ୍ଦ୍ର ଭାବରେ ଭାରତର ସ୍ଥିତିକୁ ସୁଦୃଢ଼ କରିଥାଏ। ସରକାରୀ ଅନୁଦାନରେ ୮ଟି ପ୍ରମୁଖ ଗବେଷଣା ଅନୁଷ୍ଠାନ ଗବେଷଣା ଓ ଉଦ୍ଭାବନକୁ ସମର୍ଥନ କରିବା ପାଇଁ ଏକ ସ୍ୱଦେଶୀ, ସମ୍ପୂର୍ଣ୍ଣ ପ୍ରୋଗ୍ରାମେବଲ୍ ୫-ଜି ଟେଷ୍ଟ ବେଡ୍ ତିଆରି କରିଛନ୍ତି। ଏହି ଭିତ୍ତିଭୂମି କମ୍ପାନୀମାନଙ୍କୁ ଭବିଷ୍ୟତର ୫-ଜି ଏବଂ ୬-ଜି ଅଗ୍ରଗତିକୁ ସମର୍ଥନ କରିବା ସହିତ ସେମାନଙ୍କର ପ୍ରୋଟୋଟାଇପ୍ ଏବଂ ସେବାଗୁଡ଼ିକୁ ବୈଧ କରିବାକୁ ଅନୁମତି ଦିଏ। ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ସହରାଞ୍ଚଳ ପରିଚାଳନା ସମେତ ବିଭିନ୍ନ କ୍ଷେତ୍ରରେ ୫-ଜି ପ୍ରୟୋଗ ଉପରେ ଗୁରୁତ୍ୱ ଦେବା ପାଇଁ ସରକାର ୧୦୦ କୋଟି ଟଙ୍କାର ବ୍ୟୟବରାଦ ସହ ସମଗ୍ର ଦେଶରେ ୧୦୦ଟି ଲ୍ୟାବ୍ ମଞ୍ଜୁର କରିଛନ୍ତି।

# 'ଭାରତ ବଜାଜ୍'ରେ ବିଶ୍ୱର ପ୍ରଥମ ସିଏନ୍‌ଜି ମୋଟରସାଇକଲ୍



ଭୁବନେଶ୍ୱର,୮।୧୧(ସମିସ): ବଜାଜ୍ ଅଟୋ ଲିମିଟେଡ୍ ପକ୍ଷରୁ ବିଶ୍ୱର ପ୍ରଥମ ସିଏନ୍‌ଜି ମୋଟର ସାଇକଲ୍ 'ଫ୍ରିଡମ୍ ୧୨୫'ର ଭାରତ ବଜାଜ୍‌ରେ ବଜାର ପ୍ରବେଶ କରାଯାଇଛି। 'ଫ୍ରିଡମ୍ ୧୨୫' ଏନ୍‌ଜି୦୪ ଡିସ୍କ ଏଲ୍‌ଇଡି, ଡ୍ରମ୍ ଏଲ୍‌ଇଡି ଏବଂ ଡ୍ରମ୍ ଭାରିଆଣ୍ଟରେ ଉପଲବ୍ଧ। ଏହି ମୋଟର ସାଇକଲ ୫ଟି ରଙ୍ଗରେ ଉପଲବ୍ଧ। 'ଫ୍ରିଡମ୍ ୧୨୫' ର ପରିଚାଳନା ଖର୍ଚ୍ଚ ଏହିଭଳି ଆଇସିଇ ମୋଟର ସାଇକଲଠାରୁ ୫- ପ୍ରତିଶତ କମ୍। ଏହି ଅବସରରେ ସ୍ଥାନୀୟ ପଳାଶୁଣୀସ୍ଥିତ ଭାରତ ବଜାଜ୍ ପରିସରରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ କମ୍ପାନୀର ଆର୍‌ଏମ୍ (ସେଲ୍ସ) ଶ୍ରୀଓ୍ୱାନୁ ମିଶ୍ରା ଏହାର ବଜାର ପ୍ରବେଶ କରାଇଥିଲେ। ଏମ୍‌ଡି ସୁଶାନ୍ତ ମହାରଣା, ଏଏସ୍‌ଏମ୍ ସ୍ୱାଧୀନ କୁମାର ମିଶ୍ର, ଗେଲ ଇଣ୍ଡିଆର ଇଡି ଏଚ୍.କେ. ଗର୍ଗ ଏବଂ ଜିଏମ୍ କୌଶିକ୍ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

● ମହାରାଷ୍ଟ୍ର ନିର୍ବାଚନ

# ୨୦ରେ ବନ୍ଦ ରହିବ ଷ୍ଟକ୍ ବଜାର କାରବାର

ମୁମ୍ବଇ,୮।୧୧(ଏଜେନ୍ସି): ଚଳିତମାସ ୨୦ରେ ମହାରାଷ୍ଟ୍ରରେ ବିଧାନସଭା ନିର୍ବାଚନ ଯୋଗୁଁ ଷ୍ଟକ୍ ବଜାର ଛୁଟି ରହିବ। ଅର୍ଥାତ୍ ସେହିଦିନ ବମ୍ବେ ଷ୍ଟକ ଏକ୍ସଚେଞ୍ଜ ଓ ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜରେ କୌଣସି କାରବାର ହେବ ନାହିଁ । ମହାରାଷ୍ଟ୍ରରେ ବିଧାନସଭା ନିର୍ବାଚନ ପାଇଁ ନଭେମ୍ବର ୨୦ରେ ଭୋଟ ଗ୍ରହଣ ହେବ। ଗୋଟିଏ ପର୍ଯ୍ୟାୟରେ ଏହି ଭୋଟ ଗ୍ରହଣ ହେବ। ଏଥିପାଇଁ ଷ୍ଟକ ବଜାରରେ ଛୁଟି ଘୋଷଣା କରାଯାଇଛି। ଏ ନେଇ ଷ୍ଟକ ମାର୍କେଟ ପକ୍ଷରୁ ଆନୁଷ୍ଠାନିକ ସୂଚନା ଦିଆଯାଇଛି। ସେହିଦିନ ମୁଦ୍ରା ବଜାର ଏବଂ କମୋଡିଟି ଏକ୍ସଚେଞ୍ଜରେ ମଧ୍ୟ ଛୁଟି ରହିବ। ଆର୍ଥିକ ରାଜଧାନୀ ମୁମ୍ବଇରେ ଷ୍ଟକ ବଜାର ବନ୍ଦ ରହୁଥିବାରୁ ଦେଶର ଅନ୍ୟ ଷ୍ଟକ ବଜାରରେ ମଧ୍ୟ କାରବାର ବନ୍ଦ ରହିବ।

# ବଦଳିଲା ଜିଡିପି ତଥ୍ୟ ପ୍ରକାଶ ସମୟ

ନୂଆଦିଲ୍ଲୀ,୮।୧୧(ଏଜେନ୍ସି): ବଦଳିଲା ଦେଶର ପ୍ରକାଶ ପାଉଥିବା ମୋଟ ଘରୋଇ ତଥ୍ୟ (ଜିଡିପି) ତଥ୍ୟର ସମୟ। ଏଣିକି ଅପରାହ୍ନ ୪ଟାରେ କେନ୍ଦ୍ର ସରକାର ପ୍ରକାଶ କରିବେ ଜିଡିପି ସମ୍ପର୍କିତ ତଥ୍ୟ। ଏହି ତଥ୍ୟ ସନ୍ଧ୍ୟା ୫ଟା ୩୦ ମିନିଟ୍ ପରିବର୍ତ୍ତେ ଅପରାହ୍ନ ୪ଟାରେ ପ୍ରକାଶ କରିବେ। କେନ୍ଦ୍ର ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ଏକ ବିବୃତ୍ତିରେ ଏହି ସୂଚନା ଦେଇଛି। ପ୍ରଚଳିତ ବ୍ୟବସ୍ଥାନୁଯାୟୀ, ଜିଡିପି ସମ୍ବନ୍ଧୀୟ ସୂଚନା ନିର୍ଦ୍ଧାରିତ ଦିନର ସନ୍ଧ୍ୟା ୫ଟା ୩୦ ମିନିଟ୍‌ରେ ପ୍ରକାଶ ପାଇଥାଏ। ବିବୃତ୍ତି ଅନୁଯାୟୀ ଉପଭୋକ୍ତା, ଗଣମାଧ୍ୟମ ଏବଂ ଜନସାଧାରଣଙ୍କ ପାଇଁ ଜିଡିପି ତଥ୍ୟକୁ ସହଜରେ ପାଇବା ପାଇଁ ରିଲିଜ୍ ଦିନରେ ଅଧିକ ସମୟ ପ୍ରଦାନ କରିବାକୁ ନୂତନ ସମୟ ସ୍ଥିର ହୋଇଛି। ଏଠାରେ ସୂଚନାଯୋଗ୍ୟ ଯେ, ୨୦୨୪-୨୫ ଆର୍ଥିକବର୍ଷର ଦ୍ୱିତୀୟ ତ୍ରୈମାସିକ (ଜୁଲାଇ-ସେପ୍ଟେମ୍ବର) ମାସ ପାଇଁ ଅପରାହ୍ନ ୪ ଟା ସମୟରେ ଜିଡିପି ଆକଳନ ସମ୍ପର୍କିତ ତଥ୍ୟ ପ୍ରକାଶ ପାଇବ।




- ଏଣିକି ଅପରାହ୍ନ ୪ଟାରେ ମିଳିବ ସୂଚନା
- ପୂର୍ବରୁ ସାଢ଼େ ପାଞ୍ଚଟାରେ ହେଉଥିଲା ଘୋଷଣା
- ସରକାର ବଦଳାଇଲେ ସମୟ

# ଟିପିସିଓଡିଏଲ୍ ପକ୍ଷରୁ ଗୁଣବତ୍ତା ମାସ ଆରମ୍ଭ

ଭୁବନେଶ୍ୱର,୮।୧୧(ସିମସ): ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଗୁଣବତ୍ତା ମାସ ଆରମ୍ଭ ହୋଇଛି। ଏହାର ଉଦ୍‌ଘାଟନୀ ଉତ୍ସବରେ ଟିପିସିଓଡିଏଲ୍‌ର ସିଇଓ ତଥା ଟୋଟାଲ କ୍ୱାଲିଟି ମ୍ୟାନେଜମେଣ୍ଟ (ଟିକ୍ୟୁଏମ୍) କୋର କମିଟିର ଅଧ୍ୟକ୍ଷ ଅରଭିନ୍ଦ୍ ସିଂହଙ୍କ ସମେତ ବରିଷ୍ଠ ନେତୃତ୍ୱ ଦଳ ଏବଂ ଟିକ୍ୟୁଏମ୍ କୋର କମିଟି ସଦସ୍ୟମାନେ ନେତୃତ୍ୱ ନେଇଥିଲେ। ଚଳିତ ବର୍ଷର ବିଷୟବସ୍ତୁ, ଗୁଣବତ୍ତା ଅନୁପାଳନରୁ ପ୍ରଦର୍ଶନ ପର୍ଯ୍ୟନ୍ତ' ଗ୍ରାହକଙ୍କ ଆଶା ଅନୁରୂପ ଉଚ୍ଚ କାର୍ଯ୍ୟଦକ୍ଷତା ମାନଦଣ୍ଡ ହାସଲ କରିବା ପାଇଁ ସଂସ୍ଥାର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଶ୍ରୀ ସିଂହ କହିଛନ୍ତି ଯେ, ଗୁଣବତ୍ତା ଏକ କାର୍ଯ୍ୟ ନୁହେଁ ବରଂ ଏହା ଏକ




ଅଭ୍ୟାସ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ ଏବଂ କର୍ମଚାରୀମାନଙ୍କୁ ସେମାନଙ୍କ କାର୍ଯ୍ୟର ସମସ୍ତ ଦିଗରେ ଗୁଣବତ୍ତାର ସଂସ୍କୃତି ଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ। ଟିକ୍ୟୁଏମ୍ ଫ୍ରେମୱାର୍କ ମାଧ୍ୟମରେ ଉନ୍ନତି ପାଇଁ ସୁଯୋଗ ଚିହ୍ନଟ କରିବା ସହିତ ନିୟାମକ ଏବଂ ପରିଚାଳନା ମାନଦଣ୍ଡ ପାଳନର ଗୁରୁତ୍ୱ ଉପରେ ସେ ଆଲୋକପାତ କରିଥିଲେ।

# ସୁଧ ହାର କମାଇଲା ଫେଡେରାଲ ରିଜର୍ଭ

ୱାଶିଂଟନ୍, ୮।୧୧(ଏଜେନ୍ସି)




ଆମେରିକାରେ ଡୋନାଲ୍ଡ ଟ୍ରମ୍ପଙ୍କ ବିଜୟର ପ୍ରଭାବ ବର୍ତ୍ତମାନ ଆମେରିକାର କେନ୍ଦ୍ରୀୟ ବ୍ୟାଙ୍କ ଫେଡେରାଲ ରିଜର୍ଭରେ ସ୍ପଷ୍ଟ ଭାବେ ଦେଖାଯାଉଛି। କାରଣ ନଭେମ୍ବରରେ ବ୍ୟାଙ୍କ ଆଶାଠାରୁ କମ୍ ସୁଧ ହ୍ରାସ କରିଛି। ଫେଡେରାଲ ରିଜର୍ଭ ସୁଧ ହାରରେ ୦.୫୦ ପ୍ରତିଶତ ହ୍ରାସ କରିବ ବୋଲି ଅନୁମାନ କରାଯାଉଥିଲା, କିନ୍ତୁ ଟ୍ରମ୍ପଙ୍କ ବିଜୟ ପରେ ସୁଧ ହାରରେ ୦.୨୫ ପ୍ରତିଶତ ହ୍ରାସ ଦେଖିବାକୁ ମିଳିଛି। ତେବେ ଏହା ମଧ୍ୟ ଆଶା କରାଯାଉଥିଲା ଯେ ଫେଡେରାଲ ରିଜର୍ଭ ସୁଧ ହାରକୁ ଅପରିବର୍ତ୍ତିତ ରଖିବ, ହେଲେ ସେମିତି କିଛି ହୋଇନାହିଁ। ସୁଧ ହାରରେ ହ୍ରାସ ପରେ ଆମେରିକାର ଷ୍ଟକ୍ ବଜାରରେ ଏକ ବଡ଼ ଅଭିବୃଦ୍ଧି ଘଟିଛି। ଅନ୍ୟପକ୍ଷରେ ଡଲାର ସୂଚକାଙ୍କରେ ହ୍ରାସ ଦେଖିବାକୁ ମିଳୁଛି। ଯାହାର ପ୍ରଭାବ ଅନ୍ତର୍ଜାତୀୟ ବଜାରରେ ସୁନା ମୂଲ୍ୟରେ ଦୃଶ୍ୟମାନ ହୋଇଛି। ସେପ୍ଟେମ୍ବର ମାସରେ ଫେଡେରାଲ ରିଜର୍ଭରେ ସୁଧ ହାରରେ ୦.୫୦ ପ୍ରତିଶତ ହ୍ରାସ କରିଥିଲା। ବର୍ତ୍ତମାନ କ୍ରମାଗତ ଭାବେ ଦ୍ୱିତୀୟଥର ପାଇଁ ସୁଧ ହାରରେ ହ୍ରାସ କରାଯାଇଛି।

- ୨୫ ବେସିସ୍ ପଏଣ୍ଟ ହ୍ରାସ କଲା
- ଦୁଇ ମାସ ମଧ୍ୟରେ ଦୁଇଥର

ଏଠାରେ ସୂଚନାଯୋଗ୍ୟ ଯେ, ଏହାକୁ ମିଶାଇ ଦୁଇ ମାସ ମଧ୍ୟରେ ଫେଡେଶାଲ ରିଜର୍ଭ ସୁଧହାରରେ ମୋଟ ୦.୭୫ ପ୍ରତିଶତ ହ୍ରାସ କରିଛି। ତେବେ ଡିସେମ୍ବର ମାସରେ ହେବାକୁ ଥିବା ବୈଠକରେ ସୁଧହାରରେ ଆଉ ୦.୨୫ ପ୍ରତିଶତ ହ୍ରାସ କରାଯିବା ନେଇ ଫେଡେରାଲ ରିଜର୍ଭ ଅଧ୍ୟକ୍ଷ ଜେରେମି ପାୱେଲ କହିଛନ୍ତି। ଏହାର ଅର୍ଥ ହେଉଛି ଯେ ବର୍ଷ ଶେଷ ସୁଦ୍ଧା ଆମେ ସୁଧ ହାରରେ ୧ ପ୍ରତିଶତ ହ୍ରାସ ଦେଖିପାରିବା। ଉଲ୍ଲେଖଥାଉ କି, ଆମେରିକାରେ ନିର୍ବାଚନ ଫଳାଫଳ ପୂର୍ବରୁ ସୁଧ ହାର ୦.୫୦ ପ୍ରତିଶତ ହେବା ନେଇ ଆକଳନ କରାଯାଇଥିଲା। କିନ୍ତୁ ଟ୍ରମ୍ପଙ୍କ ବିଜୟ ପରେ ଏହି ଆକଳନ ହ୍ରାସ ପାଇ ୦.୨୫ ପ୍ରତିଶତରେ ପହଞ୍ଚିଛି। ବିଶେଷ କଥା ହେଉଛି ଟ୍ରମ୍ପ ଆକ୍ରମଣାତ୍ମକ ସୁଧ ହାର ହ୍ରାସ ସପକ୍ଷରେ ନାହାଁନ୍ତି। ଏହି କାରଣରୁ ସୁଧ ହ୍ରାସ ଆଶାଠାରୁ କମ୍ ହୋଇଛି।

**ଭାରତରେ ଇଏମ୍‌ଆଇ ଚାପ କମ୍ ହେବ!**

ଆମେରିକାର କେନ୍ଦ୍ରୀୟ ବ୍ୟାଙ୍କ ସୁଧ ହାରରେ ହ୍ରାସ ଘଟାଇବାର କିଛି ଘଣ୍ଟା ପୂର୍ବରୁ ବ୍ରିଟେନ୍‌ର କେନ୍ଦ୍ରୀୟ ବ୍ୟାଙ୍କ ବ୍ୟାଙ୍କ ଅଫ୍ ଇଂଲଣ୍ଡ କ୍ରମାଗତ ଭାବେ ଦ୍ୱିତୀୟ ଥର ପାଇଁ ଏହାର ସୁଧ ହାର ହ୍ରାସ କରିଛି। ବ୍ୟାଙ୍କ ସୁଧହାରରେ ୦.୨୫ ପ୍ରତିଶତ ହ୍ରାସ ଘଟାଇଛି। ଏହାଫଳରେ ରହିଛି। ଯାହା ପରେ ବ୍ୟାଙ୍କ ଅଫ୍ ଇଂଲଣ୍ଡର ସୁଧ ହାର ୪.୭୫ ପ୍ରତିଶତ ହୋଇଛି। ଏଭଳି ପରିସ୍ଥିତିରେ ଭାରତର କେନ୍ଦ୍ରୀୟ ବ୍ୟାଙ୍କ ଉପରେ ଚାପ କ୍ରମାଗତ ଭାବେ ବୃଦ୍ଧି ପାଉଛି। ବିଶେଷଜ୍ଞଙ୍କ ଅନୁଯାୟୀ, ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ନିଶ୍ଚିତ ଭାବରେ ଏହାର ଆଭିମୁଖ୍ୟ ବଦଳାଇଛି, କିନ୍ତୁ ଡିସେମ୍ବର ପ୍ରଥମ ସପ୍ତାହରେ ଆରବିଆଇ ସୁଧ ହାର ହ୍ରାସ କରିବାକୁ କୌଣସି ନିଷ୍ପତ୍ତି ନେବ ନାହିଁ, ବରଂ ଡିସେମ୍ବର ଦ୍ୱିତୀୟାର୍ଦ୍ଧରେ ଫେଡେରାଲ ରିଜର୍ଭ ବୈଠକରେ ନେବାକୁ ଥିବା ନିଷ୍ପତ୍ତିକୁ ଆରବିଆଇ ଅପେକ୍ଷା କରିବ। ଏହା ପରେ ୨୦୨୫ ଫେବୃଆରୀ ପର୍ଯ୍ୟନ୍ତ ସୁଧ ହାର କଟାଯିବ। ବର୍ତ୍ତମାନ ଯାଏ ଆରବିଆଇ ଏହାର ଆଭିମୁଖ୍ୟକୁ ନିରପେକ୍ଷ କରିଥିଲା, ଅର୍ଥାତ୍ ଆଗାମୀ ମାସରେ ଯେ କୌଣସି ସମୟରେ ସୁଧ ହାରରେ ହ୍ରାସ ଦେଖିବାକୁ ମିଳେ।



## ଜହ୍ନ ରାଇଜରେ ଘର



ଅର୍ଜୁନ ଦାସ

ଧରାପୃଷ୍ଠରୁ ବର୍ଷାରାଣୀ ବିଦାୟ ନେଇଗଲାଣି । ଆକାଶ ମଧ୍ୟ ମେଘମୁକ୍ତ ହୋଇଗଲାଣି । ଆକାଶକୁ ଆହୁରି ସୁନ୍ଦର କରିବା ପାଇଁ ଜହ୍ନମାମୁ ବି ନିଜକୁ ପ୍ରସ୍ତୁତ କଲେଣି । ଜହ୍ନ ମାମୁଙ୍କର ଏଇ ସୁନ୍ଦର ସୁଢ଼ଳ ରୂପକୁ ଦେଖି ମନୁ ତା' ମାଆଙ୍କୁ କହିଲା , "ମାମା, ଆଜି କ'ଣ ପାଇଁ ଏତେ ସୁନ୍ଦର ଦେଖାଯାଉଛନ୍ତି ଜହ୍ନମାମୁ । ମନୁକୁ ଏଇ ଆସନ୍ତା ମାସକୁ ମାତ୍ର ପାଞ୍ଚ ବର୍ଷ ହେବ । ହେଲେ ପିଲାଟି ଭାରି ଚଗଲା । ଗେଲବସରରେ ବଢ଼ିଆସିଛି । ତେଣୁ ଏବେ ସେ କାହା କଥା ଶୁଣିବାକୁ ନାରାଜ । ତୁ ତୁନି ହୋଇ ଖାଇଦେଲେ ଜହ୍ନମାମୁ ପାଖକୁ ଯିବୁ ବୁଲିବା ପାଇଁ । ମୋ ସୁନା ପୁଅଟା, ଟିକେ ଖାଇଦେ' । ଏତିକି କହି ସେ ଗୀତ ବୋଲିବାକୁ ଲାଗିଲେ – ଆ' ଜହ୍ନ ମାମୁ ସରଗ ଶଶୀ ମୋ' କାହ୍ନୁ ହାତରେ ପଡ଼ରେ ଖସି । ମାଆଙ୍କ ପାଖରୁ ଗୀତ ଶୁଣି ମନୁ ତୁନି ହୋଇ ଖାଇବାକୁ ଲାଗିଲା । ଖାଇବାବେଳେ ମନୁ ପୁଣିଥରେ ପଚାରିଲା , "ମାମା! ଜହ୍ନମାମୁ କ'ଣ ସତରେ ଏତେ ସୁନ୍ଦର?" "ହଁ ରେ ପୁଅ, ବହୁତ ସୁନ୍ଦର ! ଯେତେ ଦେଖିଲେ ବି ମନ ବୁଝେନା । ମୋ ମାଆ ବି ମତେ ଜହ୍ନମାମୁ ଦେଖାଇ ପିଲାଦିନେ ଖୁଆଇ ଦେଉଥିଲା ।" ସୁଶୀଳା ଦେବୀ ଗେହ୍ଲା କରି କହିବାକୁ ଲାଗିଲେ । ମାମା ତା'ହେଲେ ଆମେମାନେ କାଇଁ ବୁଲିବାକୁ ଯାଉନେ ତ ? ଆମ ମାମୁଘର ଭଳି ସେଠି ବି କେତେ କ'ଣ ଥିବ ! ଭଲ ଭଲ ଖାଇବା ଜିନିଷ ମୁଁ ଗଲେ ଖାଇବି । ଆମ ମାମୁଘର ଭଳି ସେଠି ବି ବହୁତ କୋଳି ଥିବ । ବଡ଼ ବଡ଼ ଘର ଥିବ । ଆଉ ମୋର ସବୁଠୁ ପ୍ରିୟ ଚକୋଲେଟ୍ ବି ମିଳିବ । ପୁଅ ପାଖରୁ ଏଭଳି ପ୍ରଶ୍ନ ଶୁଣି ସୁଶୀଳା ଦେବୀ କହିଲେ , "ଆମେ ସମସ୍ତେ ଯିବା । ତୁ ବଡ଼ ହୋଇଗଲେ ଆମକୁ ଘେନି ଯିବୁ । ତୋ ମାମୁଘର ଭଳି ସେଠାରେ କେହି ଏବେ ନାହାନ୍ତି । ଏବେ ଏବେ ଆମ ଦେଶର ବୈଜ୍ଞାନିକମାନେ ସେଠାକୁ ଚନ୍ଦ୍ରାୟନ-୩ ପଠାଇଛନ୍ତି । ସେ ସେଠାରେ ଆମେମାନେ ରହିବା ଲାଗି ଆବଶ୍ୟକୀୟ ଦ୍ରବ୍ୟ ଅଛି କି ନାହିଁ, ତାହା ସେ ଫଟୋ ମାଧ୍ୟମରେ ଜଣାଇବ । ଆବଶ୍ୟକୀୟ ପରିମାଣର ଜଳ, ବାୟୁ, ଆଲୋକ ଆଦି ଜିନିଷ ସଠିକ୍ ପରିମାଣରେ ଅଛିକି ନାହିଁ? ଆବଶ୍ୟକୀୟ ଜଳବାୟୁ, ମାଟିର ଗୁଣବତା ଏପରି ଅନେକ ତଥ୍ୟ ପ୍ରଦାନ କରିବ । ପ୍ରତିଦିନ ଆମ ବୈଜ୍ଞାନିକମାନେ ନୂଆ ନୂଆ ତଥ୍ୟ ସଂଗ୍ରହ କରୁଛନ୍ତି, ଯାହା ଆମକୁ ଚନ୍ଦ୍ରପୃଷ୍ଠରେ ପହଞ୍ଚିବାରେ ସହଯୋଗ କରିବ ।" ମନୁ ଖୁସି ହୋଇ କହିଲା , "ମାମା! ମୁଁ କ'ଣ ସେଠାକୁ ଯାଇ ପାରିବି? ହଁ ହଁ, କାହିଁକି ନୁହେଁ । ତୁ ଯଦି ମୋ କଥା ମାନି ଦୁଷ୍ଟାମୀ ଛାଡ଼ି ସୁନାପିଲା ହେବାସହ ଭଲ ପାଠ ପଢ଼ିବୁ । ଭଲ ପାଠ ପଢ଼ି ଭଲ ମଣିଷଟିଏ ହେଲେ ଦିନେ ତୁ ସେଠାକୁ ଯାଇପାରିବୁ । ହେଲେ ମନେ ରଖିବୁ, ସବୁବେଳେ ମନରେ ଇଚ୍ଛାଶକ୍ତି ଆଉ ଜିତିବାର ଭାବନା ରହିବା ଦରକାର । ତେବେ ଯାଇ ତୁ ଜହ୍ନମାମୁଘର ବୁଲିଯାଇପାରିବୁ ।■

ମାଧବ , ନିଆଳୀ , କଟକ
ମୋ-୭୭୩୫୯୫୭୧୫୧

## କୁନି ତାରକା



କାବ୍ୟାଂଶ

## ଶିଶୁ ଦିବସ



ରାମଚନ୍ଦ୍ର ବେହେରା

ବାଣ୍ଟିଥିଲ ତୁମେ ସେନେହ ମମତା
ଶିଶୁଙ୍କ କୋମଳ ପରାଣେ
ଶିଶୁ ହିତ ପାଇଁ କରିଥିଲ କାମ
କିଏ ବା ତୁମକୁ ନ ଜାଣେ ।
ନୀତି ଆଦର୍ଶର ବୀରପୁତ୍ର ତୁମେ
ଧନ୍ୟ ତୁମ ଉଚ୍ଚ ଭାବନା
ଗରିବ ଶିଶୁଙ୍କ ମୁକ୍ତ ଶିକ୍ଷା ପାଇଁ
କରିଥିଲ ତୁମେ କଳ୍ପନା ।
ଇଂରେଜ ଶାସନ ବିରୁଦ୍ଧରେ ତୁମେ
କରିଥିଲ କାରାବରଣ
ବାପୁ ସହ ମିଳି ଆନ୍ଦୋଳନ କଲ
ଭାରତ ହୋଇଲା ସ୍ୱାଧୀନ ।
ନଭେମ୍ବର ମାସ ଚଉଦ ତାରିଖେ
ତୁମ ଜନ୍ମଦିନ ଆସିବ
ଶିଶୁ ଦିବସରେ ଖ୍ୟାତ ସେହି ଦିନ
ଆନନ୍ଦର ଢେଉ ଖେଳିବ ।
ସେହି ପୁଣ୍ୟ ଦିନେ ତୁମ ପାଦ ତଳେ
ପୁଷ୍ପ ଦୀପ ଦେବୁ ସଜେଇ
ଶ୍ରଦ୍ଧାରେ ପୂଜିବୁ ତୁମକୁ ଚାଚା ହେ
କୁକର୍ମ ପରାଣୁ ଦୂରେଇ ।■

- ତେନ୍ତୁଳିପଦା,
ଜଗତସିଂହପୁର
ମୋ-୭୩୫୫୬୩୪୩୪୬



## ଶିଶୁଙ୍କ ପ୍ରିୟ ଚାଚା ନେହରୁ





ନଳିନୀ ଦାଶ

ଆମ ପ୍ରଥମ ପ୍ରଧାନମନ୍ତ୍ରୀ
ଶିଶୁଙ୍କ ଅତି ପ୍ରିୟ
ଦେଶ ଉନ୍ନତି କରିବା ପାଇଁ
ଥିଲା ତୁମର ଲୟ ।
ବଡ଼ ଘରର ସନ୍ତାନ ହୋଇ
ଥିଲ ସରଳ ଅତି
ଚାଚା ନେହେରୁ ଭାରତୀୟଙ୍କ
ପାଇଁ ଅଲିଭା ଜ୍ୟୋତି ।
ଶିଶୁଙ୍କୁ ଦେଖି ପାଖକୁ ଡାକି
କରିଲ ମଜା ବସି
ତାଙ୍କର ଓଠେ ହସ ଫୁଟିଲେ
ହେଉଥିଲଟି ଖୁସି ।
ଦେଶ ସ୍ୱାଧୀନ ଆଣିବା ପାଇଁ
ନଥିଲା କାରେ ଭୟ
ଗାନ୍ଧି ସୁଭାଷ ସାଥେ ଲଢ଼ିଲ
ଭାରତ କଲା ଜୟ ।
ଜନମ ଦିନେ କରୁ ପ୍ରଣାମ
ଦୀପଟେ ଜାଳି ଦେଇ
ଫୁଲ ଚନ୍ଦନ ପିନ୍ଧାଇ ଦେଉ
ତୁମ ମଥାରେ ନେଇ ।
ଆଶିଷ ଢାଳ ଚାଚା ନେହରୁ
ହେବୁ ତୁମରି ପରି
ମନ ଲଗାଇ ପଢ଼ିବୁ ପାଠ
ରଖିବୁ ଦେଶ ଶିରୀ ।■

ଭିକାରିପଡ଼ା, ନୟାଗଡ଼
ମୋ- ୯୨୩୮ ୯୯୬୬୪୯

## ପ୍ରହେଳିକା

- ବାରିଷ୍ଟର ଘରେ ଜନ୍ମ ନେଇ
  ନାମ ରଖିଗଲେ ଭାରତ ପାଇଁ
  ସ୍ୱାଧୀନ ହେଲାପରେ ଦେଶ ଆମର
  ପ୍ରଧାନମନ୍ତ୍ରୀ ହେଲେ ପ୍ରଥମ ଥର
  ଥିଲେ ପରା ସିଏ ଶିଶୁ ବତ୍ସଳ
  କିଏ ସେ କହିବ ନାମ ତାଙ୍କର ?

ଉ- ଚାଚା ନେହରୁ

- ଚାଚା ନେହେରୁଙ୍କ ଜନ୍ମ ଜୟନ୍ତୀ
  ଅନ୍ୟ ନାମେ ଏକ ରହିଛି ଖ୍ୟାତି
  ପ୍ରତି ବର୍ଷ ତାକୁ ପାଳୁଛି ଦେଶ
  ଶିଶୁଙ୍କ ଓଠରେ ଖେଳୁଛି ହସ
  ଦିନଟିଏ ପରା ଶିଶୁଙ୍କ ପାଇଁ
  ନାମଟି ତା'ର କିଏ ପାରିବ କହି ?

ଉ-ଶିଶୁ ଦିବସ

- ସକାଳ ହୋଇଲେ ସେଠାକୁ ଯାଉ
  କେତେ ଶିକ୍ଷା ଆମେ ସେଠାରୁ ପାଉ
  ଛାତ୍ରଙ୍କୁ କରିବା ପାଇଁ ଶିକ୍ଷିତ
  ହୋଇଥାଏ ପରା ସିଏ ନିର୍ମିତ
  ରହିଥାଏ ସେଠି ଅନେକ ଗୃହ
  ଜାଣିଥିଲେ ତା' ର ନାମଟି କୁହ ?

ଉ-ବିଦ୍ୟାଳୟ

- ରହିଥାଏ ଯଦି ପାଖରେ ସିଏ
  ହାରେ ନାହିଁ କେବେ ଜୀବନେ କିଏ
  ଦେଉଥାଏ ସିଏ କେତେ ପ୍ରେରଣା
  ମହାନ ବ୍ୟକ୍ତିର ସିଏ ଠିକଣା
  କରି ପାରେନାହିଁ କେହି କେବେ ବି ଚୋରି
  କିଏ ସେ କହିବ ନାମ ତାହାରି ?



ଉ-ଶିକ୍ଷା

- ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ଯାଜପୁର
ମୋ-୮୩୧୦୩୨୮୩୪୫

ଶିଶୁ ପ୍ରତିଭା

## ଓଡ଼ିଶୀ ମନସ୍କ ତେଜସ୍ୱିନୀ

**ମାତ୍ର ୬ ବର୍ଷ ବୟସରେ ନାଚିବା ଆରମ୍ଭ କରିଥିଲେ ସେ । ଟିଭିରେ କିଏ ନାଚୁଥିବାର ଦେଖିଲେ କିମ୍ବା କେଉଁଠି ଗୀତ ବାଜି ଉଠିଲେ, ସଙ୍ଗେ ସଙ୍ଗେ ସେ ନାଚିବା ଆରମ୍ଭ କରିଦେଉଥିଲେ । ପିଲାବେଳେ ନିଜ ମାଆଙ୍କଠୁ ନାଚ ବିଷୟରେ ଶୁଣିବା ସହ ବିଶିଷ୍ଟ ନୃତ୍ୟଶିଳ୍ପୀଙ୍କ କଥା ଶୁଣି ନୃତ୍ୟ ପ୍ରତି ତାଙ୍କର ଏକ ଦୁର୍ବଳତା ଚାଲି ଆସିଥିଲା । ଏହାପରେ ସେ ଏଦିଗରେ ଆଗକୁ ବଢ଼ିବେ ବୋଲି ସ୍ଥିର କରିନେଲେ । ଏବେ ନୃତ୍ୟ ତାଙ୍କ ଜୀବନର ଏକ ଅଂଶ ହୋଇଯାଇଛି । ଆଉ ଆଜି ଶାସ୍ତ୍ରୀୟ ନୃତ୍ୟ ଓଡ଼ିଶୀ ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଛି । ବର୍ତ୍ତମାନ ସେ ପାଠପଢ଼ିବା ସହିତ ନୃତ୍ୟରେ ମଧ୍ୟ ନିପୁଣତା ଦେଖାଉଛନ୍ତି । ଏହି ଶିଶୁ ପ୍ରତିଭା ଜଣକ ହେଉଛନ୍ତି ବାଲେଶ୍ୱରର ବି.ଆର୍. ତେଜସ୍ୱିନୀ ସାମନ୍ତ ।**



ବାଲେଶ୍ୱର ସହର ବୈରାମନଗରରେ ରହୁଥିବା ରାଜୀବ କୁମାର ସାମନ୍ତ ଓ ବିଜୟଲକ୍ଷ୍ମୀ ମିଶ୍ରଙ୍କ ଏକମାତ୍ର କନ୍ୟା ତେଜସ୍ୱିନୀ । ତେଜସ୍ୱିନୀ ସେଣ୍ଟ ଭିନସେଣ୍ଟ ସ୍କୁଲର ଅଷ୍ଟମ ଶ୍ରେଣୀର ଛାତ୍ରୀ । ପିଲାଦିନର ନୃତ୍ୟ କରିବାର ସଉକ ତାଙ୍କୁ ଭିନ୍ନ ଭିନ୍ନ ମଞ୍ଚରେ ନୃତ୍ୟ କରିବାର ସୁଯୋଗ ଆଣିଦେଇଛି । ତେଜସ୍ୱିନୀ ଓଡ଼ିଶୀ ନୃତ୍ୟ କରିବା ସହିତ ଚିତ୍ର ଆଙ୍କିବା ଏବଂ ସୃଜନଶୀଳ ଲିଖନରେ ମଧ୍ୟ ଆଗ୍ରହ ରଖିଛନ୍ତି । ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ନୃତ୍ୟଶିଳ୍ପୀ ସୁଜାତା ମହାପାତ୍ରଙ୍କ ଠାରୁ ତେଜସ୍ୱିନୀ ଓଡ଼ିଶୀରେ ତାଲିମ ନେଉଛନ୍ତି । ଗୁରୁକୀର୍ତ୍ତି ନୃତ୍ୟ ଅନୁଷ୍ଠାନରୁ ତେଜସ୍ୱିନୀ ନୃତ୍ୟ ଶିକ୍ଷା ଗ୍ରହଣ କରୁଛନ୍ତି । ସେ ନୃତ୍ୟ ପାଇଁ ଅନେକ ସଫଳତା ମଧ୍ୟ ସାଉଁଟିଛନ୍ତି । ବିଶେଷକରି ଚାନ୍ଦିପୁର ସୁବର୍ଣ୍ଣ ବେଳାଭୂମି ଉତ୍ସବ ୨୦୨୪, ଜଉ କଣ୍ଢେଇ ବାହାଘର ଉତ୍ସବ ୨୦୨୪, ଏକ୍ସପୋ ୨୦୨୩ ଓ ୨୦୨୪, ହିନ୍ଦୁ ନବବର୍ଷ ଉତ୍ସବ, ବଜରଙ୍ଗ ଦଳ, ବାଲେଶ୍ୱର ରୋଟାରୀ କ୍ଲବ, ରାଜ୍ୟ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆୟୋଜିତ ଉତ୍ସବ, ରାଜ୍ୟ ଶିଶୁ ମହୋତ୍ସବ ୨୦୨୧ ଓ ୨୦୨୨, ଆମ ପରମ୍ପରା ସାମାଜିକ ଅନୁଷ୍ଠାନ, ଉତ୍ସର୍ଗ ଚାରିଟେବୁଲ ସୋସାଇଟି ଆନୁକୂଲ୍ୟରେ ଆୟୋଜିତ ଉତ୍ସବ, 'ଅପରାହ୍ନ'ର ସ୍ୱ-ନକ୍ଷତ୍ର ଦିବସ ଏବଂ ଲିଟେରାରୀ ଫେଷ୍ଟ ଆଦି ସ୍ଥାନରେ ନୃତ୍ୟ ପରିବେଷଣ କରି ତେଜସ୍ୱିନୀ ପୁରସ୍କୃତ ମଧ୍ୟ ହୋଇଛନ୍ତି । ତେଜସ୍ୱିନୀ ନୃତ୍ୟ କରିବା ସହିତ ଚିତ୍ର ଆଙ୍କିବା, କାନଭାସ୍‌ରେ ଚିତ୍ର, କାଗଜରେ ଅଳଙ୍କାର ତିଆରି ସହ ମଣ୍ଡଳ ଆର୍ଟ ମଧ୍ୟ କରନ୍ତି । ଖାଲି ସମୟରେ ସେ ବିଭିନ୍ନ ସୃଜନଶୀଳ କାର୍ଯ୍ୟ କରିବାକୁ ପସନ୍ଦ କରନ୍ତି । ଭବିଷ୍ୟତରେ ସେ ଜଣେ ଖ୍ୟାତିସମ୍ପନ୍ନ ଓଡ଼ିଶୀ ନୃତ୍ୟଶିଳ୍ପୀ ହେବାକୁ ଲକ୍ଷ୍ୟ ରଖିଛନ୍ତି । "ଓଡ଼ିଶୀ ଶାସ୍ତ୍ରୀୟ ନୃତ୍ୟର ପ୍ରଚାର ପ୍ରସାର କରିବା ମୋ ଜୀବନର ଲକ୍ଷ୍ୟ । ମୋ ମାମା ମୋତେ ପିଲାଦିନରୁ ଓଡ଼ିଶୀ ଆଡ଼କୁ ଉତ୍ସାହିତ କରିଛନ୍ତି । ବାପା ମଧ୍ୟ ସବୁବେଳେ ସହଯୋଗ କରିଛନ୍ତି । ମୋ ଗୁରୁ ମୋତେ ନୃତ୍ୟ ସହ ସଂସ୍କାର ବାବଦରେ ମଧ୍ୟ ଶିଖାନ୍ତି । ଆଗକୁ ଓଡ଼ିଶୀ କ୍ଷେତ୍ରରେ ଅନେକ କିଛି ଶିଖିବାର ଅଛି" ବୋଲି ତେଜସ୍ୱିନୀ କୁହନ୍ତି । ■

- ରିପୋର୍ଟ: ପ୍ରତ୍ୟାଶା ପ୍ରିୟମ୍ବଦା ମହାନ୍ତି,
ବାଲେଶ୍ୱର

## ସକାଳ ଶିଶୁ କୁଇଜ୍-୧୪୧

(୧) ବେଲୁର ମଠ କିଏ ପ୍ରତିଷ୍ଠା କରିଥିଲେ?
ଉତ୍ତର : ____________

(୨) ରଣଜୀ ଟ୍ରଫି କେଉଁ ଖେଳ ପାଇଁ ଦିଆଯାଏ?
ଉତ୍ତର : ____________

(୩) କେତେ ବର୍ଷରେ ଥରେ ଜନଗଣନା ହୁଏ?
ଉତ୍ତର : ____________

(୪) ଷ୍ଟାଚ୍ୟୁ ଅଫ୍ ୟୁନିଟି କେଉଁ ନଦୀ କୂଳରେ ରହିଛି?
ଉତ୍ତର : ____________

(୫) ଷ୍ଟେଥୋସ୍କୋପ୍ କିଏ ଉଦ୍ଭାବନ କରିଥିଲେ?
ଉତ୍ତର : ____________

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ । ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ ।

### ଗତ ସପ୍ତାହର କୁଇଜ୍ ବିଜେତା

- ପୀୟୂଷ ପ୍ରଧାନ, ଅତାବିରା, ବରଗଡ଼
- ଚନ୍ଦ୍ରଶେଖର ପାଢୀ, ରେମୁଣା, ବାଲେଶ୍ୱର
- ପ୍ରତ୍ୟୁଷା ମଣ୍ଡଳ, ପାରାଦୀପ

### ଆମର ଯୋଗାଯୋଗ ଠିକଣା

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର,
ଭୁବନେଶ୍ୱର-୭୫୧୦୧୯





ସନ୍ଦୀପ୍ତା ଦିବ୍ୟାରାଣୀ
ତୃତୀୟ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର





ଅନିନ୍ଦିତା ମହାରଣା
ଅଷ୍ଟମ ଶ୍ରେଣୀ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ନିମାପଡ଼ା





ରିତିକ୍‌ରାଜ ବାରିକ
ପଞ୍ଚମ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ନିମାପଡ଼ା





ମିହିକା ଶାହ
ଚତୁର୍ଥ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର

## ପରାଜୟ ଆଶଙ୍କାରେ ଭାରତ-ଏ'

ମେଲବୋର୍ଣ୍ଣ, ୮ା୧୧(ଏଜେନ୍ସି): ଏଠାରେ ଚାଲିଥିବା ଅଷ୍ଟ୍ରେଲିଆ-ଏ' ବିପକ୍ଷ ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟରେ ଫେଲ୍ ମାରିଛି ଭାରତ-ଏ'। ଏହା ଫଳରେ ଦଳ ଦ୍ୱିତୀୟ ପାଳିରେ ୫ ୱିକେଟ ବିନିମୟରେ ୭୩ ରନ୍ କରିବା ସହ ପରାଜୟ ଆଶଙ୍କାରେ ରହିଛି। ଏହି ମ୍ୟାଚ୍‌ର ଖେଳ ଆଉ ୨ ଦିନ ବାକିଥିଲାବେଳେ ଭାରତ-ଏ' ମାତ୍ର ୧୧ ରନ୍‌ରେ ଆଗୁଆ ରହିଛି। ପ୍ରଥମ ଇନିଂସରେ ୮୦ ରନ୍ କରିଥିବା ଧ୍ରୁବ ଜୁରେଲ ୧୯ ଓ ନୀତୀଶ ରେଡ୍ଡୀ ୯ ରନ୍‌ରେ ଅପରାଜିତ ରହିବା ସହ ଭାରତକୁ ପରାଜୟ ଏଡାଇବାକୁ ସଂଘର୍ଷ କରୁଛନ୍ତି। ଦଳର ତାରକା ଖେଳାଳିଙ୍କ ମଧ୍ୟରେ ଲୋକେଶ ରାହୁଲ ୧୦, ଅଧିନାୟକ ଋତୁରାଜ ଗାଏକ୍ୱାଡ ୧୧, ଦେବଦତ୍ତ ପଡ଼ିକାଲ ୧, ଅଭିମନ୍ୟୁ ଈଶ୍ୱରନ ୧୭ ଓ ସାଇ ସୁଦର୍ଶନ ୩ ରନ୍ କରିଥିଲେ। ପୂର୍ବରୁ ଅଷ୍ଟ୍ରେଲିଆ-ଏ' ପ୍ରଥମ ଇନିଂସରେ ୮୫ ରନ୍‌ରେ ୫ ୱିକେଟ ହରାଇ ବିପଦରେ ପଡ଼ିଥିଲା। କିନ୍ତୁ ଓପନର ମାର୍କସ ହ୍ୟାରିସ୍‌ଙ୍କ ଧୈର୍ଯ୍ୟପୂର୍ଣ୍ଣ ୭୪ ରନ୍ ବଳରେ ଦଳ ୨୨୩ ରନ୍‌ରେ ଅଲଆଉଟ ହୋଇଥିଲା। ଫଳରେ ଘରୋଇ ଦଳ ପ୍ରଥମ ଇନିଂସରେ ୬୨ ରନ୍‌ର ଅଗ୍ରଣୀ ମିଳିଥିଲା। ଭାରତର ପ୍ରସିଦ୍ଧକ୍ରିଷ୍ଣା ୪ଟି, ମୁକେଶ କୁମାର ୩ଟି ଓ ଖଲୀଲ ଅହମ୍ମଦ୍ ୨ଟି ୱିକେଟ ପାଇଥିଲେ।

## କୁମ୍ଭୀର ଆକ୍ରମଣରୁ ବର୍ତ୍ତିଲେ ବୋଥାମ୍



ସିଡନୀ, ୮ା୧୧(ଏଜେନ୍ସି): ଇଂଲଣ୍ଡର ପୂର୍ବତନ କ୍ରିକେଟ ଅଧିନାୟକ ତଥା ଅଲରାଉଣ୍ଡର ଇଆନ ବୋଥାମ ଆଜି କୁମ୍ଭୀର ଆକ୍ରମଣରୁ ବର୍ତ୍ତିଯାଇଛନ୍ତି। ତାଙ୍କୁ କୁମ୍ଭୀର ଆକ୍ରମଣରୁ ରକ୍ଷା କରିଛନ୍ତି ଆସେସ ପ୍ରତିଦ୍ୱନ୍ଦ୍ୱୀ ତଥା ବନ୍ଧୁ ମର୍ଭ ହ୍ୟୁଜସ। ଉଭୟ ଆସେସ ସିରିଜ୍‌ରେ ପରସ୍ପରର ପ୍ରତିଦ୍ୱନ୍ଦ୍ୱୀ। କିନ୍ତୁ ଏବେ ଉଭୟ ଭଲ ବନ୍ଧୁ ହୋଇଥିଲାବେଳେ ମାଛ ଧରିବାକୁ ଅଷ୍ଟ୍ରେଲିଆର ଉତ୍ତରଭାଗରେ ଥିବା ମୋୟେଲ ନଦୀକୁ ଯାଇଥିଲେ। ମାଛ ଧରୁଥିବାବେଳେ ସେ ଶାର୍କ ମାଛ ଓ କୁମ୍ଭୀର ଥିବା ପାଣିରେ ପଡ଼ିଯାଇଥିଲେ। ତାଙ୍କୁ ପାଣିରେ ପଡ଼ିବା ଦେଖି ଭୟଙ୍କର ଜଳଜୀବ ଆକ୍ରମଣ କରିବାକୁ ଆଗେଇ ଆସିଥିଲେ। କିନ୍ତୁ ଏହି ମାଛଧରା ଟ୍ରିପ୍‌ରେ ଥିବା ତାଙ୍କର ବନ୍ଧୁ ମର୍ଭ ହ୍ୟୁଜ୍‌ସ ତତ୍‌କ୍ଷଣାତ୍ ଅନ୍ୟମାନଙ୍କ ସହାୟତାରେ ବୋଥାମଙ୍କୁ ଆକ୍ରମଣରୁ ରକ୍ଷା କରିଥିଲେ। ତାଙ୍କ ପେଟରେ ଶାର୍କ ମାଛ ଘସି ହୋଇଯାଇଥିବାରୁ ଆଘାତ ଲାଗିଥିବା ଜଣାଯାଇଛି।

## ଆଇସିସି ରେଟିଂ; ଚେପକ୍ ପିଚ୍ ଅତି ଭଲ

ଦୁବାଇ, ୮ା୧୧(ଏଜେନ୍ସି): ଚଳିତବର୍ଷ ଭାରତରେ ଟେଷ୍ଟ ମ୍ୟାଚ୍ ଖେଳାଯାଇଥିବା ପିଚ୍ ଉପରେ ମ୍ୟାଚ୍ ରେଫରି ତାଙ୍କ ରେଟିଂ ଦେଇଛନ୍ତି। ଏହା ମଧ୍ୟରେ ଭାରତର ୫ଟି ଭେନ୍ୟୁରେ ଟେଷ୍ଟ ଖେଳାଯାଇଛି ଓ ଏହା ମଧ୍ୟରେ ଭାରତ ଓ ବାଂଲାଦେଶ ମଧ୍ୟରେ ଖେଳାଯାଇଥିବା ଚେନ୍ନଇର ଚେପକ ପିଚ୍ ଅତ୍ୟନ୍ତ ଭଲ ବା ଭେରି ଗୁଡ୍ ବୋଲି ଅବିହିତ କରାଯାଇଛି। କିନ୍ତୁ କାନପୁର ପିଚ୍ ସନ୍ତୋଷଜନକ ନୁହେଁ ବୋଲି ଏହି ରେଟିଂରୁ ଜଣାଯାଇଛି। ନ୍ୟୁଜିଲାଣ୍ଡ ସହ ଭାରତ ଖେଳିଥିବା ସମସ୍ତ ୩ଟି ଯାକ ଟେଷ୍ଟ ଭେନ୍ୟୁକୁ ସନ୍ତୋଷଜନକ ବୋଲି ମ୍ୟାଚ୍ ରେଫରି ସେମାନଙ୍କ ରିପୋର୍ଟରେ ଦର୍ଶାଇଛନ୍ତି। ଏହି ୩ଟି ଯାକ ଭେନ୍ୟୁରେ ଭାରତ ପରାଜିତ ହୋଇଥିଲା।

### ପ୍ରଥମ ଟି-୨୦ରେ ସଞ୍ଜୁ ସାମ୍‌ସନ୍‌ଙ୍କ ବିସ୍ଫୋରକ ଶତକ

# ଦକ୍ଷିଣ ଆଫ୍ରିକାକୁ ୬୧ ରନ୍‌ରେ ହରାଇଲା ଭାରତ

ଡର୍ବାନ୍, ୮ା୧୧(ଏଜେନ୍ସି): ୱିକେଟରକ୍ଷକ ବ୍ୟାଟର ସଞ୍ଜୁ ସାମସନଙ୍କ ବିସ୍ଫୋରକ ଶତକ ଓ ସ୍ପିନରଙ୍କ ଚମତ୍କାର ବୋଲିଂ ବଳରେ ଏଠାରେ ଶୁକ୍ରବାର ଅନୁଷ୍ଠିତ ପ୍ରଥମ ଟି-୨୦ରେ ଭାରତ ୬୧ ରନ୍‌ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଏହା ଫଳରେ ଦୁଇ ଦେଶ ମଧ୍ୟରେ ଚାଲିଥିବା ଟି-୨୦ ସିରିଜ୍‌ରେ ଭାରତ ୧-୦ରେ ଆଗୁଆ ରହିଛି। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ନଭେମ୍ବର ୧୦ ବା ରବିବାରରେ ଖେଳାଯିବ। ପ୍ରଥମ ଟି-୨୦ରେ ମାତ୍ର ୪୭ ବଲ୍‌ରୁ ଶତକ ଓ ୫୦ ବଲ୍‌ରେ ୧୦୭ ରନ୍ କରିଥିବା ସଞ୍ଜୁ ସାମସନଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୨୦୨ ରନ୍ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୧୭.୫ ଓଭରରେ ୧୪୧ ରନ୍ କରି ଅଲଆଉଟ ହୋଇଥିଲା। ଏହି ମ୍ୟାଚରେ ସଞ୍ଜୁ ପ୍ରଥମ ଭାରତୀୟ ଭାବେ ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରେ କ୍ରମାଗତ ଶତକ ହାସଲ କରିବାରେ ରେକର୍ଡ କରିଛନ୍ତି। ପୂର୍ବରୁ ସେ ହାଇଦ୍ରାବାଦ୍‌ରେ ଖେଳାଯାଇଥିବା ବାଂଲାଦେଶ ବିପକ୍ଷ ଟି-୨୦ ମ୍ୟାଚ୍‌ରେ ୪୭ ବଲ୍‌ରୁ ୧୧୧ ରନ୍ କରିଥିଲେ। ଏଠାରେ ସେ ଖେଳିଥିବା ଇନିଂସରେ ୭ ଚୌକା ଓ ୧୦ ଛକା ମାରି କ୍ୟାରିୟରରେ ଦ୍ୱିତୀୟ ଟି-୨୦ ଶତକ ହାସଲ କରିଥିଲେ।




ଟସ୍ ହାରି ପ୍ରଥମେ ବ୍ୟାଟିଂ କରିବାକୁ ସୁଯୋଗ ପାଇଥିବା ଭାରତ ୨୧ ରନ୍‌ରେ ପ୍ରଥମ ୱିକେଟ ହରାଇବା ପରେ ସଞ୍ଜୁଙ୍କ ନେତୃତ୍ୱରେ ଭାରତର ଇନିଂସ ଆଗକୁ ବଢ଼ିଥିଲା। ସେ ପ୍ରଥମେ ଦ୍ୱିତୀୟ ୱିକେଟ ପାର୍ଟନରସିପ୍‌ରୁ ସୂର୍ଯ୍ୟକୁମାର ଯାଦବଙ୍କ ସହ ୩୭ ବଲ୍‌ରୁ ୬୬ ଓ ତୃତୀୟ ୱିକେଟ ପାର୍ଟନରସିପ୍‌ରେ ତିଳକ ବର୍ମାଙ୍କ ସହ ୩୪ଟି ବଲ୍‌ରୁ ୭୭ ରନ୍ ଉଠାଇଥିଲେ। ଉଭୟ ପାର୍ଟନରସିପ୍‌ରେ ସଞ୍ଜୁଙ୍କ ଯୋଗଦାନ ଅଧିକ ଥିଲା। ଅଧିନାୟକ ସୂର୍ଯ୍ୟକୁମାର ୧୭ ବଲ୍‌ରୁ ୨୧ ଓ ତିଳକ ୧୮ ବଲ୍ ଖେଳି ୩୩ ରନ୍‌ର

**ଟି-୨୦ରେ କ୍ରମାଗତ ଶତକ ହାସଲରେ ସଞ୍ଜୁ ପ୍ରଥମ ଭାରତୀୟ**

ଯୋଗଦାନ ଦେଇଥିଲେ। ତିଳକଙ୍କ ତାଙ୍କ ଇନିଂସରେ ୩ଟି ଚୌକା ଓ ୨ଟି ବିଶାଳ ଛକା ମାରିଥିଲେ। ଏମାନଙ୍କୁ ଛାଡ଼ିଦେଲେ ଭାରତର ଅନ୍ୟ କୌଣସି ବ୍ୟାଟରଙ୍କ ବ୍ୟାଟ ଚାଲି ନ ଥିଲା। ସଞ୍ଜୁ ସାମସନ ଶତକ ହାସଲ କରିବା ପରେ ୧୦୭ ରନ୍ କରି ଆଉଟ ହୋଇଥିଲେ। ଏହି ଶତକ ସହ ଭାରତ ପକ୍ଷରୁ କ୍ରମାଗତ ଟି-୨୦ରେ ଶତକ ହାସଲ କରିବାରେ ସେ ପ୍ରଥମ ଖେଳାଳି ହୋଇଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ଗେରାଲ୍ଡ କୋଏଜିଙ୍କୁ ୩ଟି ୱିକେଟ ମିଳିଥିଲେ ଏକଦା ଭାରତ ୧୫ତମ ଓଭର ବେଳକୁ ୨ ୱିକେଟରେ ୧୬୭ ରନ୍ କରିଥିଲାବେଳେ ଶେଷ ୫ ଓଭରରୁ ମାତ୍ର ୪୧ ରନ୍ କରିବାରେ ସମର୍ଥ ହୋଇଥିଲା।

### ସ୍ପିନରଙ୍କ ଯାଦୁକରୀ ବୋଲିଂ

ଭାରତ ପ୍ରଦତ୍ତ ୨୦୩ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଦକ୍ଷିଣ ଆଫ୍ରିକା ପ୍ରଥମ ଓଭରରେ ମାର୍କରାମ (୮), ଚତୁର୍ଥ ଓଭରରେ ଟ୍ରିଷ୍ଟାନ ଷ୍ଟବ୍ସ (୧୧) ଓ ଷଷ୍ଠ ଓଭରରେ ର୍‍ୟାନ୍ ରିକେଲଟନ(୨୧)ଙ୍କ ୱିକେଟ ହରାଇଥିଲା। ଏହା ପରେ ଦଳ ଦ୍ରୁତ ରନ୍ ସଂଗ୍ରହ କରିବାକୁ ଯାଇ ଭାରତୀୟ ସ୍ପିନରଙ୍କ ଶିକାର ବନିଥିଲେ। ଫଳରେ ଦଳ କ୍ରମାଗତ ୱିକେଟ ହରାଇବା ସହ ୧୪୧ ଅଟକି ଯାଇଥିଲା। ଦଳ ପକ୍ଷରୁ ହେନ୍‌ରିକ୍ କ୍ଲାସେନ ସର୍ବାଧିକ ୨୫, ଗେରାଲ୍ଡ କୋଏଜି ଦ୍ରୁତ ୨୩ ଓ ଡେଭିଡ ମିଲର ୧୮ ରନ୍ କରିଥିଲେ। ଦକ୍ଷିଣ ଆଫ୍ରିକାର ପ୍ରଥମ ୨ଟି ୱିକେଟ ଭାରତର ପେସ୍ ବୋଲରଙ୍କୁ ମିଳିଥିଲା। ଏହା ପରେ କ୍ରମାଗତ ୬ଜଣ ଖେଳାଳିଙ୍କୁ ସ୍ପିନରମାନେ ଆଉଟ କରି ମ୍ୟାଚ୍‌କୁ ନିୟନ୍ତ୍ରଣରେ ରଖିଥିଲେ। ଏହି ୬ଟି ୱିକେଟକୁ ବରୁଣ ଚକ୍ରବର୍ତ୍ତୀ ଓ ରବି ବିଷ୍ଣୋଇ ସମାନ ୩ଟି ଲେଖାଏଁ ବାଣ୍ଟି ନେଇଥିଲେ। ଆଭେଷ ଖାନ୍‌ଙ୍କୁ ୨ଟି ଓ ଅର୍ଶଦୀପ ସିଂଙ୍କୁ ଗୋଟିଏ ୱିକେଟ ମିଳିଥିଲା।

**ଏମ୍ ୨୫ ଆଇଟିଏଫ୍ ବିଶ୍ୱ ଟେନିସ୍ ଟୁର୍**

## ଟାଇଟଲ୍‌ରୁ ପାଦେ ଦୂରରେ କବୀର

ଭୁବନେଶ୍ୱର, ୮ା୧୧ (ସମିସ): ସ୍ଥାନୀୟ ଖେଳାଳି କବୀର ହଂସ କଳିଙ୍ଗ ଷ୍ଟାଡିୟମ ଟେନିସ କମ୍ପ୍ଲେକ୍ସରେ ଚାଲିଥିବା ପୁରୁଷ ଅନ୍ତର୍ଜାତୀୟ ପ୍ରତିଯୋଗିତା ଆଇଟିଏଫ୍ ବିଶ୍ୱ ଟେନିସ ଟୁର୍‌ର ଡବଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ୨୫ ହଜାର ଡଲାର ପୁରସ୍କାର ରାଶିବିଶିଷ୍ଟ ଏହି ଟେନିସ ପ୍ରତିଯୋଗିତାରେ ଅନ୍ୟତମ ଭାରତୀୟ ଖେଳାଳି ରିଷଭ ଅଗରୱାଲଙ୍କୁ ସାଥୀ କରି ଖେଳୁଥିବା କବୀର ଶୁକ୍ରବାର ଅନୁଷ୍ଠିତ ସେମିଫାଇନାଲରେ ୩ୟ ସିଡ୍ ସିଦ୍ଧାନ୍ତ ବନ୍ଥିଆ-ବିଷ୍ଣୁ ବର୍ଦ୍ଧନ ଯୋଡ଼ିଙ୍କୁ ଭେଟିଥିଲେ। ଏକ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଖେଳାଯାଇଥିବା ଏହି ମ୍ୟାଚକୁ କବୀର-ରିଷଭ ଯୋଡ଼ି ଶେଷରେ ୬-୨, ୭-୬ (୪)ରେ ବିଜୟୀ ହୋଇ ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ଶନିବାର ଅପରାହ୍ଣ ୩ଟାରେ ଖେଳାଯିବାକୁ ଥିବା ଫାଇନାଲରେ କବୀର-ରିଷଭ ଯୋଡ଼ି ଟପ୍ ସିଡ୍ ରୁଷିଆର ଇଗର ଆଗଫୋନୋଭ-ବୋଗଦାନ ବବରୋଭ ଯୋଡ଼ିଙ୍କୁ ଭେଟିବେ। ଶୁକ୍ରବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଏହି ରୁଷୀୟ ଯୋଡ଼ି ୩-୬, ୭-୬ (୬), ୧୦-୮ରେ ଇଏକ୍ ଇକବାଲ-ଫୈଜଲ କ୍ୱାମର ଯୋଡ଼ିଙ୍କୁ ପରାସ୍ତ କରିଥିଲେ। ଅପରପକ୍ଷରେ ପୁରୁଷ ଏକକ କ୍ୱାର୍ଟରଫାଇନାଲ ମ୍ୟାଚରେ ଚେକ୍ ରିପବ୍ଲିକର ଦଲିବୋର ସଭ୍ରସିନା, ଭାରତର ଆର୍ଯ୍ୟନ ଶାହ, ଆମେରିକାର ନିକ୍ ଚାପେଲ ଓ ରୁଷିଆର ବୋଗଦାନ ବବରୋଭ ବିଜୟୀ ହୋଇ ସେମିରେ ପହଞ୍ଚିଛନ୍ତି।



■ ଜାତୀୟ ବରିଷ୍ଠ ପୁରୁଷ ହକି

## ଓଡ଼ିଶାର ୨ୟ ବିଜୟ

ଭୁବନେଶ୍ୱର, ୮ା୧୧ (ସମିସ): ହକି ଇଣ୍ଡିଆ ଆନୁକୂଲ୍ୟରେ ଚେନ୍ନଇରେ ଚାଲିଥିବା ୧୪ତମ ଜାତୀୟ ବରିଷ୍ଠ ପୁରୁଷ ହକି ଚାମ୍ପିଅନସିପ୍‌ରେ ଓଡ଼ିଶା ଦଳ କ୍ରମାଗତ ୨ୟ ବିଜୟ ହାସଲ କରିଛି। ଶୁକ୍ରବାର ଅନୁଷ୍ଠିତ ପୁଲ୍-ଇ'ର ଏକ ମ୍ୟାଚରେ ଓଡ଼ିଶା ୬-୨ ଗୋଲରେ ପୁଡୁଚେରୀକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଅମନଦୀପ୍ ଲାକ୍ରା, ନିଲମ ସଞ୍ଜୀପ ଖେସ୍, ସୁଦୀପ୍ ଚିର୍ମାକୋ, ପ୍ରତାପ ଲାକ୍ରା, ରଜତ ଆକାଶ ତିର୍କୀ ଓ କେରୋବିନ ଲାକ୍ରା ପ୍ରତ୍ୟେକ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଓଡ଼ିଶାର ଆଶିଷ ଟପ୍ପୋ ଶ୍ରେଷ୍ଠ ଖେଳାଳି ହୋଇଥିଲେ। ପୂର୍ବରୁ ଓଡ଼ିଶା ପ୍ରଥମ ମ୍ୟାଚରେ ୧୧-୧ ଗୋଲରେ ରାଜସ୍ଥାନକୁ ହରାଇଥିଲା। ଓଡ଼ିଶା ଏହାର ଶେଷ ପୁଲ୍ ମ୍ୟାଚରେ ସୋମବାର ଅରୁଣାଚଳ ପ୍ରଦେଶକୁ ଭେଟିବ।

## ଶ୍ରୀଜେଶ, ହର୍‌ମନ୍‌ପ୍ରୀତ୍‌ଙ୍କୁ ଏଫ୍‌ଆଇଏଚ୍ ପୁରସ୍କାର





ନୂଆଦିଲ୍ଲୀ, ୮ା୧୧ (ଏଜେନ୍ସି): ବିଶ୍ୱ ହକିର ସର୍ବୋଚ୍ଚ ସଂସ୍ଥା ଏଫ୍‌ଆଇଏଚ୍ ପକ୍ଷରୁ ସିଜନ୨୦୨୩-୨୪ ଲାଗି ଶୁକ୍ରବାର ବିଭିନ୍ନ ବିଭାଗରେ ଶ୍ରେଷ୍ଠ ଖେଳାଳି ଘୋଷଣା କରାଯାଇଛି। ଏହିକ୍ରମରେ ଅନ୍ତର୍ଜାତୀୟ ହକିରୁ ନିକଟରେ ଅବସର ନେଇଥିବା ଭାରତୀୟ ଗୋଲ୍‌କିପର ପିଆର୍ ଶ୍ରୀଜେଶଙ୍କୁ 'ବର୍ଷର ଶ୍ରେଷ୍ଠ ପୁରୁଷ ଗୋଲ୍‌କିପର' ଭାବେ ମନୋନୀତ କରାଯାଇଛି। ସେହିଭଳି ଭାରତୀୟ ଦଳର ଅଧିନାୟକ ହରମନପ୍ରୀତ୍ ସିଂହ ୨୦୨୩-୨୪ ସିଜନ ପାଇଁ ବିଶ୍ୱର 'ଶ୍ରେଷ୍ଠ ପୁରୁଷ ଖେଳାଳି' ବିବେଚିତ ହୋଇଛନ୍ତି। ଉଭୟ ଶ୍ରୀଜେଶ ଓ ହରମନପ୍ରୀତ୍ ୩ୟଥର ଲାଗି ଏହି ସମ୍ମାନଜନକ ଏଫ୍‌ଆଇଏଚ୍ ପୁରସ୍କାର ପାଇଛନ୍ତି। ଗତ ପ୍ୟାରିସ ଅଲିମ୍ପିକ୍ସରେ ଶ୍ରୀଜେଶଙ୍କ ଚମତ୍କାର ପ୍ରଦର୍ଶନ ବଳରେ ଭାରତ କାଂସ୍ୟ ପଦକ ଜିତିଥିଲା। ୩୬ ବର୍ଷୀୟ ଶ୍ରୀଜେଶ ଅଲିମ୍ପିକ୍ସରେ ମୋଟ୍ ୬୨ ସଟ୍‌ରୁ ୫୦ଟି ଅଟକାଇ ଦେଇଥିଲେ। ସେହିଭଳି ହରମନପ୍ରୀତ୍‌ଙ୍କ ନେତୃତ୍ୱରେ ଭାରତ ଅଲିମ୍ପିକ୍ସରେ କ୍ରମାଗତ ୨ୟ କାଂସ୍ୟ ପଦକ ଜିତିଥିଲା।

**କୁଚ୍ ବେହାର ଟ୍ରଫି**

## ନିର୍ଣ୍ଣାୟକ ସ୍ଥିତିରେ ଓଡ଼ିଶା-ଦିଲ୍ଲୀ ମ୍ୟାଚ୍

କଟକ, ୮ା୧୧(ସମିସ): ଦିଲ୍ଲୀର ଷ୍ଟିଫେନ୍ କଲେଜ ଗ୍ରାଉଣ୍ଡରେ ଚାଲିଥିବା ୧୯ ବର୍ଷରୁ କମ୍ ବାଳକ କୁଚ ବେହାର ଟ୍ରଫିର ଓଡ଼ିଶା ଏବଂ ଦିଲ୍ଲୀ ବିପକ୍ଷ ମ୍ୟାଚ୍ ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିଛି। ୩୬୦ ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଘରୋଇ ଦିଲ୍ଲୀ ଦଳ ୩ୟ ଦିବସ ଖେଳ ଶେଷ ସୁଦ୍ଧା ୪ ୱିକେଟ ବିନିମୟରେ ୧୧୯ରନ କରିଛି। ଦିଲ୍ଲୀକୁ ବିଜୟ ନିମନ୍ତେ ୨୪୧ରନର ଆବଶ୍ୟକତା ଥିବା ବେଳେ ଓଡ଼ିଶା ବିଜୟଠାରୁ ୬ ୱିକେଟ ଦୂରରେ ରହିଛି। ପ୍ରଥମ ପାଳିରେ ୬୮ରନର ଆଗୁଆ ରହିଥିବା ଓଡ଼ିଶା ଦ୍ୱିତୀୟ ପାଳିରେ ସମସ୍ତ ୱିକେଟ ହରାଇ ୨୯୧ରନ କରିଛି। ଆୟୁଷ ସୂତାର ସର୍ବାଧିକ ୭୭ରନ ଏବଂ ରୁଦ୍ର ମଲ୍ଲିକ ୫୭ରନ କରିଥିଲେ। ଦିଲ୍ଲୀର ଉର୍ଦ୍ଧ୍ୱବ ମୋହନ ଏବଂ ଅମନ ଚୌଧୁରୀ ଯଥାକ୍ରମେ ୩ଟି ଏବଂ ୨ଟି ୱିକେଟ ଅକ୍ତିଆର କରିଥିଲେ। ଶୁକ୍ରବାର ଷ୍ଟମ୍ପ ଅପସାରଣ ସୁଦ୍ଧା ଦିଲ୍ଲୀ ୩୬ଓଭର ଖେଳି ୪ ୱିକେଟ ହରାଇ ୧୧୯ରନ କରିଛି। ଅର୍ଣ୍ଣବ ବୁଗା ୭୭ରନରେ ଆଉଟ ହୋଇଛନ୍ତି। ଓଡ଼ିଶାର ସୟଦ ତୁଫାଏଲ୍ ଅହମ୍ମଦ ୨ଟି ଏବଂ ପିୟୂଷ ପାଣିଗ୍ରାହୀ ଗୋଟିଏ ୱିକେଟ ଦଖଲ କରିଛନ୍ତି।



**ସିକେ ନାଇଡୁ ଟ୍ରଫି**

## ଓଡ଼ିଶା ବିପକ୍ଷରେ ପ୍ରକାରଙ୍କ ଶତକ

ବଲାଙ୍ଗିର/କଟକ, ୮ା୧୧(ସମିସ): ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମରେ ଘରୋଇ ଓଡ଼ିଶା ଏବଂ କର୍ଣ୍ଣାଟକ ମଧ୍ୟରେ ସିକେ ନାଇଡୁ ଟ୍ରଫିର ମ୍ୟାଚ୍ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ମ୍ୟାଚରେ କର୍ଣ୍ଣାଟକ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ଶୁକ୍ରବାର ଖେଳର ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଦଳ ୬ ୱିକେଟ ହରାଇ ୨୮୭ ରନ ସଂଗ୍ରହ କରିଛି। ଓପନର ପ୍ରକାର ଚତୁର୍ବେଦୀ ସର୍ବାଧିକ ୧୦୨ ରନର ଶତକୀୟ ଇନିଂସ ଖେଳିଥିଲେ। ହର୍ଶିଲ ଧରମଣୀ ୭୭ ରନର ପାଳି ଖେଳିଥିଲେ। ନିମ୍ନକ୍ରମର ବ୍ୟାଟର ରାଜୀବ ୱାଧୱା ୩୪ରନ ଏବଂ ମନଭଥ କୁମାର ୪୦ ରନରେ ଅପରାଜିତ ରହିଛନ୍ତି। ଓଡ଼ିଶା ପକ୍ଷରୁ ଆଶୁତୋଷ ମାରାଣ୍ଡିଙ୍କୁ ସର୍ବାଧିକ ୩ଟି ୱିକେଟ ମିଳିଥିବାବେଳେ ବାଦଲ, ଆଶୁତୋଷ ଛୁରିଆ, ସାଇଦୀପ ମହାପାତ୍ର ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଛନ୍ତି।




**ମୁମ୍ବାଇ ବିପକ୍ଷ ରଣଜୀ**

## ଇନିଂସ ପରାଜୟ ପଥରେ ଓଡ଼ିଶା

କଟକ, ୮ା୧୧(ସମିସ): ଚଳିତ ରଣଜୀ ଟ୍ରଫିରେ କ୍ରମାଗତ ଦ୍ୱିତୀୟ ମ୍ୟାଚରେ ଓଡ଼ିଶା ଇନିଂସ ପରାଜୟ ଭୋଗିବାକୁ ଯାଉଛି। ପୂର୍ବରୁ ୩ୟ ଲିଗ୍‌ରେ ଓଡ଼ିଶା ବରୋଦାଠାରୁ ଲଜ୍ଜାଜନକ ଭାବେ ପାଳି ଏବଂ ୯୮ରନରେ ହାରିଥିଲା। ଏହାପରେ ଚଳିତ ମୁମ୍ବାଇ ବିପକ୍ଷ ୪ର୍ଥ ଲିଗ୍ ମ୍ୟାଚ୍‌ରେ ମଧ୍ୟ ଅନୁରୂପ ସ୍ଥିତିରେ ଛିଡ଼ା ହୋଇଛି ଓଡ଼ିଶା। ମୁମ୍ବାଇର ପ୍ରଥମ ପାଳି ୬୦୨/୪କୁ ଚ୍ୟାଲେଞ୍ଜ କରିବାକୁ ଯାଇ ଓଡ଼ିଶା ପ୍ରଥମ ପାଳିରେ ୨୮୫ ରନରେ ଅଲଆଉଟ ହୋଇଥିଲା। ସନ୍ଦୀପ ପଟ୍ଟନାୟକ ଶତକ ହାସଲ କରିଥିଲେ। ଫଲୋଅନ୍ ପାଇ ଦ୍ୱିତୀୟ ପାଳି ବ୍ୟାଟିଂ ଆରମ୍ଭ କରିଥିବା ଭ୍ରମଣକାରୀ ଓଡ଼ିଶା ଶୁକ୍ରବାର ୩ୟ ଦିବସ ଷ୍ଟମ୍ପ ସୁଦ୍ଧା ୧୨୬ ରନରେ ୫ ୱିକେଟ ହରାଇ ନିଶ୍ଚିତ ପରାଜୟର ଦ୍ୱାରରେ ରହିଛି। ଯଦିଏହି ମ୍ୟାଚ୍ ହାରିବ ତେବେ ଓଡ଼ିଶାର କ୍ୱାର୍ଟର ଫାଇନାଲ ଆଶା କଷ୍ଟସାଧ ହୋଇପଡ଼ିବ।

ଅସମାପ୍ତ ପ୍ରଥମ ଇନିଂସ ୧୪୬/୫ରୁ ଓଡ଼ିଶା ଶୁକ୍ରବାରର ଖେଳ ଆରମ୍ଭ କରିଥିଲା। ସନ୍ଦୀପ ପଟ୍ଟନାୟକ ୭୩ ଏବଂ ନାଇଟ୍‌ୱାଚମ୍ୟାନ୍ ଦେବବ୍ରତ ପ୍ରଧାନ ୭ ରନରେ ଅପରାଜିତ ଥିଲେ। ଉଭୟଙ୍କ ଭିତରେ ୬୮ ରନର ଭାଗୀଦାରି ସୃଷ୍ଟି ହେବା ସହ ଓଡ଼ିଶାର ଦଳୀୟ ସ୍କୋର ୨୦୦ ପାର୍ ହୋଇଥିଲା। ଇତି ମଧ୍ୟରେ ସନ୍ଦୀପ ଶତକ ହାସଲ କରିନେଇଥିଲେ। ପ୍ରଥମଶ୍ରେଣୀ କ୍ରିକେଟରେ ଏହା ତାଙ୍କର ୫ମ ଶତକ ଥିଲା। ଶତକୀୟ ପାଳି ଖେଳିବା ପରେ ସନ୍ଦୀପ ଅଧିକ ସମୟ କ୍ରିଜରେ ତିଷ୍ଠି ପାରିନଥିଲେ। ସନ୍ଦୀପଙ୍କୁ ୧୦୨ ରନରେ କ୍ଲିନବୋଲ୍ଡ କରି ବାମହାତୀ ସ୍ପିନର ସାମସ ମୁଲାନି ମୁମ୍ବାଇକୁ ୫ମ ସଫଳତା ଦେଇଥିଲେ। ପରେ ଦେବବ୍ରତ ପ୍ରଧାନ (୪୫ରନ) ଏବଂ ୱିକେଟ ରକ୍ଷକ ଆଶୀର୍ବାଦ ସ୍ୱାଇଁ (୩୭ରନ) ମଧ୍ୟ ମୁଲାନିଙ୍କ ଶିକାର ହୋଇଥିଲେ। ସୂର୍ଯ୍ୟକାନ୍ତଙ୍କୁ ୬ ରନରେ ଆଉଟ କରି ମୁଲାନି ୬ଷ୍ଠ ୱିକେଟ ସଫଳତା ପାଇଥିଲେ। ସ୍ପିନର ହର୍ଷିତ ରାଥୋଡ ୪ଟି ଚୌକା ବଳରେ ୨୩ ରନ କରି ଅନ୍ତିମ ବ୍ୟାଟର ଭାବେ ହିମାଂଶୁ ସିଂହଙ୍କ ବଲରେ ଆଉଟ ହୋଇଥିଲେ। ଓଡ଼ିଶା ୨୮୫ ରନରେ ସୀମିତ ରହିବାରୁ ଘରୋଇ ମୁମ୍ବାଇ ଦଳ ଫଲୋଅନ ଡାକରା ଦେଇଥିଲା। ମୁମ୍ବାଇର ମୁଲାନି ୬ଟି, ହିମାଂଶୁ ୩ଟି ଏବଂ ଶାର୍ଦ୍ଦୁଳ ଠାକୁରଙ୍କୁ ଗୋଟିଏ ୱିକେଟ ମିଳିଥିଲା।

ପ୍ରଥମ ଇନିଂସରେ ଦୁର୍ବଳ ବ୍ୟାଟିଂ ପ୍ରଦର୍ଶନ କରିଥିବା ଓଡ଼ିଶା ଦ୍ୱିତୀୟ ଇନିଂସରେ ସତର୍କତାର ସହ ଖେଳି ପରାଜୟ ବିପଦକୁ ଟାଳିବ ବୋଲି ଅନୁମାନ କରାଯାଉଥିଲା। ମାତ୍ର ନାଲିମାଟି ପିଚ୍‌ରେ ମୁମ୍ବାଇର ସ୍ପିନ୍ ବୋଲିଂ ଜାଲରେ ପୁଣିଥରେ ଓଡ଼ିଶା ଫସିଥିଲା। ୧୯ ରନରେ ଦଳ ଦୁଇ ଓପନର୍ ସ୍ୱସ୍ତିକ ସାମଲ (୧ ରନ) ଓ ଅନୁରାଗ ଷଡ଼ଙ୍ଗୀ (୬ ରନ)ଙ୍କ ୱିକେଟ୍ ହରାଇଥିଲା। ବ୍ୟାଟିଂକ୍ରମରେ ପରିବର୍ତ୍ତନ ଆଣି ୱିକେଟକିପର ଆଶୀର୍ବାଦଙ୍କୁ ୩ୟ ସ୍ଥାନରେ ପଠାଯାଇଥିଲା। ସେ ୪୬ ରନରେ ଅପରାଜିତ ରହିଛନ୍ତି। ମାତ୍ର ସନ୍ଦୀପ ପଟ୍ଟନାୟକ ୩୯, ଅଧିନାୟକ ଗୋବିନ୍ଦ ପୋଦ୍ଦାର ୧ ଏବଂ ବିପ୍ଳବ ସାମନ୍ତରାୟ ୨୬ ରନରେ ଆଉଟ ହୋଇଛନ୍ତି। ଶନିବାର ମ୍ୟାଚ୍‌ର ଅନ୍ତିମ ଦିବସ। ଇନିଂସ ପରାଜୟ ଏଡ଼ାଇବାକୁ ଓଡ଼ିଶା ଦ୍ୱିତୀୟ ଇନିଂସର ବଳକା ୫ ୱିକେଟ୍‌ରେ ଆହୁରି ୧୯୧ ରନ ଆବଶ୍ୟକ କରୁଛି।







**ଓଡ଼ିଶା ବ୍ୟାଟରଙ୍କୁ ସ୍ପିନ୍ ବୋଲିଂ କାଳ**

**ସନ୍ଦୀପଙ୍କ ସଂଘର୍ଷପୂର୍ଣ୍ଣ ଶତକ ବୃଥା**

ନନ୍ଦିଘୋଷ

'ନନ୍ଦିଘୋଷ ଟିଭି'

ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ୧) ଭିଡିଓ ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୨) ଡିଜିଟାଲ କଣ୍ଟେଣ୍ଟ କ୍ରିଏଟର | ୩ ବର୍ଷର ଅଭିଜ୍ଞତା |
| ୩) ବୁଲେଟିନ ପ୍ରୋଡ୍ୟୁସର | ୫ ବର୍ଷର ଅଭିଜ୍ଞତା |
| ୪) ଗ୍ରାଫିକ୍ସ ଡିଜାଇନର | ୩ ବର୍ଷର ଅଭିଜ୍ଞତା |
| ୫) ଏସ୍‌ଇଓ (ଡିଜିଟାଲ) | ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୧୫ ଡିସେମ୍ବର ୨୦୨୪ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ।

ଯୋଗାଯୋଗ: ୯୪୩୭୦୧୬୪୯୯

ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS